NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
TUESDAY
24 FEBRUARY 2026
ମଙ୍ଗଳବାର
୨୪ ଫେବୃଆରୀ ୨୦୨୬
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 279 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୭୯ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

୨୪ ଫେବୃଆରୀ: ସେହେରୀ-୪.୫୭ ଇଫ୍ତାର୍-୫.୪୯
୨୫ ଫେବୃଆରୀ: ସେହେରୀ-୪.୫୬ ଇଫ୍ତାର୍-୫.୫୦

ଭୁଜାଲି ଦେଖାଇ ୭୦ ଲକ୍ଷ ଲୁଟ୍

ନବରଙ୍ଗପୁର,୨୩।୨/ଏନ୍ଏନ୍ଏସ୍:

ଜମି ବିକ୍ରି କରି ଘରେ ରଖିଥିଲେ ଟଙ୍କା। ବେକରେ ଭୁଜାଲି ଦେଖାଇ ୭୦ ଲକ୍ଷ ଟଙ୍କା ଓ ସୁନା ଲୁଟିନେଲେ ଦୁର୍ବୃତ୍ତ। ଏଭଳି ଘଟଣା ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୋଚନିଆମ୍ବାର ଅମୂଲ୍ୟ ଜେନାଙ୍କ ଘରେ ଘଟିଛି।
ଗତ ତିନିମାସ ତଳେ ଶ୍ରୀ ଜେନା ଜମି ବିକ୍ରି କରି ୭୦ ଲକ୍ଷ ଟଙ୍କା ଘରେ ରଖିଥିଲେ। ତେବେ ଗତକାଲି ସେ ଘରେ ଏକୁଟିଆ ଶୋଇଥିବା ସମୟରେ ବିଳମ୍ବିତ ରାତିରେ ଘର କବାଟ ଡାଡ଼ି ୬ ଜଣ ଦୁର୍ବୃତ୍ତ ଭିତରକୁ ପଶିଥିଲେ। ବେକରେ ଭୁଜାଲି ରଖି ହାତ ଗୋଡ଼ ବାନ୍ଧି ଆଲମାରିରେ ଥିବା ୭୦ ଲକ୍ଷ ଟଙ୍କା ଓ ସୁନାମୁଦି, ସୁନା ଲକେଟ ଓ କାନ ଫୁଲ ଲୁଟି ନେଇଥିଲେ। ଦୁର୍ବୃତ୍ତମାନେ ଲୁଟ୍‌ପାଟ୍ କରିବା ପରେ ଶ୍ରୀ ଜେନାଙ୍କ ▶▶ ୫

ନଦୀକୁ ଖସିଲା ବସ୍, ୧୯ ମୃତ

କାଠମାଣ୍ଡୁ,୨୩।୨/ଏଜେନ୍ସି:

ନେପାଳର ଧାଦିଙ୍ଗ ଜିଲ୍ଲାରେ ସୋମବାର ଏକ ବଡ଼ ଧରଣର ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍ ନିୟନ୍ତ୍ରଣ ହରାଇ ନଦୀ ଭିତରକୁ ଖସିପଡ଼ିବାରୁ ପାଖାପାଖି ୧୯ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଦୁଇଜଣ ବିଦେଶୀ ନାଗରିକ ଥିବା ବେଳେ ଜଣେ ପୁରୁଷ ଓ ଜଣେ ମହିଳା ରହିଛନ୍ତି। ସୂଚନା ଅନୁଯାୟୀ, ବସ୍‌ଟି ପୋଖରାରୁ କାଠମାଣ୍ଡୁ ଅଭିମୁଖେ ଯାଉଥିଲା। ରାତି ପ୍ରାୟ ୧ଟା ୧୫ ମିନିଟ୍ ସମୟରେ ଧାଦିଙ୍ଗ ଜିଲ୍ଲାର ବେନିଘାଟ ରୋରାଙ୍ଗ ଅଞ୍ଚଳରେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ବସ୍‌ଟି ସିଧା ତ୍ରିଶୂଳୀ ନଦୀ ଭିତରକୁ ଖସି ପଡ଼ିଥିଲା। ଘଟଣାସ୍ଥଳରୁ ୧୭ଟି ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ପରେ ଆଉ ଦୁଇ ଗୁରୁତର ବ୍ୟକ୍ତିଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ▶▶ ୫

ରାଜ୍ୟରେ କମିଛି ଅପରାଧିକ ମାମଲା: ମୁଖ୍ୟମନ୍ତ୍ରୀ

ଦୁଷ୍କର୍ମ ୩.୫%, ମହିଳା ନିର୍ଯାତନା ୨୬.୮% ହ୍ରାସ

ଭୁବନେଶ୍ୱର,୨୩।୨/ଏନ୍ଏନ୍ଏସ୍:

ରାଜ୍ୟରେ କମିଛି ଅପରାଧିକ ମାମଲା। ଦୁଷ୍କର୍ମ ମାମଲା ୩.୫% କମିଥିବାବେଳେ ସାର୍ବଜନୀନ ସ୍ଥାନରେ ମହିଳା ନିର୍ଯାତନା ସଂଖ୍ୟା ୨୬.୮% ହ୍ରାସ ହୋଇଛି। ସୋମବାର ବିଧାନସଭାରେ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୨୫ ମସିହାର ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ରାଜ୍ୟରେ ୨,୯୯୪ଟି ଦୁଷ୍କର୍ମ ମାମଲା ଏବଂ ୧୧୫ଟି ଦୁଷ୍କର୍ମ ଉଦ୍ୟମ, ୭,୩୭୮ଟି ମହିଳା ଅପହରଣ, ୪୪୦ଟି ମହିଳା ଚାଲାଣ, ୭,୩୮୨ଟି ଲଜ୍ଜାଜନକ ମାମଲା, ୧,୧୮୩ଟି ଯୌନ ନିର୍ଯାତନା, ୧,୪୪୮ଟି ସାର୍ବଜନୀନ ସ୍ଥାନରେ ନିର୍ଯାତନା, ୪୮୫ଟି ପିଛା କରିବା, ଗୋଟିଏ ଏସିଡ୍ ଆକ୍ରମଣ ପ୍ରୟାସ, ୧୧୧ଟି ଅତିରିକ୍ତ ମାନବ ଚାଲାଣ ସମ୍ବନ୍ଧୀୟ ମାମଲା, ୭୫୭ଟି ଅଶ୍ଳୀଳ ଇଙ୍ଗିତ, ୧୪୫ଟି ଯୌତୁକ ସମ୍ବନ୍ଧୀୟ ପୋଡ଼ି ମାରିବା ମାମଲା, ୭୭ଟି ଯୌତୁକ ସମ୍ବନ୍ଧୀୟ ଆତ୍ମହତ୍ୟା, ୪,୩୬୧ଟି ଯୌତୁକ ନିର୍ଯାତନା ମାମଲା ଏବଂ ୫,୪୧୯ଟି ଘରୋଇ ହିଂସା ମାମଲା ରେକର୍ଡ଼ କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଠିକଠାକ୍ ରହିଛି। ଫେବୃଆରୀ ୨୦୨୩ରୁ ଜୁନ୍ ୨୦୨୪ ତୁଳନାରେ ଜୁଲାଇ ୨୦୨୪ରୁ ଡିସେମ୍ବର ୨୦୨୫ ମଧ୍ୟରେ ସାମଗ୍ରିକ ଅପରାଧ ହାର ହ୍ରାସ ପାଇଛି। ଗତବର୍ଷ ଦୁଷ୍କର୍ମ ମାମଲା ହ୍ରାସ ପାଇ ୨୯୯୪ ହୋଇଛି। ଆପତ୍ତିଜନକ ଘଟଣା ୨.୨% ହ୍ରାସ ପାଇଛି। ସେହିପରି ଯୌତୁକ ମୃତ୍ୟୁ ମାମଲା ▶▶ ୫

ସ୍ୱାଭାବିକ ହୋଇପାରୁନି ବିଧାନସଭା

ଭୁବନେଶ୍ୱର,୨୩।୨/ଏନ୍ଏନ୍ଏସ୍:

ସ୍ୱାଭାବିକ ହୋଇପାରୁନି ବିଧାନସଭା। ଚାଷୀଙ୍କ ସମସ୍ୟା ସମାଧାନ କରିବା ଦାବିରେ ଅଟଳ ରହିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଫଳରେ ବିଧାନସଭା ଚାଲିପାରୁନି। ଗୃହରେ ଚାଷୀ ତାତିକୁ ନେଇ ଦେଖାଦେଇଥିବା ପରିସ୍ଥିତିରେ କୌଣସି ସୁଧାର ଆସୁନାହିଁ। ବାଚସ୍ପତି ସୁରମା ପାଢ଼ୀଙ୍କ ଶତ ଚେଷ୍ଟା ସତ୍ତ୍ୱେ ଫଳ ଶୂନ୍। ସୁରୁଖୁରୁରେ ଚାଲିପାରୁନାହିଁ ଗୃହ। ପୂର୍ବଦିନ ଭଳି ସୋମବାର ମଧ୍ୟ ଗୃହର ମଧ୍ୟଭାଗରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକମାନେ ହୋହାଲ୍ଲା, ନାରାବାଜି କରିଛନ୍ତି। ଫଳରେ ଗୃହରେ ଅଚଳାବସ୍ଥା ଜାରି ରହିଛି।

ସୋମବାର ଧାର୍ଯ୍ୟ ସାଢ଼େ ଦଶରେ ପ୍ରଶ୍ନୋତ୍ତର କାର୍ଯ୍ୟକାଳ ଆରମ୍ଭ କରିବା ମାତ୍ରେ ଗୃହ ମଝିରେ ପୂର୍ବପରି ଚାଷୀ ମାରଣ ନୀତି ବିରୋଧରେ ସ୍ଲୋଗାନ ଦେଇ, ହାତରେ ପ୍ଲାକାର୍ଡ଼ ଧରି ଏବଂ ବ୍ୟାନର ଦେଖାଇ ବିରୋଧୀ ବିଜେଡି ଏବଂ କଂଗ୍ରେସ ସଭ୍ୟମାନେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ଶ୍ରୀମତୀ ପାଢ଼ୀ ୧୦ଟା ୩୭ରେ ଗୃହକୁ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ପରେ ସାଢ଼େ ୧୧ରେ ଶୂନ୍ୟକାଳ ଆରମ୍ଭ ହୋଇଥିଲେ ହେଁ ବିରୋଧୀଙ୍କ ପ୍ରତିବାଦ ଥମିନଥିଲା। ଗୃହ ଚଳାଇବା ନିମନ୍ତେ ବିଧାୟକମାନଙ୍କ ସହଯୋଗ ଲୋଡ଼ିଥିଲେ ବାଚସ୍ପତି। ଏମିତି ବାରମ୍ବାର ସେ ନିବେଦନ କରିଥିଲେ ହେଁ କେହି ଶୁଣି ନଥିଲେ। ରାଜ୍ୟବ୍ୟାପୀ ଧାନ ମଣ୍ଡିଗୁଡ଼ିକର କ୍ରୟ ପରିଚାଳନା କରିବାରେ ସରକାର ବିଫଳ ଏବଂ ଚାଷୀଙ୍କୁ ଇନପୁଟ୍ ସବ୍‌ସିଡି ଦେବାରେ ସରକାର ଅସମର୍ଥ ବୋଲି ଅଭିଯୋଗ କରି ହୋହାଲ୍ଲା କରିଥିଲେ। ଏପରିକି ଧାନ ସଂଗ୍ରହରେ ତ୍ରୁଟିପୂର୍ଣ୍ଣ ପରିଚାଳନା ଏବଂ ସରକାରଙ୍କ ଅପାରଗତା ଯୋଗୁଁ ସବୁ ବିଭ୍ରାଟ୍ ହେଉଛି ବୋଲି ବିରୋଧୀ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି।

ଅପରାହ୍ଣ ଅଧିବେଶନରେ ଅନୁରୂପ ସ୍ଥିତି ଦେଖାଦେଇଥିଲା। ଗୃହ ଆରମ୍ଭ ହେବା ପରେ ବିରୋଧୀ

ଗୃହରେ ଥମୁନି ଚାଷୀ ତାତି
ବିରୋଧୀଙ୍କ ହୋହାଲ୍ଲା, ନାରାବାଜି ଜାରି
ବାରମ୍ବାର ମୁଲତବୀ କରୁଛନ୍ତି ବାଚସ୍ପତି

କଂଗ୍ରେସ ଓ ବିଜେଡି ସଭ୍ୟମାନେ ବାଚସ୍ପତିଙ୍କ ପୋଡ଼ିଅମ ସମ୍ମୁଖରେ ପ୍ରବଳ ହଟ୍ଟଗୋଳ ସହ ନାରାବାଜି କରିଥିଲେ। ଫଳରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୃହକୁ ଚଳାଇବା ସମ୍ଭବ ନହେବାରୁ ବାରମ୍ବାର ମୁଲତବୀ କରିଥିଲେ। ତେବେ ଚାଷୀ ପ୍ରସଙ୍ଗ ନେଇ ଗୃହ ଭିତରେ ଓ ବାହାରେ ବି ସ୍ଥିତି ସରଗରମ ଥିଲା।

ସରକାରୀ ଚାକିରିଆଙ୍କୁ ନିର୍ଦ୍ଦେଶ

ମାର୍ଚ୍ଚ ୩୧ ସୁଦ୍ଧା ଦାଖଲ କର ସମ୍ପତ୍ତି ତାଲିକା

ଭୁବନେଶ୍ୱର,୨୩।୨/ଏନ୍ଏନ୍ଏସ୍:

- ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି
- ସବୁ ସରକାରୀ ବିଭାଗ, ଆର୍‌ଡିସି, ଜିଲ୍ଲାପାଳଙ୍କୁ ଚିଠି
- ଗ୍ରୁପ୍ ଏ' ଠାରୁ ଗ୍ରୁପ୍ ଡି' ପର୍ଯ୍ୟନ୍ତ ସମସ୍ତଙ୍କୁ ଦାଖଲ ନିର୍ଦ୍ଦେଶ

ଓଡ଼ିଶା ସରକାରୀ କର୍ମଚାରୀଙ୍କ ପାଇଁ ପୁଣି ବଢ଼ିଲା ସମ୍ପତ୍ତି ତାଲିକା ଦାଖଲ ଅବଧି। ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପତ୍ତି ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଜାନୁଆରୀ ୩୧ ତାରିଖ ଯାଏ ଥିଲା ଡେଡଲାଇନ୍। ଯେଉଁ ସରକାରୀ ଚାକିରିଆ ବର୍ତ୍ତମାନ ସୁଦ୍ଧା ସମ୍ପତ୍ତି ତାଲିକା ଦାଖଲ କରି ନାହାନ୍ତି, ସେମାନେ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପତ୍ତି ତାଲିକା ଦାଖଲ କରିବା ନିର୍ଦ୍ଦେଶ ଦିଆଯାଇଛି।

ଗ୍ରୁପ 'ଏ' ଠାରୁ ଆରମ୍ଭ କରି ଗ୍ରୁପ୍ 'ଡି' ପର୍ଯ୍ୟନ୍ତ ସମସ୍ତଙ୍କୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପତ୍ତି ତାଲିକା ଦାଖଲ ନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସବୁ ସରକାରୀ ବିଭାଗ, ଆରଡିସି, ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି । ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଅପଲୋଡ୍ କରିବାକୁ ସରକାରୀ ଚାକିରିଆଙ୍କୁ ପରାମର୍ଶ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ଗ୍ରୁପ 'ଏ' ଠାରୁ ଆରମ୍ଭ କରି ଗ୍ରୁପ୍ 'ଡି' ପର୍ଯ୍ୟନ୍ତ ସମସ୍ତ ସରକାରୀ ଚାକିରିଆ ନିଜର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଏଚଆରଏମଏସ ପୋର୍ଟାଲରେ ଜାନୁଆରୀ ୧ରୁ ଜାନୁଆରୀ ୩୧ ମଧ୍ୟରେ ଏହା ଦାଖଲ କରିବେ। କିନ୍ତୁ କେତେକ ସରକାରୀ ଚାକିରିଆ ଏ ପର୍ଯ୍ୟନ୍ତ ସମ୍ପତ୍ତି ତାଲିକା ଦାଖଲ କରି ନାହାନ୍ତି। ସେଥିପାଇଁ ସରକାରୀ ଏହି ତାରିଖ ସୀମାକୁ ବଢାଇଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମ୍ପତ୍ତି ତାଲିକା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଜାରି ହେଲା ଆତଙ୍କବାଦ ବିରୋଧୀ ନୀତି 'ପ୍ରହାର'

ନୂଆଦିଲ୍ଲୀ,୨୩।୨/ଏଜେନ୍ସି:

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୋମବାର ଭାରତର ପ୍ରଥମ ଜାତୀୟ ଆତଙ୍କବାଦୀ-ବିରୋଧୀ ନୀତି ଜାରି କରିଛି। ଏହାର ନାମ 'ପ୍ରହାର' ରଖାଯାଇଛି। ଆଠ ପୃଷ୍ଠାର ଏହି ନୀତିରେ ଆତଙ୍କୀ ଆକ୍ରମଣକୁ ରୋକିବା ଉପରେ ବିଶେଷ ଜୋର୍ ଦିଆଯାଇଛି। ଏହା ସହିତ ବିପଦ ଅନୁସାରେ ଦ୍ରୁତ ଏବଂ ସନ୍ତୁଳିତ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଏଥିରେ ଉଲ୍ଲେଖ ରହିଛି। ଏହି ନୀତିର ପ୍ରଥମ ପୃଷ୍ଠାରେ ପରିଚୟ ପ୍ରଦାନ ସହିତ 'ପ୍ରହାର'ର ଫୁଲ୍ ଫର୍ମ ସମ୍ପର୍କରେ ଉଲ୍ଲିଖିତ ଅଛି। ପରିଚୟ ପ୍ରଦାନରେ ଲେଖାଯାଇଛି କେତେକ ପଡ଼ୋଶୀ ଦେଶ ଆତଙ୍କବାଦକୁ ନିଜର ସରକାରୀ ନୀତିର ଏକ ହତିଆର ରୂପେ ବ୍ୟବହାର କରୁଛନ୍ତି। ଏହା ସତ୍ତ୍ୱେ ଭାରତ ଆତଙ୍କବାଦକୁ କୌଣସି ବିଶେଷ ଧର୍ମ, ଜାତି ଦେଶ କିମ୍ବା ସଭ୍ୟତା ସହିତ ଯୋଡ଼ି ଦେଖୁନାହିଁ। ନୀତିରେ କୁହାଯାଇଛି ▶▶ ୫

ଦେଶର ପ୍ରଥମ

ଝାଡ଼ଖଣ୍ଡରେ ଏୟାର୍ ଆମ୍ବୁଲାନ୍ସ କ୍ରାଶ୍

ସମସ୍ତ ୭ ଯାତ୍ରୀ ମୃତ

ରାଞ୍ଚି,୨୩।୨/ଏଜେନ୍ସି:

ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରୁ ଦିଲ୍ଲୀ ଯାଉଥିବା ଏକ ଚାର୍ଟାର୍ଡ ପ୍ଲେନ୍ ଚତରାରେ କ୍ରାଶ୍ ହୋଇଛି। ଏହା ଏକ ଏୟାର୍ ଆମ୍ବୁଲାନ୍ସ ଥିଲା। ବିମାନରେ ଥିବା ସମସ୍ତ ୭ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ରେଡ୍‌ବାର୍ଡ ଏୟାରୱେଜ୍‌ର ବ୍ରିଚ୍‌କ୍ରାଫ୍ଟ କିଙ୍ଗ୍ ଏୟାର୍ ସି୯୦ ମେଡିକାଲ୍ ଚାର୍ଟର୍ ଫ୍ଲାଇଟ୍‌ରେ ଜଣେ ରୋଗୀ, ଡାକ୍ତର, ପାରାମେଡିକ୍, ଆଟେଣ୍ଡାଣ୍ଟ ଏବଂ କ୍ରୁ ମେମ୍ବର ସମେତ ସାତ ଜଣ ଥିଲେ। ବିମାନଟି ସୋମବାର ସନ୍ଧ୍ୟା ୭.୧୧ରେ ରାଞ୍ଚିରୁ ଉଡ଼ାଣ କରିଥିଲା। ୭.୩୪ ସମୟରେ ବିମାନର ଯୋଗାଯୋଗ ଛିନ୍ନ ହୋଇଥିଲା। ଏହାର କିଛି ସମୟ ପରେ ବିମାନଟି ଚତରା ଜିଲ୍ଲାର ସମରିୟା ନିକଟ ଏକ ଘନ ଜଙ୍ଗଲରେ କ୍ରାଶ୍ ହୋଇଯାଇଥିଲା। ଏହି ଦୁର୍ଘଟଣାରେ ବିମାନରେ ଥିବା ଦୁଇ ପାଇଲଟ୍ କ୍ୟାପ୍ଟେନ୍ ବିବେକ ବିକାଶ ଭଗତ, କ୍ୟାପ୍ଟେନ୍ ସବରାଜଦୀପ୍ ସିଂହ, ରୋଗୀ ସଞ୍ଜୟ କୁମାର, ରୋଗୀଙ୍କ ପରିଜନ ଅର୍ଚ୍ଚନା ଦେବୀ,

ଧ୍ରୁବ କୁମାର, ଡାକ୍ତର ବିକାଶ ଗୁପ୍ତା ଏବଂ ପାରାମେଡିକ୍ ଷ୍ଟାଫ୍ ସଚିନ୍ କୁମାର ମିଶ୍ରାଙ୍କ ମୃତ୍ୟୁ ଘଟିଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି।

ଭାରତୀୟଙ୍କୁ ପରାମର୍ଶ

ତୁରନ୍ତ ଇରାନ୍ ଛାଡ଼

ନୂଆଦିଲ୍ଲୀ,୨୩।୨/ଏଜେନ୍ସି:

ଇରାନ ଉପରେ ଆମେରିକା ଯେକୌଣସି ମୁହୂର୍ତ୍ତରେ ଆକ୍ରମଣ କରିପାରେ। ଆକ୍ରମଣର ଭୟ ତୀବ୍ର ହେବାରୁ ତେହରାନ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ନିଜ ଦେଶର ଲୋକଙ୍କୁ ଶୀଘ୍ର ଇରାନ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି। ଇରାନରୁ ବାହାରକୁ ଯିବା ପାଇଁ ଥିବା ସମସ୍ତ ପ୍ରକାରର ପରିବହନ ବ୍ୟବସ୍ଥାକୁ ବ୍ୟବହାର କରି ଭାରତୀୟମାନେ ତେହରାନ ଛାଡ଼ି ଦିଅନ୍ତୁ ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି। ଗୋଟିଏ ପଟେ ଇରାନ ଉପରେ ଆମେରିକାର ଆକ୍ରମଣ ଆଶଙ୍କା ବଢୁଥିବା ବେଳେ ଅନ୍ୟପଟେ ଦେଶରେ ପୁଣିଥରେ ସରକାରୀ ବିରୋଧୀ ଆନ୍ଦୋଳନ ତୀବ୍ର ହୋଇଛି। ଏହାକୁ ନେଇ ଇରାନ ସ୍ଥିତି ବିଗୁଡୁଥିବାରୁ ଭାରତୀୟମାନଙ୍କୁ ଏପରି ପରାମର୍ଶ ଦୂତାବାସ ପକ୍ଷରୁ ଦିଆଯାଇଛି।

ଦୂତାବସ ପକ୍ଷରୁ ଜାରି ପରାମର୍ଶ ବିବୃତିରେ କୁହାଯାଇଛି ଯେ "ଭାରତ ସରକାରଙ୍କ ପକ୍ଷରୁ ୨୦୨୬ ମସିହା ଜାନୁଆରୀ ୫ରେ ଜାରି କରାଯାଇଥିବା ପରାମର୍ଶ ଓ ଇରାନରେ ସୃଷ୍ଟି ହେଉଥିବା ସ୍ଥିତିକୁ ଦୃଷ୍ଟିରେ ରଖି ଇରାନରେ ଥିବା ସମସ୍ତ ଭାରତୀୟ ନାଗରିକ-ଶିକ୍ଷାର୍ଥୀ, ତୀର୍ଥଯାତ୍ରୀ, ବ୍ୟବସାୟୀ ଓ ପର୍ଯ୍ୟଟକମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ପରିବହନ ପାଇଁ ଉପଲବ୍ଧ ଥିବା ସମସ୍ତ ବ୍ୟବସ୍ଥାକୁ ବ୍ୟବହାର କରି ଇରାନ ଛାଡ଼ି ଦିଅନ୍ତୁ।" ଗୁରୁବାର ଜେନେଭାରେ ଇରାନ ଓ ଆମେରିକା ମଧ୍ୟରେ ଆଣବିକ ଡିଲକୁ ନେଇ ଆଲୋଚନା ହେବ। କିନ୍ତୁ ଆଲୋଚନା ପୂର୍ବରୁ ହିଁ ଇରାନ ଉପରେ ଆମେରିକା ଆକ୍ରମଣ କରି ଗୋଟିଏ ଚାପ ସୃଷ୍ଟି କରିବା ମୁଡରେ ରହିଛି। ଏହାକୁ ନଜରରେ ରଖି ଦୂତାବାସ ପକ୍ଷରୁ ▶▶ ୫

ବଢ଼ିଲା ଆମେରିକାର ଆକ୍ରମଣ ଭୟ

ବଙ୍ଗବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ହିନ୍ଦୀ ଓ ବଙ୍ଗଳାରେ ପତ୍ର

'ଏବାର ବିଜେପି ସରକାର'

ସିଏଏ, ଅନୁପ୍ରବେଶ ଉପରେ ଲଗାମ; ରାଜ୍ୟର ବିକାଶ ସହିତ ଆଇନ ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ

ନୂଆଦିଲ୍ଲୀ,୨୩।୨/ଏଜେନ୍ସି:

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର ନାଗରିକଙ୍କ ନାମରେ ହିନ୍ଦୀ ଏବଂ ବଙ୍ଗଳା ଭାଷାରେ ଏକ ଖୋଲା ପତ୍ର ଲେଖିଛନ୍ତି। ଏଥିରେ ସେ ସିଏଏର ଉଲ୍ଲେଖ କରି ଅନୁପ୍ରବେଶ ଉପରେ ଲଗାମ, ରାଜ୍ୟର ବିକାଶ, ଆଇନ ବ୍ୟବସ୍ଥା ଏବଂ କଲ୍ୟାଣକାରୀ ଯୋଜନା ଆଦି ପ୍ରସଙ୍ଗ ଉପରେ ନିଜ ମତ ରଖିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ ପତ୍ରର ଆରମ୍ଭ 'ଜୟ ମା କାଳୀ'ଙ୍କ ଜୟକାର ସହ କରିଛନ୍ତି। ସେ ଲେଖିଛନ୍ତି, 'ଏବେ ମାତ୍ର ଆଉ କିଛି ମାସରେ ପଶ୍ଚିମବଙ୍ଗର ଭାଗ୍ୟ ସୁନିଶ୍ଚିତ ହୋଇଯିବ। ଆଗାମୀ ପିଢ଼ିର ଭବିଷ୍ୟତ କେଉଁ ଦିଗରେ ଆଗକୁ ବଢ଼ିବ, ତାହା ଆପଣଙ୍କ ସୁଚିନ୍ତିତ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ସେ ଲେଖିଛନ୍ତି "ମୋ ସୋନାର ବଙ୍ଗଳାର ସ୍ୱପ୍ନ ଦେଖୁଥିବା ପ୍ରତ୍ୟେକ ଯୁବ, ବୃଦ୍ଧ ଏବଂ ମହିଳାମାନେ ଆଜି ବହୁତ ପୀଡ଼ାରେ ରହିଛନ୍ତି। ସେମାନଙ୍କ ପୀଡ଼ା ଆଜି ମୋ ହୃଦୟକୁ ବ୍ୟଥିତ କରିଛି। ଏହି କାରଣରୁ ମୁଁ ମୋ ମନର ଗଭୀରତାରୁ ଏକ ସଂକଳ୍ପ ନେଇଛି, ପଶ୍ଚିମବଙ୍ଗକୁ ବିକାଶିତ ଏବଂ ସମୃଦ୍ଧ କରିବାର ସଂକଳ୍ପ।"



ସେ ଆହୁରି ଲେଖିଛନ୍ତି ଗତ ୧୧ ବର୍ଷରେ ଦେଶବାସୀଙ୍କ ଆଶୀର୍ବାଦକୁ ଶକ୍ତି କରି ମୋ ସରକାର ଜନକଲ୍ୟାଣ ଏବଂ ସମଗ୍ର ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛି। କୃଷକଙ୍କ କଲ୍ୟାଣଠାରୁ ଆରମ୍ଭ କରି ଯୁବକଙ୍କ ସ୍ୱପ୍ନକୁ ସାକାର କରିବା ପର୍ଯ୍ୟନ୍ତ ଏବଂ ମାତୃଶକ୍ତିର ସଶକ୍ତିକରଣରୁ ସମାଜର ପ୍ରତ୍ୟେକ ବର୍ଗ ପର୍ଯ୍ୟନ୍ତ ଆମର ନୀତି ଏବଂ ▶▶ ୫

ପରଲୋକରେ ମୁକୁଲ ରାୟ

ନୂଆଦିଲ୍ଲୀ,୨୩।୨/ଏଜେନ୍ସି:

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ତଥା ପୂର୍ବତନ ରେଳମନ୍ତ୍ରୀ ମୁକୁଲ ରାୟଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। ଗତ ୩ ବର୍ଷ ହେଲାଣି ଅସୁସ୍ଥ ରହୁଥିବା ମୁକୁଲ ରାୟ ଗତ କିଛିଦିନ ହେଲା କୋମାକୁ ଚାଲିଯାଇଥିଲେ। କୋଲକାତାର ଏକ ଘରୋଇ ଡାକ୍ତରଖାନାରେ ତାଙ୍କୁ ରଖାଯାଇଥିଲା। ଗତକାଲି ରାତି ସାଢ଼େ ୧ଟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ବୋଲି ତାଙ୍କ ପୁଅ ଶୁଭ୍ରାଂଶୁ ରାୟ ସୂଚନା ଦେଇଛନ୍ତି। ଏକଦା ମୁକୁଲ ରାୟ ତୃଣମୂଳ କଂଗ୍ରେସର ନମ୍ବର ୨ ନେତା ଥିଲେ। କିନ୍ତୁ ସାରଦା ଚିଟ୍ ଫଣ୍ଡ ଘୋଟାଲା ଓ ସାରଦା ଷ୍ଟିଙ୍ଗ ଅପରେସନରେ ପଡ଼ିବା ପରେ ସେ ବିବାଦୀୟ ହୋଇପଡ଼ିଥିଲେ। ଦଳର ପଦପଦବୀରୁ ତାଙ୍କୁ ହଟାଇ ଦିଆଯାଇଥିଲା। ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ୨୦୧୭ରେ ବିଜେପିରେ ଯୋଗ ଦେଇଥିଲେ ମୁକୁଲ। ୨୦୧୯ ସାଧାରଣ ନିର୍ବାଚନରେ ପଶ୍ଚିମବଙ୍ଗରେ ବିଜେପିକୁ ଅଧିକ ସଂଖ୍ୟକ ଆସନରେ ବିଜୟୀ କରାଇବାରେ ତାଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

ସେ ଦୁଇ ଥର ତୃଣମୂଳ କଂଗ୍ରେସ ଟିକେଟରେ ରାଜ୍ୟସଭାକୁ ଯାଇଥିଲେ। ୨୦୦୬ରୁ ୨୦୧୭ ପର୍ଯ୍ୟନ୍ତ ସେ ରାଜ୍ୟସଭାର ସଦସ୍ୟ ଥିଲେ। ୨୦୧୭ରେ ତୃଣମୂଳ କଂଗ୍ରେସରୁ ଇସ୍ତଫା ଦେବା ସହିତ ରାଜ୍ୟସଭାରୁ ଇସ୍ତଫା ଦେଇଥିଲେ। ▶▶ ୫

ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ପୁରୁଷୋତ୍ତମପୁର,୨୩।୨/ଏନ୍‌ଏନ୍‌ଏସ୍: ପୁରୁଷୋତ୍ତମପୁର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା ଓ ବିଡିଓ ଶରତ କୁମାର ପାତ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ଗ୍ରାମାଞ୍ଚଳ ପିଡି ଦାୟିତ୍ୱରେ ଥିବା ବିଜୟ କୁମାର ବେହେରା, ଛତ୍ରପୁର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ଦାଶ ଓ ବିଭିନ୍ନ ବିଭାଗର ଯନ୍ତ୍ରୀ, ଏସଡ଼ିଓ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୬୩ଟି ବିଭିନ୍ନ ବିଭାଗର ଅଭିଯୋଗ ଶୁଣାଣୀ ହୋଇଥିଲା। ଆସିଥିବା ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଏଡିଏମ୍ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଦୁଇଜଣ ବ୍ୟକ୍ତିଙ୍କୁ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ୧୫ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଇଥିଲା। ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଆଧାର ହୋଇପାରୁନଥିବାରୁ ସେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ଭିନ୍ନକ୍ଷମଙ୍କ ବାସ ଭବନକୁ ଜଣେ ଜିଲ୍ଲାର ଅଧିକାରୀଙ୍କୁ ପଠାଇ ଆଧାର କରାଯିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ ଜୟଶ୍ରୀ ନାୟକ, ନିର୍ବାହୀ ଯନ୍ତ୍ରୀ ନାଗ ଭୂଷଣ ଯାଦବ, ବ୍ଲକ କର୍ମଚାରୀ, ଜିପିଓ ରାଜେନ୍ଦ୍ର ପ୍ରସାଦ ଗୁରୁ, ସିପି ବରୁଣ ପାତ୍ର, ଏକ୍ସ ଇନଚାର୍ଜ ଜିପିଓ ମୀନକେତନ ବେହେରା, ବିଏସ୍‌ଏସ୍‌ଓ କାହ୍ନୁ ଚରଣ ସୋରେନ, ହେଡ୍‌କ୍ଲର୍କ, ଏପିଓ ଓ ବ୍ଲକର ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ମାର୍ଚ୍ଚ ସୁଦ୍ଧା ମାଓମୁକ୍ତ ହେବ କନ୍ଧମାଳ: ଏଡିଜି

ମାଓବାଦୀଙ୍କ ସଂଖ୍ୟା ୩୦ରୁ କମ୍

କନ୍ଧମାଳ,ଫୁଲବାଣୀ,୨୩।୨/ଏନ୍‌ଏନ୍‌ଏସ୍: ଆସନ୍ତା ମାର୍ଚ୍ଚ ସୁଦ୍ଧା କନ୍ଧମାଳ ଜିଲ୍ଲା ମାଓମୁକ୍ତ ହେବ। ଆଜି ସ୍ଥାନୀୟ ପୁଲିସ ରିଜର୍ଭଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଦୃଢ଼ୋକ୍ତି କରିଛନ୍ତି ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ବୌଦ୍ଧ ଭଳି ମାଓ ପ୍ରଭାବିତ ଜିଲ୍ଲା ଇତି ମଧ୍ୟରେ ମାଓମୁକ୍ତ ଘୋଷିତ ହୋଇ ସାରିଥିବା ବେଳେ କନ୍ଧମାଳ ଜିଲ୍ଲା ପୁଲିସ ଏହି ଲକ୍ଷ୍ୟ ଦିଗରେ ଆଗେଇ ଚାଲିଛି। ଜିଲ୍ଲାରେ ଏବେ ମାଓବାଦୀଙ୍କ ସଂଖ୍ୟା ୩୦ରୁ କମ୍ ରହିଛି। ଅପରପକ୍ଷରେ ସୁରକ୍ଷା ବାହିନୀର କ୍ରମାଗତ ଓ ସଫଳ ଅପରେସନ୍ ଯୋଗୁଁ ମାଓବାଦୀମାନେ ପ୍ରତିଦିନ ସେମାନଙ୍କ ଠିକଣା ପରିବର୍ତ୍ତନ କରୁଥିବା ଏଡିଜି ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ରବିବାର କନ୍ଧମାଳ ପୁଲିସକୁ ମିଳିଛି ଚଳିତ ବର୍ଷର ପ୍ରଥମ ସଫଳତା। ଦୁଇ କ୍ୟାଡର ମାଓବାଦୀ ପୁଲିସ ଗୁଳିରେ ନିହତ ହୋଇଥିବା ବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ କରିଛି ସୁରକ୍ଷା ବାହିନୀ। ଶ୍ରୀ ପଣ୍ଡା ଦେଇଥିବା ସୂଚନା ଅନୁସାରେ, ରାଇକିଆ ଥାନା ଅନ୍ତର୍ଗତ କରଡ଼ା ଜଙ୍ଗଲରେ ମାଓ ଗତିବିଧି ସୂଚନା ପାଇ ୨୦ ତାରିଖ ରାତିରେ ଏସଓଜିର ୧୧ଟି ଟିମ୍ ସହିତ ସିଆରପିଏଫ୍‌ର ଦୁଇଟି ଟିମ ମିଳିତ ଭାବେ କମ୍ବିଂ ଅପରେସନ ଆରମ୍ଭ କରିଥିଲା। ରବିବାର ସକାଳେ କରଡ଼ା ରେଞ୍ଜ ଅନ୍ତର୍ଗତ ନନ୍ଦାବାଡି ସଂରକ୍ଷିତ ଜଙ୍ଗଲରେ ପୁଲିସ ସହିତ ମୁହାଁମୁହିଁ ହୋଇଥିଲା ଲାଲବାହିନୀ। ଜଙ୍ଗଲରେ ଲୁଚିଥିବା ମାଓବାଦୀମାନେ ଗୁଳି ଚଳାଇବାରେ ସୁରକ୍ଷା ବାହିନୀ ଏହାର ପାଲଟା ଜବାବ ଦେଇଥିଲା। ଏହି ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ ହୋଇଛନ୍ତି। ମୃତକମାନଙ୍କ ମଧ୍ୟରୁ ଜଣେ ହେଲେ କେକେବିଏନ୍‌ର ଡେପୁଟି ପ୍ଲାଟୁନ କମାଣ୍ଡର୍ ଜାଗେସ ଓ ଅନ୍ୟ ଜଣେ ପାର୍ଟି ମେମ୍ବର ରନ୍ନା। ଉଭୟ ଛତିଶଗଡ଼ ରାଜ୍ୟ ସୁକମା ଅଞ୍ଚଳର। ଏମାନେ ମାଓନେତା ସୁକ୍ରୁଙ୍କ ନେତୃତ୍ୱରେ କେକେବିଏନ୍ ସଙ୍ଗଠନରେ ସକ୍ରିୟ ଥିଲେ ଏବଂ ୨୦୨୦ରୁ ୨୦୨୪ ମଧ୍ୟରେ ଏକାଧିକ ମାଓ ହିଂସାରେ ସମ୍ପୃକ୍ତ ଥିଲେ। କନ୍ଧମାଳ ସମେତ ରାଜ୍ୟର ବିଭିନ୍ନ ଥାନାରେ ଏମାନଙ୍କ ନାମରେ ୧୧ଟି ମାମଲା ରହିଥିବା ସୂଚନା ଦେଇଛି ପୁଲିସ। ଜାଗେସଙ୍କ ମୁଣ୍ଡ ଉପରେ ୨୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସର୍ଚ୍ଚ ଅପରେସନ ବେଳେ ଘଟଣା ସ୍ଥଳରୁ ପୁଲିସ ଏକ ଏକେ-୪, ରକେଟ ଲଞ୍ଚର, ଏକ ଏସ୍‌ଏଲ୍‌ଆର ବନ୍ଧୁକ, ମାଗାଜିନ, ଗ୍ରେନେଡ୍, ଡିଟୋନେଟର ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ପୁଲିସ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଏବେ ବି ସର୍ଚ୍ଚ ଅପରେସନ ଜାରି ଥିବା ପ୍ରକାଶ କରିଛନ୍ତି କନ୍ଧମାଳ ଏସ୍‌ପି ହରିଶ ବିସି। ସୁରକ୍ଷା ବାହିନୀର ଏହି ସଫଳତା ପାଇଁ ଏଡିଜି ଶ୍ରୀ ପଣ୍ଡା କନ୍ଧମାଳ ଏସ୍‌ପି ହରିଶ ବି ସିଙ୍କୁ ଶ୍ରେୟ ଦେଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଆହ୍ୱାନକ୍ରମେ ୨୦୨୬ ମାର୍ଚ୍ଚ ସୁଦ୍ଧା ରାଜ୍ୟକୁ ମାଓମୁକ୍ତ କରିବା ପାଇଁ ଅଭିଯାନ ଜାରି ରହିଥିବା ବେଳେ କନ୍ଧମାଳ ଜିଲ୍ଲା ଖୁବ୍ ଶୀଘ୍ର ଏହି ଲକ୍ଷ୍ୟ ହାସଲ କରିବ ବୋଲି କହିଛନ୍ତି ଡିଆଇଜି ଶ୍ରୀ ପଣ୍ଡା। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଡିଜି ଶ୍ରୀ ପଣ୍ଡା, କନ୍ଧମାଳ ଏସ୍‌ପି ହରିଶଙ୍କ ସମେତ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର, ଡିଆଇଜି (ଏସ୍‌ଆଇଡବ୍ଲ୍ୟୁ) ଅଖିଳେଶ୍ୱର ସିଂ, ଡିଆଇଜି (ଅପରେସନ୍) ଡ. ଦୀପକ କୁମାର, ସିଆର୍‌ପିଏଫ୍ ଡେପୁଟି କମାଣ୍ଡାଣ୍ଟ ବିପିନ ଏବଂ ଏ. କେ. ସରକାର ଓ କନ୍ଧମାଳ ଅତିରିକ୍ତ ଏସପି ରମେନ୍ଦ୍ର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

ବନ୍ୟପ୍ରାଣୀଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା

ଶେରଗଡ଼,୨୩।୨/ଏନ୍‌ଏନ୍‌ଏସ୍: ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିକାରୀ ଓ ଆସିକା ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆସିକା ବନାଞ୍ଚଳ ଶେରଗଡ଼ ସେକ୍ସନ ଅଧିନସ୍ଥ ପାକିଡ଼ି ବନାଞ୍ଚଳ ଅଧୀନରେ ଥିବା କେତେକ ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଶୋଭାଚନ୍ଦ୍ରପୁର, ଚିକିଲି, ଚେରମାରିଆ, କେରିକେରି ଝୋଲା, ଆମ୍ବୁଆବାଡ଼ି, ଭାରତପଲ୍ଲୀ, କର୍ଣ୍ଣିଳି, ତହଁର, କାଞ୍ଜିଆମ୍ବା, ବଡ଼ଗଡ଼ ସିୟୁଡିପିଏଫ୍ ସନ୍ନିକଟ ଗ୍ରାମ ଗର୍ବଗଣ୍ଡା, ଖୋଲ, ବାଦୁଆପଲ୍ଲୀ ନିକଟରେ ପୂର୍ବରୁ ପଶୁପକ୍ଷୀଙ୍କ ପାଇଁ ଥିବା ପାଣି କୁଣ୍ଡ ଗୁଡିକରେ ପାଣି ଭର୍ତ୍ତି କରାଯାଇଛି। ବିଭାଗ କର୍ମଚାରୀଙ୍କ ତତ୍ତ୍ୱାବଧାନ ଏବଂ ସ୍ୱେଚ୍ଛାସେବୀଙ୍କ ସହଯୋଗରେ କୁଣ୍ଡରେ ପାଣି ଭର୍ତ୍ତି କରାଯାଉଛି। ଜୁନ ମାସ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଶେରଗଡ଼ ବନପାଳ ରାଜେନ୍ଦ୍ର କୁମାର ଗୌଡ଼ ସୂଚନା ପ୍ରଦାନ କରିଛନ୍ତି।

କପି କରି ଧରାପଡ଼ିବା ପରେ ଛାତ୍ରୀଙ୍କ ଆତ୍ମହତ୍ୟା

ନ୍ୟାୟ ଦାବି କଲେ ପରିବାର

ବ୍ରହ୍ମପୁର,୨୩।୨/ଏନ୍‌ଏନ୍‌ଏସ୍: କପି କରି ଧରାପଡ଼ିବା ପରେ ଜୀବନ ହାରିଛନ୍ତି ଛାତ୍ରୀ। ଏଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ସାହିରୁ। ମୃତ ଛାତ୍ରୀ ଜଣକ ଶ୍ରୀରାମନଗର ଅଞ୍ଚଳର ଶ୍ରୀୟା ସାହୁ। ଶ୍ରୀୟା ଗତ ଶନିବାର ଇଂରାଜୀ ପରୀକ୍ଷା ଦେବାକୁ ଯାଇଥିବା ବେଳେ ସ୍କୁଲ ଗେଟ୍‌ରେ ତାଙ୍କୁ ଚେକିଂ କରାଯାଇଥିଲା। ଛାତ୍ରୀଙ୍କ ନିକଟରୁ କପି ବାହାରିବା ପରେ ତାଙ୍କୁ ଏମ୍‌ପି କରାଇ ଦିଆଯିବ ବୋଲି ଶିକ୍ଷାନୁଷ୍ଠାନର କର୍ମଚାରୀ କହିଥିଲେ। ଏହା ପରେ ଛାତ୍ରୀ ଶ୍ରୀୟା ପରୀକ୍ଷା ଦେଇ ଘରକୁ ଫେରିବା ପରେ ମାନସିକ ଚିନ୍ତାଗ୍ରସ୍ତ ହୋଇ ପଡ଼ିଥିଲେ। ଘରେ କେହି ନଥିବା ସମୟରେ ନିଜ ବେକରେ ଚୁନି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଯେଉଁମାନେ ଶ୍ରୀୟାଙ୍କୁ ମାଲ୍ ପ୍ରାକ୍ଟିସ୍‌ରେ ବୁକ୍ କରିବା ପାଇଁ ଧମକ ଦେଇଥିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତ ଛାତ୍ରୀଙ୍କ ପରିବାର ଲୋକ ଦାବି କରିଛନ୍ତି।

ଶ୍ରୀୟା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପାଠ ପଢୁଥିବା ବେଳେ ତାଙ୍କର ପରୀକ୍ଷା କେନ୍ଦ୍ର ରହିଥିଲା ଭି.ଭି.ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ। ଗତ ଶନିବାର ଇଂରାଜୀ ପରୀକ୍ଷା ଥିବା ବେଳେ ଶ୍ରୀୟା ଘରୁ ବାହାରି ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟର କର୍ମଚାରୀମାନେ ଗେଟ୍‌ରେ ଯାଞ୍ଚ ସମୟରେ ଶ୍ରୀୟାଙ୍କଠାରୁ କପି ବାହାରିଥିଲା। ଶିକ୍ଷାନୁଷ୍ଠାନର କର୍ମଚାରୀ କର୍ମଚାରୀମାନେ ଏମ୍‌ପି କରାଇ ଦିଆଯିବ ବୋଲି କହିଥିଲେ। ଭୟଭୀତ ହୋଇ ଶ୍ରୀୟା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲ୍‌କୁ ପରିବାର ଲୋକେ ନେଇଥିଲେ। ସେଠାରେ ଡାକ୍ତର ଶ୍ରୀୟାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଶ୍ରୀୟାଙ୍କ ମୃତ୍ୟୁକୁ ନେଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ପରିବାର। ଶ୍ରୀୟା ଭଲ ପାଠ ପଢୁଥିଲେ। ସେ କିଭଳି ସ୍କୁଲକୁ କପି ଧରି ଯାଇଥିଲେ ତାହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର। ଧମକ ଦେଇଥିବା କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତ ଶ୍ରୀୟାଙ୍କ ପରିବାର ଦାବି କରିଛନ୍ତି। ଏନେଇ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ମୃତ ଶ୍ରୀୟାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ନ୍ୟାୟ ଦେବା ସହ ସମ୍ପୃକ୍ତ ପରିବାରକୁ କ୍ଷତିପୂରଣ ଦିଆଯାଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ସମ୍ପର୍କରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଯୋଗାଯୋଗ ଉଦ୍ୟମ ସମ୍ଭବପର ହୋଇପାରିନାହିଁ।

ରକ୍ତଦାତା ବି. ଲକ୍ଷ୍ମୀନାରାୟଣ ସମ୍ମାନିତ

ଆସିକା,୨୩।୨/ଏନ୍‌ଏନ୍‌ଏସ୍: ରକ୍ତଦାନ ମହାପୁଣ୍ୟ ସେବାରେ ସମର୍ପିତ ଅନନ୍ୟ ଅନୁଷ୍ଠାନ 'ସମର୍ପଣ' ପକ୍ଷରୁ ପୁରୀ ସ୍ଥିତ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରରେ ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମର୍ପଣ ଅନୁଷ୍ଠାନର ସଭାପତି ଡ. ଅଭିମନ୍ୟୁ ଭୂୟାଁଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦିକା ଜୟନ୍ତୀ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶୀତା ପାଇଁ ଆସିକା ସୁଗର ଟାଉନ୍ ଜେସିସିର ପ୍ରାକ୍ତନ ସଭାପତି ବି. ଲକ୍ଷ୍ମୀ ନାରାୟଣ ପାତ୍ର ସମ୍ମାନିତ ହୋଇଛନ୍ତି। ସ୍ୱେଚ୍ଛାକୃତ ରକ୍ତଦାତା ତଥା ଆସିକା ସୁଗର ଟାଉନ୍ ଜେସିସିର ପୂର୍ବତନ ସଭାପତି ଜେସି ବି. ଲକ୍ଷ୍ମୀ ନାରାୟଣ ପାତ୍ର ରାଜ୍ୟସ୍ତରୀୟ ସମାବେଶରେ ସମ୍ମାନିତ ହେବା ସ୍ଥାନୀୟ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି। ବି. ଲକ୍ଷ୍ମୀ ନାରାୟଣ ପାତ୍ର ବର୍ତ୍ତମାନ ସୁଦ୍ଧା ୧୧୮ ଥର ରକ୍ତଦାନ କଲେଣି। ବି. ଲକ୍ଷ୍ମୀ ନାରାୟଣଙ୍କ ଏହି ସଫଳତା ପାଇଁ ସ୍ୱେଚ୍ଛାକୃତ ରକ୍ତଦାତା ମନୋଜ କୁମାର ଦାଶ, ଆସିକା ସୁଗର ଟାଉନ୍ ଜେସିସ୍‌ର ସଭାପତି ଜେସି ଜଗନ୍ନାଥ ପଢିଆରୀ, ସମ୍ପାଦକ ଜେସି କାର୍ତ୍ତିକ ପାତ୍ର, କୋଷାଧ୍ୟକ୍ଷ ଜେସି ଏସ୍. ସତ୍ୟନାରାୟଣ ପାତ୍ର, ଆସିକା ସୁଗର ଟାଉନ୍ ଜେସିସ୍‌ର ପୂର୍ବତନ ସଭାପତି ଡି. ବଦ୍ରିନାରାୟଣ ପାତ୍ର, କିରଣ କୁମାର ପାଢୀ, ସନ୍ତୋଷ କୁମାର ନାୟକ, ସୁବୋଧ ରଞ୍ଜନ ନାହାକ, ସୁରେଶ ପାତ୍ର, ଏ. ଶିବଶଙ୍କର ପାତ୍ର, ୟୁ. ସଞ୍ଜୟ କୁମାର ପାତ୍ର, ଗୌରବ ପାତ୍ର, ଜିତେନ୍ଦ୍ର କୁମାର ପାତ୍ର, ବସନ୍ତ ଭଞ୍ଜ, ଅନିଲ୍ କୁମାର ପୃଷ୍ଟି, ଶୁଭମ୍ ପାତ୍ର, କେ. ସତ୍ୟନାରାୟଣ ପାତ୍ର, ସୋମଦେବ ପାତ୍ର, ସୁନିଲ୍ ମହାନ୍ତି, ଟି. ରୋଶନ୍ ପାତ୍ର, ପ୍ରତୀକ୍ ଆଚାରୀ, ପ୍ରଦୀପ କୁମାର ପାତ୍ରଙ୍କ ସମେତ ବହୁ ଯୁବପିଢ଼ି ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

କୁକୁଡ଼ାଖଣ୍ଡି,୨୩।୨/ଏନ୍‌ଏନ୍‌ଏସ୍: କୁକୁଡ଼ାଖଣ୍ଡି ବ୍ଲକ ଅଧିନସ୍ଥ ଅଙ୍କୁଶପୁର ଗ୍ରାମ ପଞ୍ଚାୟତ ପରିସରରେ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ମରୁଳୀ ସେଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ପଞ୍ଚାୟତବାସୀଙ୍କ ସମସ୍ୟା ସମ୍ପର୍କରେ ଶୁଣାଣି କରିଥିଲେ। ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ସ୍ୱାଇଁ, ସମିତି ସଭ୍ୟା ସୁନୀତା ସେଠୀ, ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ ଓ ଜିପିଓ ଅଶୋକ ପଟ୍ଟନାୟକ ସହ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେମାନେ ପଞ୍ଚାୟତବାସୀଙ୍କ ଠାରୁ ସିଧାସଳଖ ଭାବେ ଅଭିଯୋଗ ଗ୍ରହଣ କରିଥିଲେ। ଶିବିରରେ ପ୍ରାୟ ୪୦ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ରାଇଝୋଲ, ଫାଁଦିରିପଲ୍ଲୀ, ନାଇଡୁପଲ୍ଲୀ ରେ ଡ୍ରେନେଜ, ଚଢେଇମରା ରାସ୍ତାର ବିକାଶ, ଡ୍ରେନ୍ ବ୍ୟବସ୍ଥା, ପାନୀୟ ଜଳ ସମସ୍ୟା, ଭତ୍ତା, ସୁଭଦ୍ରା ଯୋଜନାର ସୁବିଧା, ରାସନ କାର୍ଡ ଓ ଗ୍ରାମର ଆଲୋକୀକରଣ ଇତ୍ୟାଦି ଅଭିଯୋଗ ରହିଥିଲା। ସମସ୍ତ ଅଭିଯୋଗକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ ଜନସାଧାରଣଙ୍କୁ ଆଶ୍ୱାସନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁରେଶ ସେଠୀ ସହ ବହୁ ପଞ୍ଚାୟତବାସୀ ଉପସ୍ଥିତ ରହିଥିଲେ।

ବେଲଘର ହାତୀ ମୃତ୍ୟୁ ଘଟଣା

ଆତ୍ମସମର୍ପଣ କଲେ ଫେରାର୍ ଡେପୁଟି ରେଞ୍ଜର

ବାଲିଗୁଡ଼ା,୨୩।୨/ଏନ୍‌ଏନ୍‌ଏସ୍: ବହୁ ଚର୍ଚ୍ଚିତ ବେଲଘର ହାତୀ ମୃତ୍ୟୁ ଓ ପ୍ରମାଣ ନଷ୍ଟ ଘଟଣାରେ ଦୀର୍ଘ ଦିନ ଧରି ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ତଥା ବେଲଘର ବନାଞ୍ଚଳର ଡେପୁଟି ରେଞ୍ଜର ବିନୟ ବିଶି ଆଜି ଆତ୍ମସମର୍ପଣ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅନ୍ତରୀଣ ଜାମିନ ପାଇବା ପରେ ସେ ଆଜି ପ୍ରଥମେ ବାଲିଗୁଡ଼ା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଘନଶ୍ୟାମ ମହନ୍ତଙ୍କ ନିକଟରେ ହାଜର ହୋଇଥିଲେ। ଏହାପରେ ସେ ଜି.ଉଦୟଗିରି ଜେଏମ୍‌ଏଫ୍‌ସି କୋର୍ଟରେ ଆତ୍ମସମର୍ପଣ କରି ଜାମିନରେ ମୁକୁଳିଛନ୍ତି। ଜାମିନ ପାଇବା ପରେ ଡେପୁଟି ରେଞ୍ଜର ଏହି ମାମଲାର ତଦନ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ବାଲିଗୁଡ଼ା ବନଖଣ୍ଡ ଅଧୀନରେ ଥିବା ବେଲଘର ବନାଞ୍ଚଳରେ ଗତ ଜାନୁଆରୀ ୫ ତାରିଖରେ ଏକ ହାତୀର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ଗୋପନ ରଖିବା ପାଇଁ ଡେପୁଟି ରେଞ୍ଜର ଶ୍ରୀ ବିଶି ପ୍ରଥମେ ମୃତ ହାତୀକୁ ଏକ ନର୍ସରୀ ମଧ୍ୟରେ ପୋତି ଦେଇଥିଲେ। ପରେ ଘଟଣାଟି ଜଣାପଡ଼ିବା ଭୟରେ ହାତୀକୁ ଖଣ୍ଡଖଣ୍ଡ କରି କାଟି ପ୍ରାୟ ଶହେ କିଲୋମିଟର ଦୂର କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳକୁ ନେଇ ପୋତି ଦେଇଥିଲେ। ଏହି ସମ୍ବେଦନଶୀଳ ଘଟଣାଟି ଧୀରେ ଧୀରେ ପଦାକୁ ଆସିବା ପରେ ବନ ବିଭାଗ ଓ ପୁଲିସ ତତ୍ପରତା ପ୍ରକାଶ କରିଥିଲା। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୧୧ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଘଟଣାର ଭୁଲ୍ ତଦନ୍ତ କରିଥିବା ଅଭିଯୋଗରେ ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବିତ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ବିନୟ ବିଶି ଆଜି କୋର୍ଟରେ ହାଜର ହେବା ପରେ ଏହି ମାମଲାର ତଦନ୍ତ ଆଗକୁ ବଢ଼ିବ ବୋଲି ଆଶା କରାଯାଉଛି।

ଶ୍ରୀଚୈତନ୍ୟ ଗୌଡ଼ୀୟ ମଠର ବାର୍ଷିକ ମହୋତ୍ସବ ଓ ଧର୍ମ ସମ୍ମିଳନୀ

ବୁଗୁଡ଼ା,୨୩।୨/ଏନ୍‌ଏନ୍‌ଏସ୍: ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ଗ୍ରାମସ୍ଥିତ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠର ବାର୍ଷିକ ମହୋତ୍ସବ ଓ ଧର୍ମ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଠ ରକ୍ଷକ ଶ୍ରୀଭକ୍ତିଶରଣ ଶାନ୍ତଙ୍କ ତତ୍ତ୍ୱାବଧାନରେ ମଠ ପରିସରସ୍ଥ ସଂକୀର୍ତ୍ତନ ମଣ୍ଡପରେ ଆୟୋଜିତ ତ୍ରିଦିବସୀୟ ଧର୍ମ ସମ୍ମିଳନୀରେ ଭକ୍ତିସୌଧ ଜିତେନ୍ଦ୍ରିୟ ମହାରାଜ, ଭକ୍ତିବିବେକ ପରମାର୍ଥ ମହାରାଜ, ଭକ୍ତିହୃଦୟ ନିରୀହ ମହାରାଜ, ଭକ୍ତିସମ୍ବନ୍ଧ ଶୁଦ୍ଧାଦ୍ୱୈତୀ ମହାରାଜ, ଭକ୍ତିଜୀବନ ଅବଧୂତ ମହାରାଜ, ଶ୍ରୀପାଦ ଦିନତାରଣ ବ୍ରହ୍ମଚାରୀ ପ୍ରମୁଖ ପ୍ରବକ୍ତା ଭାବେ ଯୋଗ ଦେଇ ଆଲୋଚ୍ୟ ବିଷୟ ସଂକୀର୍ତ୍ତନର ମହାତ୍ମ୍ୟ, ସାଧୁସଙ୍ଗର ମହିମା ଏବଂ ବିଗ୍ରହ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ମହୋତ୍ସବ ଅବସରରେ ରାଧା ଦାମୋଦରଜିଉଙ୍କ ମହାଭିଷେକ ସାଙ୍ଗକୁ ଦୈନିକ ଧର୍ମସଭାର ପ୍ରାରମ୍ଭରେ ଓ ଅନ୍ତେ ମହାଜନ ପଦାବଳୀ କୀର୍ତ୍ତନ ଓ ନାମସଂକୀର୍ତ୍ତନ ହୋଇଥିଲା। ଏଥିରେ ବିଭିନ୍ନ ପ୍ରାନ୍ତରୁ ଆଗତ ସାଧୁସନ୍ଥଙ୍କ ସମେତ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା। ଏହି ମହୋତ୍ସବ ପରିଚାଳନାରେ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ରହିଥିଲା।

ପୂର୍ବତନ ବିଜେପି ନଗର ସଭାପତିଙ୍କ ସ୍ମୃତିଚାରଣ ସଭା

ପୁରୁଷୋତ୍ତମପୁର,୨୩।୨/ଏନ୍‌ଏନ୍‌ଏସ୍: ପୂର୍ବତନ ବିଜେପି ନଗର ସଭାପତି କୃଷ୍ଣ ଚନ୍ଦ୍ର ନାୟକ ତଥା ଗଡ଼ ସାହି ସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ନାୟକଙ୍କ ପିତା ସୀମାଞ୍ଚଳ ନାୟକଙ୍କ ଦ୍ୱାଦଶାହ ଦିବସରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରାଜନେତା, କର୍ମୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାବିତ୍, ଆଇନଜୀବୀ ଓ ବରିଷ୍ଠ ନାଗରିକଙ୍କ ସମେତ ସହରବାସୀ, ଆତ୍ମୀୟସ୍ୱଜନ ବନ୍ଧୁବାନ୍ଧବ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସୀମାଞ୍ଚଳ ବାବୁ ଜଣେ ପରୋପକାରୀ ମଣିଷ ଥିଲେ। ତେଣୁ ଆଜି ଦ୍ୱାଦଶାହ ଦିବସରେ ତାଙ୍କ ଫୋଟରେ ସୁମନ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରି ସମସ୍ତେ ତାଙ୍କରୀ ସ୍ମୃତି ଚାରଣ କରିଥିଲେ। ସୀମାଞ୍ଚଳଙ୍କ ପାଞ୍ଚ ପୁଅ କୃଷ୍ଣଚନ୍ଦ୍ର ନାୟକ, ମନୋଜ ନାୟକ, ପଙ୍କଜ ନାୟକ, ସରୋଜ ନାୟକ ଓ ସୁକାନ୍ତ ନାୟକଙ୍କ ସହିତ ବୋହୂ ସୁଦେଷ୍ଣା ନାୟକ, ଶର୍ମିଷ୍ଠା ନାୟକ, ନାତିନାତୁଣୀ, ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

୨୦୨୭ ମସିହା ଜନଗଣନା ସମ୍ପର୍କିତ ପ୍ରଶିକ୍ଷଣ

ସମସ୍ତ ତଥ୍ୟ ଲିପିବଦ୍ଧ କରିବେ ଜନଗଣନା ଅଧିକାରୀ

ଛତ୍ରପୁର,୨୩।୨/ଏନ୍‌ଏନ୍‌ଏସ୍: ୨୦୨୭ ମସିହା ଜନଗଣନା ସମ୍ପର୍କିତ ଏକ ଦୁଇଦିନିଆ ପ୍ରଶିକ୍ଷଣ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ତଥା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁନୀଲ କୁମାର କେର୍କେଟାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାସ୍ଥିତ ରଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ପ୍ରଥମ ଦୁଇ ସପ୍ତାହ ପର୍ଯ୍ୟନ୍ତ ଜନଗଣନା ଅଧିକାରୀମାନେ (ଆନିମେଟର ଓ ସୁପରଭାଇଜର) ଜିଲ୍ଲାର ପ୍ରତ୍ୟେକ ଘରକୁ ଘର ଯାଇ ସମସ୍ତ ତଥ୍ୟର ସଠିକ ବିବରଣୀ ଜନସାଧାରଣଙ୍କୁ ପଚାରି ନିର୍ଭୁଲ ଭାବେ ଲିପିବଦ୍ଧ କରିବେ। ଦେଶର ଜଣେ ସଚେତନ ନାଗରିକ ହିସାବରେ ସମସ୍ତେ ନିର୍ଭୁଲ ତଥ୍ୟ ଜନଗଣନା ଅଧିକାରୀମାନଙ୍କୁ ଦେବା ସହିତ ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜନଗଣନା କାର୍ଯ୍ୟକୁ ପ୍ରଥମ ଥର ପାଇଁ ଡିଜିଟାଲ୍ ପ୍ରକ୍ରିୟାରେ କରାଯାଉଥିବାରୁ ସେନସସ୍ ପୋର୍ଟାଲରେ କିପରି ତଥ୍ୟ ଅପଲୋଡ୍ କରିପାରିବେ ତାହା ଉପରେ ଡିପିଏ ସନ୍ତୋଷ କୁମାର ଆଚାର୍ଯ୍ୟ ଏବଂ ସହକାରୀ ନିର୍ଦ୍ଦେଶକ ସୁଜିତ୍ କୁମାର ପ୍ରଧାନ ସମସ୍ତଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ବୈଷୟିକ ସହାୟକଙ୍କ ଏଥିରେ ମୁଖ୍ୟ ଭୂମିକା ରହିଛି। ଶତକଡ଼ା ୯୦ ଭାଗ କାମ ଚାର୍ଜ ଅଫିସରଙ୍କର ରହିଛି ବୋଲି ସେମାନେ କହିଥିଲେ। କୌଣସି ଶିକ୍ଷକ ଜନଗଣନା କାର୍ଯ୍ୟକୁ ମନା କରିପାରିବେ ନାହିଁ। ଆଗାମୀ ଜନଗଣନାକୁ କିପରି ସୁଚାରୁ ରୂପେ ସମ୍ପାଦନ କରାଯାଇପାରିବ ତାହା ଉପରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଆଜିର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ।

ଆଖୁପ୍ରାପ୍ୟ ବାବଦରେ ୬୬୯ ଚାଷୀଙ୍କୁ ୬ କୋଟି

ଆସିକା,୨୩।୨/ଏନ୍‌ଏନ୍‌ଏସ୍: ଆସିକା ସମବାୟ ଚିନିଶିଳ୍ପ ତାର ନିଜସ୍ୱ ପାଣ୍ଠିରୁ ଗଞ୍ଜାମ ଜିଲ୍ଲାର ୧୬ଟି ବ୍ଲକ ପରିସରଭୁକ୍ତ ଅଞ୍ଚଳର ୬୬୯ଜଣ ଆଖୁଚାଷୀଙ୍କୁ ଗତ ଜାନୁଆରୀ ୩୦ ତାରିଖଠାରୁ ଚଳିତ ଫେବୃୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଆଖୁର ପ୍ରାପ୍ୟ ବାବଦକୁ ୬ କୋଟି ୮ ହଜାର ୨୦୩ ଟଙ୍କା ପ୍ରଦାନ ପାଇଁ ଚେକ୍ ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇସାରିଛି। ଏଥିଯୋଗୁଁ ଆଖୁଚାଷୀଙ୍କ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି। ଏ ସମ୍ପର୍କରେ ମିଳିଥିବା ସୂଚନା ଅନୁଯାୟୀ ଗଞ୍ଜାମ ଜିଲ୍ଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପାନୁଷ୍ଠାନ ରୂପେ ସୁଖ୍ୟାତି ଅର୍ଜନ କରିଥିବା ଆସିକା ସମବାୟ ଚିନିଶିଳ୍ପ ବିଗତ କିଛିବର୍ଷ ତଳେ ପ୍ରତ୍ୟେକ ବର୍ଷ ଆଖୁପେଡା ଋତୁରେ ଆଖୁଚାଷୀଙ୍କ ପ୍ରାପ୍ୟ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ଗ୍ୟାରେଣ୍ଟର୍ ଉପରେ ନିର୍ଭର କରୁଥିଲା। ସମବାୟ ଚିନିଶିଳ୍ପରୁ ଉତ୍ପାଦିତ ଚିନିକୁ ବନ୍ଧକ ରଖି ରାଜ୍ୟ ସରକାରଙ୍କ ଗ୍ୟାରେଣ୍ଟର୍‌ରେ ସମବାୟ ଚିନିଶିଳ୍ପ ବ୍ୟାଙ୍କରୁ କୃଷିଭିତ୍ତିକ ବ୍ୟବସାୟିକ ଋଣ ଆଣି ଆଖୁଚାଷୀମାନଙ୍କୁ ପ୍ରାପ୍ୟ ପ୍ରଦାନ କରୁଥିଲା। ଆସିକା ସମବାୟ ଚିନିଶିଳ୍ପର ୬୩ତମ ଆଖୁପେଡ଼ା ଋତୁ ଗତ ଜାନୁଆରୀ ମାସ ୩୦ତାରିଖରୁ ଆରମ୍ଭ ହୋଇଥିଲା। ଗଞ୍ଜାମ ଜିଲ୍ଲାର ୧୬ଟି ବ୍ଲକର ୧୨୧୯ଏକର ପରିମିତ ଜମିରେ ଆଖୁଚାଷ ହୋଇଥିବା ଜଣାପଡ଼ିଛି। ଗଞ୍ଜାମ ଜିଲ୍ଲାର ୧୬ଟି ବ୍ଲକ ପରିସରଭୁକ୍ତ ଅଞ୍ଚଳର ବର୍ତ୍ତମାନ ସୁଦ୍ଧା ୬୬୯ଜଣ ଚାଷୀ ଆସିକା ସମବାୟ ଚିନିଶିଳ୍ପକୁ ଆଖୁ ଯୋଗାଇଥିଲା ବେଳେ ୧୪ ହଜାର ୨୭୪.୧୮୪ ମେଟ୍ରିକ୍ ଟନ୍‌ର ଆଖୁ ବାବଦକୁ ପଞ୍ଜିକୃତ ଚାଷୀଙ୍କୁ ୬କୋଟି ୮ହଜାର ୨୦୩ଟଙ୍କା ପ୍ରଦାନ ପାଇଁ ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଚେକ୍ ପଠାଯାଇଛି। ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡଃ ସୁଶାନ୍ତ କୁମାର ପଣ୍ଡାଙ୍କ ଦିଗ୍‌ଦର୍ଶନ ଓ ପରିଚାଳନା ପରିଷଦର ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ସୁଚିନ୍ତିତ ଯୋଜନା ଓ ଆଖୁଚାଷୀ କଲ୍ୟାଣକାରୀ ପଦକ୍ଷେପ ଯୋଗୁଁ ଆଖୁପେଡ଼ା ଋତୁ ଆରମ୍ଭର କିଛି ଦିନ ପରେ ଚାଷୀଙ୍କୁ ସେମାନଙ୍କ ପ୍ରଥମ ୧୫ ଦିନର ଆଖୁ ଯୋଗାଣର ପ୍ରାପ୍ୟ ପ୍ରଦାନ କାର୍ଯ୍ୟ ଶେଷ ହୋଇଛି। ଆସିକା ସମବାୟ ଚିନିଶିଳ୍ପର ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ଼ କରିବା ସହ ଆଖୁଚାଷ ବହୁଳ ପ୍ରଚାର ଓ ପ୍ରସାର କରିବା ଏବଂ ଆଖୁଚାଷୀମାନେ ଆଖୁଚାଷ କରିବା ଲାଗି ଯେପରି ଆଗ୍ରହ ପ୍ରକାଶ କରିପାରିବେ ତାହାକୁ ଦୃଷ୍ଟିରେ ରଖି ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡଃ ସୁଶାନ୍ତ କୁମାର ପଣ୍ଡାଙ୍କ ପରାମର୍ଶ ଓ ସମବାୟ ଚିନିଶିଳ୍ପର ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ବ୍ୟାପକ ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ଚଳିତ ବର୍ଷ ଆଖୁପେଡ଼ା ଋତୁ ଆରମ୍ଭରୁ ଆଖୁ ଯୋଗାଣ ଓ ଆଖୁପେଡ଼ା କାର୍ଯ୍ୟ ସୁରୁଖୁରୁରେ ଚାଲିଥିଲା ବେଳେ ଦୈନିକ ପ୍ରାୟ ହାରାହାରି ୭୭୪ ଟନ୍ ଆଖୁପେଡ଼ା ହେଉଥିବା ବେଳେ ସୋମବାର ସକାଳ ସୁଦ୍ଧା ୧୮୫୫୬ ମେଟ୍ରିକ୍ ଟନ୍ ଆଖୁ ପେଡା ସରିଥିବା ଜଣାପଡ଼ିଛି।



ବିଧାନସଭା ଖବର

ରାଜ୍ୟରେ ୪୦ ମାଓବାଦୀ ସକ୍ରିୟ

ଭୁବନେଶ୍ୱର,୨୩।୨/ଏନ୍ଏନ୍ଏସ୍: ରାଜ୍ୟରେ ୪୦ ଜଣ ସକ୍ରିୟ ମାଓବାଦୀ ଅଛନ୍ତି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ବଲାଙ୍ଗିର ଓ ବରଗଡ଼ରେ ସକ୍ରିୟ ଅଛନ୍ତି ମାଓବାଦୀ। ଏହି ୬ ଜିଲ୍ଲାର କିଛି ଅଞ୍ଚଳରେ ଛୋଟ ଦଳ ହୋଇ କାର୍ଯ୍ୟ କରୁଛନ୍ତି। ୫ ବର୍ଷରେ ୪୮ ମାଓବାଦୀ ନିହତ ହେବା ସହ ୭୮ ମାଓବାଦୀ ଗିରଫ ହୋଇଛନ୍ତି। ୮୨ ମାଓବାଦୀ ଆତ୍ମସମର୍ପଣ କରିଥିବା ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ୨୦୨୫ ମସିହାରେ ୨୫ ମାଓ କ୍ୟାଡରଙ୍କୁ ନିପାତ କରାଯାଇଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ଆକ୍ସନ ମୋଡରେ ଭିଜିଲାନ୍ସ ବିଭାଗ

୩୧୦ ଗିରଫ, ୨୨ଙ୍କ ସମ୍ପତ୍ତି ବାଜ୍ୟାପ୍ତି

ଭୁବନେଶ୍ୱର,୨୩।୨/ଏନ୍ଏନ୍ଏସ୍: ଦୁର୍ନୀତି ରୋକିବା ଲାଗି ସରକାର ନେଉଛନ୍ତି ଅନେକ ପଦକ୍ଷେପ। କିନ୍ତୁ ରାଜ୍ୟରେ ମାଡି ଚାଲିଛି ଦୁର୍ନୀତିର ଚେର। ଭିଜିଲାନ୍ସ ଜାଲରେ ପଡୁଥିବା ଅଧିକାରୀଙ୍କ ତାଲିକାରୁ ଏହା ସ୍ପଷ୍ଟ ହେଉଛି। ଗତ ୫ ବର୍ଷରେ ଦୁର୍ନୀତି ମାମଲାରେ ଗିରଫ ହୋଇଛନ୍ତି ୩୧୦ ଲାଞ୍ଚୁଆ ବାବୁ। ଏନେଇ ବିଧାନସଭାରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଗତ ୫ବର୍ଷ ଠାରୁ ବର୍ତ୍ତମାନ ୩୧୦ଜଣ ସରକାରୀ କର୍ମଚାରୀ ଓ ଅଧିକାରୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଏବଂ ଆର୍ଥିକ କାରବାରରେ ଅନିୟମିତତା ସମ୍ପୃକ୍ତରେ ଗିରଫ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୨ଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ସେମାନଙ୍କ ଠାରୁ ୪୦ କୋଟି ୮୪ ଲକ୍ଷ ୬୭ ହଜାର ୬୬୭ ଟଙ୍କା ଜବତ ହୋଇଛି। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଏମିତି ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଭିଜିଲାନ୍ସ ଦ୍ୱାରା ଜାନୁଆରୀ ୨୦୨୩ରୁ ଡିସେମ୍ବର ୨୦୨୫ ମଧ୍ୟରେ ୬୮୩ଟି ଦୁର୍ନୀତି ମାମଲା ରୁଜୁ ହୋଇଛି। ଏଥିରୁ ୩୩୭ଟି ମାମଲାରେ ଦଣ୍ଡ ବିଧାନ କରାଯାଇଛି। ୬ ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ସମ୍ପତ୍ତି ସରକାର ବାଜ୍ୟାପ୍ତି କରିଛନ୍ତି। ବାଜ୍ୟାପ୍ତି ହୋଇଥିବା ସମ୍ପତ୍ତିକୁ ଲୋକଙ୍କ କାର୍ଯ୍ୟରେ ବ୍ୟବହାର କରାଯାଇଛି। ଗୋଟେ ଲେଖାଏଁ ସରକାରୀ ଉଦ୍ୟାନ କୃଷି ନର୍ସରୀ, କାର୍ଯ୍ୟରତ ମହିଳା ଛାତ୍ରାବାସ, ଉପ ଡାକଘର, ସାର୍ବଜନୀନ ହୋମିଓପାଥିକ ଡିସପେନସାରୀ, ୩ଟି ଅଙ୍ଗନବାଡ଼ି କେନ୍ଦ୍ର ଭାବରେ ବ୍ୟବହାର ହେଉଛି। ୨୨ ଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଠାରୁ ୪୦ କୋଟି ୮୪ ଲକ୍ଷ ୬୭ ହଜାର ଟଙ୍କା ଜବତ ହୋଇଛି। ସରକାରୀ କୋଷାଗାରରେ ୩୨ ଲକ୍ଷ ୫୦ ହଜାର ୮୪୪ ଟଙ୍କା ନଗଦ ଜମା କରାଯାଇଛି।

ରାଜ୍ୟରେ ବିକ୍ରି ହେଉଛି ଅପମିଶ୍ରିତ ଖାଦ୍ୟ

ଭୁବନେଶ୍ୱର,୨୩।୨/ଏନ୍ଏନ୍ଏସ୍: ରାଜ୍ୟରେ ସବୁଠି ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଛି। ଅପମିଶ୍ରିତ ଖାଦ୍ୟ ତାଲିକାରେ ହର୍ଲିକ୍ସ, ଦହି, କ୍ଷୀର, ଛେନା, ପାଣି, ବ୍ରେଡ, ମସଲା, ସୋରିଷ ତେଲ, ସୂର୍ଯ୍ୟମୁଖୀ ତେଲ ରହିଥିବାବେଳେ ବିସ୍କୁଟ, ମଇଦା, ସ୍ନାକ୍ସ, ଛତୁଆ, ସସ୍, ସୋୟାବିନ, ଘିଅ, ଲହୁଣୀ ବି ଅପମିଶ୍ରିତ ହେଉଛି। ସେହିପରି ଚିନି, ପାମ୍ପଡ଼, ଚକୋଲେଟ, ନୁଡୁଲ୍ସ ଆଦି ଅପମିଶ୍ରିତ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ବିଧାନସଭାରେ ଉତ୍ତର ରଖିଛନ୍ତି। ଗୃହରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ ଏପରି ଉତ୍ତର ରଖିଛନ୍ତି। ଏପରିକି ୩୦ ଜିଲ୍ଲାରେ କେଉଁଠି କ'ଣ ଭେଜାଲ ବିକ୍ରି ହେଉଛି ତା'ର ମଧ୍ୟ ତଥ୍ୟ ରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ସେ କହିଛନ୍ତି, ରାଜ୍ୟ ସରକାର ଅପମିଶ୍ରିତ ଖାଦ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି। ଖାଦ୍ୟ ନିରାପତ୍ତା ଆୟୋଗଙ୍କ ଦ୍ୱାରା ଏହା ଉପରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉଛି। ଖାଦ୍ୟ ଅପମିଶ୍ରଣ ରୋକିବା ଦିଗରେ ସମସ୍ତ ଜିଲ୍ଲା ଏବଂ ପୌର ପରିଷଦ ଅଞ୍ଚଳରେ ୬୩ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି। ନିୟମିତ ଭାବରେ ଚଢ଼ଉ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ବଢ଼ିବ ଇ-ବସ୍ ସଂଖ୍ୟା, ଯୋଡ଼ାଯିବ ଆଉ ୬୦୦



ଭୁବନେଶ୍ୱର,୨୩।୨/ଏନ୍ଏନ୍ଏସ୍: ସହରାଞ୍ଚଳ ପରିବହନ ପାଇଁ ୪୨୧ କୋଟି ଟଙ୍କାର ବ୍ୟୟବରାଦ ହେବାପରେ ଏବେ ଅଧିକରୁ ଅଧିକ ସଂଖ୍ୟକ ପରିବେଶ ଅନୁକୂଳ ଇ-ବସ୍ ଆଣିବାପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି। ରାଜ୍ୟରେ ଚାଲୁଥିବା ଇ-ବସ୍ ତାଲିକାରେ ଆଉ ୬୦୦ ଇ-ବସ୍ ଯୋଡ଼ାଯିବ ବୋଲି ସୂଚନା ମିଳିଛି। ରାଜ୍ୟରେ ସହରାଞ୍ଚଳ ପରିବହନ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଓଡ଼ିଶା ସରକାର ୨୦୨୬-୨୭ ବଜେଟରେ ୪୨୧ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟରେ ଇ-ବସ୍ ସେବା ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ବ୍ୟାପକ କରାଯିବ। ରାଜ୍ୟ ସରକାର ୬୦୦ ଇ-ବସ୍ କିଣିବାକୁ ଯୋଜନା କରୁଥିବାବେଳେ ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ରାଜ୍ୟକୁ ଆଉ ୪୦୦ ଇ-ବସ୍ ଆସିବ ବୋଲି ଜଣାଯାଇଛି। ଏହା ଫଳରେ ରାଜ୍ୟରେ 'ଆମ ବସ୍' ସେବାର କଳେବର ବୃଦ୍ଧି ପାଇବା ସହିତ ସହରାଞ୍ଚଳରେ ଏହା ଅଧିକରୁ ଅଧିକ ଲୋକଙ୍କୁ ସେବା ଯୋଗାଇବ। ଉଲ୍ଲେଖନୀୟ ଯେ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ ଦ୍ୱାରା ପରିଚାଳିତ 'ଆମ୍ ବସ୍' ସେବା ଏବେ ଦୈନିକ ୩ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ପରିବହନ କରୁଛି। 'ଆମ ବସ'ରେ ଯାତାୟତ କରୁଥିବା ଯାତ୍ରୀଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ଡିଜିଟାଲ୍ ମାଧ୍ୟମରେ ଦେୟ ପ୍ରଦାନ କରୁଛନ୍ତି ଯାହା ସରକାରଙ୍କ ଡିଜିଟାଲ ଇଣ୍ଡିଆକୁ ଅଧିକ ସୁଦୃଢ଼ କରୁଛି। ସେହିଭଳି ଯାତ୍ରୀମାନଙ୍କୁ ଘରୁ ବସ୍‌ଷ୍ଟାଣ୍ଡ ଏବଂ ବସ୍‌ଷ୍ଟାଣ୍ଡରୁ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ପରିବହନ ସେବା ଯୋଗାଇବା ପାଇଁ ଆମ ଇ-ରାଇଡ୍ ସେବାକୁ ଅଧିକ ସୁଦୃଢ଼ କରାଯାଉଛି। 'ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମ' ମାଧ୍ୟମରେ ରୁଟ୍ ଅପ୍ଟିମାଇଜେସନ୍ ଓ ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦିଆଯାଉଛି। 'ଆମ ବସ୍ ସେବା'ରେ ଅଧିକରୁ ଅଧିକ ଇ-ବସ୍ ସାମିଲ କରି ଆମେ ସହରାଞ୍ଚଳ ପରିବହନକୁ ଅଧିକ ସୁଲଭ ଏବଂ ପରିବେଶ ଅନୁକୂଳ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀ କହିଛନ୍ତି।

ସ୍ମାର୍ଟ ପରିବହନ ଓ ସ୍ଥାୟୀ ଭବିଷ୍ୟତ ଆମର ଲକ୍ଷ୍ୟ: ମନ୍ତ୍ରୀ

ଲୋକାଭିମୁଖୀ ବଜେଟ୍

ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନାର ସୁଅ

ଭୁବନେଶ୍ୱର,୨୩।୨/ଏନ୍ଏନ୍ଏସ୍: ଲୋକାଭିମୁଖୀ ରାଜ୍ୟ ବଜେଟ୍ ପାଇଁ ମୁଖ୍ୟମନ୍ତ୍ରୀ ମହୋନଚରଣ ମାଝୀଙ୍କୁ ସମ୍ବର୍ଦ୍ଧନାର ସୁଅ ଛୁଟୁଛି। ଏହି କ୍ରମରେ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ରାଜ୍ୟ ଅତିଥିଭବନ ଠାରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ବାସିନ୍ଦା, କଟକ ଜିଲ୍ଲା ନିଆଳୀ ଅଞ୍ଚଳର ବାସିନ୍ଦା ଏବଂ ଭାରତୀୟ ମଜଦୂର ସଂଘର ସଦସ୍ୟମାନେ ଆସି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ବଜେଟ୍‌ରେ ପ୍ରତ୍ୟେକ ଅଞ୍ଚଳ ଓ ପ୍ରତ୍ୟେକ ବର୍ଗର ବିକାଶ ପାଇଁ ପ୍ରାବଧାନ କରିଥିବାରୁ ସମ୍ବର୍ଦ୍ଧିତ କରିଥିଲେ।

ସୂଚନାଯୋଗ୍ୟ ଯେ, ୨୦୨୬-୨୭ ବଜେଟରେ କେନ୍ଦ୍ରାପଡ଼ାରେ ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ, ଫୁଲନଖରା-ନିଆଳି ମାଧବ ୪-ଲେନ ରାସ୍ତା ଉନ୍ନତିକରଣ ଏବଂ ଏପ୍ରିଲ ପହିଲାରୁ ପ୍ରଫେସନାଲ ଟ୍ୟାକ୍ସ ପ୍ରତ୍ୟାହାର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ୨୦୨୬-୨୭ ବର୍ଷର ଏହି ବଜେଟ ସବୁ ବର୍ଗର ଜନସାଧାରଣଙ୍କ ଆଶା, ଆକାଂକ୍ଷା ପୂରଣ କରି ରାଜ୍ୟ ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ମତ ପ୍ରକାଶ କରିଥିଲେ। ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ କହିଥିଲେ ଯେ ସ୍ୱାଧୀନତା ପରଠାରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଉଚ୍ଚ ଶିକ୍ଷାର ବିକାଶ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇନଥିଲା, କିନ୍ତୁ ଏହି ବଜେଟରେ ବିଶ୍ୱବିଦ୍ୟାଳୟ ସ୍ଥାପନ ନିଷ୍ପତ୍ତି ଜିଲ୍ଲାବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣ କରିଛି। ସେ ଆହୁରି କହିଥିଲେ ଯେ ବଳଦେବଜୀଉ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ କେନ୍ଦ୍ରାପଡ଼ାରେ ଜାହାଜ ନିର୍ମାଣ କାରଖାନା ସ୍ଥାପନ ପ୍ରସ୍ତାବ ଜିଲ୍ଲାର ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେହିଭଳି ନିଆଳି ବିଧାୟକ ଛବି ମଲ୍ଲିକ କହିଥିଲେ ଯେ ଏହି ରାସ୍ତା ଉନ୍ନତିକରଣ ଫଳରେ ସଡ଼କ ଦୁର୍ଘଟଣା ହ୍ରାସ ପାଇବ ଓ ଗମନାଗମନ ବ୍ୟବସ୍ଥା ସୁଦୃଢ଼ ହେବ। ଭାରତୀୟ ମଜଦୂର ସଂଘର ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ, ଚଳିତ ବଜେଟରେ ପ୍ରଫେସନାଲ ଟ୍ୟାକ୍ସ ଛାଡ଼ ଘୋଷଣା ହେବାରୁ କଣ୍ଟ୍ରାକ୍ଟୁଆଲ୍ କର୍ମଚାରୀମାନେ ବିଶେଷଭାବେ ଉପକୃତ ହେବେ।

ପ୍ରଫେସନାଲ ଟ୍ୟାକ୍ସ ଉଚ୍ଛେଦ ପାଇଁ ଧନ୍ୟବାଦ ଦେଲେ ଭାରତୀୟ ମଜଦୂର ସଂଘ

ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

ପଦ୍ମ ଧରିଲେ ସୁନାବେଢ଼ା ପୌରାଧକ୍ଷ

ଭୁବନେଶ୍ୱର,୨୩।୨/ଏନ୍ଏନ୍ଏସ୍: ସୋମବାର ବିଜେପି ରାଜ୍ୟ କାର୍ଯ୍ୟାୟଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋରାପୁଟ ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ସୁନାବେଢ଼ା ପୌରପାଳିକାର ଅଧକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁନାବେଡା ପୌରପାଳିକାର କାଉନ୍‌ସିଲର ସୁରେନ୍ଦ୍ର ସେଠୀ, ଗଜେନ୍ଦ୍ର ମାଝୀ, ସ୍ୱରୂପ ପଟ୍ଟନାୟକ ବିଜେଡି ଏବଂ ମମତା କୁମାରୀ ଖୋରା ଓ ଅଳକା ଲେଙ୍କା ପ୍ରମୁଖ କଂଗ୍ରେସ ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ସେହିପରି ସୁନାବେଡାର ବରିଷ୍ଠ ବିଜେଡି ନେତା ମନୋଜ ସେନାପତି, ଇନ୍ଦ୍ରାମଣି ନାୟକ, ଗୋଦାବରୀଶ ବେହେରା, ସତ୍ୟବ୍ରତ ପ୍ରଧାନ, ସନ୍ତୋଷ କୁମାର ପରିଡ଼ା, କେ. ସନ୍ତୋଷ କୁମାର, ଅନୁଜ ସାମଲ, ଜିତୁ କୁମାର ସିଓ, ଦ୍ୱିତୀକୃଷ୍ଣା ସାହୁ, ଏସ୍.ଏଲ୍.ଏନ୍ ପାତ୍ର, ଶଙ୍କର ପାତ୍ର, ଶଙ୍କର ସାହୁ, ମନୋଜ ପାତ୍ର, ଶରତ କୁମାର ସାହୁ, ଗୁପ୍ତେଶ୍ୱର ରାଉତ, ବି. ଅଶୋକ ପାତ୍ର, ତିରୁପତି ପାତ୍ର, ଗଣେଶ୍ୱର ପାଣିଗ୍ରାହୀ, ସୁନୀଲ ସେନାପତି, ମମତା ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ବିଧାନ ବୋର, ସୁନୀଲ ନାଇଡୁ, ତ୍ରିନାଥ ସ୍ୱାଇଁ, ଶିଶିର କୁମାର ରଣା ଓ ମୁକେଶ କୁମାର ପାତ୍ର ପ୍ରମୁଖଙ୍କ ସମେତ ଶତାଧିକ ନେତା ଓ କର୍ମୀ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଛନ୍ତି।

ସେହିପରି ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ପିପଲାପୋଡର ପୂର୍ବତନ ସରପଞ୍ଚ ନମୋ ମାଣ୍ଡିଙ୍ଗୀ, ପୂର୍ବତନ ନାଏବ ସରପଞ୍ଚ ରାଉତ ମିନିଆକା, ୱାର୍ଡ ମେମ୍ବର ଗୋପି ମାଣ୍ଡିଙ୍ଗୀ, ନରି କୁଲସିକା, ଚାଟିର କୁଲସିକା, ମଟିଆ ମାଣ୍ଡିଙ୍ଗୀ, ଆରିଆ ମାଣ୍ଡିଙ୍ଗୀ, ଅର୍ଚ୍ଚିତା ମାଣ୍ଡିଙ୍ଗୀ, ବିନୋଦ ମିନିଆକାଙ୍କ ସହ ଲକ୍ଷ୍ମୀପୁର ପଞ୍ଚାୟତ ବିଜେଡି ସଭାପତି ପାତ୍ର ପିଲାନ୍ତି, ସମ୍ପାଦକ ହେମାଳୟ ହାଲଓ୍ୱା, କୁଟିଙ୍ଗୀ ପଂଚାୟତ ସଭାପତି ସମୀର ବିଦିକା ବିଜୁଜନତା ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ନନ୍ଦୁ କୁଲସିକା, ନିରନ ମାଣ୍ଡିଙ୍ଗୀ, ଗୋଡା ମାଣ୍ଡିଙ୍ଗୀ, ବିଷ୍ଣୁ ଖୋରା ପ୍ରମୁଖ ବିଜେଡି କର୍ମୀଙ୍କ ସମେତ କଂଗ୍ରେସ କର୍ମୀ କୁମ୍ଭା କୁଲସିକା, ଦିଉ ମାଣ୍ଡିଙ୍ଗୀ ନିଜ ନିଜ ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ସାଂସଦ ବିଭୁପ୍ରସାଦ ତରାଇ, ବିଧାୟକ ରଘୁରାମ ମାଛ, ରାଜ୍ୟ ସମ୍ପାଦକ ସରୋଜ କର, କୋରାପୁଟ ଜିଲ୍ଲା ସଭାପତି ଶିବ ମୁଦୁଲି, ବରିଷ୍ଠ ନେତା ସୁମନ୍ତ କୁମାର ପ୍ରଧାନ, କୈଳାସ ଚନ୍ଦ୍ର କୁଲେସିକା ପ୍ରମୁଖ ଉପସ୍ଥିତ ଥିଲେ।

ସୁନାବେଢ଼ା ପୌରପରିଷଦର ୫ କାଉନ୍‌ସିଲର୍ ବି ମିଶିଲେ

ବିଜେପିରେ ମିଶିବେ ଅନନ୍ତ ଦାସଙ୍କ ପୁଅ

ଭୁବନେଶ୍ୱର,୨୩।୨/ଏନ୍ଏନ୍ଏସ୍: ବିଜେପିରେ ମିଶିବେ ଦିବଂଗତ ବିଜେଡି ନେତା ଅନନ୍ତ ଦାସଙ୍କ ପୁଅ ଅଭିଜିତ ଦାସ। ସେ ନିଜେ ଏହି ସୂଚନା ଦେଇଛନ୍ତି।

ସୋମବାର ଶ୍ରୀ ଦାସ କହିଛନ୍ତି ଯେ ବିଜେଡି ଆମକୁ ଛାଡ଼ିଦେଇଛି। ଖୁବ୍‌ଶୀଘ୍ର ସେ ବିଜେପିରେ ଔପଚାରିକ ଭାବେ ସାମିଲ ହେବେ। ଗତ କିଛି ବର୍ଷ ଧରି ବିଜେଡି ସହ କୌଣସି ସମ୍ପର୍କ ରହିନାହିଁ। ଏନେଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତିଙ୍କ ସହ ଆଲୋଚନା ସରିଛି। ଭୋଗରାଇର ଉନ୍ନତି ତାଙ୍କର ପ୍ରଥମ ଲକ୍ଷ୍ୟ ବୋଲି ଶ୍ରୀ ଦାସ କହିଛନ୍ତି। ଅଭିଜିତ କହିଛନ୍ତି ଯେ ତାଙ୍କ ପରିବାର ବିଜେଡିକୁ ଛାଡ଼ି ନାହିଁ। ବିଜେଡି ତାଙ୍କ ପରିବାରକୁ ଛାଡି ଦେଇଛି। ବର୍ଷେ ହେଲାଣି ସେ ବାଲେଶ୍ୱର ସାଂସଦଙ୍କ ମାର୍ଗଦର୍ଶନରେ ଭୋଗରାଇର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ କରିଆସୁଛନ୍ତି। ତା'ସହିତ ସ୍ଥାନୀୟ ବିଜେପି ନେତାମାନଙ୍କ ସହିତ ମିଶି କାର୍ଯ୍ୟ କରୁଛନ୍ତି। ଖୁବଶୀଘ୍ର ସେ ଔପଚାରିକ ଭାବେ ବିଜେପିରେ ଯୋଗଦେବେ। ଏ ନେଇ କାର୍ଯ୍ୟକ୍ରମ ଚାଲିଛି ବୋଲି ସେ କହିଛନ୍ତି।

ପ୍ରକାଶ ଯେ ଅନନ୍ତ ଦାସ ବିଜେଡି ଟିକେଟରେ ଭୋଗରାଇରୁ ୪ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ରେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୪ରେ ବିଜେଡି ତାଙ୍କୁ ଟିକେଟ ଦେଇ ନଥିଲା। ସେଥର ଦଳ ଗୌତମବୁଦ୍ଧ ଦାସଙ୍କୁ ଟିକେଟ ଦେଇଥିଲା ଓ ସେ ବିଜୟୀ ହୋଇଥିଲେ।

ଟେଟ୍ରା ପ୍ୟାକ୍‌ରେ ମଦ ବିକ୍ରି ପ୍ରସଙ୍ଗ

ପ୍ରତ୍ୟାହାର ନହେଲେ ଆନ୍ଦୋଳନ: ବିଜେଡି

ଭୁବନେଶ୍ୱର,୨୩।୨/ଏନ୍ଏନ୍ଏସ୍: ନିର୍ବାଚନ ସମୟରେ ବିଜେପି ଓଡ଼ିଶାକୁ ମଦମୁକ୍ତ କରିବାର ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ଏବେ ଟେଟ୍ରା ପ୍ୟାକ୍ ପ୍ୟାକେଜିଂ ପ୍ରଚଳନ କରି ଓଡ଼ିଶାକୁ ମଦଯୁକ୍ତ ରାଜ୍ୟରେ ପରିଣତ କରିବାକୁ ଯାଉଛନ୍ତି। ମଦ ବିରୋଧରେ ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଏବେ ମଦକୁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି, ଯେଉଁଥିପାଇଁ ପ୍ରଥମଥର ପାଇଁ ମଦରୁ ରାଜସ୍ୱ ଆୟ ୧୦,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ପୂର୍ବ ସରକାରଙ୍କ ଦ୍ୱାରା ବନ୍ଦ ହୋଇଥିବା ୭୦ଟି ମଦ ଦୋକାନ ଗୁଡ଼ିକୁ ପୁନର୍ବାର ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ଏକ ଲଜ୍ଜାଜନକ କଥା। ଏହି ନିଷ୍ପତ୍ତିକୁ ତୁରନ୍ତ ବନ୍ଦ୍ କରାଯାଉ ନହେଲେ ବିଜେଡି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ସୋମବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ବିଜୁ ମହିଳା ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ସୁମିତ୍ରା ଜେନା ଏହି ନିଷ୍ପତ୍ତିକୁ ଅନୈତିକ ଓ ଯୁବ ବିରୋଧୀ ବୋଲି କହିବା ସହିତ ଏହାକୁ ତୀବ୍ର ସମାଲୋଚନା କରିଛନ୍ତି। ଶ୍ରୀମତୀ ମଲ୍ଲିକ କହିଛନ୍ତି, ରାଜ୍ୟ ସରକାର ଲୋକଙ୍କ କଲ୍ୟାଣ ଅପେକ୍ଷା, ରାଜସ୍ୱ ଉପରେ ପ୍ରାଥମିକତା ଦେଉଛନ୍ତି । ମହୁଲିରୁ ମଦ, ମାଣ୍ଡିଆରୁ ମଦ ଓ ଗନ୍ଧହୀନ ମଦ, ନୂତନ ପ୍ରକାରର ମଦ ପ୍ରଚଳନ ପାଇଁ ସରକାର ଉଦ୍ୟମ କରୁଛନ୍ତି। ସରକାରଙ୍କର ଏହି ନିଷ୍ପତ୍ତି ଛାତ୍ର ଓ ଯୁବକ ଯୁବତୀ ମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେ ଦୃଢ଼ ଦାବି କରିଥିଲେ।

ସୁମିତ୍ରା ଜେନା କହିଥିଲେ ଯେ, ଟେଟ୍ରା ପ୍ୟାକରେ ମଦ ବିକ୍ରି ଛାତ୍ରମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ସରକାର ନେଇଥିବା ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ପାଇଁ ବିଜେଡି ଦାବି କରୁଛି। ଏହି ନିଷ୍ପତ୍ତି ପ୍ରତ୍ୟାହାର ନହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

ଚାଷୀ ସମସ୍ୟା ନେଇ ଆଜି ବିଜେଡିର ବିକ୍ଷୋଭ

ଭୁବନେଶ୍ୱର,୨୩।୨/ଏନ୍ଏନ୍ଏସ୍: ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟର ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି। ଏହାକୁ ବିରୋଧ କରି ମଙ୍ଗଳବାର ବିଜୁ ଜନତା ଦଳ ତରଫରୁ ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମ୍‌ଜି ଠାରେ ଏକ ବିଶାଳ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜନ ହେବ।

ସୋମବାର ବିଜେଡି ପକ୍ଷରୁ ଏହା ଘୋଷଣା କରାଯାଇଛି। ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାନସଭାରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସହିତ ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥା ଓ ମହିଳା ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଅଭିଯୋଗ କରିଥିଲେ।

ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଚଳିତ ବର୍ଷ ରାଜ୍ୟରେ ଧାନ ସଂଗ୍ରହ କାର୍ଯ୍ୟକ୍ରମ ପ୍ରଥମ ଦିନରୁ ଅବ୍ୟବସ୍ଥା ଲାଗି ରହିଛି। ଧାନ ସଂଗ୍ରହ ପାଇଁ ପଞ୍ଜିକରଣ, ଟୋକନ ବିତରଣ, ମଣ୍ଡିରେ ଧାନ ସଂଗ୍ରହ ବ୍ୟବସ୍ଥା, କଟନୀ ଛଟନୀ ଇତ୍ୟାଦି ରାଜ୍ୟର ଚାଷୀ ମାନଙ୍କୁ ନାହିଁ ନଥିବା ଅସୁବିଧାରେ ପକାଇଛି। ରାଜ୍ୟର ପ୍ରତିଟି ବ୍ଲକରେ ଓ ଜିଲ୍ଲାରେ ଚାଷୀ ମାନେ ରାଜରାସ୍ତାକୁ ଓହ୍ଲାଉଥିବା ଖବର ଗଣମାଧ୍ୟମରେ ଶିରୋନାମା ପାଲଟୁଛି। ଏହା ବିରୋଧରେ ବିଜୁ ଜନତା ଦଳ ତରଫରୁ ମଙ୍ଗଳବାର ଏକ ବିଶାଳ ବିକ୍ଷୋଭ ଆୟୋଜନ କରାଯିବ ବୋଲି ସେ କହିଛନ୍ତି। ଦେବୀ ପ୍ରସାଦ ମିଶ୍ର ଓ ସଞ୍ଜୟ କୁମାର ଦାସବର୍ମା ମଧ୍ୟ ନିଜ ନିଜ ବକ୍ତବ୍ୟ ରଖିଥିଲେ।

ଏମ୍ସ ଭୁବନେଶ୍ୱରରେ ଲିଭର୍ ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଏବଂ ରୋବୋଟିକ୍ ସର୍ଜରୀ ବ୍ୟବସ୍ଥା

ଉଦ୍‌ଘାଟନ କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର,୨୩।୨ /ଏନ୍ଏନ୍ଏସ୍: ଏମ୍ସ ଭୁବନେଶ୍ୱର ସଫଳତାର ସହିତ ଏକ ଅତ୍ୟାଧୁନିକ ଯକୃତ ପ୍ରତିରୋପଣ(ଲିଭର ଟ୍ରାନ୍ସପ୍ଲାଣ୍ଟ) କାର୍ଯ୍ୟକ୍ରମ ସହିତ ଏକ ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ବ୍ୟବସ୍ଥା ଆରମ୍ଭ କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଭର୍ଚୁଆଲ୍ ଭାବରେ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଉଦଘାଟନ କରିଛନ୍ତି ଏବଂ ପ୍ରତିଷ୍ଠାନରେ ଉନ୍ନତ ରୋବୋଟିକ୍ ସର୍ଜରୀ ସିଷ୍ଟମକୁ ଆନୁଷ୍ଠାନିକ ଭାବରେ ଆରମ୍ଭ କରିଛନ୍ତି। ଭୁବନେଶ୍ୱରର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ସୁବିଧାଗୁଡ଼ିକୁ ଉଦଘାଟନ କରି ଶ୍ରୀ ନଡ୍ଡା କହିଛନ୍ତି ଯେ 'ଏହା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ଅବସର, ଏମ୍ସ ଭୁବନେଶ୍ୱରର ଗୌରବମୟ ଦଶନ୍ଧିରୁ ଉର୍ଦ୍ଧ୍ୱ ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ। ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦ୍ରୁତ ଗତିରେ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନରେ ଉତ୍କର୍ଷ କେନ୍ଦ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିଛି। ଏହି ନୂତନ ବ୍ୟବସ୍ଥାଗୁଡ଼ିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବରେ ମଜବୁତ କରିବ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନର ଗୁଣବତ୍ତା ବୃଦ୍ଧି କରିବ, ଯାହା ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ରୋଗୀଙ୍କ ପାଇଁ ଉନ୍ନତ, ବିଶ୍ୱସ୍ତରୀୟ, ଜୀବନ ରକ୍ଷାକାରୀ ଚିକିତ୍ସା ସୁବିଧା ପ୍ରଦାନ କରିବ। 'ଏମ୍ସ ଭୁବନେଶ୍ୱର ଟିମକୁ ଅଭିନନ୍ଦନ ଜଣାଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ପ୍ରତିଷ୍ଠାନ ପୂର୍ବରୁ ସଫଳତାର ସହିତ ବୃକକ୍ ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ କରିଆସୁଥିବା ବେଳେ, ଲିଭର ଟ୍ରାନ୍ସପ୍ଲାଣ୍ଟ କାର୍ଯ୍ୟକ୍ରମର ଆରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ନୂତନ ଅଧ୍ୟାୟ ଏବଂ ଏହି ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ସେବାକୁ ସୁଦୃଢ଼ କରିବାରେ ଏକ ପ୍ରମୁଖ ମାଇଲଖୁଣ୍ଟ। ଅଙ୍ଗଦାନ ସହିତ ଜଡ଼ିତ ଜାତୀୟ ପ୍ରାଥମିକତା ଉପରେ ଆଲୋକପାତ କରି ଶ୍ରୀ ନଡ୍ଡା ନାଗରିକମାନଙ୍କୁ ସଚେତନ କରିବା ଏବଂ ଅଙ୍ଗଦାନକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ ଏହି ଜାତୀୟ ଆବେଦନ ପରେ ତୁରନ୍ତ ଯକୃତ ପ୍ରତିରୋପଣ ସୁବିଧାର ଶୁଭାରମ୍ଭ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଏବଂ ନିର୍ଦ୍ଦେଶନା ସହିତ ଏହାର ପ୍ରୟାସକୁ ସମନ୍ୱିତ କରିବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଏବଂ ଅଙ୍ଗଦାନର ମହାନ ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ପ୍ରତିନିଧିତ୍ୱ କରେ। ସର୍ଜିକାଲ୍ ରୋବୋଟିକ୍ ସିଷ୍ଟମ୍ ଆରମ୍ଭ ହେବା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ ଏମ୍ସ ଭୁବନେଶ୍ୱର ଓଡ଼ିଶାର ପ୍ରଥମ ସରକାରୀ ଚିକିତ୍ସା ପ୍ରତିଷ୍ଠାନ ହୋଇଛି ଯାହା ଏକ ବ୍ୟାପକ ରୋବୋଟିକ୍ ସର୍ଜରୀ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିଛି, ଯାହା ସାର୍ବଜନୀନ କ୍ଷେତ୍ରର ସ୍ୱାସ୍ଥ୍ୟସେବା ନବସୃଜନରେ ଏକ ଗୁରୁତ୍ୱପୂର୍ଣ୍ଣ ଲମ୍ଫ ସୃଷ୍ଟି କରିଛି। ଏମ୍ସ ଭୁବନେଶ୍ୱର ଅଧକ୍ଷା ଡ. ଅନୀତା ସକ୍ସେନା, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଙ୍କିତା ମିଶ୍ର ବୁନ୍ଦେଲା ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏପରି ଏକ ସ୍ମରଣୀୟ ମୁହୂର୍ତ୍ତ ଏବଂ ସଫଳତା ପାଇଁ ସମସ୍ତ ସମର୍ଥନ ପ୍ରଦାନ ସହିତ ଦୃଢ଼ ନେତୃତ୍ୱ ନିମନ୍ତେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ ପି ନଡ୍ଡାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏମ୍ସ ଭୁବନେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିନ୍ ଡ. ପି ଆର୍ ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଂଜନ ତ୍ରିପାଠୀ, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ଅଭିଜିତ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ନ୍ୟାୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ

ନୟାଗଡ଼,୨୩।୨/ଏନ୍ଏନ୍ଏସ୍: ନୟାଗଡ଼ ଜିଲା ଗଣିଆ ବ୍ଲକ ବେଲପଡା ପାଟଣା ପ୍ରାଥମିକ ସ୍କୁଲ ପଞ୍ଚମଶ୍ରେଣୀ ଛାତ୍ର ମୃତ୍ୟୁ ଘଟଣାର ନ୍ୟାୟ ଦାବିରେ ନୟାଗଡ଼ ବଜାରରେ ବିଶାଳ ରାଲି ସହିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ କାରୀମାନେ ବିକ୍ଷୋଭ କରିଥିଲେ। ଜିଲାପାଳ ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ ମଧ ଭିତରକୁ ପଶି ପାରିନଥିଲେ। ତେବେ ପ୍ରାୟ ଏକ ଘଣ୍ଟା ଧରି ଉତ୍ତେଜନା ଲାଗି ରହିଥିଲା। ପରେ ଅପରାହ୍ନ ୧ ଟାରୁ ପ୍ରତିବାଦ ସଭା ଜାରି ରହିଥିଲା। ଏହି ଆନ୍ଦୋଳନ ଫଳରେ ପ୍ରାୟ ୨ ଘଣ୍ଟା ଧରି ଜିଲାପାଳ ଅଫିସର ଉଭୟ ପାର୍ଶ୍ୱରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥରେ ଯାତାୟତ ଠପ୍ ହୋଇଥିଲା। ଅପରାହ୍ନ ୧୨ଟାରେ ନୟାଗଡ଼ ସହରରେ ଶୋଭାଯାତ୍ରା କରି ଜିଲାପାଳ, ସରକାର, ଦଶପଲା ବିଧାୟକ ଓ ଶିକ୍ଷା ବିଭାଗର ଅଧିକାରୀଙ୍କ ବିରୋଧରେ ନାରବାଜି କରି ଜିଲାପାଳ ଅଫିସ ଘେରାଉ କରିଥିଲେ। ଉଲ୍ଲେଖଯୋଗ୍ୟ ଗତ ୯ତାରିଖରେ ପଞ୍ଚମ ଶ୍ରେଣୀର ଛାତ୍ର ଭୋଲାନାଥ ନାୟକଙ୍କ ମୃତ୍ୟୁ ହୋଇଥିଲା। ମଧାହ୍ନ ଭୋଜନ ଖାଇବା ପରେ ଶୌଚ ହେବାକୁ କହି ନିଖୋଜ ହୋଇଯାଇଥିଲେ। ପର ଦିନ ସ୍କୁଲ ପାଖ ଏକ ପରିତ୍ୟକ୍ତି ଚୁଆରୁ ଛାତ୍ରଙ୍କ ମୃତଦେହ ମିଳିଥିଲା। ତେବେ ନ୍ୟାୟ ନମିଳିବା ଯୋଗୁଁ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା।

ଇଂରାଜୀ ମିଡିୟମ୍ ସ୍କୁଲ୍ର ସପ୍ତମ ବାର୍ଷିକୋତ୍ସବ

ପୁରୀ,୨୩।୨/ଏନ୍ଏନ୍ଏସ୍: ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ଦ୍ୱାରା ପରିଚାଳିତ 'ଲିଲି ଚାମ୍ପ ଇଂ ମିଡିୟମ ସ୍କୁଲ'ର ସପ୍ତମ ବାର୍ଷିକୋତ୍ସବ 'ଉଡ଼ାନ' ସ୍ଥାନୀୟ ପୌରସଦନ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟି ସଭାପତି ତଥା ନିଯୋଗର ସମ୍ପାଦକ ନାରାୟଣ ମହାସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉପ ଜିଲ୍ଲାପାଳ ରାଜକିଶୋର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣ ଚନ୍ଦ୍ର ସାମନ୍ତରାୟ ଏବଂ ମଧୁସୂଦନ ସିଂହାରୀ ଏବଂ ସୁଆର ମହାସୁଆର ନିଯୋଗର ସଭାପତି ପଦ୍ମନାଭ ମହାସୁଆର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ବିନୋଦିନୀ କହଁର ଏବଂ ଉପସଭାପତି ବହ୍ନି ରାମଚନ୍ଦ୍ର ପ୍ରତିହାରୀ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦିକା ତଥା ଅଧ୍ୟକ୍ଷ ରାଜଶ୍ରୀ କହଁର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ରବି ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ କୁ ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି

ସାକ୍ଷୀଗୋପାଳ,୨୩।୨/ଏନ୍ଏନ୍ଏସ୍: ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ସତ୍ୟବାଦୀ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୫୪ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ୪୪ଗୋଟି ବ୍ୟକ୍ତିଗତ, ୮ଗୋଟି ଗ୍ରାମ ସମ୍ବନ୍ଧୀୟ, ୧ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଓ ଗୋଟିଏ ରେଡକ୍ରସରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍କ୍ଷଣାତ ୪ ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା। ସେହିପରି ୪ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ଓ ହ୍ୱିଲ୍ ଚେୟାର ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଏସ୍ପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜକିଶୋର ଜେନା, ସିଡିଏମଓ ଡା. ଅକ୍ଷୟ କୁମାର ଶତପଥୀ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସତ୍ୟବାଦୀ ବିଡ଼ିଓ ଦେବାଶିଷ ନାୟକ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡା ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

କୋଣାର୍କ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ୧୫୧ କଳସ ଶୋଭାଯାତ୍ରା

କୋଣାର୍କ,୨୩।୨/ଏନ୍ଏନ୍ଏସ୍: ସୋମବାର ଠାରୁ ଗୁରୁବାର ୪ ଦିନ ଧରି କୋଣାର୍କ ରାଜାରାମ ମଠ ଜଗନ୍ନାଥ ମନ୍ଦିରର ନୂତନ ମନ୍ଦିର ପ୍ରତିଷ୍ଠା ସମାରୋହ ଓ କଳସ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅପରାହ୍ଣ ରେ ୧୫୧ଟି କଳସ ଚନ୍ଦ୍ରଭଗା ତୀର୍ଥ ପୁଷ୍କରିଣୀରୁ ରୀତିନୀତି ଅନୁଯାୟୀ ତୀର୍ଥ ଜଳ ନବ ବସ୍ତ୍ର ପରିଧାନ କରି ପଦଯାତ୍ରାରେ ଆସି ସନ୍ଧ୍ୟାରେରେ ମନ୍ଦିର ରେ କଳସ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା। ପରେ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ମନ୍ତ୍ର ପାଠ କରାଯାଇ ପୂଜାପାଠ ଆରମ୍ଭ ହୋଇଛି। ଏହି ଚାରି ଦିବସୀୟ ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ରେ କର୍ମ ଆରମ୍ଭ, ସ୍ନାନ ଓ ଶୟନ ନୀତି, ପ୍ରାଣ ପ୍ରତିଷ୍ଠା, ମନ୍ଦିର ପ୍ରବେଶ ଓ ନୂତନ ସିଂହାସନ ବିଜେ ନୀତି ଆଦି ଧାର୍ମିକ ନୀତି ପରମ୍ପରା ଅନୁଯାୟୀ କରାଯାଇ ଗୁରୁବାର ସମ୍ପର୍ଣ୍ଣ କରାଯିବ। ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ରେ କର୍ତ୍ତା ବିଜୟ କୁମାର ନାୟକ ଓ ବିଜୟଲକ୍ଷ୍ମୀ ପଟ୍ଟନାୟକ କାର୍ଯ୍ୟ ସଂପାଦନ କରୁଥିଲାବେଳେ ମୁଖ୍ୟ ପୂଜକ ବଳରାମ ଶତପଥୀ, ମୁଖ୍ୟ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ମିଶ୍ର ପ୍ରମୁଖ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଓ ହୋମଯଜ୍ଞ, ପୂଜା କାର୍ଯ୍ୟ ଆଦି ସଂପାଦନ କରିବେ। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ରାଜରାମ ଜଗନ୍ନାଥ ଟ୍ରଷ୍ଟ ବୋର୍ଡ ମୁଖ୍ୟ ଟ୍ରଷ୍ଟି ଅମରେଶ୍ୱର ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତାମାନଙ୍କ ସହଯୋଗରେ କାର୍ଯ୍ୟ ଆରମ୍ଭ ହୋଇଛି।

ନୟାଗଡ଼ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଅଧାରୁ ଅଧିକ ଡାକ୍ତର ପଦ ଖାଲି

ନୟାଗଡ଼,୨୩।୨/ଏନ୍ଏନ୍ଏସ୍: ନୟାଗଡ଼ ଜିଲାରେ ଅଧାରୁ ଅଧିକ ଡାକ୍ତର ପଦ ଖାଲିପଡ଼ିଛି। ଡାକ୍ତର ନଥିବା ଯୋଗୁଁ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଜିଲାରେ ୪୩୪ ଡାକ୍ତର ପଦ ଥିବାବେଳେ ମାତ୍ର ୧୯୭ ଡାକ୍ତର ଅଛନ୍ତି। ୪୭ ଡାକ୍ତର ପିଜି କରିବାକୁ ଯାଇଥିବାରୁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଛି। ଜିଲାର ଅଧିକାଂଶ ପିଏସିଓ ଓ ସିଏସିରେ ଡାକ୍ତର ନଥିବାରୁ ରୋଗୀ ଚିକିସାପାଇଁ ଭୁବନେଶ୍ୱର ଓ କଟକ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଜିଲାର ଅଧିକାଂଶ ଅଞ୍ଚଳ ପାହାଡ଼ିଆ ହୋଇଥିବାରୁ ପାନୀୟ ଜଳ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଏହା ସହ ଅପମିଶ୍ରିତ ଖାଦ୍ୟ ମଧ ରୋଗର କାରଣ ପାଲଟିଛି। ବିଭିନ୍ନ କାରଣକୁ ନେଇ ଜିଲାବାସୀ ବିଭିନ୍ନ ଦୁରାରୋଗରେ ଆକ୍ରାନ୍ତ ହେଉଛନ୍ତି। ଜିଲ୍ଲାବାସୀଙ୍କୁ ଚିକିସା ସହାୟତା ପାଇଁ ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୧୬୬ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଛି। ୪୩୪ ଡାକ୍ତର ପଦ ଥିବାବେଳେ ମାତ୍ର ୧୯୭ ଡାକ୍ତର କାର୍ଯ୍ୟରତ ଅଛନ୍ତି। ସେହିପରି ୪୦ଜଣ ଆୟୁଷ ଡାକ୍ତର ଥିବାବେଳେ ଅନୁମୋଦିତ ୯୯ ଫାର୍ମାସିଷ୍ଟ ପଦରେ ୩୯ କାର୍ଯ୍ୟରତ ଅଛନ୍ତି। ଫାର୍ମାସିଷ୍ଟ ପଦ ଖାଲି ପଡ଼ିଥିବାରୁ ଲୋକେ ଚିକିସା ସୁବିଧା ପାଇପାରୁନାହାନ୍ତି। ସେହିପରି ୨୯ ଏଲଟି ସ୍ଥାନରେ ୨୦ ଜଣ କାର୍ଯ୍ୟରତ ଥିବାବେଳେ ୧୩୬ ନର୍ସ ଅଫିସର୍ ପଦ ଖାଲିପଡ଼ିଛି। ୨୯୫ ସ୍ୱାସ୍ଥ୍ୟକର୍ମୀ ପଦରୁ ୧୦୪ଟି ଖାଲି ପଡ଼ିଥିବାରୁ ସମସ୍ୟା ରୋଗୀସେବାରେ ହେଉଛି। ଅନେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନଥିବାରୁ ଫାର୍ମାସିଷ୍ଟ ରୋଗୀସେବା କରୁଛନ୍ତି। ନୟାଗଡ଼

ମୁଖ୍ୟ ଡାକ୍ତରଖାନା ଉପରେ ପଡୋଶୀ ବୌଦ୍ଧ, ଫୁଲବାଣୀ, କଟକ, ପୁରୀ, ଗଞ୍ଜାମ ଜିଲାର ରୋଗୀ ନିର୍ଭର କରୁଛନ୍ତି। ସରକାରୀ ଡାକ୍ତରଖାନାରେ ମାଗଣାରେ ରୋଗୀ ସେବା ମିଳୁଥିବାରୁ ପ୍ରତ୍ୟେହ ଶତାଧିକ ରୋଗୀ ଡାକ୍ତରଖାନାକୁ ଆସୁଛନ୍ତି। ଡାକ୍ତର ଅଭାବ ଯୋଗୁଁ ସାମାନ୍ୟ ରୋଗରେ ରୋଗୀକୁ ଭୁବନେଶ୍ୱର ଓ କଟକ ରେଫର କରାଯାଉଛି। ବାଧ୍ୟହୋଇ ଲୋକେ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଆଦି ଡାକ୍ତରଖାନାକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଜିଲା ମୁଖ୍ୟ ଚିକିସାଳୟରେ ଡାଏଲିସସ୍ ମେସିନ୍ ଉପରେ ବହୁ ରୋଗୀ ନିର୍ଭର କରୁଛନ୍ତି। କିନ୍ତୁ ଅନ୍ୟାନ୍ୟ ମେସିନ୍ ନଥିବାରୁ ରୋଗୀ ବାହାରକୁ ଚିକିସା ପାଇ ଯାଉଛନ୍ତି ଓ ଦୀର୍ଘଦିନ ହେଲା ଆଇସିୟୁ ଏଠାରେ ଖୋଲା ଯାଇପାରୁନାହିଁ। ରୋଗୀଙ୍କ ସହ ସେମାନଙ୍କର ଆତ୍ମୀୟସ୍ୱଜନ ଡାକ୍ତରଖାନାକୁ ଆସୁଥିବା ବେଳେ ସେମାନଙ୍କର ଗାଡ଼ି ପାର୍କିଂ କରିବାକୁ ସ୍ଥାନାଭାବ ରହିଛି। ଏମିତିକି ରୋଗୀ ସହଯୋଗୀ ବିଶ୍ରାମ ନେବା ପାଇଁ ସୁବିଧା ନାହିଁ। ନିର୍ମାଣାଧୀନ ଅକ୍ସିଜେନ୍ ପ୍ଲାଣ୍ଟର କାର୍ଯ୍ୟ ଦୀର୍ଘଦିନ ହେଲା ଚାଲୁ ରହିଛି। ପୂର୍ବରୁ ଯେଉଁ ସଫେଇ । ଳ ଏଜେନ୍ସି କାମ ନେଇଥିଲା ତାହା ବଦଳି ଯିବାପରେ ତାହା ନୂଆ ଏଜେନ୍ସିକୁ ଦିଆଯାଇଛି। ଜିଲାରେ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଜିଲା ମୁଖ୍ୟ ଚିକିସାକାରୀ ପୁଷ୍ପାନୀଲିମା ଲାକ୍ରା କହନ୍ତି, ଡାକ୍ତର ପଦ ପୂରଣ ପାଇଁ ସରକାରଙ୍କୁ ଲେଖାଯାଇଛି। ଅକ୍ସିଜେନ୍ ପ୍ଲାଣ୍ଟର ସମସ୍ୟା ଖୁବ୍ଶୀଘ୍ର ଦୂର ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ମାର୍ଚ୍ଚ ସୁଧା ଅକ୍ସିଜେନ୍ ପ୍ଲାଣ୍ଟ ମେଡିକାଲକୁ ହସ୍ତାନ୍ତର କରାଯିବ।

ପୁରୀରେ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ପ୍ରସ୍ତୁତି

ପୁରୀ,୨୩।୨/ଏନ୍ଏନ୍ଏସ୍: ଶାସ୍ତ୍ରୀୟ ମର୍ଯ୍ୟାଦାର ସହ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଚଳିତ ମାସ ୨୮ ତାରିଖରେ ପୁରୀ ମହୋଦଧିରେ ଅନୁଷ୍ଠିତ ହେବ। ଏହାକୁ ଶାନ୍ତି, ଶୃଙ୍ଖଳାର ସହ ସମାପନ ସହିତ ଏକ ସମନ୍ୱୟ ବୈଠକ ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏହି ଆଧାତ୍ମିକ ସ୍ନାନ କାର୍ଯ୍ୟକ୍ରମକୁ ସମସ୍ତଙ୍କ ସହଯୋଗ ରେ ଶୃଙ୍ଖଳିତ ଓ ସୁଚାରୁ ରୂପେ ସମ୍ପର୍ଣ୍ଣ ପାଇଁ ଅନୁରୋଧ କରିଥିଲେ। ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ପାଳନ ପାଇଁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଛତିଶା ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ସହ ଏହି ଅଲଭ୍ୟ ସ୍ନାନ ରେ ସମସ୍ତେ ସାମିଲ ହେବା ଓ ଏହାକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଆୟୋଜନ ସମିତିର ସଂଯୋଜକ ଜୀତେନ୍ଦ୍ର ମହାପାତ୍ର କାର୍ଯ୍ୟସୂଚୀ ସମ୍ପର୍କରେ ବିଷଦ ସୂଚନା ଦେଇ ଚଳିତ ମାସ ୨୮ ତାରିଖରେ ଶ୍ରୀକ୍ଷେତ୍ର ମହୋଦଧିରେ କୁମ୍ଭ ରାଶିରେ ସୂର୍ଯ୍ୟ ଙ୍କ ର ଅବସ୍ଥାନ ସହ ଗୋବିନ୍ଦ ଦ୍ୱାଦଶୀ ପବିତ୍ର ସ୍ନାନ ଯୋଗ ରହୁଛି ବୋଲି କହିଥିଲେ। ୨୮ ତାରିଖ ପୂର୍ବାହ୍ନ ୮.୩୦ ମିନିଟ ରୁ ଏମାର ମଠ ଚକଡା ଠାରୁ ଏକ ଭବ୍ୟ ଶୋଭାଯାତ୍ରା ସ୍ୱର୍ଗଦ୍ୱାର ସମ୍ମୁଖ ଶ୍ରୀ ନାରାୟଣ ବିଜେଘାଟରେ ପହଞ୍ଚିବ। ସେଠାରେ ଦିବା ୧୦ଟା ୧୮ ମିନିଟରୁ ଦିବା ୧ ଘଟିକା ପର୍ଯ୍ୟନ୍ତ ଅମୃତ ବେଳା ସ୍ନାନ ସମୟରେ ସ୍ନାନ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଥିଲେ। ସିଂହ ଦ୍ୱାର ସମ୍ମୁଖରୁ ଯାତ୍ରା ଆରମ୍ଭ ସମୟରେ ବଡ଼ଛତା ମଠର ମହାବୀରଙ୍କ ସହିତ ସମସ୍ତ ମଠ ସମ୍ପ୍ରଦାୟର ସନ୍ଥ, ମହନ୍ତ ଓ ନିଶାଣଙ୍କ ସହିତ ଶୋଭାଯାତ୍ରାରେ ସାମିଲ ହେବେ ଓ ସ୍ନାନ ପୂର୍ବରୁ ବରୁଣ ଦେବତାଙ୍କ ଅଭିଷେକ ଓ ପୂଜାର୍ଚ୍ଚନା ସହିତ ନାମ କୀର୍ତ୍ତନ କରି ସ୍ନାନ କରାଯିବ। ଏହି କାର୍ଯ୍ୟକ୍ରମ ପାଇଁ ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଛନ୍ନତା, ପରିମଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଲାଇଫ ଗାର୍ଡ ମୁତୟନ, ଆମ୍ବୁଲାନ୍ସ ବ୍ୟବସ୍ଥା, ବ୍ୟାଟେରୀ ଗାଡି ବ୍ୟବସ୍ଥା, ସଂକୀର୍ତ୍ତନ ଦଳ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସଠିକ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ଦେବୀଶଙ୍କର ପ୍ରତାପ, ଅତିରିକ୍ତ ନିତୀ ପ୍ରଶାସକ ରଞ୍ଜନ କୁମାର ବେହେରା, ସିଟି ଡିଏସପି ରଶ୍ମିରଞ୍ଜନ ମହାପାତ୍ର, ଅନ୍ୟାନ୍ୟ ବିଭାଗର ଅଧିକାରୀ, ସୁଆର ମହାସୁଆର ନିଯୋଗ ସମ୍ପାଦକ ଗଣେଶ୍ୱର ମହାସୁଆର, ନାରାୟଣ ରାମାନୁଜ ଦାଶ, ଶ୍ରୀନିବାସ ଦାଶ, ନରେନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ଦାସ, ମନୋଜ ଦାସ, ଶେଖର ସାମନ୍ତରା, ଜୟନ୍ତ ମହାସୁଆର, ଶ୍ୟାମସୁନ୍ଦର ମହାପାତ୍ର ପ୍ରମାଣ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଭେଷଜ ମେଡିକାଲ୍ କଲେଜ ଦାବିରେ ଆଜି ନୟାଗଡ଼ ବନ୍ଦ

ନୟାଗଡ,୨୩।୨/ଏନ୍ଏନ୍ଏସ୍: ବାରମ୍ବାର ଦାବି ସତ୍ତ୍ୱେ ନୟାଗଡ଼ ଜିଲ୍ଲା ସଦର ମହକୁମାରେ ଭେଷଜ ମେଡିକାଲ କଲେଜ ଘୋଷଣା କରାଯାଉ ନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହାର ପ୍ରତିବାଦରେ ମଙ୍ଗଳବାର ନୟାଗଡ଼ ବଜାର ବନ୍ଦ ହେବା ନେଇ ସ୍ଥିର ହୋଇଛି। ଓଡିଶା ବଜେଟ ୨୦୨୬-୨୭ରେ ନୟାଗଡରେ ହୋମିଓପ୍ୟାଥିକ ମେଡିକାଲ କଲେଜ ପ୍ରତିଷ୍ଠା ହେବା ନେଇ ଘୋଷଣା ସମ୍ବନ୍ଧେ ଗତ ରବିବାର ଜୟ ନୟାଗଡ଼ ଫାଉଣ୍ଡେସନ ତରଫରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ଭବିଷ୍ୟତ ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ହୋମିଓପ୍ୟାଥିକ ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣା କରିବା ଭଲ କଥା, କିନ୍ତୁ ନୟାଗଡ଼ ସଦର ମହକୁମାରେ ଭେଷଜ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ଜୋରଦାର କରାଯାଇଛି। ୨୪ତାରିଖ ମଙ୍ଗଳବାର ସକାଳ ୬ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ନୟାଗଡ଼ ବଜାର ବନ୍ଦ ଡାକରା ଦିଆଯାଇଛି। ତତ୍ସହ ଅପରାହ୍ନ ୧ ଘଟିକା ସମୟରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମନାରେ ପ୍ରତିବାଦ ସଭା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯିବ। ବର୍ତ୍ତମାନ ସମୟରେ ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ଚାଲୁଥିବା ଯୋଗୁଁ କୌଣସି ପ୍ରକାରର ଯାନବାହନ ଚଳାଚଳ ବନ୍ଦ କରାନଯିବା ପାଇଁ ସଙ୍ଗଠନ ତରଫରୁ ପ୍ରତିଷ୍ଠାତା ଶେଖ ଅବଦୁଲ ଆହାଦ ଘୋଷଣା କରିଛନ୍ତି। ଆହୁତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ପ୍ରତିଷ୍ଠାତା ସମେତ ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ମନୋଜ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ବୈଦ୍ୟଭୂଷଣ ମହାପାତ୍ର, ସମାଜସେବୀ ଶ୍ରୀଧର ପ୍ରଧାନ, ସଂଗଠନର ସଂଯୋଜକ ଅମ୍ଳାନ ଅଂଶୁମାନ ସାହୁ, ଜୀବନ ଜ୍ୟୋତିପ୍ରକାଶ ରାଉତ, ଅରବିନ୍ଦ ପାଢ଼ୀ, ରାକେଶ କୁମାର ସିଠ, ଅବଦୁଲ ଆଜିମ ଖାନ, ଓଁ ପ୍ରକାଶ ବିଶ୍ୱାଳ, ଦୀପଙ୍କର ପ୍ରଧାନ, ଲୋକେଶ କୁମାର ବେହେରା ପ୍ରମୁଖ ଏହି ଦାବିକୁ ଅଧିକ ବ୍ୟାପକ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଟାଙ୍ଗୀ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପ ଉଦ୍ଘାଟିତ

ଟାଙ୍ଗୀ,୨୩।୨/ଏନ୍ଏନ୍ଏସ୍: ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କଟକ ଜିଲ୍ଲା ଗ୍ରସ୍ତ କରି ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି । ଟାଙ୍ଗୀ ବ୍ଲକ ବିଶ୍ୱନାହାକାଣୀ ପ୍ରାଇମେରୀ ସବଷ୍ଟେସନ ଓ ଚୌଦ୍ୱାର ମଙ୍ଗୁଳି ପ୍ରାଇମେରୀ ସବଷ୍ଟେସନର ଶୁଭ ଉଦଘାଟନ କରିଥିଲେ। ଅଞ୍ଚଳର ବିଦ୍ୟୁତ୍ ନେଟ୍ୱର୍କର ସୁଦୃଢ଼ୀକରଣ ସହ ଲୋଭୋଲ୍ଟେଜ ସମସ୍ୟା ଦୂର କରିବ ଏହି ପ୍ରାଇମେରୀ ସବ ଷ୍ଟେସନ। ପୂର୍ବରୁ ଯେଉଁ ସମସ୍ୟା ଥିଲା ପବନ, ବର୍ଷା ହେଲେ ଦିନେ ଦୁଇ ଦିନ ଅନ୍ଧାରରେ ରହିବାକୁ ପଡୁଥିଲା। ଫଳରେ ହଜାର ହଜାର ବିଦ୍ୟୁତ୍ ଉପଭୋକ୍ତା ହନ୍ତ ସନ୍ତ ହେଉଥିଲେ। ଯାହା ଅଞ୍ଚଳ ବଡ ସମସ୍ୟା ଦୂର ହୋଇପାରିଥିବା ବେଳେ ଶହ ଶହ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହୋଇପାରିବେ ବୋଲି ଉପମୁଖ୍ୟ ମନ୍ତ୍ରୀ ବକ୍ତବ୍ୟ ରଖିଥିଲେ। ଏଥି ସହିତ ଟାଙ୍ଗୀ କହ୍ନେଇପୁର ପଞ୍ଚାୟତରେ ଥିବା ପ୍ରମୋଦ ଉଦ୍ୟାନର ବିକାଶ ଦିଗରେ ସରକାରଙ୍କ ପକ୍ଷରୁ ପଦକ୍ଷେପ ନେବାକୁ ପ୍ରୟାସ କରାଯିବ ପ୍ରତିଶ୍ରୁତି ଦେଇଥିଲେ। ଏହି ବିକାଶ ମୂଳକ କାର୍ଯ୍ୟରେ ଦଳମତ ନିର୍ବିଶେଷରେ ଏକାଠି ହୋଇ କାମ କରିବା ସହିତ ଅଞ୍ଚଳର ବିକାଶ ଦିଗରେ ସହାୟକ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି ହେମନ୍ତ କୁମାର ଚୌଧୁରୀ ଅଶିତ୍ କୁମାର ପ୍ରଧାନ, ପ୍ରଦୀପ୍ତ ପଣ୍ଡା. ସତ୍ୟବ୍ରତ ସାହୁ, ଅମରେଶ ସାହୁ, ଶୁଭମ୍ ଶେଖର ସାହୁ, ପ୍ରଦିପ୍ତ ଚୌଧୁରୀ, ପ୍ରଦୀପ କୁମାର ସାହୁ, ସତ୍ୟବାଦୀ ଚଇନୀ, ରମେଶ ଚନ୍ଦ୍ର ରାଉତ, ଚିନ୍ମୟ ଷଡଙ୍ଗୀ, ହୃଷିକେଶ ସାହୁ, ଲକ୍ଷଣ ସାହୁ, ପ୍ରମୋଦ କୁମାର ଯଟ, ସୁବ୍ରତ ତ୍ରିପାଠୀ ସହଯୋଗ ଉପସ୍ଥିତ ମନ୍ତ୍ରୀଙ୍କୁ ଏକ ବିଶାଳ ବାଇକ ଶୋଭା ଯାତ୍ରା କରି ବିଭିନ୍ନ ସ୍ଥାନକୁ ପାଛୋଟି ନେଇଥିଲେ।

ଦିନରାତି ଜଳୁଛି ଷ୍ଟ୍ରିଟ୍ଲାଇଟ୍

କଣ୍ଟିଲୋ,୨୩।୨/ଏନ୍ଏନ୍ଏସ୍: ପ୍ରତି ବର୍ଷ ରାଜ୍ୟ ସରକାର ରାଜ୍ୟରେ ଆଦୌ ବିଦ୍ୟୁତ୍ କାଟ୍ ହେବ ନାହିଁ ବୋଲି ଘୋଷଣା କରୁଥିଲେ ହେଁ, ଖରା, ବର୍ଷା ଓ ଶୀତ ଏହି ତିନି ଋତୁରେ ବିଦ୍ୟୁତ୍ ବିଭାଗ ଦ୍ୱାରା ଅଧିକାଂଶ ସମୟରେ ଅଘୋଷିତ ବିଦ୍ୟୁତ୍ କାଟ ହେଉ ଥିବାର ବହୁ ନଜିର ଅଛି। ବିଦ୍ୟୁତ୍ ବିଭାଗ ଅଧିକାରୀ ମାନେ ବିଦ୍ୟୁତ୍ ସଞ୍ଚୟ ପାଇଁ ବିଦ୍ୟୁତ୍ କାଟ କରୁଥିଲେ ହେଁ, ଏପଟେ ଦିନରାତି ୨୪ଘଣ୍ଟା ଷ୍ଟ୍ରିଟ ଲାଇଟ୍ ଜଳୁଥିବା ଓ ନିଜ ନିଜର କାର୍ଯ୍ୟାଳୟରେ ଲାଇଟ୍ ନ ଲିଭାଇବା ଓ ପଙ୍ଖା ଅନବରତ ବୁଲାଇ ବିଦ୍ୟୁତ୍ ଅପଚୟ କରୁଥିବାର ସ୍ପଷ୍ଟ ପ୍ରମାଣ ମିଳୁଛି। ଚଳିତବର୍ଷ ଫେବୃଆରୀ ମାସ ଅଧାରୁ ଜୋର୍ଦାର୍ ଗରମ ଅନୁଭବ ହେଉଥିବା ଦେଖା ଗଲାଣି। ଆସୁଥିବା ଗ୍ରୀଷ୍ମ ଋତୁ ୪ ମାସରେ ଭୀଷଣ ଭାବେ ରୌଦ୍ର ତାପ ଯୋଗୁ ସନ୍ ଷ୍ଟ୍ରୋକ ନିଶ୍ଚିତ ଭାବେ ହେବାର ବହୁ ସମ୍ଭାବନା ବୋଲି ପୂର୍ବାଭାସ ସର୍ଭେ ରିପୋର୍ଟରୁ ଜଣାପଡିଛି। ଆଜି ଦିନ ଠାରୁ ବିଦ୍ୟୁତ୍ ଅପଚୟ ନକରି ସଞ୍ଚୟ କରିବା ନିହାତି ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି। କିନ୍ତୁ ଏ ଅଞ୍ଚଳର ଅଧିବାସୀମାନଙ୍କର ଦୁର୍ଭାଗ୍ୟ ଯେ, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସରକାରଙ୍କଠାରୁ ମାସକୁ ମାସ ଦରମା ଗ୍ରହଣ କରି ନିଜ ନିଜର କର୍ତ୍ତବ୍ୟକୁ ଭୁଲିଯାଇ ଅଚିନ୍ତା ନିଘୋଡ଼ ନିଦରେ ଶୋଇ ଯାଇଛନ୍ତି। ଯାହାଫଳରେ ଷ୍ଟ୍ରିଟ ଲାଇଟ୍ ୨୪ଘଣ୍ଟା ଜଳିକି ରହୁଛି। ତେଣୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଆଉ ନିଘୋଡ଼ ନିଦରେ ନ ଶୋଇ ନିଜର କର୍ତ୍ତବ୍ୟ ସଠିକ୍ ଭାବେ ସମ୍ପନ୍ନକରି ବିଦ୍ୟୁତ୍ ଅପଚୟ ନକରିବା ପାଇଁ ବିଦ୍ୟୁତ୍ ବିଭାଗ ଅଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ଏ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

ଠାକୁରାଣୀଙ୍କ ପୀଠରେ ଭକ୍ତି ଗୀତି କବିତା ଆସର

ଡେଲାଙ୍ଗ,୨୩।୨/ଏନ୍ଏନ୍ଏସ୍: ଷୋଡ଼ଶ ଶତାବ୍ଦୀରେ ମହାନଦୀର ପ୍ରବଳ ବନ୍ୟା ସମୟରେ ବାଙ୍କୀରୁ ପଥର ଡଙ୍ଗାରେ ଆସି ପୁରୀ ଜିଲ୍ଲାରେ ପ୍ରବାହିତ ଦୟାନଦୀର ଧାର ଲୁଣା ନଦୀ ତୀରବର୍ତ୍ତୀ ଡେଲାଙ୍ଗ ବ୍ଲକର ଡାକପଡା ଗ୍ରାମରେ ଆବିର୍ଭୁତା ହୋଇଥିବା ମା' ବାଙ୍କୀ ଠାକୁରାଣୀ ମଣ୍ଡପରେ ମାତୃଶକ୍ତିର ପରାକାଷ୍ଠା ଆଧାରିତ ସ୍ୱରଚିତ ଭକ୍ତି ଗୀତି କବିତା ଆସର ରବିବାର ସମ୍ପନ୍ନ ହୋଇଛି।

ଡେଲାଙ୍ଗ ପ୍ରେସ କ୍ଲବ ଓ ଡେଲାଙ୍ଗ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସାରସ୍ୱତ ଆସରରେ ସାହିତ୍ୟ ସଂସଦ ସଭାପତି ଆଧାତ୍ମିକ ପ୍ରବଚକ ଶରତ କୁମାର ରାଉତ ଅଧ୍ୟକ୍ଷତା କରିଥିବା ବେଳେ ଡେଲାଙ୍ଗ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ଅଶୋକ କୁମାର ମହାନ୍ତି, ଭୁବନେଶ୍ୱରର ବିଶିଷ୍ଟ ଗୀତି କବି ବିପିନ ମହାନ୍ତି, ବିଶିଷ୍ଟ ନାଟ୍ୟକାର, କବି ବିଭୁତି ଭୂଷଣ ପଟନାୟକ, ମା' ବାଙ୍କୀ ଠାକୁରାଣୀଙ୍କ ପୌରାଣିକ ଆଖ୍ୟାନ ଓ ରହିଥିବା କିମ୍ବଦନ୍ତୀ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ ।ପ୍ରେସ କ୍ଲବ ସମ୍ପାଦକ ଦିଲ୍ଲୀପ କୁମାର ଧାଉଡିଆ ଅତିଥି ଓ ଆମନ୍ତ୍ରିତ ସାରସ୍ୱତ ସାଧକ, ସାଧିକାଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରେସ

କ୍ଲବ ସଭାପତି ବର୍ଷୀୟାନ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ କାର୍ଯ୍ୟକ୍ରମର ସୁଦୂରପ୍ରସାରୀ ଲକ୍ଷ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେବା ସହ ସନ୍ନିକଟ ସାନ ଆଙ୍କୁଲା ଗ୍ରାମର ଅବସରପ୍ରାପ୍ତ ନାବାର୍ଡ ଉପ ମହାପ୍ରବନ୍ଧକ ଜିତେନ୍ଦ୍ରିୟ ପଟନାୟକ କାର୍ଯ୍ୟକ୍ରମର ଅଭିପ୍ରେରଣା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଡେଲାଙ୍ଗ ବ୍ଲକର ପ୍ରାକ୍ତନ ଉପାଧ୍ୟକ୍ଷ ଲଛମନ ଦଳେଇ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସ୍ୱନାମଧନ୍ୟ ବ୍ୟଙ୍ଗକବି ଶରତଚନ୍ଦ୍ର ମହାପାତ୍ରଙ୍କ ମଞ୍ଚ ସଂଯୋଜନାରେ ଅନୁଷ୍ଠିତ ଏହି ଭକ୍ତି ଗୀତି କବିତା ଆସରକୁ ସାହିତ୍ୟ ସଂସଦ ସମ୍ପାଦିକା ତଥା କବୟିତ୍ରୀ ଜ୍ୟୋତ୍ସ୍ନାମୟୀ ସ୍ୱାଇଁ ଓ ପ୍ରଧାନଶିକ୍ଷକ ତଥା ବିଶିଷ୍ଟ କବି ଅଜୟ କୁମାର ବଳିଆରସିଂହ ସଂଯୋଜନା କରିଥିଲେ। କବି ପ୍ରକାଶ କୁମାର ମିଶ୍ର, ପ୍ରଭାତ କୁମାର ସେଠି, ଅଧିକାରୀ ସ୍ୱାଇଁ, ସାଇ ସାହିତ୍ୟ ସଂସ୍ଥାନ ସଭାପତି ତଥା କବି ସୁଦର୍ଶନ ପ୍ରଧାନ, ରୋହିତ କୁମାର ଚମ୍ପତି, ପ୍ରସନ୍ନ ତ୍ରିପାଠୀ, ହରିହର ବଳବନ୍ତରାୟ, ଗଣେଶ ଗୁମାନସିଂହ, ଅଶୋକ କୁମାର ବେହେରା, ନିରଞ୍ଜନ ସାମନ୍ତରାୟ, ଅଭୟ ଚରଣ ସାହୁ, କବୟିତ୍ରୀ ମଲ୍ଲୀକା ସିଂହ, ନର୍ମଦା ଦୋରା, ଉର୍ବଶିନୀ ନାୟକ, ରଞ୍ଜନା ଦେଈ, ସରୋଜିନୀ ଜେନା, ଶିଶୁ ସାହିତ୍ୟ ସଂସଦ ସମ୍ପାଦିକା ତଥା କବୟିତ୍ରୀ ଲକ୍ଷ୍ମୀପ୍ରିୟା ଦାଶ ପ୍ରମୁଖ ତିରିଶରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସୁଲଳିତ ସ୍ୱରରେ ସ୍ୱରଚିତ ଭକ୍ତି ଗୀତିକବିତା ଆବୃତ୍ତି କରିଥିଲେ। ପୀଠ ଉନ୍ନୟନ କମିଟିର ଅମିନ ରାଉତ, ଦୀନବନ୍ଧୁ ଖଟେଇ, ସାମ୍ବାଦିକ ଗଗନ ଖଟେଇ, ସିଦ୍ଧାର୍ଥ ବଳବନ୍ତରାୟ ପ୍ରମୁଖ ଗୀତିକବିତା ଆସର ଆୟୋଜନରେ ପ୍ରମୁଖ ସହଯୋଗ ଦେଇଥିଲେ। ପ୍ରାରମ୍ଭରେ ବ୍ୟଙ୍ଗ କବି ଗମାତିଆ ଶରତ ମହାପାତ୍ରଙ୍କ ପକ୍ଷରୁ ବର୍ଷୀୟାନ ସାମ୍ବାଦିକ ତଥା କବି ପ୍ରସନ୍ନ ତ୍ରିପାଠୀଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲା ବେଳେ ଆୟୋଜକ ସଂଗଠନ ପକ୍ଷରୁ ସମସ୍ତ କବି, କବୟିତ୍ରୀ, ସହଯୋଗୀଙ୍କୁ କୃତଜ୍ଞତା ପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆବୃତ୍ତି ହୋଇଥିବା ସମସ୍ତ କବିତାକୁ ଏକ ପୁସ୍ତକରେ ପ୍ରକାଶ କରାଯିବା ସହ ଆଗାମୀ ୧୨ବର୍ଷ ପର୍ଯ୍ୟନ୍ତ ମା'ଙ୍କ ପୀଠରେ ଏପରି ଗୀତି କବିତା ଆସର ଆୟୋଜନ କରିବା ପାଇଁ ସଭାରେ ମତପ୍ରକାଶ ପାଇଥିଲା।

ନିତିଦିନ NITIDIN

ଚାଲିଛି ବେଆଇନ୍ ଇଟାଭାଟି, ପ୍ରଶାସନ ନୀରବ

କୁଆଁପାଳ,୨୩।୨/ଏନ୍ଏନ୍ଏସ୍: ରାଜ୍ୟରେ ଜଳବାୟୁ ଦୂଷିତ ହେଉଥିଲା ବେଳେ ଏପରିକି ବହୁ ସହରର ବାୟୁମଣ୍ଡଳ ଦୂଷିତ ହେବାରେ ଲାଗିଛି। ଏଥିପାଇଁ ରାଜ୍ୟ ସରକାର ପ୍ରତ୍ୟେକ ଗାଡିର ପ୍ରଦୂଷଣ ଯାଞ୍ଚ କରିବା ସହିତ ଜରିମାନା ଆଦାୟ କରୁଛନ୍ତି। ହେଲେ ଇଟାଭାଟିର ଧୂଆଁ କ'ଣ ପ୍ରଦୂଷଣମୁକ୍ତ ? ମାହାଙ୍ଗା ବ୍ଲକର ବିଭିନ୍ନ ପଞ୍ଚାୟତରେ ଶହ ଶହ ଇଟାଭାଟି ପୋଡା ଚାଲିଛି। ଏପରିକି ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ପଞ୍ଚାୟତର ପୁରୁଷୋତ୍ତମପୁର ଅଞ୍ଚଳରେ କେନ୍ଦ୍ରାପଡ଼ା ଅଞ୍ଚଳର ଲୋକ ବେଆଇନ ଭାବେ ଇଟା ପୋଡି ବ୍ୟବସାୟ କରୁଥିବା ଅଭିଯୋଗ ହେଉଛି। ମାହାଙ୍ଗାର ଦ୍ୱୀପାଞ୍ଚଳରେ ଇଟାଭାଟି ପୋଡ଼ିବା କୁଟୀରଶିଳ୍ପରେ ପରିଣତ ହୋଇଛି। ଧାନ କଟାଯିବା ପରଠାରୁ ଲକ୍ଷ ଲକ୍ଷ ଇଟା ପକାଯାଇ ପୋଡ଼ା ଚାଲିଛି। ପ୍ରଶାସନ କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଇଟାଭାଟି ଧୂଆଁରେ ପ୍ରତିଦିନ ବାୟୁମଣ୍ଡଳ ପ୍ରଦୂଷଣ ହେଉଛି। ଏଥିପ୍ରତି ପ୍ରଶାସନର ଚିନ୍ତା ନାହିଁ। ବେଆଇନ ଇଟା ପୋଡି ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କେବେ ହେବ କାର୍ଯ୍ୟାନୁଷ୍ଠାନ। ସେନେଇ ମାହାଙ୍ଗା ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଏବେଠୁ ଆଶଙ୍କା ପ୍ରକାଶ ପାଇଲାଣି। ପୂର୍ବ ସରକାର ଅମଳରେ ଯେଉଁଭଳି ଭାବରେ ମାହାଙ୍ଗାରେ ଇଟା ବ୍ୟବସାୟ ଚାଲିଥିଲା ବର୍ତ୍ତମାନ ବିଜେପି ସରକାର ଅମଳରେ ସେହିଭଳି ଇଟା ବ୍ୟବସାୟ ଚାଲିଛି ବୋଲି ଅଭିଯୋଗ ହେଉଛି। ସରକାର ବଦଳିଛି ହେଲେ ବ୍ୟବସ୍ଥା ବଦଳିନାହିଁ। କେବେ ସରକାର ବେଆଇନ ଇଟା ପୋଡୁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବେ କି ନାହିଁ ସେ ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

ଶ୍ରୀ ରାଧାକାନ୍ତଜିଉ ମହୋତ୍ସବ ଉଦ୍‌ଘାଟିତ

ସାଲେପୁର,୨୩।୨/ଏନ୍ଏନ୍ଏସ୍: ସାଲେପୁର ବ୍ଲକ୍ ଅନ୍ତର୍ଗତ ତେନ୍ତୋଳ ପଞ୍ଚାୟତ ସ୍ଥିତ ପାଟପୁର ଠାରେ ଅବସ୍ଥିତ ଶ୍ରୀ ଶ୍ରୀ ରାଧାକାନ୍ତ ଜିଉ (ବିଷ୍ଣୁପାଦ ପୀଠ) ମନ୍ଦିର ପରିସରରେ ତ୍ରିଦିବସୀୟ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତ ଜୀଉ ମହୋତ୍ସବ ଉଦଘାଟିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ତଥା ଚଳଚ୍ଚିତ୍ର ପ୍ରଯୋଜକ ଦିଲ୍ଲୀପ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଫେବୃଆରୀ ୨୩ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ମହାଯଜ୍ଞ, ପୂଜାର୍ଚ୍ଚନା ଓ ପ୍ରଥମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣ ବିଧିବିଧାନରେ ବେଦଜ୍ଞ ପଣ୍ଡିତ ମାନଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସହିତ ଦେବାଦେବୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସିଦ୍ଧାର୍ଥ ଟିଭିର ମେଗା ଧାରାବାହିକ ମାୟା ଓ ମମତାର ସମସ୍ତ କଳାକାର ବୃନ୍ଦଙ୍କ ସହିତ ହାସ୍ୟ ଅଭିନେତା ଗୁଡୁ, ଯାତ୍ରା ଅଭିନେତ୍ରୀ ରାଣୀ ପଣ୍ଡା, ଫିଟ୍ ଆଣ୍ଡ ଫାୟାର ଡ୍ୟାନ୍ସ ଗ୍ରୁପ, ପଟ୍ଟାମୁଣ୍ଡାଇ, ମଧୁସୂଦନ କଳା ନିକେତନ ଡ୍ୟାନ୍ସ ଗ୍ରୁପ ସହିତ ରାଜ୍ୟର ସୁନାମ ଧନ୍ୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରାଦ୍ଧାଳୁ ମାନେ ଯୋଗଦେଇ ପ୍ରଭୁଙ୍କ ବିଜୁ କୃପା ଲାଭ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁବାଷ ଚନ୍ଦ୍ର ଦାଶ, ଜୟନ୍ତ ଦାଶ, ହିମାଂଶୁ ଦାଶ, ଜଗମୋହନ ଦାଶ, ଶରତ ପ୍ରଧାନ, ମଦନମୋହନ ଦାଶ, ହେମନ୍ତ କୁମାର ନନ୍ଦ, ବିଶ୍ୱରଞ୍ଜନ ସାହୁ, ବାବରୁବାହାନ ପ୍ରଧାନ, ଗୋପବନ୍ଧୁ ମହାନ୍ତି, ଦୁର୍ଯ୍ୟୋଧନ ବେହେରା, ସଂଜିତ ଦାଶ, ଚଗଲା ଭୋଇ, ଅଲେଖ ସାମଲଙ୍କ ସମେତ ପରିଚାଳନା ସମିତି କର୍ମକର୍ତ୍ତା ଓ ଗ୍ରାମବାସୀମାନେ ସହଯୋଗ କରିଥିଲେ।

୧୯୭୯ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ଅସ୍ତରଙ୍ଗ,୨୩।୨/ଏନ୍ଏନ୍ଏସ୍: କାକଟପୁର ବ୍ଲକ ବାଜପୁର ଭଗବତୀ ବିଦ୍ୟାପୀଠ ୧୯୭୯ ମାଟ୍ରିକ ବ୍ୟାଚ୍‌ର ଚତୁର୍ଥ ବାର୍ଷିକ ବନ୍ଧୁ ମିଳନ ଉତ୍ସବ ସ୍ଥାନୀୟ ରାମଚଣ୍ଡୀଙ୍କ ପୀଠରେ ରମେଶ ଚନ୍ଦ୍ର ସାହୁ ଶ୍ୟାମରାୟ ପାଟଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପରିବାର ଜନଙ୍କ ସହ ୩୫ଜଣ ସମ୍ମିଳିତ ହୋଇଥିଲେ। ସର୍ବପ୍ରଥମେ ପ୍ରଫୁଲ ମହାରାଜାଙ୍କ ଦ୍ୱାରା ଲିଖିତ ସ୍ୱାଗତମ ବନ୍ଦନା ଗାନ କରାଯାଇଥିଲା ଓ ପରେ ଇହଲୀଳା ସମ୍ବରଣ କରିଥିବା ବନ୍ଧୁମାନଙ୍କ ସମ୍ମାନରେ ନିରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ସଦସ୍ୟ ମାନଙ୍କୁ ସଂଗ୍ରାମ ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ଅଭିନନ୍ଦନ ଜଣାଇଥିଲେ ଓ ସମସ୍ତ ବନ୍ଧୁମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ସ୍ୱାଗତ ବନ୍ଦନା ପରେ ଉପସ୍ଥିତ ବନ୍ଧୁମାନେ ବ୍ୟକ୍ତିଗତ ଜୀବନଯାତ୍ରାର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ ଏବଂ ସାଥିରେ ଆସିଥିବା ପରିବାର ର ଅନ୍ୟ ସଦସ୍ୟଙ୍କୁ ପରିଚୟ କରାଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଚନ୍ଦ୍ରଶେଖର ଦେବ ବ୍ରାହ୍ମଣ ସମିତି ଗଠିତ

ଚିଲିକା,୨୩।୨/ଏନ୍ଏନ୍ଏସ୍: ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାରୁଣୀ ଅଞ୍ଚଳର ବିଭିନ୍ନ ବ୍ରାହ୍ମଣ ଶାସନକୁ ନେଇ ଚନ୍ଦ୍ରଶେଖର ଦେବ ବ୍ରାହ୍ମଣ ସମିତି ଗଠିତ

ହୋଇଯାଇଛି। ଏହି ଉଦ୍ଦେଶ୍ୟରେ ସ୍ଥାନୀୟ ଜ୍ଞାନଦେଈପୁରସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତି କ୍ରମେ ଅଶ୍ୱିନୀ କୁମାର ମହାପାତ୍ର ସଭାପତି, ପ୍ରଭାକର ଦାଶ ଉପ ସଭାପତି, ହରିବନ୍ଧୁ ମିଶ୍ର ସମ୍ପାଦକ, ଅକ୍ଷୟ କୁମାର ତ୍ରିପାଠୀ ସହ ସମ୍ପାଦକ, ପ୍ରଦୋଷ କୁମାର ଷଡ଼ଙ୍ଗୀ କୋଷାଧ୍ୟକ୍ଷ, ଫକୀର ମୋହନ ନନ୍ଦ ଉପଦେଷ୍ଟା, ସର୍ବଶ୍ରୀ ନିର୍ମଳ କୁମାର ମହାପାତ୍ର, ଶରତ କୁମାର ବ୍ରହ୍ମା, ପୀତାମ୍ବର ଶତପଥୀ ଓ ଦିଲ୍ଲୀପ କୁମାର ଦାଶ ପ୍ରମୁଖ ସଭ୍ୟମାନଙ୍କୁ ନେଇ ଏକ ପନ୍ଦର ଜଣିଆ ପରିଚାଳନା କମିଟି ଗଠନ କରାଯାଇଥିଲା। ବୈଠକରେ ଶତାଧିକ ସଭ୍ୟ ଯୋଗଦେଇ ମତ ରଖିଥିଲେ।

ଏନ୍‌ରିଚ୍ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ

ପିପିଲି,୨୩।୨/ଏନ୍ଏନ୍ଏସ୍: ମଙ୍ଗଳପୁରସ୍ଥିତ ଏନ୍‌ରିଚ୍ ପବ୍ଲିକ ସ୍କୁଲ୍‌ର ପ୍ରଥମ ବାର୍ଷିକ ଉତ୍ସବ ବ୍ଲୁମ୍ ଫେଷ୍ଟ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ସୂର୍ଯ୍ୟକାନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ

ଅବସରପ୍ରାପ୍ତ ଆଇ ଏଏସ ଦାଶରଥି ଶତପଥୀ ଯୋଗଦେଇ ଥିବାବେଳେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ କୃଷ୍ଣଚନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶରତ ଚଉଁରୀ, ଶିକ୍ଷାବିତ ରଶ୍ମିରଂଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇ କୋମଳମତି ପିଲାମାନଙ୍କୁ ଜୀବନରେ ବଡ଼ ମଣିଷ ହେବା ସହ ଜଣେ ଜଣେ ଭଲ ମଣିଷ ହୋଇ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଅଞ୍ଚଳର ୨୦ଜଣ ବୁଦ୍ଧିଜୀବୀ, ସଫଳ ବ୍ୟବସାୟୀ, ସମାଜସେବୀଙ୍କ ସହ ସାମ୍ବାଦିକ ରଜତ ରଞ୍ଜନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଅସିତ କୁମାର ସାହୁ ଧନ୍ୟବାଦ ଦେଇଥିବା ବେଳେ ଶିକ୍ଷକ ଅବଦୁଲ କାଦିର କୁରେସୀ ଏବଂ ସୁଶ୍ରୀ ସଂଗୀତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

ଅନ୍ତର୍ଜାତୀୟ ମାତୃଭାଷା ଦିବସ

ବାଲୁଗାଁ,୨୩।୨/ଏନ୍ଏନ୍ଏସ୍: ବାଣପୁର ବ୍ଲକ ଅନ୍ତର୍ଗତ ଦୀନବନ୍ଧୁପୁର କ୍ଲଷ୍ଟର ଅଧୀନ କନ୍ହେଇପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୭ତମ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଟିକିନା ଭାରି ମଲ୍ଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭିକାରୀ ଚରଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଦୀନବନ୍ଧୁପୁର କ୍ଲଷ୍ଟରର ସିଆରସିସି ପ୍ରେମଚାନ୍ଦ ସାହୁ, ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଶ୍ୱ

ମାତୃଭାଷା ଦିବସ ପାଳନର ତାତ୍ପର୍ଯ୍ୟ ସହିତ ଆମର ମାତୃଭାଷା ଓଡ଼ିଆ ଆମର ଆତ୍ମା ବୋଲି ବର୍ଣ୍ଣନା କରିବା ସହ ଏହାର ସୁପ୍ରୟୋଗ ଓ ସମୃଦ୍ଧି ପାଇଁ ଅଙ୍ଗୀକାରବଦ୍ଧ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ପ୍ରବନ୍ଧ, ଚିତ୍ରାଙ୍କନ, ସଙ୍ଗୀତ ଆଦି ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା କମିଟି ସଦ୍ୟସ ଓ ସଦସ୍ୟା, ମାତୃକମିଟିର ସଦସ୍ୟା ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ସୁନିତା ମହାପାତ୍ର, ଦୁର୍ଗା ପ୍ରସାଦ ମହାପାତ୍ର, ଅଶୋକ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ। ଶିକ୍ଷକ ଆଲୋକ କୁମାର ବରାଳ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

ଟ୍ରାଫିକ୍ ସମସ୍ୟା ଦୂର ପାଇଁ ଡେଲି ମାର୍କେଟ ସ୍ଥାନାନ୍ତର ଦାବି

କଣ୍ଟିଲୋ,୨୩।୨/ଏନ୍ଏନ୍ଏସ୍: ରାଜଧାନୀ ଠାରୁ ଖୋର୍ଦ୍ଧା ଜିଲ୍ଲା ବାଘମାରି, କଳାପଥର, କଣ୍ଟିଲୋ, ଗଣିଆ ସ୍ଥାନ ଦେଇ ଦଶପଲ୍ଲା ରେ ସଂଯୋଗ ହୋଇଥିବା ୪୮ ନଂ ରାଜ୍ୟ ରାଜପଥ ଉପରେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ଭାବେ ପରିଚିତ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ କ୍ଷେତ୍ରର ମୁଖ୍ୟ ବଜାର ଅବସ୍ଥିତ। କଣ୍ଟିଲୋ ଏକ ଜନ ବହୁଳ ଏକକ ଗ୍ରାମ ପଞ୍ଚାୟତ ତଥା ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଓ ଏକ ବ୍ୟବସାୟିକ ପେଣ୍ଠ ସ୍ଥଳୀ। ଏଠାରେ ଡେଲି ମାର୍କେଟ ବସିବା ପାଇଁ ସେମିତି ସ୍ୱତନ୍ତ୍ର ସ୍ଥାନ ନଥିବାରୁ, ବ୍ୟବସାୟୀମାନେ ବାଧ ହୋଇ ନିଜ ନିଜର ବ୍ୟବସାୟିକ ଦୋକାନ ବଜାର ଏହି ୪୮ନଂ

ରାଜ୍ୟ ରାଜପଥକୁ ଅବରୋଧ କରି ଖୋଲୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ସର୍ବ ସାଧାରଣଙ୍କ ଯାତାୟାତ ପାଇଁ ଘୋର ଅସୁବିଧା ହେଉଥିବା ଅଭିଯୋଗ ହେଉଛି। ଏହି ଡେଲି ମାର୍କେଟକୁ ଚନ୍ଦନ ପୋଖରୀର ପଶ୍ଚିମ ପାର୍ଶ୍ୱ ପଡିଆରେ ବସାଇବା ପାଇଁ କଣ୍ଟିଲୋର ବୁଦ୍ଧିଜୀବୀ ବାରମ୍ବାର ଦାବି କରିଥିଲେ ହେଁ, ପ୍ରଶାସନିକ ଅଧିକାରୀ ଓ ଆରକ୍ଷୀ ବିଭାଗ ଅଧିକାରୀମାନଙ୍କ ନିରବତା ଯୋଗୁ ଟ୍ରାଫିକ ସମସ୍ୟା ବହୁ ପରିମାଣରେ ବୃଦ୍ଧି ପାଉଛି। ତେଣୁ ଯଥାଶୀଘ୍ର ଏହି ଡେଲି ମାର୍କେଟକୁ କଣ୍ଟିଲୋ ମୁଖ୍ୟ ବଜାର ଦେଇ ଯାଇଥିବା ୪୮ନଂ ରାଜ୍ୟ ରାଜପଥ ଉପରୁ ସ୍ଥାନାନ୍ତରିତ କରି ଚନ୍ଦନ ପୋଖରୀ ପଶ୍ଚିମପାର୍ଶ୍ୱ ପଡ଼ିଆରେ ବସାଇବା ପାଇଁ ଖଣ୍ଡପଡ଼ା ଦେବୋତ୍ତର ବିଭାଗ ଓ କଣ୍ଟିଲୋ ପୋଲିସ ପ୍ରଶାସନ ଅଧିକାରୀଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।

ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'

ଖୋର୍ଦ୍ଧା,୨୩।୨/ଏନ୍ଏନ୍ଏସ୍: ଜିଲ୍ଲାପ୍ରଶାସନ ଏବଂ ପୋଲିସ ପ୍ରଶାସନ ମିଳିତ ଆନୁକୁଲ୍ୟରେ ବାଣପୁର ବ୍ଲକ୍ ଅନ୍ତର୍ଗତ ଗାଲୁଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନରେ ପଲ୍ଲୀରେ ଜିଲ୍ଲା ପ୍ରଶାସନ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତିଶଙ୍କର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ବାଣପୁର ପଞ୍ଚାୟତ ସମିତି ଅଧକ୍ଷ ଅମରେନ୍ଦ୍ର ରଣସିଂହ, ବ୍ଲକ୍ ଉନ୍ନୟନ ଅଧିକାରୀ, ବାଣପୁର, ତହସିଲଦାର, ବାଣପୁର, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କୁଅଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇଥିଲେ। ଆଜିର ଅଭିଯୋଗ ଶୁଣାଣିରେ ମୋଟ ୫୨ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୩୯ ଗୋଟି ଏବଂ ଗ୍ରାମୀଣ ସମସ୍ୟାଜନିତ ୧୩ଗୋଟି ଅଭିଯୋଗ ଆସିଥିଲା। ଶିବିରରେ ତତ୍କାଳ ୪ ଗୋଟି ଅଭିଯୋଗର ସମାଧାନ କରାଯାଇଥିବାବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଏବଂ ବିଭିନ୍ନ ଅତ୍ୟାବଶ୍ୟକ ସେବା ଅଧିକାରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗଦେଇଥିଲେ।

ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍: ପପୁଲାର କ୍ଲବ୍ ବିଜୟୀ

ଖଣ୍ଡପଡ଼ା,୨୩।୨/ଏନ୍ଏନ୍ଏସ୍: ଖଣ୍ଡପଡା ସହରର ମଧୁବନ ମିନି ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ସୋମବାର ଅନୁଷ୍ଠିତ ୨ୟ ମ୍ୟାଚରେ ପପୁଲାର କ୍ଲବ ଢେଙ୍କାନାଳ ୩-୧ ଗୋଲରେ ବଜରଙ୍ଗୀ କ୍ଲବ ଘାଟିକିଆକୁ ପରାସ୍ତ କରି ବିଜୟୀ ହୋଇଥିବା ଜଣାଯାଇଛି।ମୁଖ୍ୟ ରେଫରୀ ଭାବେ ବରିଷ୍ଠ କ୍ରୀଡାବିତ ପ୍ରସନ୍ନ ନାୟକ ମ୍ୟାଚକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ସରୋଜ କୁମାର ମହାରଣା ଓ ବିଦ୍ୟାଧର ନାୟକ। ଚତୁର୍ଥ ରେଫରୀ ଭାବେ କ୍ରୀଡା ଶିକ୍ଷକ ସମୀର କୁମାର ଖୁଣ୍ଟିଆ ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ. ଅଭିସାର ପଣ୍ଡା,ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ସମାଜସେବୀ ଅଖିଳ କୁମାର ମହାରଣା, ଖଣ୍ଡପଡ଼ା ବ୍ଲକ ସଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ

ବଳିଆର ସିଂ, ପଣ୍ଡିତ ମନୋଜ ଦାଶ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲି ମଙ୍ଗଳବାର ବଜରଙ୍ଗୀ କ୍ଲବ ଘାଟିକିଆ ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ୩ୟ ଲିଗ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକ ତଥା ବରିଷ୍ଠ କ୍ରୀଡାବିତ ଭିକାରୀ ଖଣ୍ଡାୟତଙ୍କ ଠାରୁ ପ୍ରକାଶ।

ଡିଗ୍ରୀ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ସଭା

ବୟାଳିଶମୌଜା,୨୩।୨/ଏନ୍ଏନ୍ଏସ୍: କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ମୌଜା ସ୍ଥିତ ସୁଦର୍ଶନ ଡିଗ୍ରି ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଗଣେଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। +୩ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। କଲେଜର ପୂର୍ବତନ ଅଧକ୍ଷ ବିଜୟ କୁମାର ପଟ୍ଟନାୟକ, ବିଜୟ କୁମାର ସାହୁ, ବିଜୟକେତନ ଚୌଧୁରୀ, ଗୋବିନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଅଭିଲାଷଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉପଦେଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ସୁପ୍ରିୟା ସାହୁ ବକ୍ତବ୍ୟ ଦେଇଥିଲେ। ଦୀପ୍ତିରାଣୀ ଦାସ, ବିଜୟ ଚୌଉଧୁରି, ଲିନା ମ୍ୟାମ, ସଂଘମିତ୍ରା ବିଶ୍ୱାଳ, ବିରଞ୍ଚି ମହାପାତ୍ର, ଜ୍ୟୋତିମୟୀ ନାୟକ ପ୍ରମୁଖ ଅଧାପକ/ଅଧାପିକା ସହଯୋଗ କରିଥିଲେ। ଦର୍ଶନଶାସ୍ତ୍ରର ମୁଖ୍ୟ ଅଧାପିକା ରୂପନନ୍ଦା କାନୁନ୍ ଧନ୍ୟବାଦ ଦେଇଥିଲେ।

ମହାବିଦ୍ୟାଳୟରେ କ୍ୟାରିୟର୍ ପରାମର୍ଶ ତାଲିମ

ବାଲୁଗାଁ,୨୩।୨/ଏନ୍ଏନ୍ଏସ୍: ସ୍ନାତକ ପରବର୍ତ୍ତୀ ଉଚ୍ଚ ଶିକ୍ଷା, ବୃତ୍ତିଗତ ପାଠ୍ୟକ୍ରମ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସହିତ ଛାତ୍ର ଛାତ୍ରୀଙ୍କ ସଂଯୁକ୍ତ କରିବା ନିମିତ୍ତ ୟୁନାଇଟେଡ଼ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ସହଯୋଗରେ ବାଲୁଗାଁ ମହାବିଦ୍ୟାଳୟ କ୍ୟାରିଅର କାଉନସେଲିଙ୍ଗ ସେଲ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାଧନକର୍ମୀ ତଥା ୟୁଏସବିଏମ୍ ର ପ୍ରଫେସର କୈଳାସ ଚନ୍ଦ୍ର ନାୟକ ଓ ତାଲିମ ମୁଖ୍ୟ ପ୍ରଫେସର ଅମିତ ପଟ୍ଟନାୟକଙ୍କ ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ୟୁଏସବିଏମ ଅନୁଷ୍ଠାନ ପକ୍ଷରୁ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି, ଯୁକ୍ତ ଦୁଇ ଅଧକ୍ଷ ସୁବାସ ଚନ୍ଦ୍ର ସୁବୁଦ୍ଧି, କାଉନସେଲିଙ୍ଗ ସେଲ ପରାମର୍ଶଦାତା ଅଧାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଅଧାପିକା କ୍ରିଷ୍ଟା ସେଠୀ,

ଅଧାପିକା ସ୍ନିଗ୍ଧାରାଣୀ ମୁଦୁଲି, ଅଧାପିକା ସୁଚିସ୍ମିତା ମହାପାତ୍ର ଓ ଅଧାପକ ବିମଳ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଆମନ୍ତ୍ରିତ ବିଶେଷଜ୍ଞମାନେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତକାର ପାଇଁ ଆବଶ୍ୟକ ଇଂରାଜୀ କଥନ ଓ ଲିଖନ ଦକ୍ଷତା, ତର୍କୀୟ ବିଚାର ସାମର୍ଥ୍ୟ, ଦଳଗତ ଆଲୋଚନା, ବୁଦ୍ଧିଗତ ପ୍ରଶ୍ନ, କମ୍ପ୍ୟୁଟର ଦକ୍ଷତା ଆଦି ଜ୍ଞାନ ସମ୍ପର୍କରେ ପାରସ୍ପରିକ ଆଲୋଚନା କରିବା ସହ ସାଧାରଣ ଶିକ୍ଷାପରେ ଏମସିଏ, ଏମବିଏ ସହିତ ବିଭିନ୍ନ ବୃତ୍ତିଗତ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ସ୍ନିଗ୍ଧାରାଣୀ ମୁଦୁଲି। କାର୍ଯ୍ୟକ୍ରମକୁ ଅଧାପିକା କ୍ରିଷ୍ଟା ସେଠୀ, ସ୍ନିଗ୍ଧାରାଣୀ ମୁଦୁଲି, ସୁଚିସ୍ମିତା ମହାପାତ୍ର ପରିଚାଳନା କରିଥିବା ବେଳେ ଅଧାପକ ମୃଦାନୀ ଶଙ୍କର ପ୍ରସାଦ ମିଶ୍ର, ଅଧାପିକା ଝରଣା ନାଥ, ଶୁଭଦର୍ଶିନୀ ବିଶ୍ୱାଳ ପ୍ରମୁଖ ସହାୟତା କରିଥିଲେ।

ପୁରୀରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୨୩।୨/ଏନ୍ଏନ୍ଏସ୍: ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ସତ୍ୟବାଦୀ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ମୋଟ ୫୪ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ୪୪ ଗୋଟି ବ୍ୟକ୍ତିଗତ,୮ ଗୋଟି ଗ୍ରାମ ସମ୍ବନ୍ଧୀୟ,୧ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଓ ଗୋଟିଏ ରେଡକ୍ରସରୁ ସହାୟତା ସମ୍ପର୍କରେ ରହିଥିଲା। ତତକ୍ଷଣାତ ୪ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିଲା। ସେହିପରି ୪ ଜଣ ଦିବ୍ୟାଙ୍ଗ ବ୍ୟକ୍ତି ଙ୍କୁ ଟ୍ରାଇ ସାଇକେଲ ଓ ହୁଇଲ ଚେୟାର ଜିଲ୍ଲାପାଳ ଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣୀ ରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, ସତ୍ୟବାଦୀ ବିଡ଼ିଓ ଦେବାଶିଷ ନାୟକ, ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

୨୫ରୁ କାଇପଦର ପ୍ରିମିୟର୍ ଲିଗ୍ କ୍ରିକେଟ୍

ଖୋର୍ଦ୍ଧା,୨୩।୨/ଏନ୍ଏନ୍ଏସ୍: ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଗ୍ରାମପଞ୍ଚାୟତରେ କାଇପଦର ପ୍ରିମିୟର୍ ଲିଗ୍ ୨୦୨୬ ସିଜିନ୍ ୩ ଖେଳକୁ ପରିଚାଳନା କରୁଛି ସ୍ୱସ୍ତିକ କ୍ଲବ୍। ଏଥିରେ ଛଅଟି ଟିମ୍ ଭାଗ ନେବେ ବାବା ଓ୍ୱରିୟର୍ସର ମାଲିକ, ଗୋପାଳ ଚନ୍ଦ୍ର ଦାସ, ବଦମାସ୍ ୧୧ ମାଲିକ ବିଶ୍ୱରଞ୍ଜନ ଜେନା, ମା' ମଙ୍ଗଳା ଲାୟନ ମାଲିକ ଆନନ୍ଦ ଭାରିମଲ୍ଲ, ଫିଲ୍ଡ ଫାଇଟର ମାଲିକ ଲିଙ୍ଗରାଜ ସାମନ୍ତରାୟ, ପାଇକ ଫାଇଟର ମାଲିକ ସୌମ୍ୟ ସମବିଦ୍ ମଙ୍ଗରାଜ, ମହାବୀର୍ ଫାଇଟର୍, ମାଲିକ ବିଷ୍ଣୁଶଙ୍କର ମାନସିଂହ ରହିଛନ୍ତି। ପ୍ରତ୍ୟେକ ଦିନ ୨ଟି ମ୍ୟାଚ ଖେଳାଯିବ। ପୁରସ୍କାର ରାଶି ପ୍ରଥମ ୨୦ହଜାର, ଉପବିଜେତା ୧୫ହଜାର, ଦ୍ୱିତୀୟ ଉପବିଜେତା ୩ହଜାର ଟଙ୍କା ରଖାଯାଇଛି। ଆୟୋଜକ ବିଭୁ ପ୍ରସାଦ ବଳିୟାରସିଂହ, ସୁବ୍ରତ ରଣସିଂହ, ରାଜେଶ ସୁବୁଦ୍ଧି, ସନ୍ଦୀପ କୁଆଁରସିଂହ, ଦିଲୁ ସାହୁ, କୁଲୁ ରାଉତରାୟ, ଝଜ ସାମନ୍ତରାୟ,ଶରତ ମଙ୍ଗରାଜ, କୈଳାସ ଶ୍ରୀଚନ୍ଦନ, ଶୁଭ ରଣସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ।

ମୌଳିକ ସମସ୍ୟାର ସମାଧାନ ନେଇ ବିଧାୟକଙ୍କୁ ଭେଟିଲେ ପ୍ରତିନିଧି ମଣ୍ଡଳୀ

ବୟାଳିଶମୌଜା,୨୩।୨/ଏନ୍ଏନ୍ଏସ୍: ଅଭିନବ ୪୨ମୌଜା ସଂଗଠନର ଏକ ପ୍ରତିନିଧି ମଣ୍ଡଳୀ ଗତକାଲି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ତାଙ୍କ ସରକାରୀ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ଅଭିନବ ୪୨ମୌଜାର ଫୋଟୋ ଚିତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ୬ଗୋଟି ପଞ୍ଚାୟତରେ ଥିବା ନାନାଦି ମୌଳିକ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ବିଶେଷ କରି ୪୨ମୌଜା ରେ କଟକ ସହର କୁ ସଂଯୋଗ କରୁଥିବା ସେତୁ ପୁରୁଣା ହୋଇଥିବା ବେଳେ ବର୍ତ୍ତମାନ ୪୨ମୌଜା ର ଲୋକସଂଖ୍ୟାକୁ ଧ୍ୟାନ ରେ ରଖି ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ୪୨ମୌଜା ମୁଖ୍ୟରାସ୍ତାକୁ ଝିଙ୍କିରିଆ ଠାରୁ ଚାନ୍ଦୁଲି ପର୍ଯ୍ୟନ୍ତ ଆଲୋକିକରଣ ବ୍ୟବସ୍ଥା ଏବଂ ୪୨ମୌଜାରେ ଏକ କେନ୍ଦ୍ରୀୟ ପାଠାଗାର ନିର୍ମାଣ ଭଳି ଅନେକ ଲୋକାଭିମୁଖୀ ପ୍ରସ୍ତାବ ଦିଆଯାଇଥିଲା। ବିଧାୟକଙ୍କ ପ୍ରତିକ୍ରିୟା ଅନୁଯାଇ ବର୍ତ୍ତମାନ ୪୨ମୌଜାର ୨ୟ ସେତୁ କାର୍ଯ୍ୟ ପାଇଁ ସରକାରଙ୍କ ପାଖରେ ଅଛି। ଖୁବ୍‌ଶିଘ୍ର ଏହାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବା ସହିତ ପାଠାଗାର ନିମିତ୍ତ ଜାଗା ଚିହ୍ନଟ କରାଯିବ ବୋଲି ବିଧାୟକ କହିଥିଲେ। ବିଶେଷକରି ୪୨ମୌଜାର ୬ଗୋଟି ପଞ୍ଚାୟତରେ ଥିବା ପାଣି ପଞ୍ଚାୟତ

ପମ୍ପ ପଏଣ୍ଟଗୁଡ଼ିକ ଅଚଳ ଅବସ୍ଥାରେ ଥିବାବେଳେ ଚାଷୀ ପାଇଁ ଅନେକ ବାଧା ଉପୁଜୁଥିବାରୁ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରାଯିବ ବୋଲି ବିଧାୟକ କହିଥିଲେ। ଏହି ସାକ୍ଷାତ ଅବସରରେ ସଙ୍ଗଠନର ସମ୍ପାଦକ ସତ୍ୟନାରାୟଣ ଦାଶ, ସତ୍ୟବ୍ରତ ଦିକ୍ଷୀତ, କାଳୀପ୍ରସନ୍ନ ଶତପଥୀ, ଅମିତ୍ ମହାପାତ୍ର, ସ୍ୱାଗତ ନାୟକ, ତୃପ୍ତି ରଞ୍ଜନ ପତି, ବିଷ୍ଣୁ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ମା' ବାଉତୀ ଦେବୀଙ୍କ ୧୩ତମ ବିଶ୍ୱଶାନ୍ତି ମହାଯଜ୍ଞ

ମୁଣ୍ଡମୁହାଣ,୨୩।୨/ଏନ୍ଏନ୍ଏସ୍: ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ୍ ଯାଁଳା ପଞ୍ଚାୟତର ଉତର ମୁଣ୍ଡମୁହାଣ ଗ୍ରାମରେ ମା' ବାଉତୀଙ୍କ ୧୩ତମ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଉପସ୍ଥିତି ମଧ୍ୟରେ ଶତାଧିକ ପୁରୁଷ ଏବଂ ମହିଳା ବ୍ରତଧାରୀ ନିକଟସ୍ଥ ପୁଷ୍କରଣୀରୁ ପବିତ୍ର ଜଳ ସଂଗ୍ରହ କରି କଳସ ଶୋଭାଯାତ୍ରାରେ ଯୋଗଦେଇ ଗ୍ରାମ ପରିକ୍ରମା କରି ମାଙ୍କ ମନ୍ଦିରରେ କଳସ ସ୍ଥାପନା କରିଥିଲେ, ଶଙ୍ଖ, ଘଣ୍ଟ, ଘଣ୍ଟା ହରିବୋଲ, ହୁଳହୁଳିରେ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଯାଇଥିଲା, ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି ପୂଜା ଚାରି ଦିନ ଧରି ଚାଲିବା ।

ନିତି ଭାରତୀ

ସମ୍ପୃକ୍ତି ବିନା ସଫଳତା ମିଳେନାହିଁ।
କୌଣସି କାର୍ଯ୍ୟରେ ସମ୍ପୃକ୍ତ ରହିଲେ
ବିଫଳ ହେବାର ସମ୍ଭାବନା କ୍ଷୀଣ।
-ଡକ୍ଟର ଏପିଜେ ଅବ୍‌ଦୁଲ୍ କଲାମ୍

ନିତିଦିନ NITIDIN
ମଙ୍ଗଳବାର, ୨୪ ଫେବୃଆରୀ ୨୦୨୬

ସବୁ ଚମକଦାର ଜିନିଷ ସୁନା ନୁହେଁ

ଜୟନ୍ତ ପଟ୍ଟନାୟକ

ପୁରସ୍କାର ପାଇଗଲେ ଯେ ଜଣେ ବିଜ୍ଞ/ପ୍ରାଜ୍ଞ/ଅଭିଜ୍ଞ ହୋଇଯିବ- ଏକଥା ନୁହେଁ। ନିକଟରେ ସମ୍ବାଦପତ୍ରରେ ଭାରତୀୟ ଏସ୍‌ଆଇଆର୍ (ସ୍ପେଶିଆଲ ଇଣ୍ଟେନ୍‌ସିଭ୍ ରିଭିଜନ୍) ବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ, ପଶ୍ଚିମବଙ୍ଗ ସଂକ୍ରାନ୍ତରେ ପ୍ରତିକୂଳ ମନ୍ତବ୍ୟ ଦେଇଛନ୍ତି ଜଣେ ପ୍ରବାସୀ ଭାରତୀୟ ନୋବେଲ ବିଜେତା (୧୯୯୮) ଡକ୍ଟର ଅମର୍ତ୍ତ୍ୟ ସେନ୍ (୯୨)। ସେନ୍ କହିଛନ୍ତି, 'ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନିମନ୍ତେ ପର୍ଯ୍ୟାପ୍ତ ସମୟ ଦିଆଯିବା ଆବଶ୍ୟକ, ନଚେତ୍ ଅନେକ ବୈଧ ଭୋଟର ବାଦ୍ ପଡ଼ିପାରନ୍ତି। ଏହା ନିର୍ବାଚନୀ ପ୍ରକ୍ରିୟାର ବିଶ୍ୱସନୀୟତା ହ୍ରାସ କରିପାରେ ଓ ଲୋକଙ୍କ ଅଧିକାରକୁ ଦୁର୍ବଳ କରିପାରେ।' ମାତ୍ର ବିଚିତ୍ର କଥା କ'ଣ ଜାଣନ୍ତି, ସେ ମହାଶୟ ଆମେରିକାରେ ସ୍ଥାୟୀ ଭାବରେ ବସବାସ କରି ଆସୁଛନ୍ତି ବହୁ ବର୍ଷ ହେଲା। ବାହାରେ ରହି ସିଏ ଏତେ କଥା ଜାଣିଲେ କିପରି, ନା କାହାଦ୍ୱାରା ପ୍ରରୋଚିତ ହୋଇ ଏ ପ୍ରକାର ମତାମତ ଦେଇଛନ୍ତି! କାରଣ, ଏଇ ବାବୁ ଅମର୍ତ୍ତ୍ୟ ସେନ୍ ମନମୋହନ ସିଂହଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ବିହାରର ନାଳନ୍ଦା ବିଶ୍ୱବିଦ୍ୟାଳୟର ପ୍ରବାସୀ କୁଳପତି ନିଯୁକ୍ତ ହୋଇଥିଲେ, କେବଳ ନୋବେଲ ପୁରସ୍କାର ବଳରେ। ଦିନେ ବି ଭାରତକୁ ନ ଆସି ସେ ମହାଶୟ ମାସକୁ ଦରମା ନେଉଥିଲେ ୫ ଲକ୍ଷ ଟଙ୍କା; ଅନ୍ୟାନ୍ୟ ଭତ୍ତା ଅଲଗା। ମୋଦୀ ସରକାରଙ୍କ ସମୟରେ ଏ ପ୍ରକାର 'ଶୂନ୍ୟ ସୁଯୋଗ'ର ଦୁରୁପଯୋଗ ହେବାକୁ ନ ଦିଆଯିବାରୁ ସେ ମହାଶୟଙ୍କର କ୍ରୋଧ ଜାତ ହେବା ସ୍ୱାଭାବିକ। ଏଇ ହେତୁରୁ ଡକ୍ଟର ସେନ୍ ସରକାରଙ୍କର ଅନେକ ଯୋଜନା/ କାର୍ଯ୍ୟ ଉପରେ ବହୁତ ପ୍ରତିକୂଳ ମନ୍ତବ୍ୟ ଦେଇ ଆସିଛନ୍ତି। ଡକ୍ଟର ସେନ୍ ପ୍ରଖ୍ୟାତ ଅର୍ଥନୀତିଜ୍ଞ- ସେଥିରେ ଦ୍ୱିରୁକ୍ତି ନାହିଁ, ମାତ୍ର ଏମିତି ଅନେକ ଅଭିଯୋଗ ଭିତ୍ତିହୀନ ମନେହୁଏ, ଯେତେବେଳେ ଅନେକ ଭାରତୀୟ ବିଶେଷଜ୍ଞ ସେ ସମ୍ବନ୍ଧରେ ଅନୁକୂଳ ମନ୍ତବ୍ୟ ଦେଇ ସାରିଛନ୍ତି। ଆଉ ଗୋଟିଏ କଥା, ଏଇସବୁ ଗୋଷ୍ଠୀଙ୍କର ସ୍ୱର ସବୁବେଳେ ଅଲଗା। ଏସବୁ ଅସନ୍ତୁଷ୍ଟିର କାରଣ ହେଲା, ମୋଦୀ ସରକାର ଆସିବା ପରେ ଏଭଳି ଅନେକ ପ୍ରକାରର 'ଶୂନ୍ୟ ସୁଯୋଗ'ର ପଥରୋଧ କରାଯାଇଛି, ଯେମିତି କେତେକ କ୍ଷେତ୍ରରେ ଡିବିଟି ବା ଖାତାକୁ ସିଧା ଟଙ୍କା ପ୍ରେରଣ ଦ୍ୱାରା ଅନେକ ମଧ୍ୟସ୍ଥି, ଦଲାଲୀ ବନ୍ଦ ହୋଇଗଲା। ଫଳତଃ, ସେମାନଙ୍କ ଶୂନ୍ୟ ରୋଜଗାରରେ ଭଙ୍ଗା ପଡ଼ିଗଲା। ଅନେକ ରାଜନେତା/ ସରକାରୀ ଉଚ୍ଚ ଅଧିକାରୀଙ୍କ ବିଦେଶ ଗସ୍ତ ସମୟରେ ସାଙ୍ଗରେ ଯାଉଥିବା ବିଶାଳ ଦଳଙ୍କର ପକ୍ଷ ଛେଦନ- ଏହିପରି ଅନେକ କଥା। ସମ୍ପୃକ୍ତ ବ୍ୟକ୍ତିମାନଙ୍କର ରାଗ ଆସିବ ନାହିଁ! ସେମାନେ କୋଉଠୁ କେମିତି ଯୋଗାଡ଼ କଲାବେଳେ ତମେ ସେଥିରେ ବାଡ଼ି ପକାଇବ। ଏଗୁଡ଼ା କ'ଣ ଭଲ କଥା! ଆଉ କେତୋଟି ଉଦାହରଣ ଦେଉଛି।

ବିଶ୍ୱର ସର୍ବାଧିକ ଶକ୍ତିଶାଳୀ ଓ ଧନଶାଳୀ ଦେଶର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଇ ନୋବେଲ ଶାନ୍ତି ପୁରସ୍କାର, ୨୦୨୫ ନିମନ୍ତେ କମ୍ ଚେଷ୍ଟା କରି ନାହାନ୍ତି। ସାମ, ଦାନ, ଦଣ୍ଡ, ଭେଦ ସବୁ ପ୍ରୟୋଗ କଲା ପରେ ମଧ୍ୟ ସ୍ୱୀୟ ରାଷ୍ଟ୍ରପତୀୟ କଳ, ବଳ, କୌଶଳ ଖଟାଇଲେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ। କେବଳ ଏବଂ କେବଳ ସିଏ ହିଁ ସର୍ବାଧିକ ଯୋଗ୍ୟ ବ୍ୟକ୍ତି- ଏ ପ୍ରକାର ପ୍ରଚାର କରାଇବା ସହିତ ନୋବେଲ ଚୟନ କମିଟିକୁ ଧମକ ଚମକ ଦେବାରେ ମଧ୍ୟ ଢିଲା ଦେଇ ନଥିଲେ ଟ୍ରମ୍ପ ମହାଶୟ। ମାତ୍ର 'ଈଶ୍ୱର ଯାହା କରନ୍ତି ସମସ୍ତଙ୍କର ମଙ୍ଗଳ ପାଇଁ' ନ୍ୟାୟରେ ନୋବେଲ କମିଟି ତାଙ୍କ ଚୟନରେ ଅଟଳ ରହିଲେ। କିନ୍ତୁ ବିଚିତ୍ର କଥା, ନୋବେଲ ଶାନ୍ତି ପୁରସ୍କାର ବର୍ତ୍ତମାନ ଟ୍ରମ୍ପଙ୍କ ପାଖରେ! ଏକଥା କେମିତି ସମ୍ଭବ ହେଲା? ତାହା ବଡ଼ ବିଚିତ୍ର କାହାଣୀ। ତାଙ୍କର ପ୍ରିୟ ଶବ୍ଦ 'ଟାରିଫ୍' ପ୍ରଭାବରେ ପୃଥିବୀର ସର୍ବତ୍ର ଅଶାନ୍ତିର ବାହକ ସାଜିଥିବା ଟ୍ରମ୍ପ ନିଜକୁ ଶାନ୍ତିଦୂତ ପ୍ରଚାର କରିବା ସତ୍ତ୍ୱେ ନୋବେଲ ଶାନ୍ତି ପୁରସ୍କାରରୁ ବଞ୍ଚିତ ହେଲେ। ତଥାପି ତାଙ୍କର ନୋବେଲ ଅବସୋସ ସରି ନଥିଲା। ନୋବେଲ ଶାନ୍ତି ପୁରସ୍କାରର ବିଜେତା ହୋଇଥିଲେ (ଅକ୍ଟୋବର ୨୦୨୫) ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୁରିନୋ ମଚାଡୋ। ଭେନେଜୁଏଲାରେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ଦିଗରେ ତାଙ୍କର ଜୀବନବ୍ୟାପି କୃଚ୍ଛ୍ର ସାଧନା ଲାଗି ନୋବେଲ ଚୟନ କମିଟି ତାଙ୍କୁ ନୋବେଲ ଶାନ୍ତି ପୁରସ୍କାରର ବିଜେତା ଘୋଷଣା କରିଥିଲେ। କିନ୍ତୁ ତାଙ୍କର ଏ କୃଚ୍ଛ୍ର ସାଧନା ପଛରେ କ୍ଷମତା ଦଖଲର ସ୍ୱପ୍ନ ଅନ୍ତର୍ନିହିତ ଥିଲା, ଯାହା ସ୍ୱାଭାବିକ। ମାତ୍ର ଏଥିପାଇଁ ତାଙ୍କ ତରିକା ଅଧିକାଂଶଙ୍କର ପସନ୍ଦ ହେଲା ନାହିଁ। ଟ୍ରମ୍ପ ନୋବେଲ ପାଇଁ ଲାଳାୟିତ- ସେକଥା ମଚାଡୋ ଭଲ ଭାବେ ଅବଗତ ଥିଲେ। ସେଥିପାଇଁ ମଉକା ଦେଖି ଛକା ମାରିଦେଲେ। କିନ୍ତୁ ଲକ୍ଷ୍ୟ ଠିକ୍ ହେଲାନି। ଗତ ୦୩ ଜାନୁଆରୀ, ୨୦୨୬ରେ ଟ୍ରମ୍ପ ରାତି ଅଧରେ ଜବରଦସ୍ତ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ଶୋଇଥିବା ଅବସ୍ଥାରେ ଗିରଫ କରି ଆମେରିକାର କୁଖ୍ୟାତ ବ୍ରୁକଲିନ ଜେଲରେ ରଖିବା ପରେ ମଚାଡୋଙ୍କର କ୍ଷମତା ନିଶା ପୁଣି ପର ଝାଡ଼ିବାକୁ ଲାଗିଲା। ୧୫ ଜାନୁଆରୀ,

୨୦୨୫ରେ ମଚାଡୋ ନୋବେଲ ପୁରସ୍କାରଟିକୁ ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପଙ୍କୁ ଉପହାର ଦେଇଛନ୍ତି, ଅବଶ୍ୟ ପୁରସ୍କାର ପାଇବା ଦିନରୁ ମଚାଡୋ ସେଇଟିକୁ ଟ୍ରମ୍ପଙ୍କୁ ଉତ୍ସର୍ଗ କରି ଦେଇଥିଲେ। ତେବେ ଭୟରେ କି ଅନୁକମ୍ପାରେ, ସେଇଟା ଭିନ୍ନ କଥା। ମାତ୍ର ମଚାଡୋ ଯୋଉ ଆଶାରେ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାରଟି ପ୍ରଦାନ କରିଥିଲେ, ତାହା ପୂରଣ ହେଲା ନାହିଁ। ମାଦୁରୋଙ୍କ ଗିରଫଦାରୀ ପରେ ସେଠାର ଉପରାଷ୍ଟ୍ରପତି ଡେଲସି ରୋଡ୍ରିଗେଜ୍ ଏବେ ଅନ୍ତରୀଣ ରାଷ୍ଟ୍ରପତି ନିଯୁକ୍ତ ଟ୍ରମ୍ପଙ୍କ ଦ୍ୱାରା। ସେଇ ରାଷ୍ଟ୍ରପତି ଚୌକି ଲୋଭରେ ମଚାଡୋ ନିଜର ନୋବେଲ ଶାନ୍ତି ପୁରସ୍କାର ଟ୍ରମ୍ପଙ୍କୁ ପ୍ରଦାନ କରିଥିଲେ, କିନ୍ତୁ 'ଜାତି ଗଲା ସିନା ପେଟ ପୂରିଲାନି!'

ଆଉ ଜଣେ ଅଯୋଗ୍ୟ ନୋବେଲ ପୁରସ୍କାର ବିଜେତା ହେଲେ ୦୮ ଅଗଷ୍ଟ, ୨୦୨୪ରୁ ବାଂଲାଦେଶ ସରକାରର ଅନ୍ତରୀଣ ଉପଦେଷ୍ଟା ବା ଶାସକ ଥିବା ମହମ୍ମଦ ୟୁନୁସ (୮୫)। ୨୦୦୬ରେ ନୋବେଲ ବିଜେତା ମହମ୍ମଦ ୟୁନୁସ ହାତୀ ସୁନା କଳସ ଢାଳିବା ଭଳି ବାଂଲାଦେଶର କାମଚଳା ଶାସକ ନିଯୁକ୍ତି ପାଇଥିଲେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବାଇଡେନଙ୍କ ଦ୍ୱାରା। ବାଂଲାଦେଶରେ ଏକଛତ୍ରବାଦୀ ଶାସନ ଚାଲିଥିଲା କହିଲେ ଚଳେ। ପୁଲିସ୍, ପ୍ରଶାସନ, ଛାତ୍ର, ଜନତା,ରାଜନେତା କେହି କାହା କଥା ଶୁଣିବା ଉପରେ ନାହାନ୍ତି। ପ୍ରତିଦିନ ସେଠାରେ କିଛି ନା କିଛି ଅଘଟଣ ଘଟିଯାଉଛି। ପ୍ରାୟ ପ୍ରତ୍ୟହ ସେଠାରେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ହତ୍ୟା କରାଯାଉଛି, ତାହା ପୁଣି ଜିଅନ୍ତା ଜାଳିଦେଇ, ପିଟିପିଟି ବା ଅସ୍ତ୍ରଶସ୍ତ୍ର ସାହାଯ୍ୟରେ। ୧୯୭୧ରେ ଭାରତ ଜନ୍ମ ଦେଇଥିବା ବାଂଲାଦେଶ ଏବେ ତାଙ୍କ ଦେଶର ୩୦ ଲକ୍ଷ ନାଗରିକଙ୍କୁ ହତ୍ୟା କରିଥିବା ପାକିସ୍ତାନ କଥାରେ ପରିଚାଳିତ। ସେଥିରେ ସାହାଯ୍ୟ କରୁଛନ୍ତି ଚୀନ୍ ଓ ଆମେରିକା। କଥାରେ ଅଛି, 'ଚିଙ୍ଗୁଡ଼ି ଚିପିଲେ ମୁଣ୍ଡରେ ମଇଳା'। ୟୁନୁସ ଏବେ ଭାରତକୁ ନାଲିଆଖି ଦେଖାଉଛନ୍ତି- ଗୋଟିଏ ବ୍ରହ୍ମୋସକୁ ଠିକଣା ନାହିଁ। କଥା କ'ଣ କି ବାଂଲାଦେଶରେ ବିଦେଶୀ ପ୍ରାୟୋଜିତ ଅସ୍ଥିରତା ପରେ ୦୫ ଅଗଷ୍ଟ, ୨୦୨୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ବାଧହୋଇ ଚାଲିଆସି ଭାରତରେ ରାଜନୈତିକ ଆଶ୍ରୟ ନେଇଛନ୍ତି। ୟୁନୁସଙ୍କର ଭୟ (କାଳେ ତାଙ୍କ ଆସନ ଟଳିଯିବ) ଓ ବିଦେଶୀ ପ୍ରୋତ୍ସାହନ ଯୋଗୁଁ ହସିନାଙ୍କର ପ୍ରତ୍ୟର୍ପଣ ଚାହୁଁଛି ବାଂଲାଦେଶ। ପ୍ରତ୍ୟର୍ପଣ ହେଲା ପରେ ତାଙ୍କୁ ସେଠାରେ ଫାଶୀ ଦିଆଯିବ। ମୂଳୁ ମାରିଲେ ଯିବ ସରି। ପୁଣି ଏବେ ଫେବୃଆରୀ ୧୨ରେ ବାଂଲାଦେଶରେ ନିର୍ବାଚନରେ ବିଏନ୍‌ପି (ବାଂଲାଦେଶ ନ୍ୟାସ୍‌ନାଲ ପାର୍ଟି) କ୍ଷମତାକୁ ଆସିବା ପରେ ୟୁନୁସ କୌଣସି ପ୍ରକାରେ କ୍ଷମତା (ରାଷ୍ଟ୍ରପତି ପଦବୀ)ରେ ରହିବା ପାଇଁ ବିଭିନ୍ନ ଚେଷ୍ଟା ଚଳାଇଛନ୍ତି।

ଏସବୁ ହରକତ ଦେଖିଲା ପରେ ଅନେକ ଚିନ୍ତା କରିବାକୁ ବାଧ୍ୟ ହେଲେଣି- ୟୁନୁସ ପ୍ରକୃତରେ ନୋବେଲ ପୁରସ୍କାର ପାଇଥିଲେ ନା ଏହା ଓବାମାଙ୍କୁ ମାଲିସ୍/ ପାଲିସ୍‌ର ଫଳ। ଅବଶ୍ୟ ଆଜିକାର ଦିନରେ ଏସବୁ ବିଚିତ୍ର ନୁହେଁ। ଡେମୋକ୍ରାଟ୍‌ଙ୍କ ପାଇଁ ୟୁନୁସ ପ୍ରଚାର ମଧ୍ୟ କରିଥିଲେ। ଏହା ବୋଧହୁଏ ତା'ର ପ୍ରତିଦାନ। ■

ମୋ: ୯୦୯୦୧୯୦୦୬୯

ଟ୍ରମ୍ପଙ୍କ ଟାରିଫ୍ ଓ ଆମେରିକାର ସୁପ୍ରିମ୍‌କୋର୍ଟ

ଆମେରିକା ସହିତ ଏକ ବ୍ୟବସାୟିକ ଚୁକ୍ତିର ଏକ ବ୍ୟାପକ ପ୍ରକାର ଉପରେ ଭାରତ ସହମତ ହେବାର ଅଳ୍ପ ସମୟ ପରେ ଏ ସବୁ ଘଟଣା ପୁଣିଥରେ ଚର୍ଚ୍ଚାକୁ ଆସିଛି। ଶୁକ୍ରବାର ଦିନ ଆମେରିକା ସୁପ୍ରିମ୍‌କୋର୍ଟ (ସ୍କୋଟସ୍-ଏସ୍‌ସିଓଟିୟୁଏସ୍) ଆଦେଶ ଦେଇଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପ ତାଙ୍କର 'ଲିବରେସନ୍ ଡେ' ଟାରିଫ୍ ଲଗାଇବା ନିମନ୍ତେ ଦେଶର ଯେଉଁ ଆନ୍ତର୍ଜାତିକ ଜରୁରୀକାଳୀନ ଅର୍ଥନୀତିକ କ୍ଷମତା ଆଇନ (ଆଇଇଇପିଏ)କୁ ବ୍ୟବହାର କରିଛନ୍ତି, ତାହା ଅସାମ୍ବିଧାନିକ। ଆଶାନୁରୂପ ଭାବରେ ଟ୍ରମ୍ପ ଏହି ରାୟକୁ ସମାଲୋଚନା କରିଛନ୍ତି ଏବଂ ନୂଆ ଟାରିଫ୍ ଲଗାଇବା ନିମନ୍ତେ ବିଭିନ୍ନ ପ୍ରକାରର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଛନ୍ତି, ଯାହା ସେ ଗୋଟିଏ ଦିନ ଭିତରେ ୧୦ ପ୍ରତିଶତରୁ ୧୫ ପ୍ରତିଶତକୁ ବୃଦ୍ଧି କରିଛନ୍ତି। କୋର୍ଟର ନଅଜଣିଆ ଖଣ୍ଡପୀଠ ମଧ୍ୟରୁ ଛଅ ଜଣ ବିଚାରପତି ଟାରିଫ୍ ବିରୁଦ୍ଧରେ ମତ ଦେବାକୁ ଯାଇ ଆଇନର ଶାସନ ସପକ୍ଷରେ ଛିଡ଼ା ହୋଇଥିବା ବେଳେ ଏହି ପ୍ରକ୍ରିୟାରେ ଗୁରୁତ୍ୱାରୋପ କରିଛନ୍ତି ଯେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିଙ୍କ ଅପେକ୍ଷା ସମ୍ବିଧାନ ହେଉଛି ଅଧିକ ଶକ୍ତିଶାଳୀ। ବିଚାରପତିମାନେ କହିଛନ୍ତି, ଆମେରିକାରେ କଂଗ୍ରେସ କେବଳ ଲୋକମାନଙ୍କ ଉପରେ ଟିକସ ଧାର୍ଯ୍ୟ କରି ପାରିବ। ଏହି ରାୟ ଅତ୍ୟନ୍ତ ସ୍ପଷ୍ଟ, ଏବଂ ଯଦି ବର୍ତ୍ତମାନ ଯିଏ ରାଷ୍ଟ୍ରପତି ଅଛନ୍ତି-ଶ୍ରୀଯୁକ୍ତ ଡୋନାଲ୍ଡ ଟ୍ରମ୍ପ, ତାଙ୍କ କଥା ହୋଇ ନଥାନ୍ତା, ତା'ହେଲେ ଏହା ନିର୍ଣ୍ଣାୟକ ହୋଇଥାନ୍ତା। ରାଷ୍ଟ୍ରପତିଙ୍କ କ୍ଷମତାକୁ ସଂକୁଚିତ କରିବା ଭଳି କୋର୍ଟଙ୍କ ଏହି ରାୟ ପରିପ୍ରେକ୍ଷୀରେ ତାଙ୍କର କାର୍ଯ୍ୟ ସମଗ୍ର ବିଶ୍ୱକୁ ଆହୁରି ଅଧିକ ଏତେ ବିପର୍ଯ୍ୟୟ ଭିତରକୁ ଠେଲି ଦେଇଛି ଯେ ଟାରିଫ୍ ଲାଗୁ କରିବା ସମ୍ପର୍କରେ ସେ ପ୍ରଥମେ ଆଦେଶ ଦେବା ଏବଂ ତା'ପରେ ଅଲିମ୍ପିକ୍‌ର ଜଣେ ଖେଳାଳିଙ୍କ ଭଳି ଉତ୍‌ଥାନ ପତନ କରିବାଠାରୁ ଏହା ବଳି ଯାଇଛି। କୋର୍ଟ ଏକଥା ମଧ୍ୟ କହିଛନ୍ତି ଯେ ଆଇଇଇପିଏ ଟାରିଫ୍ କିମ୍ବା ଡ୍ୟୁଟି ସମ୍ପର୍କରେ କିଛି ଉଲ୍ଲେଖ କରେନାହିଁ ଏବଂ ଟିକସ ଲାଗୁ ପାଇଁ ଅଧିକାର ପ୍ରଦାନ ନିମନ୍ତେ 'ନିୟନ୍ତ୍ରଣ' କରିବାକୁ ବ୍ୟବହାର ହୋଇଥିବା ଯେ କୌଣସି ବିଧିକୁ କାର୍ଯ୍ୟପାଳିକା ଚିହ୍ନଟ କରି ନାହାନ୍ତି। ଏଭଳି କ୍ଷମତା ପ୍ରଦାନ କରିବା ନିମନ୍ତେ କୌଣସି ରାଷ୍ଟ୍ରପତି ବର୍ତ୍ତମାନ ସୁଦ୍ଧା ଆଇଇଇପିଏକୁ ପାଠ କରି ନଥିବା ସମ୍ପର୍କରେ ଯୁକ୍ତି ଦର୍ଶାଇ ସ୍କୋଟସ୍ ଏଇ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ଯେଉଁସବୁ ପ୍ରମାଣ ବର୍ତ୍ତମାନ ଉପଲବ୍ଧ ଏବଂ ଏହାଙ୍କର ବିଧିଗୁଡ଼ିକର ପଠନର ନିହିତାର୍ଥ ହେଉଛି, କୋର୍ଟ ବିଶ୍ୱାସ କରନ୍ତି କି 'ଆଇଇଇପିଏ ରାଷ୍ଟ୍ରପତିଙ୍କୁ ଟାରିଫ୍ ଲାଗୁ କରିବାକୁ କ୍ଷମତା ପ୍ରଦାନ କରେନାହିଁ।'

ଆଉ ଏହା ପରର ଘଟଣା ଥିଲା ଚିରାଚରିତ ଶ୍ରୀଯୁକ୍ତ ଟ୍ରମ୍ପଙ୍କ ସ୍ୱଭାବ ଅନୁସାରେ- ସୋସିଆଲ ମିଡିଆରେ ସେ ଏହା ଉପରେ କ୍ରୋଧିତ ହୋଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ୧୯୭୪ର ବ୍ୟବସାୟ ଆଇନର ଧାରା ୧୨୨ ଅନୁସାରେ ୧୫୦ ଦିନ ପାଇଁ ହ୍ୱାଇଟ୍ ହାଉସ୍‌କୁ ପ୍ରଦାନ କରାଯାଇଥିବା କ୍ଷମତା ବଳରେ ସେ ପ୍ରଥମେ ୧୦ ପ୍ରତିଶତ ଲାଗୁ କରିବାକୁ ପରାମର୍ଶ ପ୍ରାପ୍ତ ହୋଇଥିବା ସ୍ଥଳେ ବୈଶ୍ୱିକ ଟାରିଫ୍ ଦରକୁ ସେ ୧୫ ପ୍ରତିଶତ କରିବେ। ଆଇଇଇପିଏ ବ୍ୟତୀତ ଅନ୍ୟାନ୍ୟ ଆଇନ ବଳରେ ଲାଗୁ କରାଯାଇଥିବା ଟାରିଫ୍‌ଗୁଡ଼ିକ, ଯେଉଁଥିରେ ୧୯୬୨ର ବ୍ୟବସାୟ ସମ୍ପ୍ରସାରଣ ଆଇନର ଧାରା ୨୩୨ ଅନୁସାରେ ଆଲୁମିନିୟମ ଏବଂ ଷ୍ଟିଲ୍ ସାମିଲ ରହିଛି, ଏହି ନିର୍ଦ୍ଦେଶ ଦ୍ୱାରା ଅପ୍ରଭାବିତ ରହିଛି, ଯଦିଓ ଶ୍ରୀଯୁକ୍ତ ଟ୍ରମ୍ପ ଏହି ଛତା ତଳେ ସଦ୍ୟତମ ଟାରିଫ୍‌ଗୁଡ଼ିକୁ ଲାଗୁ କରିଛନ୍ତି। ତାଙ୍କର ଟାରିଫ୍ ଲାଗୁ କରିବାର କ୍ରୋଧାବିଷ୍ଟ ଆଦେଶରେ ସେ ଚୀନ୍ ଉପରେ ଏହାକୁ ୧୪୫ ପ୍ରତିଶତ ପର୍ଯ୍ୟନ୍ତ କରିବା ପାଇଁ ଅଗ୍ରସର ହୋଇଥିବା ବେଳେ ରୁଷୀୟ ତୈଳ ଆମଦାନୀ କରୁଥିବାରୁ ଭାରତ ଉପରେ ପ୍ରଥମେ ୫୦ ପ୍ରତିଶତ ଲାଗୁ କରିଥିଲେ, ଯାହା ମଧ୍ୟରେ ୨୫ ପ୍ରତିଶତ ଥିଲା ଦଣ୍ଡମୂଳକ ଟାରିଫ୍। ନିକଟରେ ଆମେରିକାର ସର୍ତ୍ତଗୁଡ଼ିକୁ ମାନି ନେଇ ଭାରତ ଯେତେବେଳେ ବ୍ୟବସାୟିକ ଚୁକ୍ତିରେ ହସ୍ତାକ୍ଷର କରିବାକୁ ଆଗେଇ ଆସିଛି, ସେତେବେଳେ ସେ ଆମେରିକୀୟ ଆମଦାନୀ ପାଇଁ ଏହାକୁ ଶୂନ୍ୟ ପ୍ରତିଶତ କରିବା ପର୍ଯ୍ୟନ୍ତ ଖସି ଆସିଛନ୍ତି। ଏହି ପରିସ୍ଥିତିରେ ପରିବର୍ତ୍ତନ ଘଟିଛି ଭାରତ ରୁଷୀୟ ତୈଳ ଖର୍ଦ୍ଦ କରିବ ନାହିଁ ବୋଲି ପ୍ରତିଶ୍ରୁତି ପ୍ରଦାନ କରିବାରୁ।

ଏବେ ପ୍ରଶ୍ନ ହେଉଛି- ଆମେରିକୀୟ କୋର୍ଟଙ୍କ ରାୟ ପରେ ଭାରତ ପାଇଁ ଆମେରିକା କେତେ ପ୍ରତିଶତ ଟାରିଫ୍ ଲାଗୁ କରିବ- ଏହା ୧୫ ପ୍ରତିଶତ ହେବ (ପ୍ରାୟ ସବୁ ରାଷ୍ଟ୍ରଙ୍କ ପାଇଁ ଆମେରିକାର ମୂଳ ଟାରିଫ୍ ହାର) ସହିତ ୩ ପ୍ରତିଶତ ଡ୍ୟୁଟି ମିଶି ୧୮ ପ୍ରତିଶତ ହେବ କି? ଅଦ୍ୟତନ ଆଦେଶନାମାରେ ସ୍ୱାକ୍ଷର କରିବା ପରେ ଏହାଠୁ ଅଧିକ ହେବ ନା କମ୍ ହେବ? ମନେହୁଏ ଟ୍ରମ୍ପ ଉଲ୍ଲେଖ କରିଛନ୍ତି ଯେ କୋର୍ଟଙ୍କ ଆଦେଶ ପରେ କିଛି ହେଲେ ବଦଳି ନାହିଁ ଭାରତ 'ସ୍ୱାକ୍ଷର କରିଥିବା' ଅନ୍ତରୀଣ ବ୍ୟବସାୟିକ ଚୁକ୍ତିରେ ଏବଂ ଏହା ୧୮ ପ୍ରତିଶତ ଟାରିଫ୍‌ରେ ଯଥାରୀତି ରହିବ। ଆମେରିକାର ସୁପ୍ରିମ୍‌କୋର୍ଟଙ୍କ ଆଦେଶ ହୁଏତ ଭାରତ ପାଇଁ ସାମାନ୍ୟ ଆଶ୍ୱସ୍ତିପୂର୍ଣ୍ଣ ନିଃଶ୍ୱାସ ମାରିବାକୁ ଅବସରଟିଏ ଦେଇଛି, ଯାହା ଭିତରେ ଏହା ଆମେରିକା ସହିତ ବ୍ୟବସାୟିକ କାରବାର କରିବାର ଆବଶ୍ୟକତା ରହିଛି କି ନାହିଁ, ସେ ସମ୍ପର୍କରେ ପୁନର୍ବାର ଚିନ୍ତା କରି ପାରିବ ଯେ ଏହା ଭାରତର ବିଦେଶ ନୀତିର ରଣନୀତିକ ସ୍ୱାୟତ୍ତତାକୁ ଭଙ୍ଗ କରୁଛି କି, ଯାହା ଭାରତ ଅଦ୍ୟାବଧି କାର୍ଯ୍ୟକାରୀ କରି ଆସୁଛି, ଯେତେବେଳେ କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବନ୍ଧୁ ଶ୍ରୀଯୁକ୍ତ ଟ୍ରମ୍ପଙ୍କ ତରଫରୁ ଏକ ଉପଯୁକ୍ତ ପ୍ରତିକ୍ରିୟାର ଆଶା ରଖେ। ଆମେରିକା ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି ଜନ୍ ରବର୍ଟସ୍ ଏବଂ ଏହାଦ୍ୱାରା ପ୍ରଦତ୍ତ ରାୟରେ ସ୍ୱାକ୍ଷର କରିଥିବା ଅନ୍ୟ ବିଚାରପତିମାନଙ୍କ କହିବା ଭଳି ଟାରିଫ୍‌ଗୁଡ଼ିକ ହେଉଛି ବାସ୍ତବରେ ଟିକସ, ଅଧିକରୁ ଅଧିକ ଅର୍ଥ ଅର୍ଜନ କରିବା ପାଇଁ ଶ୍ରୀଯୁକ୍ତ ଟ୍ରମ୍ପଙ୍କ ଦ୍ୱାରା ଡ୍ୟୁଟିଗୁଡ଼ିକୁ ଅସ୍ତ୍ର ଭାବରେ ବ୍ୟବହାର କରିବାର ନିଶା ତଥା ଯୁଦ୍ଧରତ ବିଦେଶୀ ରାଷ୍ଟ୍ରମାନଙ୍କ ପାଇଁ ତାକୁ ବ୍ୟୟ କରିବାର ଆତୁରତା ଯୋଗୁଁ ଏବେ ସମଗ୍ର ବିଶ୍ୱ କ୍ଷତିର ସମ୍ମୁଖୀନ। ଏଭଳି ପରିସ୍ଥିତିରେ ଭାରତ ଆମେରିକା ସହିତ ବ୍ୟବସାୟିକ ଚୁକ୍ତିରୁ କିଛି ଲାଭ ପାଇବାର ସମ୍ଭାବନା କେବେଠାରୁ ଉଭାନ୍ ହୋଇ ସାରିଛି। ■

କାନ୍ତକବିଙ୍କ ଦେହାନ୍ତରେ ବିଧାନସଭାର ଶୋକ

ପ୍ରଭୁକଲ୍ୟାଣ ମହାପାତ୍ର

ସେ ସଶରୀରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ କିମ୍ବା ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ନଥିଲେ ସୁଦ୍ଧା ସେହି ଦୁଇଟି ଲଢ଼େଇର 'ଆତ୍ମା' ଥିଲେ। ସେହି ପୁଣ୍ୟାତ୍ମା ଜଣକ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇ ଆଦ୍ୟ ଯୌବନରୁ ଶଯ୍ୟାଶାୟୀ ହୋଇ ଯାଇଥିଲେ ମଧ୍ୟ ଅଗ୍ନିବର୍ଷୀ ଲେଖା ଓ ଜ୍ୱାଳାମୟୀ ଦେଶାତ୍ମବୋଧକ ସଙ୍ଗୀତ ମାଧ୍ୟମରେ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଉଗ୍ର ଉତ୍କଳୀୟ ଚେତନା ଜାଗ୍ରତ କରିଥିଲେ। ସେଇ ମହାନୁଭବ ଜଣକ ବିଧାନସଭା କିମ୍ବା ପାର୍ଲାମେଣ୍ଟର ସଭ୍ୟ ହୋଇ ନଥିଲେ ହେଁ ତାଙ୍କ ପରଲୋକ ଘଟିବାର ସପ୍ତାହାନ୍ତେ ଓଡ଼ିଶା ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ ହୋଇଥିଲା। ତେବେ ସେହି ବରପୁତ୍ର ଜଣକ ହେଉଛନ୍ତି- ବିଶିଷ୍ଟ ସାହିତ୍ୟିକ, ସଙ୍ଗୀତଜ୍ଞ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସମାଜ ସଂସ୍କାରକ ତଥା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର।

କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଲକ୍ଷ୍ମୀକାନ୍ତଙ୍କୁ ରାଜ୍ୟବାସୀ କେବଳ ଜଣେ ପ୍ରଥିତଯଶା କବି ଭାବରେ ହିଁ ଜାଣିଛନ୍ତି। ମାତ୍ର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ଏବଂ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରକୁ ତାଙ୍କର ଏବଂ ତାଙ୍କ ପରିବାରର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆବଶ୍ୟକୀୟ ପ୍ରଚାର ପ୍ରସାର ଅଭାବରୁ ସାଧାରଣ ଜନତା ଏହା ବିଶେଷ ଭାବରେ ଅବଗତ ହୋଇପାରି ନାହାନ୍ତି। କେବଳ ଏତିକି ଉଲ୍ଲେଖ କରିବା ଯଥେଷ୍ଟ ମନେହୁଏ, କାନ୍ତକବିଙ୍କ ପରିବାରର ଲଗାତର ତିନି ପିଢ଼ିର ବିପୁଳ ସଂଖ୍ୟକ ସଭ୍ୟ ଜାତୀୟ ଆନ୍ଦୋଳନରେ ଝାସ ଦେଇ ମୃତ୍ୟୁ ଓ କାରାବରଣ କରିଥିଲେ, ଯାହାକି ସମଗ୍ର ଦେଶରେ ଅତୁଳନୀୟ।

ସେହିପରି କାନ୍ତକବିଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' କାଳଜୟୀ ଦେଶାତ୍ମବୋଧକ ସଙ୍ଗୀତ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଦୀର୍ଘ ୨୪ ବର୍ଷ ଧରି ଉଗ୍ର ଉତ୍କଳୀୟ ଜାତୀୟତା ସୃଷ୍ଟି କରିବା ଫଳରେ ୧୯୩୬ ଏପ୍ରିଲ ପହିଲାରେ ଆମେ ଦେଶର ପ୍ରଥମ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ହାସଲ କରି ପାରିଲେ। କାରଣ, ୧୯୧୨ ମସିହାରେ ହିଁ ଏହି ସଙ୍ଗୀତଟି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନକୁ ତେଜିଥିବା ଉତ୍କଳ ସମ୍ମିଳନୀର ଆବାହନୀ ସଙ୍ଗୀତ ରୂପେ ଗ୍ରହଣ କରାଯାଇଥିଲା।

ଏହି ମହାମନୀଷୀଙ୍କ ସ୍ମୃତି ପ୍ରତି ସମ୍ମାନ ପ୍ରଦର୍ଶନ କରି ଓଡ଼ିଶା ବିଧାନସଭା ତାଙ୍କ ବିୟୋଗର ସପ୍ତାହାନ୍ତେ, ଅର୍ଥାତ୍ ୧୯୫୩ ମାର୍ଚ୍ଚ ୨ ତାରିଖରେ ଗୃହରେ ଏକ ଶୋକ ପ୍ରସ୍ତାବ ଆଗତ କରିଥିଲା। ସେଥିରେ ତଦାନନ୍ତୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ବିରୋଧୀ ଦଳ ନେତା ଶ୍ରଦ୍ଧାକର ସୁପକାର, ବାଚସ୍ପତି ନନ୍ଦ କିଶୋର ଦାସ ଭାଗ ନେଇ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ଗଭୀର ଶୋକାଞ୍ଜଳି ଅର୍ପଣ କରିଥିଲେ।

ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ସେହି ଶୋକ ପ୍ରସ୍ତାବ ଆଗତ କରି ଉଲ୍ଲେଖ କରିଥିଲେ, 'ଯେହେତୁ କାନ୍ତକବି ସାରା ଓଡ଼ିଶାରେ ସୁପରିଚିତ, ତାଙ୍କ ବିଷୟରେ ମୁଁ ବା ଅଧିକ କ'ଣ କହିବି? ଏକଥା ସମସ୍ତେ ଜାଣନ୍ତି ଯେ ସେ ବହୁଦିନ ଧରି ରୋଗଶଯ୍ୟାରେ ପଡ଼ିଥିଲେ। ତାଙ୍କ ଦେହାନ୍ତରେ ଦୁଃଖ ପ୍ରକାଶ କରିବା ଲାଗି ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି।'

ସେହିପରି ବିରୋଧୀ ଦଳ ନେତା ଶ୍ରଦ୍ଧାକର ସୁପକାର ଦର୍ଶାଇ ଥିଲେ, 'ଲକ୍ଷ୍ମୀକାନ୍ତ ମହାପାତ୍ର ତାଙ୍କର କବିତା, ଲେଖା, ବିଶେଷତଃ ହାସ୍ୟରସ ମାଧ୍ୟମରେ 'ଡଗର' ଓ ଅନ୍ୟାନ୍ୟ ପତ୍ରିକା ସାହାଯ୍ୟରେ ଓଡ଼ିଆ ସାହିତ୍ୟର ସେବା କରି ଆସିଛନ୍ତି। ସେହି ସେବା ବାସ୍ତବିକ ଆମ ଦେଶ ଭୁଲିପାରିବ ନାହିଁ। ସେ ଯଦିଓ ତାଙ୍କର ଦୈହିକ ଜୀବନରୁ ମୁକ୍ତିଲାଭ କରିଛନ୍ତି, ତଥାପି ସାହିତ୍ୟିକ ଜଗତରେ ସେ ଚିରଦିନ ଅମର ହୋଇ ରହିବେ। ତାଙ୍କ ମୃତ୍ୟୁରେ କେବଳ ଯେ ସାହିତ୍ୟ କ୍ଷେତ୍ରରେ ଅପୂରଣୀୟ କ୍ଷତି ଘଟିଛି, ତା' ନୁହେଁ, ବରଂ ସାହିତ୍ୟ ଜରିଆରେ ଦେଶର ସାଧାରଣ ମଣିଷ ଚରିତ୍ର, ରାଜନୀତି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ବ୍ୟଙ୍ଗ ସାହିତ୍ୟ ଜରିଆରେ ସେ ଯେଭଳି ଓଡ଼ିଆ ସାହିତ୍ୟର ସମୃଦ୍ଧି ସାଧନ ଲାଗି ଚେଷ୍ଟା କରିଥିଲେ, ସେହିପରି ଲୋକ ଆମ ଓଡ଼ିଶାରେ ଆଉ ନାହାନ୍ତି। ତେଣୁ ତାଙ୍କ ଦେହାବସାନରେ କେବଳ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନୁହେଁ, ସାଧାରଣ କ୍ଷେତ୍ରରେ ମଧ୍ୟ ଗୋଟିଏ ଅପୂରଣୀୟ କ୍ଷତି ଘଟିଛି।'

ଅନ୍ୟ ପକ୍ଷରେ, ବାଚସ୍ପତି ନନ୍ଦ କିଶୋର ଦାସ

(ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ)

ଜଣାଇଥିଲେ ଯେ 'କାନ୍ତକବିଙ୍କ କଥା ମୁଁ ବା ଅଧିକ କ'ଣ କହିବି? ମୁଁ ତାଙ୍କର ବ୍ୟକ୍ତିଗତ ସମ୍ପର୍କରେ ଆସିଛି। ତାଙ୍କର ପ୍ରଧାନ କବିତା ଗୁଚ୍ଛ 'ଜୀବନ ସଙ୍ଗୀତ' ପୁସ୍ତକ ଆକାରରେ ୧୯୩୧ ମସିହାରେ ଛପା ହୋଇଥିଲା। ମୋର ସେତେବେଳେ ପାରିବାରିକ ଅବସ୍ଥା ଯାହା, ସେହି ଦୃଷ୍ଟିରୁ ସେ ମୋତେ କହୁଥିଲେ- ତୁମକୁ ଲକ୍ଷ୍ୟକରି ଏହି କବିତା ଲେଖାଯାଇଛି। ତାଙ୍କର ସରସ କବିତା ପରି ମୁଁ ଆଉ ଅନ୍ୟତ୍ର ଦେଖିନାହିଁ। ତାଙ୍କର ଅଭାବ ଯେ ଓଡ଼ିଆ ଭାଷାରେ ଅପୂର୍ଣ୍ଣ ରହିବ, ସେଥିରେ ତିଳେମାତ୍ର ସନ୍ଦେହ ନାହିଁ। ବର୍ତ୍ତମାନ ମୁଁ ଆଶା କରୁଛି, ଆମର ଆସେମ୍ବ୍ଲି ସଭ୍ୟମାନେ ମିନିଟିଏ କାଳ ଦଣ୍ଡାୟମାନ ହୋଇ ଅମର ଆତ୍ମା ପ୍ରତି ଶ୍ରଦ୍ଧା ଜଣାଇବେ।'

ଦେଶ ଏବଂ ରାଜ୍ୟ ପାଇଁ ଜୀବନକୁ ତିଳ ତିଳ କରି ଆହୁତି ଦେଇଥିବା କାନ୍ତକବିଙ୍କ ସ୍ମୃତିରକ୍ଷା ଲାଗି ଆମ ସମାଜ କିମ୍ବା ସରକାର କିନ୍ତୁ ଅଦ୍ୟାବଧି ସମୁଚିତ ଧ୍ୟାନ ଦେଇ ନାହାନ୍ତି। ସେଥି ଯୋଗୁଁ ରାଜଧାନୀର ଗୋଟିଏ ପ୍ରମୁଖ ଅଞ୍ଚଳ, ଉଦ୍ୟାନ ଓ ରାଜମାର୍ଗକୁ କାନ୍ତକବିଙ୍କ ନାମରେ ନାମିତ କରିବା ଲାଗି ଅନେକ ସମ୍ଭ୍ରାନ୍ତ ଅନୁଷ୍ଠାନ ସହିତ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଦାବି ଦୀର୍ଘ ୨୫ ବର୍ଷ ଧରି ଅପୂରଣୀୟ ହୋଇ ରହିଛି। ସେହିପରି ଆକାଶବାଣୀ ଓ ଦୂରଦର୍ଶନରେ ପ୍ରତ୍ୟହ ଭୋର୍ ସମୟରେ କାନ୍ତ ସଙ୍ଗୀତ ପରିବେଷଣ, ରାଜଧାନୀରେ ବହୁମୁଖୀ କଲ୍ୟାଣ ମଣ୍ଡପ ସୁବିଧାବିଶିଷ୍ଟ 'କାନ୍ତକବି ଭବନ' ନିର୍ମାଣ ଭଳି ଦାବି ପ୍ରତି ମଧ୍ୟ ଆଜି ସୁଦ୍ଧା ସାମାନ୍ୟତମ ଦୃଷ୍ଟି ଦିଆଯାଇ ନାହିଁ।

ଏତଦ୍ ଭିନ୍ନ ବରପୁତ୍ର ଐତିହ୍ୟ ଗ୍ରାମ ପ୍ରକଳ୍ପରେ କାନ୍ତକବିଙ୍କ ନିଜ ଗ୍ରାମ ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ ତାଳପଦାସ୍ଥିତ ଆବାସସ୍ଥଳୀର ସଂରକ୍ଷଣ କିମ୍ବା ଉନ୍ନତିକରଣ କାର୍ଯ୍ୟ ଅଧିଗ୍ରହଣ ସତ୍ତ୍ୱେ ତାହା ବିଗତ ଦୁଇ ବର୍ଷ ଧରି ଆରମ୍ଭ ହୋଇପାରି ନାହିଁ। ଅନ୍ୟ ପକ୍ଷରେ, ଭଦ୍ରକ ସହର ସମୀପବର୍ତ୍ତୀ କୋରକୋରାଠାରେ ନିର୍ମାଣାଧୀନ 'କାନ୍ତକବି ସ୍ମାରକୀ ପୀଠ' କାର୍ଯ୍ୟ ମଧ୍ୟ ବିଭିନ୍ନ କାରଣରୁ ଗତ ୫ ବର୍ଷ ଧରି ଅହେତୁକ ମନ୍ଥର ଗତିରେ ଚାଲିଛି। ତେଣୁ ଭଦ୍ରକ ଜିଲ୍ଲାରେ ଏକମାତ୍ର ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ହାସଲ ସମ୍ଭାବନା ଥିବା 'କାନ୍ତକବି ସ୍ମାରକୀ ପୀଠ'ର ବାସ୍ତବ ରୂପାୟନ ଅଚିରେ ଘଟିବା ନେଇ ଗଭୀର ସଂଶୟ ଉପୁଜିଛି। କାରଣ, କୋରକୋରାଠାରେ ଅବସ୍ଥିତ ଶହେ ଏକରରୁ ଉର୍ଦ୍ଧ୍ୱ ପରିମିତ ପ୍ରାକୃତିକ ଜଳାଶୟର ଉନ୍ନତିକରଣ ମାଧ୍ୟମରେ ତହିଁରେ ଜଳକ୍ରୀଡ଼ା, ନୌ-ଚାଳନା, ବୋଟ୍ ହାଉସ, ଇକୋ ରିଟ୍ରିଟ୍ ଭଳି ବ୍ୟବସ୍ଥା କରାଗଲେ କାନ୍ତକବି ସ୍ମାରକୀ ପୀଠ ସଂଲଗ୍ନ ଏହି ପ୍ରକଳ୍ପଟି ବିଶ୍ୱସ୍ତରୀୟ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିପାରିବ।

କାନ୍ତକବିଙ୍କ ଶ୍ରାଦ୍ଧବାର୍ଷିକୀରେ ସେହି ପ୍ରଣମ୍ୟ ଦେଶଭକ୍ତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନ୍ତରର ଗଭୀରତମ ପ୍ରଦେଶରୁ ଶ୍ରଦ୍ଧାଞ୍ଜଳି ନିବେଦନ କରୁଛି।■

ମୋ: ୯୯୩୭୭୧୧୩୮୯

ଦାନର ପ୍ରଭାବ

ଉଦ୍ଭାସିତ

ପଦାରବିନ୍ଦ

ଭଲ କାମ କଲାବେଳେ ଆମେ ଫଳ ଆଶା କରିଥାଉ। କିନ୍ତୁ ମନ୍ଦ କାମ କଲାବେଳେ ଆମେ କେବେ ବି ଚିନ୍ତା କରୁ ନଥିବା ଏହାର ଫଳ କ'ଣ ହେବ। ମନ୍ଦ କର୍ମ କଲାବେଳେ ଆମେ ସୁଖର ସହିତ କରିଥାଉ। ଅଥବା ମନ୍ଦ କର୍ମ କାହାର ପ୍ରଭାବରେ କରିଥାଉ। କିନ୍ତୁ ପ୍ରତିଟି କର୍ମର ଫଳ ଆମକୁ ଭୋଗିବାକୁ ହେବ- ତାହା ଭଲ ହେଉ କି ମନ୍ଦ। ସମସ୍ତ କର୍ମର କିଛି ନା କିଛି ପ୍ରଭାବ ଅଛି ଓ ଫଳ ମଧ୍ୟ ଅଛି। ଏ ନେଇ ଉଦାହରଣଟିଏ।

ଜଣେ ଲୋକ ସବୁଦିନ ଭିକ ମାଗିବାକୁ ଯାଏ। ଭିକ ମାଗି ଫେରିଲା ବେଳକୁ ଗୋଟିଏ ଚା' ଦୋକାନୀ ପାଖରେ ପହଞ୍ଚେ। ଟିକିଏ ପାଣି ପିଏ। ତା'ପରେ ଚା'। ଫେରିଲା ବେଳକୁ ଦୋକାନୀକୁ ତ ଟଙ୍କା ଦିଏନା, ବରଂ ମୋଡ଼ାମୋଡ଼ି ହୋଇଥିବା କାଗଜ ଖଣ୍ଡେ ବଢ଼େଇ ଦିଏ। ଦିନେ ଦୋକାନୀ କାଗଜ ଖୋଲି ଦେଖିଲା କିଛି ନାହିଁ। ସେ କାଗଜକୁ ଫିଙ୍ଗିଦେଲା। ଦୋକାନୀ ଆଶ୍ଚର୍ଯ୍ୟ ହୁଏ ଭିକାରିର ହାବଭାବ ଦେଖି। ପାଣି ପିଉଛି, ଚା' ପିଉଛି। ପଇସା ନଦେଇ କାଗଜଟିଏ ବଢ଼େଇ ଦେଉଛି। ଇଏ କି ପ୍ରକାର କଥା! ଦିନେ ଦୋକାନୀ ସେ କାଗଜକୁ ନିରେଖି ଦେଖିଲା। କାଗଜରେ ଲେଖା ଥିଲା- 'ଯେମିତି କର୍ମକୁ ସେମିତି ଫଳ।' ଦୋକାନୀ ଭାବିଲା, ମୁଁ ତ ମୋ କର୍ମ କରୁଛି। କିଛି ଖରାପ କର୍ମ କରୁନି। ଲୋକଙ୍କୁ ଠକୁନି। ତେବେ ମୋତେ ଦଣ୍ଡ କାହିଁକି ମିଳିବ? ଏ ଭିକାରି ସବୁଦିନ କାଗଜରେ କାହିଁକି ଏମିତି ଲେଖାଟିଏ ଦେଉଛି? କେବେ କେବେ ଦୋକାନୀ ଭିକାରିକୁ ଜଳଖିଆ ବି ଦେଇଦିଏ। ଦୋକାନୀ ଭିକାରିକୁ କ'ଣ ଦିଏ, ତା'ର ହିସାବ ରଖେନା। ଭିକାରି କିନ୍ତୁ ଚାହିଁଥାଏ ଯେମିତି ହେଲେ ଦୋକାନୀର ଋଣ ଶୁଝିବ। ଭିକାରି ଯାହାଠାରୁ ଯାହା ଆଣୁଥିଲା, ପ୍ରତିବଦଳରେ କାଗଜଟିଏ ଦେଉଥିଲା। କେହି ସେ କାଗଜକୁ ଫିଙ୍ଗି ଦିଅନ୍ତି ତ କେହି ପଢ଼ନ୍ତି। ଆଉ କେହି ପାଖରେ ରଖି ଥାଆନ୍ତି। କାଗଜକୁ କିଏ କ'ଣ କଲା, ଭିକାରି କିଛି ପ୍ରତିକ୍ରିୟା କରେନା।

ଏହା ଭିତରେ ଅନେକ ଦିନ ବିତିଗଲା। ଦୋକାନୀ ଦିନେ ତା' ପରିବାର ସହିତ ବଣଭୋଜିରୁ ଫେରୁଥାଏ। ଗାଁରେ ପହଞ୍ଚିବାକୁ ଆହୁରି ଅନେକ ଦୂର ଅଛି। ହଠାତ୍ ଗୋଟିଏ ଗାଡ଼ି ସେ ଚା'ଦୋକାନୀର ଗାଡ଼ିକୁ ଧକ୍କା ଦେଲା। ଦୁର୍ଘଟଣାରେ ସମସ୍ତେ ଛିଟିକି ପଡ଼ିଲେ। ଭିକାରି ରାସ୍ତାକଡ଼ରେ ବୁଲୁଥାଏ। ଦୁର୍ଘଟଣା ଦେଖି ଧାଇଁ ଆସିଲା। ରାସ୍ତାରେ ଅନ୍ୟ ଗାଡ଼ିମାନଙ୍କୁ ଅଟକାଇଲା। ଆହତମାନଙ୍କୁ ନିଜ ପାଣି ବୋତଲରୁ ପାଣି ପିଆଇଲା। କିଛି ସମୟ ପରେ ଡାକ୍ତରଖାନା ପଠେଇବାର ବ୍ୟବସ୍ଥା ମଧ୍ୟ କଲା। ଦିନେ ଭିକାରିଟି ସେ ଲୋକଙ୍କୁ ଦେଖିବାକୁ ଡାକ୍ତରଖାନା ଗଲା। ଦେଖିଲା ଚା'ଦୋକାନୀର ଦେହ, ମୁଣ୍ଡରେ କପଡ଼ା ଗୁଡ଼ା ହୋଇଛି। ଚା' ଦୋକାନୀ ଭିକାରିକୁ ଚାହିଁଲା। ତା'ର ମନେ ପଡ଼ିଗଲା, ଏଇ ଲୋକଟି ଚା' ଦୋକାନକୁ ଭିକ ମାଗିବାକୁ ଆସେ। ହାତରେ ମୋଡ଼ାମୋଡ଼ି ହୋଇଥିବା କାଗଜଟି ଧରେଇ ଦିଏ। ଆଜି ବି ସେଇ ଭିକାରି ମେଡିକାଲ୍‌କୁ ଆସିଛି। ହାତରେ ତା'ର ସେଇ ପାଣି ବୋତଲ। ଯୋଉ ପାଣି ବୋତଲ ସେଦିନ ଦୋକାନୀ ତାକୁ ଦେଇଥିଲା। ପୁଣି ସେଇ ପାଣି ବୋତଲରୁ ଦୁର୍ଘଟଣା ସମୟରେ ପାଣି ପିଇଥିଲା। ଭିକାରି ହାତରେ ସେମିତି ମୋଡ଼ା ହୋଇଥିବା କାଗଜଟିଏ। ବଢ଼େଇ ଦେଲା ଦୁର୍ଘଟଣାଗ୍ରସ୍ତ ଚା' ଦୋକାନୀକୁ। ସେଥିରେ ବି ଲେଖା ଥିଲା- 'ଯେମିତି କର୍ମକୁ, ସେମିତି ଫଳ।' ଦୋକାନୀ ଏବେ ବୁଝି ପାରିଲା। ସେଦିନର ପାଣି ଆଜିର ପ୍ରାଣ। ଯାହାକୁ ଯାହା ଦେଲେ, ତାହା ଅନ୍ୟଥା ହୁଏନା। ବହୁତ ଥର ଦାନ କରିଥିଲେ ତା'ର ଫଳ ଗୋଟିଏ ଥରରେ ବି ମିଳିଯାଇପାରେ। ■

ସମ୍ପାଦକଙ୍କୁ ପତ୍ର

ସଠିକ୍ ଓଡ଼ିଆ ଶବ୍ଦର ବ୍ୟବହାର ଉପରେ ଗୁରୁତ୍ୱ

ପ୍ରତି ବର୍ଷ ଦୁଇଟି ପ୍ରମୁଖ ଦିବସରେ ଜାତୀୟ ପତାକା ଉତ୍ତୋଳନ ହେବାର ପରମ୍ପରା ରହି ଆସିଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ଖୁଣ୍ଟିରେ ବନ୍ଧା ଯାଇଥିବା ଜାତୀୟ ପତାକାକୁ ତଳୁ ଉପରକୁ ଉଠାଯାଇ ଖୋଲା ଯାଉଥିବା ବେଳେ ଗଣତନ୍ତ୍ର ଦିବସରେ କିନ୍ତୁ ଖୁଣ୍ଟି ଉପରେ ବନ୍ଧା ହୋଇ ରହିଥିବା ଜାତୀୟ ପତାକାକୁ ଖୋଲା ଯାଇଥାଏ। ଏହାର ତାତ୍ତ୍ୱିକ ଅର୍ଥ ହେଉଛି, ସ୍ୱାଧୀନତା ଦିବସ ଅବସରରେ ଆମେ ପରାଧୀନତା ରୂପକ ଅମା ଅନ୍ଧାର ଏବଂ ତଳ ସ୍ଥାନରୁ ଆଲୋକିତ ଏବଂ ଉଚ୍ଚ ସ୍ଥାନକୁ ଉଠିବାର ପ୍ରୟାସରେ ସଫଳ ହେବା। ତେବେ ସାଧାରଣତନ୍ତ୍ର ଦିବସରେ ଆମେ ଆଲୋକିତ ଏବଂ ଉଚ୍ଚ ସ୍ଥାନରେ ରହିଥିଲେ ମଧ୍ୟ ଏହାକୁ ଅଧିକରୁ ଅଧିକ ସଫଳ ମଣ୍ଡିତ ଏବଂ ଗୌରବାନ୍ୱିତ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବାର ଏହା ଏକ ପ୍ରୟାସ କିମ୍ବା ଅବକାଶ ବୋଲି କୁହାଯାଇପାରେ। ଇଂରାଜୀରେ ସ୍ୱାଧୀନତା ଦିବସରେ ଫ୍ଲାଗ୍ ହଏଷ୍ଟିଙ୍ଗ୍ କୁହା ଯାଉଥିବା ବେଳେ ସାଧାରଣତନ୍ତ୍ର ଦିବସରେ ଏହାକୁ ପତାକା ଉନ୍ମୀଳନ ବା ଅନ୍‌ଫର୍ଲିଂ ଦ ଫ୍ଲାଗ୍ ବୋଲି କୁହାଯାଇଥାଏ। ତେବେ ଏହି ଇଂରାଜୀ ଶବ୍ଦମାନଙ୍କର ଅର୍ଥ ଅଲଗା ହୋଇଥିଲା ବେଳେ ଆମେ କିନ୍ତୁ ଓଡ଼ିଆରେ ଉଭୟ ଶବ୍ଦର ଅର୍ଥକୁ ଉତ୍ତୋଳନ ବୋଲି ଅଭିହିତ କରିଥାଉ, ଯାହାର ଆକ୍ଷରିକ ଅର୍ଥ ତଳୁ ଉପରକୁ ଉଠାଇବା। ତେଣୁ ସ୍ୱାଧୀନତା ଦିବସରେ ଏହି ଶବ୍ଦର ଯଥାର୍ଥତା ଥିବା ବେଳେ ଗଣତନ୍ତ୍ର ଦିବସ ପାଳନ ସମୟରେ ଏହାକୁ ପତାକା ଉନ୍ମୀଳନ ବା ଉନ୍ମୀଳିତ ହେବା ବୋଲି କହିବା ବା ଲେଖିବା ଯଥାର୍ଥ ବୋଲି ମନେହୁଏ। ତେବେ ବୁଦ୍ଧିଜୀବୀ ମହଲରେ ଏ ସଂକ୍ରାନ୍ତୀୟ ଚର୍ଚ୍ଚା ହେବାର ଆବଶ୍ୟକତା ରହିଛି। ■

ଡକ୍ଟର ସୀତାକାନ୍ତ ତ୍ରିପାଠୀ
ତଳଗୋପ ବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ

ସମସ୍ୟାଘେରରେ ରାଣୀପାର୍କ ବସ୍‌ଷ୍ଟାଣ୍ଡ

ତାଳଚେର,୨୩।୨/ଏନ୍‌ଏନ୍‌ଏସ୍: ତାଳଚେର ସହର ରାଜ୍ୟରେ ଏକ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି। ଖଣିଖାଦାନ, ଶିଳ୍ପ ନିଜର ପାରଦର୍ଶିତା ଲାଭ କରିପାରିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଲୋକ ପରିବାର ଚଳାଇବା ପାଇଁ ତାଳଚେର ସହରକୁ ଆସିଥାନ୍ତି। ଖଣିଖାଦାନ ଥିବା ବେଳେ ଦେଶର ବିଭିନ୍ନ ସ୍ଥାନକୁ ଏଠାରୁ ଖଣିଜ ପଦାର୍ଥ ମଧ୍ୟ ରପ୍ତାନୀ ହୋଇଥାଏ। ହେଲେ ଯୋଗାଯୋଗ ମୁଖ୍ୟ ଆଧାର ପାଲଟିଥିବା ତାଳଚେର ବସଷ୍ଟାଣ୍ଡର ବ୍ୟବସ୍ଥା ରୂପ ଦେଖିଲେ ମନେ ହୁଏ। ବିକାଶରୁ ବହୁ ଦୂରରେ ତାଳଚେର ରାଣୀପାର୍କ ବସଷ୍ଟାଣ୍ଡ। ରାଜ୍ୟ ଓ କେନ୍ଦ୍ରକୁ ସର୍ବାଧିକ ରାଜସ୍ୱ ଦେଉଥିବା ତାଳଚେର ଆଜି ତାର ମୌଳିକ ଅଧିକାରରୁ ବଞ୍ଚିତ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଦିଗରୁ ଦେଖିବାକୁ ଗଲେ ଆଖପାଖ ଅଞ୍ଚଳରୁ ଏଠାକୁ ଗମନା ଗମନ ଉପରେ ନିର୍ଭର କରୁଥିବା ରୋଜଗାର ପନ୍ଥାର ଏହି ବାଟ ଏତେ ସହଜ ହୋଇପାରୁନି। ହେଲେ ଗମନାଗମନର ପ୍ରମୁଖ ମାର୍ଗଭାବେ ରାଣୀପାର୍କ ବସଷ୍ଟାଣ୍ଡର ବ୍ୟବସ୍ଥା ସେତେଟା ଆଖିଦୁଶିଆ ସମସ୍ୟାର ସମାଧାନ ହୋଇପାରିନି। ତାଳଚେର ସହରବାସୀଙ୍କ ପାଇଁ ଓ ବାହାର ଲୋକଙ୍କ ପାଇଁ ଏହି ବସଷ୍ଟାଣ୍ଡର ଉନ୍ନତି ହୋଇ ପାରୁନଥିବା ଏକ ଦୁର୍ଭାଗ୍ୟ ଜନକ ବିଷୟ ହୋଇପଡ଼ିଛି ବୋଲି ବୁଦ୍ଧିଜୀବୀ ମାନେ ମତପ୍ରକାଶ କରୁଛନ୍ତି। ଏବଂ ଏହି ରାଣୀପାର୍କ ବସଷ୍ଟାଣ୍ଡ ଆସିବାକୁ ହେଲେ ବହୁ ବାଧାବିଘ୍ନ ଯାତ୍ରୀମାନଙ୍କୁ ସହ୍ୟ କରିବାକୁ ପଡୁଛି। ବସଷ୍ଟାଣ୍ଡ ସମ୍ମୁଖରେ ଥିବା ଜାତୀୟ ରାଜପଥ ଉପରେ ଶହଶହ ସଂଖ୍ୟକ କୋଇଲା ବୋଝେଇ ଟ୍ରକ, ଲମ୍ବା ଲାଇନ୍, ଟ୍ରାଫିକ ସମସ୍ୟା, ଧୂଳି, ଧୂଆଁ, କୋଇଲା ଗୁଣ୍ଡରେ ଲୋକେ ଅତିଷ୍ଠ, ଯିବେ କୁଆଡ଼େ, ବାସ୍ ସେଇ ଗୋଟିଏ ଉପାୟ, ଗୋଟିଏ ବିକଳ୍ପ। ଚର୍ତୁଦିଗରୁ ରାଣୀପାର୍କ ବସଷ୍ଟାଣ୍ଡକୁ ସଂଯୋଗ କରୁଛି ଏକ ମାତ୍ର ତାଳଚେର ସହରର ଜାତୀୟ ରାଜପଥ। ତାଳଚେରବାସୀ ଓ ତାଳଚେରକୁ

ଆସୁଥିବା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଯାତ୍ରୀ ଏବଂ ଅଞ୍ଚଳବାସୀ ଯେମିତି ଭୋଗ କରୁଛନ୍ତି ଯମଯନ୍ତ୍ରଣା ଏଥିରୁ କେବେ ମିଳିବ ନିସ୍ତାର ସେନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ନିର୍ବାଚିତ ଲୋକପ୍ରତିନିଧି ନା ସ୍ଥାନୀୟ ପ୍ରଶାସନ ନା ଜିଲ୍ଲା ପ୍ରଶାସନ କେହି ହେଲେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଉ ନାହାନ୍ତି ବୋଲି ପ୍ରାୟ ସମୟରେ ଶୁଣିବାକୁ ମିଳେ। ଏତେଶୟ ରାଜସ୍ୱ ପ୍ରଦାନ କରୁଥିଲେ ମଧ୍ୟ ତାଳଚେର ଏକ ଅଭିଶପ୍ତ ଅବସ୍ଥାରେ ଗତି କରୁଛି ବୋଲି ଲୋକେ ମତ ରଖୁଛନ୍ତି। ରାଣୀପାର୍କ ବସଷ୍ଟାଣ୍ଡକୁ ସମୟରେ ନପହଞ୍ଚି ପାରିଲେ କିମ୍ବା କୌଣିସି ସମସ୍ୟାରୁ ଗାଡ଼ି ନମିଳିଲେ ଯିବା ସମ୍ଭବପର ହୋଇନଥାଏ। ଜାତୀୟ ରାଜପଥର ପ୍ରତ୍ୟେକ ସମୟରେ ଜାମ ରହୁଥିବାରୁ ଲୋକେ ତାଳଚେରରୁ ଢେଙ୍କାନାଳ, କଟକ, ଭୁବନେଶ୍ୱର, ପୁରୀ, ଝାରସୁଗୁଡ଼ା, କେନ୍ଦୁଝର, ରାଉରକେଲା ଏମିତିକି ଆଖପାଖ ଅଞ୍ଚଳକୁ ଯିବା ଆସିବା ନିମନ୍ତେ ବହୁବାର ହଇରାଣ ହରକତ ହେଉଥିବା ମଧ୍ୟ ଦେଖିବାକୁ ମିଳିଛି। ତେବେ ତାଳଚେର ବସଷ୍ଟାଣ୍ଡକୁ ଯାତ୍ରୀମାନେ ଆସିବାକୁ ଯେଉଁ ଜାତୀୟ ରାଜପଥଟି ପଡ଼ିଛି ତାହା ସବୁ ସମୟରେ ଭାରୀଯାନ ଚଳାଚଳ, ଟ୍ରାଫିକ ସମସ୍ୟା ଏବଂ ଅନେକ ସମୟରେ ଦୁର୍ଘଟଣା ଗ୍ରସ୍ତ ହେଉଥିବା ଯୋଗୁଁ ସଠିକ୍ ସମୟରେ ପହଞ୍ଚିବା ସମ୍ଭବପର ହେଉ ନାହିଁ। ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ଯାତାୟତ ପାଇଁ ଯଥେଷ୍ଟ ସୁବିଧା ହୋଇନି। ଯାହାକି ବରିଷ୍ଠ ନାଗରିକ, ରୋଗୀ ଓ ଭିନ୍ନକ୍ଷମମାନେ ବହୁ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅପରପକ୍ଷେ ଯାତ୍ରୀମାନେ ବସକୁ ଅପେକ୍ଷା କରି ରହୁଥିବା ବେଳେ ସେମାନଙ୍କ ପାଇଁ ବିଶ୍ରାମ କକ୍ଷ କିମ୍ବା ଚେୟାର ନଥିବାରୁ ସେମାନେ ଏଣେତେଣେ ଘୁରି ବୁଲୁଛନ୍ତି ଏବଂ ବସଷ୍ଟାଣ୍ଡରେ ଯେଉଁ କେତୋଟି ପିଣ୍ଡି ନିର୍ମିତ ହୋଇଛି ତାହା ଯାତ୍ରୀଙ୍କ ତୁଳନାରେ ବହୁତ କମ ଓ ବିଶେଷ କଥା ହେଉଛି ପ୍ରାୟ ସମୟରେ ଯାତ୍ରୀମାନଙ୍କର ମନିପର୍ସ, ମୋବାଇଲ, ଟଙ୍କା ମଧ୍ୟ ଚୋରି ହେଉଥିବା ଅନେକ ସମୟରେ ଅଭିଯୋଗ ହୋଇଆସୁଛି। ବସଷ୍ଟାଣ୍ଡରେ ନିର୍ମାଣ କରାଯାଇଥିବା ନୂତନ ଶୌଚାଳର ରକ୍ଷଣାବେକ୍ଷଣା ଅଭାବରୁ ସେଗୁଡ଼ିକ ଅପରିଷ୍କା ଅବସ୍ଥାରେ ପଡ଼ି ରହିଛି। ପରିଶ୍ରା କରି ଯିବାକୁ ମହିଳା ଯାତ୍ରୀମାନେ ହଇରାଣ ହରକତ ହେଉଥିବା ମଧ୍ୟ ନଜିର ରହିଛି। ଅନୁଗୋଳ ସହରର ନୂତନ ବସଷ୍ଟାଣ୍ଡ ଏତେ ସରସ ସୁନ୍ଦର ଭାବେ ନିର୍ମାଣ କରାଯାଇଥିବା ବେଳେ ତାଳଚେର ପ୍ରତି ଏତେ ବୈମାତୃକ ମନୋଭାବ ଅଞ୍ଚଳବାସୀଙ୍କ ମନକୁ କ୍ଷୁବ୍ଧ କରିଛି। ତେଣୁ ତାଳଚେର ରାଣୀପାର୍କ ବସଷ୍ଟାଣ୍ଡର ବିକାଶ ଦିଗରେ ବର୍ତ୍ତମାନର ସରକାର ଦୃଷ୍ଟି ଦେଇ ଏସବୁ ସମସ୍ୟାର କେମିତି ସମାଧାନ କରାଯାଇ ଯାତ୍ରୀଙ୍କ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରାଯିବାକୁ ବିଭିନ୍ନ ମହଲରେ ଦାବି ହେବା ସହ ତାଳଚେର ଅଞ୍ଚଳବାସୀ ମଧ୍ୟ ଏହାକୁ ନେଇ ଅନେକାଂଶରେ ମତ ପୋଷଣ କରୁଛନ୍ତି।

ଉଇସ୍‌ଡମ୍ ଗ୍ରୁପ୍‌ର ବନ୍ଧୁମିଳନ

ନାଉଗାଁ,୨୩।୨/ଏନ୍‌ଏନ୍‌ଏସ୍: ନାଉଗାଁ ବ୍ଲକ୍ ଅନ୍ତର୍ଗତ ଗାରୋଇ ଜଗନ୍ନାଥ ମନ୍ଦିର ପରିସରରେ ଉଇସ୍‌ଡମ୍ ଗ୍ରୁପ୍‌ର ମାସିକ ବନ୍ଧୁ ମିଳନ ସମାରୋହ ଆବାହକ ନାଉଗାଁ ବ୍ଲକ୍‌ର ପ୍ରାକ୍ତନ ମଣ୍ଡଳ ସହ ଶିକ୍ଷା ଅଧିକାରୀ ବାମଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ଧୂପ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହି ଶିବିରକୁ ଗାରୋଇ ଆଶ୍ରମର ବାବା ଆଦିତ୍ୟ ନାରାୟଣ ଦାସ ଉଦ୍‌ଘାଟନ କରିବା ସହିତ ଗୀତାକୁ ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ସହ ଶିକ୍ଷା ନିର୍ଦ୍ଦେଶକ ଡ. ଅଭୟ କୁମାର ମଲ୍ଲିକ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ବାଇଧର ତ୍ରିପାଠୀ, ବିଜୟ କୁମାର ସ୍ୱାଇଁ. ଭାବଗ୍ରାହୀ ଭୋଳ ତଥା ପୂର୍ବତନ ସହ ଶିକ୍ଷା ଅଧିକାରୀ ପବିତ୍ର କୁମାର ସାହୁ, ସବିତା ଦାସ, ସରୋଜିନୀ ଦେବୀ ତାଙ୍କ ବକ୍ତବ୍ୟରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷା ଆୟତନର ଉନ୍ନତି ତଥା ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବା ନିମନ୍ତେ ଆଲୋକପାତ କରିଥିଲେ। ଗ୍ରୁପର ସମ୍ପାଦକ ଅଶୋକ କୁମାର ସ୍ୱାଇଁ ମହୋଦୟ ଅତିଥିମାନଙ୍କୁ ସ୍ୱାଗତ ଓ ଆଜି ସଭାର ଉଦ୍ଦେଶ୍ୟ, ଲକ୍ଷ୍ୟ ବାବଦରେ ଆଲୋକପାତ କରିଥିଲେ। ଶିକ୍ଷକ ରଶ୍ମି ରଞ୍ଜନ ମଲ୍ଲିକ ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ଉକ୍ତ ସଭାରେ ଆଲୋଚନାରେ ଅନାଦି ଚରଣ ଖଟୁଆ,ବିଚିତ୍ରାନନ୍ଦ ସ୍ୱାଇଁ, ରାମଚନ୍ଦ୍ର ପରିଡ଼ା, ଜ୍ୟୋସ୍ନାମୟୀ ପ୍ରଧାନ, ରମେଶ ଚନ୍ଦ୍ର ପରିଡ଼ା, ସୁଧାଂଶୁ ମୋହନ ନାୟକ, ଗଙ୍ଗାଧର ବିଶ୍ୱାଳ, ବଟକୃଷ୍ଣ ସାମନ୍ତରାୟ, ଶମ୍ଭୁନାଥ ରାଉଳ, ଅଭୟ କୁମାର ବାରିକ ଇତ୍ୟାଦି ବନ୍ଧୁମାନେ ତାଙ୍କର ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ। ଗ୍ରୁପରେ ନୂଆକରି ଯୋଗ ଦେଇଥିବା ସଦସ୍ୟମାନଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗାରୋଇର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ସ୍ୱାଇଁ ଉଇସଡମ୍ ଗ୍ରୁପର କାର୍ଯ୍ୟକାରିତା ଓ ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ସମସ୍ତଙ୍କର ସହଯୋଗ କାମନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ମା'ମାହେଶ୍ୱରୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଆଠମଲ୍ଲିକ,୨୩।୨/ଏନ୍‌ଏନ୍‌ଏସ୍: ଆଠମଲ୍ଲିକ ୟୁଥ୍ ଆନୁକୂଲ୍ୟରେ ଅନୁଷ୍ଠିତ ମା' ମାହେଶ୍ୱରୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ମିନି ଷ୍ଟାଡିଅମ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ କନ୍ଧମାଳ ଏବଂ ଆଠମଲ୍ଲିକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ୩ଟି ଗୋଲ୍ ଦେଇଥିବା ବେଳେ ଆଠମଲ୍ଲିକ ୨ଟି ଗୋଲ୍ ପରିଶୋଧ କରିଥିଲେ। ଫଳରେ ୩-୨ ଗୋଲ୍‌ରେ କନ୍ଧମାଳ ବିଜୟୀ ହୋଇ ସେମିଫାଇନାଲ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହି ମ୍ୟାଚ୍‌ରେ ମୁଖ୍ୟ ରେଫରୀ ଭାବରେ ସାଗର ବେହେରା, ଲାଇନ୍ସ ମ୍ୟାନ୍ ଭାବେ ସଲିଲ ବେହେରା, ଶଶିକାନ୍ତ ଦାଶିଆ ଖେଳକୁ ପରିଚାଳନା କରିଥିବାବେଳେ ଚତୁର୍ଥ ରେଫରୀ ଭାବରେ ମୁକେଶ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚ୍ ଅବସରରେ ଅତିଥି ଭାବରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, କିଶୋରନଗର ବ୍ଲକ ପ୍ରତିନିଧି ସରୋଜ ସାହୁ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଯୁବ ରାଜ ପରେଶ ଦେଓ, ବିଜେପି ନେତା ପିନା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳର ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରିବା ସହିତ ଉତ୍ସାହିତ କରିଥିଲେ। ଆଠମଲ୍ଲିକ ୟୁଥ୍‌ର ସଭାପତି ହୁସେନ ଖାଁ, ସମ୍ପାଦକ ଅବିନାଶ ଷଡ଼ଙ୍ଗୀ,ସଦସ୍ୟ ମହେନ୍ଦ୍ର ସାହୁ, ଗଦାଧର ସ୍ୱାଇଁ, ରବୀନ୍ଦ୍ର ଦାଶ, ସ୍ୱଦେଶ ରଥ, ନନ୍ଦ କିଶୋର ତ୍ରିପାଠୀ, ପ୍ରଦୀପ ଦାଶ, ଜୀବନ ଜ୍ୟୋତି ମୁଖି, ଅନିଲ ମହାଳିକ, ନିରାକାର ଭୁକ୍ତା, ସିଦ୍ଧାର୍ଥ ମହାକୁଡ଼, ଯୀଶୁ ମେଷ୍ଟୁଳି, ଭକ୍ତି ପ୍ରସାଦ ଦେହୁରୀ, ନଗେନ ପ୍ରଧାନ, ପ୍ରଦୀପ ବାଘ, ସ୍ୱର୍ଣ୍ଣ ଶକ୍ତି ପ୍ରଧାନ, ଅନିଲ ସାହୁ, ଦେବବ୍ରତ ବେହେରା, ଶିତେଶ ରଥଙ୍କ ସମେତ ଆଠମଲ୍ଲିକ ୟୁଥ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଦୀପ କୁମାର ବାହୁକ। ମଙ୍ଗଳବାର ଝାରସୁଗୁଡ଼ା ଓ ବରଗଡ଼ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

ଚାରି ମହଲା କୋଠାରୁ ପଡ଼ି ମହିଳାଙ୍କ ମୃତ୍ୟୁ

ପାରାଦୀପ,୨୩।୨/ଏନ୍‌ଏନ୍‌ଏସ୍: ୪ ମହଲା କୋଠାରୁ ପଡି ମହିଳାଙ୍କ ମୃତ୍ୟୁ। ଏଭଳି ଅଭାବନୀୟ ଘଟଣା ପାରାଦୀପ ତାରିଣୀଗଡାରେ ଘଟିଛି। ମହିଳାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବଢିବାରେ ଲାଗିଥିବା ବେଳେ ଆଦର୍ଶ ଥାନା ପୁଲିସ ତରଫରୁ ଉକ୍ତ ବିଲଡିଂରେ ଭଡାରେ ରହୁଥିବା ଟ୍ରାଇଜର କମ୍ପାନୀର ୬ଜଣ ଷ୍ଟାଫ୍ ଏବେ ଘରମାଲିକ ଶମ୍ଭୁ ଖୁଣ୍ଟିଆଙ୍କୁ ଥାନାକୁ ଆଣି ପଚରା ଉଚରା ଚଳାଇଛି। ମହିଳାଙ୍କ ମୃତଦେହ ପଡ଼ିଥିବା ସ୍ଥାନର ଠିକ ସିଧା କାନ୍ଥରେ ଡ୍ରେସ ଝୁଲୁଥିବା ବେଳେ ତଳେ ପଡ଼ିଛି ମୃତଦେହ। ଯାହାକୁ ନେଇ ମହିଳାଙ୍କ ମୃତ୍ୟୁ ଦୁର୍ଘଟଣା ନାଁ କେହି ହତ୍ୟା କରି ଛାତରୁ ଠେଲି ଦେଇଛି କିମ୍ବା ଆତ୍ମହତ୍ୟା କରିଛନ୍ତି ଏହା ସମ୍ପୂର୍ଣ ସନ୍ଦେହ ଘେରରେ ରହିଥିବା ବେଳେ ମୃତ୍ୟୁ ପଛରେ ରହିଛି ଆଉ କ'ଣ କାରଣ ତାହା ଅସ୍ପଷ୍ଟ ରହିଛି। ପ୍ରକାଶ, ସୋମବାର ସକାଳୁ ତାରିଣୀଗଡାରେ ରହିଥିବା ଶମ୍ଭୁ ଖୁଣ୍ଟିଆଙ୍କ ନିବାସ ଗ୍ରିଲ୍ ପାଖରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଏହା ସହିତ ଘର ମାଲିକଙ୍କୁ ଯୋଗାଯୋଗ କରିଥିଲେ। ତେବେ ଏହି ମହିଳାଙ୍କୁ ସେ ଜାଣି ନାହାନ୍ତି। ସେ କେମିତି ଛାତ ଉପରକୁ ଚଢି ଯାଇ ତଳେ ପଡ଼ିଥିବା ନେଇ କହୁଥିବା ନେଇ ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ଯାହା ଘଟଣାକୁ ସନ୍ଦେହ ଘେରକୁ ଠେଲି ଦେଇଛି। ଚାରି ମହଲା କୋଠା ଉପରୁ ମହିଳା ଖସିବା, ତଳେ ମୃତଦେହ ପଡିବା, କାନ୍ଥରେ ମହିଳାଙ୍କ ଡ୍ରେସ ଝୁଲି ରହିଥିବା ଘଟଣାକୁ ଦେଖିଲେ ଏହା ହତ୍ୟାକାଣ୍ଡ ଭଳି ସନ୍ଦେହ ହେଉଥିବା ସ୍ଥାନୀୟ ଲୋକ କହୁଥିବା ବେଳେ ଘଟଣାସ୍ଥଳରେ ଆଦର୍ଶ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ସାଇଣ୍ଟିଫିକ୍ ଟିମ ଦ୍ୱାରା ତନାଘନା ଜାରି ରଖିଛି। ଏହି ବିଲଡିଂରେ ରହୁଥିବା ଏକ କମ୍ପାନୀର ୬ ଜଣଙ୍କ ସହିତ ଘର ମାଲିକକୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି। ତେବେ ତଦନ୍ତ ସମୟରେ ପୁଲିସ ହାତରେ କିଛି ସୁରାକ ଲାଗିଥିବା ନେଇ କହିଛନ୍ତି ପାରାଦୀପ ଏଏସ୍‌ପି ସ୍ମୃତି ରଞ୍ଜନ କର।

ନିଶା କବଳରେ କବଳିତ ବନ୍ଦରନଗରୀ

ପାରାଦୀପ,୨୩।୨/ଏନ୍‌ଏନ୍‌ଏସ୍: ବନ୍ଦରନଗରୀ ପାରାଦୀପ ସମ୍ପୂର୍ଣ ଭାବରେ ନିଶା କବଳରେ କବଳିତ। ଦୈନନ୍ଦିନ ରାଜରାସ୍ତାରେ ଦୁର୍ଘଟଣା, ବିଭିନ୍ନ ସମୟରେ ନିଶା ସେବନ କରି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହିତ ଚୋରି, ମାରପିଟ୍ ବୃଦ୍ଧି ପାଇବାରେ ଲାଗିଛି। ଜଗତସିଂହପୁର ଏସ୍‌ପି ଆକ୍ସନ ମୁଡ଼ରେ ଥିବା ବେଳେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ନିଶାକୁ ରୋକିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବା ବେଳେ ପାରାଦୀପରେ ଏହା ସମ୍ପୂର୍ଣ ଫେଲ ମାରିଛି। ରାତି ୧୨ଟା ପର୍ଯ୍ୟନ୍ତ ମଦ ଦୋକାନ ଖୋଲା ରହୁଥିବା ବେଳେ ବିଭିନ୍ନ ସ୍ଥାନରେ ରାସ୍ତା କଡରେ ଖୁଲମଖୁଲା ଗଞ୍ଜେଇର ବେପାର ଚାଲିଛି। ଆଦର୍ଶ ଥାନାଠାରୁ ମାତ୍ର କେତେହାତ ଦୂରରେ ଖୁଲମଖୁଲା ଗଞ୍ଜେଇ, ମଦର ଆସର ଜମୁଛି। ହେଲେ ଆଦର୍ଶ ଥାନା ପୁଲିସ ସବୁ ଦେଖି ଆଖି ବନ୍ଦ କରିଦେଇଛି। କିଛି ସ୍ଥାନରେ ଯୁବକମାନେ ଖୁଲମଖୁଲା ଗଞ୍ଜେଇ ନାମରେ ଅବୈଧ ନିଶା ବିକ୍ରି କରୁଥିବା ବେଳେ ପୁଲିସ କିପରି ଏମାନଙ୍କୁ ଧରିବାରେ ବିଫଳ ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠୁ ଚିନ୍ତାଜନକ ପାଲଟିଛି ନିଶାସେବନ କରୁଥିବା ନିଶାଡିଙ୍କ ଉତ୍ପାତ। କେଉଁଠି ଗାଡି ଚଳାଇ କାହାକୁ ବାଡ଼ଉଛନ୍ତି ତ କେଉଁଠି କାହା ଗାଡ଼ିରେ ଧକ୍କା ହୋଇ ନିଜେ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହା ସହିତ ବିଭିନ୍ନ ସ୍ଥାନରେ ଗାଳିଗୁଲଜ ଯାହା ପାରାଦୀପରେ ନିଶାର ପରିମାଣ କେତେ ବୃଦ୍ଧି ପାଇଛି ତାହା ପ୍ରମାଣ କରୁଛି। ସୋମବାର ଅପରାହ୍ନରେ କାହ୍ନୁବିଲାସ ନିକଟରେ ଜଣେ ଯୁବତୀ ଅତ୍ୟଧିକ ନିଶା ସେବନ କରି ହାଙ୍ଗାମା କରିବା ଏବେ କାନ୍ଥରେ ଆଉଜି ନିଶାରେ ଝୁଲିବା ଯାହା ସଭ୍ୟ ସମାଜ ପାଇଁ ଉପହାସ ବୋଲି କିଛି ବୁଦ୍ଧିଜୀବୀ ମତ ରଖୁଛନ୍ତି। ପାରାଦୀପ ଅଞ୍ଚଳରେ ନିଶା ବେପାର ବୃଦ୍ଧି ପାଇବା ସହିତ ନିଶାଡିଙ୍କ ଦୌରାତ୍ମ୍ୟକୁ ପ୍ରତିହତ କରିବା ପାଇଁ ପୁଲିସ କାର୍ଯ୍ୟାନୁଷ୍ଠାନର ଆବଶ୍ୟକ ରହିଥିବା ବେଳେ ଯଦି ପୁଲିସ ନିରବଦ୍ରଷ୍ଟା ପାଲଟିବ ତେବେ ପାରାଦୀପ ଅବସ୍ଥା କେଉଁ ସ୍ଥିତିରେ ପହଞ୍ଚିବ ତାହାକୁ ନେଇ ପାରାଦୀପ ଜନସାଧାରଣ ଓ ବୁଦ୍ଧିଜୀବୀ ଚିନ୍ତା ପ୍ରକାଶ କରିଛନ୍ତି।

ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ପରଜଙ୍ଗ,୨୩।୨/ଏନ୍‌ଏନ୍‌ଏସ୍: ପରଜଙ୍ଗ ବ୍ଲକ୍ ୫୩ ନମ୍ବର ଜାତୀୟ ରାଜପଥର ବାଇପାସ୍ ଛକ ଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ପରଜଙ୍ଗ ବିଜେପି ଯୁବମୋର୍ଚ୍ଚା ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଏକ ବିଶେଷ କାର୍ଯ୍ୟକ୍ରମରେ ଅନୁଗୁଳ ଜିଲ୍ଲା ରେଙ୍ଗାଳିକୁ ଯାଉଥିବା ବେଳେ ଖବରପାଇ ରାତି ୮ ଘଟିକା ସମୟରେ ଯୁବମୋର୍ଚ୍ଚା ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ଗୋଛାୟତ, ରୁଦ୍ର ନାରାୟଣ ଦଳବେହେରା, ଭୁବନାନନ୍ଦ ବିଶ୍ୱାଳ, ବଦ୍ରିନାରାୟଣ ଦଳବେହେରା, ମଳୟ ସାହୁ, ସଚ୍ଚିଦାନନ୍ଦ କବି, ପ୍ରସାଦ ସେଠୀ, ସୁଶିଲ ରାଉତ, ସୋମନାଥ ନାୟକ, ଅଜିତ ଦଳବେହେରା, ଜ୍ଞାନେନ୍ଦୁ ନାୟକ, ଓମ୍ ପ୍ରୟାସ ସାହୁ, ରାଜେଶ ଦଳବେହେରା ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

ଡିଜେ ଗାଡ଼ିକୁ ଜବତ କଲା ପୁଲିସ

ରାଜନଗର,୨୩।୨/ଏନ୍‌ଏନ୍‌ଏସ୍: ରାଜନଗର ବ୍ଲକ ସଦର ମହକୁମାରେ ବିବାହ ଶୋଭାଯାତ୍ରାରେ ଉଚ୍ଚ ସ୍ୱରରେ ବଜାଇ ଯାଉଥିବା ଡିଜେ ମେସିନ ସହ ଗାଡିକୁ ଜବତ କରି ରାଜନଗର ପୁଲିସ ଥାନାକୁ ନେଇଛି। ଶନିବାର ବିଳମ୍ବିତ ରାତିରେ ଉଚ୍ଚ ସ୍ୱରରେ ବଜାଉଥିବା ଡିଜେ ମେସିନ ଥିବା ଗାଡି ନଂ-ଓଡି-୦୨-ଏକ୍ସ-୧୦୨୫ ବିରୁଦ୍ଧରେ ସ୍ଥାନୀୟ ଲୋକମାନେ ଅଭିଯୋଗ କରିବା ପରେ ପୁଲିସ ଜବତ କରିଥିଲା। ସର୍ବୋଚ୍ଚ ନ୍ୟାୟାଳୟ ଡିଜେ ବାଜିବା ଉପରେ କଟକଣା ଜାରି କରିଥିବା ବେଳେ ଅନେକ ସମୟରେ ବିଳମ୍ବିତ ରାତିରେ ଉଚ୍ଚ ସ୍ୱରରେ ବାଜିବା ଦ୍ୱାରା ବହୁ ଧନଜୀବନ ପ୍ରଭାବିତ ହେଉଛନ୍ତି। ବିଶେଷକରି ବୟସ୍କ ଓ ହୃଦ୍‌ରୋଗୀଙ୍କ ପାଇଁ ଏହା ଘାତକ ସାବ୍ୟସ୍ତ ହୋଇଛି।

ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ

ରାଜନଗର,୨୩।୨/ଏନ୍‌ଏନ୍‌ଏସ୍: ରାଜନଗର ବ୍ଲକ ତାଳଚୁଆ ଟୀକାୟତନଗର ଠାରେ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ସଭାପତି ମହେନ୍ଦ୍ର କୁମାର ଦାସଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରୋ ରମାଦେବୀ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ରାଉତ, ମୁଖ୍ୟବକ୍ତା ଭାବେ ଡାଙ୍ଗମାଳ ନାଗାନାରାୟଣ କଲେଜର ଇଂରାଜୀ ଅଧ୍ୟାପକ ପ୍ରତାପ କୁମାର ଧଳ,ରାଜନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ଡାଙ୍ଗମାଳ ନାଗାନାରାୟଣ କଲେଜର ସଭାପତି ତଥା ସମ୍ମାନିତ ଅତିଥି କାର୍ତ୍ତିକ ଚନ୍ଦ୍ର ବେହେରା ଯୋଗଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ଶାରରୀକ, ମାନସିକ, ବୌଦ୍ଧିକ ବିକାଶ ସହ ଶୈକ୍ଷିକ ବିକାଶ ଅପରିହାଯ୍ୟ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଗୌରହରି ମଣ୍ଡଳ ଅତିଥି ପରିଚୟ କରିବା ସହ ପ୍ରତିଷ୍ଠାତା ଶଙ୍କର ସେଠି,ଗୁରୁମା ସୁଶ୍ରୀ ସୁପର୍ଣ୍ଣା ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଗୁରୁମା ନମିତା ସାହୁ, ସୁଷମା, ପୂଜା ଆଦି ସହଯୋଗ କରିଥିଲେ। ରାମଚନ୍ଦ୍ର ବାରିକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷାଦାନ କରିଥିଲେ।ଶେଷରେ ପୁରସ୍କାର ବିବରଣୀ ସହ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଡେରାବିଶ ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ

ଚାନ୍ଦୋଳ,୨୩।୨/ଏନ୍‌ଏନ୍‌ଏସ୍: ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ଆଜି ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ନଗେନ୍ଦ୍ର ନାଥ ପାଣି ପୋରୋହିତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ପ୍ରଭାକର ସାମଲ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଚନ୍ଦ୍ରଶେଖର ନାୟକ, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପିକା ଲୋକନାଥ ଗିରି, ପ୍ରାଧ୍ୟାପିକା ରେଖା ଦେବୀ ଓ କଲେଜ ପରିଚାଳନା କମିଟିର ପୂର୍ବତନ ସଭ୍ୟ ବ୍ରହ୍ମାନନ୍ଦ ମଲିକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ପାଠ୍ୟକ୍ରମ ସହ ଅଧ୍ୟାପକ ଅଧ୍ୟାପିକାମାନେ ନୈତିକ ଶିକ୍ଷା



ଉପରେ ଗୁରୁତ୍ୱ ଦେବାର ଆବଶ୍ୟତା ନେଇ ମତବ୍ୟକ୍ତ କରିଥିଲେ। କଲେଜ ଆଇକ୍ୟୁସି ସଂଯୋଜକ ବିଶ୍ୱଜିତ ସାହୁ ଓ ଅଧ୍ୟାପିକା ସୁଭାସିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଅଧ୍ୟାପିକା ଡ.ପ୍ରଜ୍ଞା ପଟ୍ଟନାୟକ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଶେଷରେ ଅଧ୍ୟାପକ ଗୁରୁଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ, ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଞ୍ଚଳବାସୀ ଉପସ୍ଥିତ ଥିବାବେଳେ ଏହାର ପରିଚାଳନାରେ ବରିଷ୍ଠ କର୍ମଚାରୀ ବିଧୁଭୁଷଣ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ନଦୀରୁ ବୃଦ୍ଧଙ୍କ ଶବ ଉଦ୍ଧାର

ରାଜନଗର,୨୩।୨/ଏନ୍‌ଏନ୍‌ଏସ୍: ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ରାଜଗଡ ଗ୍ରାମ କଳାକାର ଭୂୟାଁ (୮୨) ଶନିବାର ସକାଳେ ନଦୀକୁ ଡ଼େଇଁ ପଡ଼ିଥିଲେ। ନଦୀରେ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ନଦୀ ମଧ୍ୟରେ ଖୋଜିଥିଲେ ମଧ୍ୟ ପାଇନଥିଲେ। ରବିବାର ତାଙ୍କର ଶବ ଏକମାଣିଆ ପାଳନରୁ ଉଦ୍ଧାର କରାଯାଇଥିଲା। ରାଜନଗର ଥାନା ପୁଲିସ କଳାକାରଙ୍କ ଶବକୁ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରିବାର ଲୋକେ ବୃଦ୍ଧ ନଦୀ କୂଳରେ ବୁଲୁଥିବା ବେଳେ ନଦୀ ମଧ୍ୟକୁ ଖସି ପଡ଼ିଲେ ବୋଲି କହିଛନ୍ତି।

ଦର୍ଶନୀୟ ସ୍ଥାନ ପରିଭ୍ରମଣରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ

ଚାନ୍ଦୋଳ,୨୩।୨/ଏନ୍‌ଏନ୍‌ଏସ୍: ଡେରାବିଶ ଶିକ୍ଷା ମଣ୍ଡଳ ଅଧୀନ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ନେଇ ଆଜି ଶୈକ୍ଷିକ ତଥା ଦର୍ଶନୀୟ ସ୍ଥାନ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ଓ ବିଆରସିସି ଦେବଦତ ଶତପଥିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୪୦ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ କଟକ ଜିଲ୍ଲା ଅନ୍ତର୍ଗତ ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି ଓ ଯାଜପୁର ଜିଲ୍ଲା ଅନ୍ତର୍ଗତ ପ୍ରସିଦ୍ଧ ମହାବିନାୟକଙ୍କ ପୀଠକୁ ପରିଦର୍ଶନରେ ଯାଇଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ଜୟନ୍ତ ପ୍ରସାଦ ସ୍ୱାଇଁ ଓ ଆଲୋକ ବେହେରା ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଲଳିତଗିରିରେ ବୁଦ୍ଧଙ୍କର ବିଭିନ୍ନ ମୁଦ୍ରାରେ ରହିଥିବା ମୂର୍ତ୍ତି ଓ ବୁଦ୍ଧଙ୍କ ଅସ୍ଥିକୁ ବୁଲାଇ ଦେଖାଇବା ସହିତ କିପରି ଆମ ଅଞ୍ଚଳରେ ବୌଦ୍ଧ ଧର୍ମର

ପ୍ରଚାର ପ୍ରସାର ଓ ସେତେବେଳର ଆଧ୍ୟାତ୍ମିକ ସଂସ୍କୃତି ସମ୍ପର୍କରେ ବୁଝାଇଥିଲେ। ପରେ ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମହାବିନାୟକଙ୍କ ପୀଠକୁ ନେଇ ପ୍ରଭୁ ବିନାୟକଙ୍କ ଦର୍ଶନ କରାଇବା ସହିତ ଏହାର ମନୋରମ ପ୍ରାକୃତିକ ପରିବେଶକୁ ବୁଲାଇ ଦେଖାଇଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କୁ ଏହି ପୀଠ ନିକଟରେ ରହିଥିବା ଏକ ପାର୍କ ମଧ୍ୟରେ ସ୍ୱାଦିଷ୍ଟ ଭୋଜନରେ ଆପ୍ୟାୟିତ କରିବା ସହିତ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ପ୍ରଦ୍ୟୁମ୍ନ କୁମାର ଜେନା, ସୁଶାନ୍ତ କୁମାର ନାୟକ, ଅନ୍ନପୂର୍ଣ୍ଣା ସାମଲ, ଗୋକୁଳ ତ୍ରିପାଠୀ, ଦିପକ କୁମାର ଦାଶ, ଭବାନୀଶଙ୍କର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଚୋରାମଦ ବିକ୍ରି ବିରୋଧରେ ଦାବିପତ୍ର

ଧର୍ମଶାଳା,୨୩।୨/ଏନ୍‌ଏନ୍‌ଏସ୍: ଧର୍ମଶାଳା ଥାନା ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତରେ ବ୍ୟାପକ ଚୋର ମଦ ବେପାରକୁ ବନ୍ଦ କରିବା ଦାବିରେ ଆଜି ପଲାର ଗ୍ରାମର ଏସ୍‌ଏଚ୍‌ଜି ମହିଳା ସଂଘ ପକ୍ଷରୁ ଶତାଧିକ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ, ଗ୍ରାମରେ ଚୋରା ବିଦେଶୀ ମଦ ଓ ପଲାର ଗ୍ରାମରେ ଦେଶୀ ହାଣ୍ଡିଆ, ଲସି, ଗଞ୍ଜେଇ ଚୋରାରେ ବିକ୍ରୟ ହଉଥିବା ଅଭିଯୋଗ କରି ଧର୍ମଶାଳା ଅବକାରୀ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ପ୍ରତିବାଦରେ ଶତାଧିକ ଏସ୍‌ଏଚ୍‌ଜି ମହିଳାମାନେ ପଲାର ଗ୍ରାମ ନିକଟରୁ ଏକ ରାଲିରେ ବାହାରି ମଦ ବନ୍ଦ ନାରାଦେଇ ନକପୋଲ ବଜାର ନିକଟରେ ପହଞ୍ଚି ରାସ୍ତା ଅବରୋଧ କରିଥିଲେ। ଖବରପାଇ ଧର୍ମଶାଳା ପୁଲିସ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ପରେ

ମହିଳାମାନେ ସେଠାରୁ ଜାରକା ସ୍ଥିତ ଅବକାରୀ କାର୍ଯ୍ୟାଳୟରେ ପହଞ୍ଚି ଧର୍ମଶାଳା ଅବକାରୀ ଅଧିକାରିଣୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଗ୍ରାମରେ ବିକ୍ରିହେଉଥିବା ଚୋର ମଦ ପିଇ ନାବାଳକ ଓ ଯୁବକମାନେ ଅପ୍ରତିକାର ପରିସ୍ଥିତି ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଘରର ପୁରୁଷମାନେ ମଦ୍ୟପାନ କରିବା ଯୋଗୁଁ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଯାହା ଫଳରେ ଆର୍ଥିକ ଅଭାବରୁ ଚୋରି ଭଳି କାର୍ଯ୍ୟକଳାପ ବଢିବା ଏବଂ ଶେଷରେ ଅକାଳରେ ମୃତ୍ୟୁବରଣ କରିବା କଥା ଦର୍ଶାଇଥିଲେ। ଜାରକାରେ ଥିବା ଅବକାରୀ ବିଭାଗର ଅସ୍ଥାୟୀ କାର୍ଯ୍ୟାଳୟ ଠାରୁ ମାତ୍ର କିଛି ମାଇଲ ଦୂରରେ ଏହିପରି ଅପ୍ରତିକାର କାର୍ଯ୍ୟ ହେଉଥିବା ଜଣାଇଥିଲେ। ତେଣୁ ଏହି ସବୁ ସ୍ଥାନରୁ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ବନ୍ଦ କରିବା ସହ ଭବିଷ୍ୟତରେ ଯେପରି କେହି ପୁନର୍ବାର ଚୋରାରେ ମଦ, ଦେଶୀ ହାଣ୍ଡିଆ, ଲସି, ଗଞ୍ଜେଇ ଏବଂ ଡ୍ରଗସ ବେପାର ନ କରନ୍ତି ସେଥିପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଆଉ କେହି ମଦ ବେପାର ନ କରନ୍ତି ସେଥିପ୍ରତି ନିରନ୍ତର ଧ୍ୟାନ ରଖିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ଅବକାରୀ ବିଭାଗ ଅଧିକାରୀ ଶୁଭଶ୍ରୀ ଚକ୍ର ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ଯାଜପୁର, ୨୩।୨/ଏନ୍ଏନ୍ଏସ୍: ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ୍ ୧୩୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୧୩ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୪ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର, ଯଶପ୍ରତାପ ଶ୍ରୀମାଲ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦଶରଥପୁର ଆକାଶ ପଟ୍ଟନାୟକ, ତହସିଲଦାର, ଦଶରଥପୁର ଶୁଭ୍ରାଂଶୁ ସାହୁ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ଜନଗଣନା ପାଇଁ ୨ ଦିନିଆ ତାଲିମ୍ ଶିବିର

କେନ୍ଦ୍ରାପଡ଼ା, ୨୩।୨/ଏନ୍ଏନ୍ଏସ୍: ଜନଗଣନା ପାଇଁ ୨ ଦିନିଆ ତାଲିମ୍ ଶିବିର କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଘାଟିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ତାଲିମ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ଅଧ୍ୟକ୍ଷତା କରିଥିବା ବେଳେ ଜନଗଣନା କାର୍ଯ୍ୟକ୍ରମର ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଦୀର୍ଘ ଦଶନ୍ଧି ପରେ ସମଗ୍ର ଦେଶରେ ଜନଗଣନା ଆରମ୍ଭ କରାଯିବାକୁ ଥିବାବେଳେ ଜନଗଣନା ସହିତ ଜନ ସାଧାରଣଙ୍କ ଆର୍ଥିକ ସ୍ଥିତି, ବାସଗୃହ, ରୋଜଗାର ଆଦିର ପରିସଂଖ୍ୟାନ ଗ୍ରହଣ କରାଯିବ। ପ୍ରତ୍ୟେକ ତହସିଲ୍ର ତହସିଲଦାରମାନଙ୍କୁ ଚାର୍ଜ ଅଫିସର ଭାବେ ଓ ଅତିରିକ୍ତ ତହସିଲଦାରମାନଙ୍କୁ ଆଡିସିନାଲ ଚାର୍ଜ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ସଂପୃକ୍ତ ତହସିଲରର ଅଧିନରେ ଜନଗଣନା ପାଇଁ ନିଯୁକ୍ତ ଶିକ୍ଷକମାନଙ୍କୁ ପରିସଂଖ୍ୟାନକାରୀ ଭାବେ ଦାୟିତ୍ୱ ଦିଆଯାଇ ଥିବାବେଳେ ଏପ୍ରିଲ ୧୬ ତାରିଖରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ଏହି ପରିସଂଖ୍ୟାନକାରୀ ଶିକ୍ଷକମାନେ ଘର ଘର ବୁଲି ଗଣନା କରିବେ। ଗୃହକର୍ତ୍ତା ଚାହିଁଲେ ଅନ୍ଲାଇନ ମାଧ୍ୟମରେ ନିଜେ ମୋବାଇଲ ମାଧ୍ୟମରେ କିମ୍ବା ଜନସେବା କେନ୍ଦ୍ରରେ ଗୃହ ଗଣନା କରିପାରିବେ। ଗୃହ ଗଣନା ପରବର୍ତ୍ତୀ ପର୍ଯ୍ୟାୟରେ ଜନ ଗଣନା ପରିସଂଖ୍ୟାନ ଆରମ୍ଭ କରାଯିବ। ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସିଂହ ଏହି ସବୁ ଦିଗ ଉପରେ ଉପସ୍ଥିତ ଅଧିକାରୀମାନଙ୍କୁ ବିଶେଷ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ।

ରକ୍ତଦାନ ଶିବିରରେ ୫୩୦ ୟୁନିଟ୍ ସଂଗୃହିତ

ଯାଜପୁର, ୨୩।୨/ଏନ୍ଏନ୍ଏସ୍: କଳିଙ୍ଗନଗର ସାମାଜିକ ପ୍ରତିବଦ୍ଧତା ଓ ମାନବିକ ସେବାର ଏକ ଅନନ୍ୟ ଉଦାହରଣ ସ୍ୱରୂପ ଟାଟା ଷ୍ଟିଲ୍ କଳିଙ୍ଗନଗରର ଲଜିଷ୍ଟିକ୍ସ ବିଭାଗ ଅଧୀନସ୍ଥ ଗ୍ରୀନ୍ ଟ୍ରାନ୍ସପୋର୍ଟ ପାର୍କ ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ରକ୍ତଦାନ ଅଭିଯାନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ କଟକ ରେଡକ୍ରସ୍ ରକ୍ତ ଭଣ୍ଡାର ସହାୟତା ପ୍ରଦାନ କରିଥିଲେ। ଏହି ଶିବିରକୁ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ଉପାଧ୍ୟକ୍ଷ ଉତ୍ତମ ସିଂହ ମିଳିତ ଭାବେ ଉଦ୍ଘାଟନ କରିଥିଲେ। ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା। ଯାହାଫଳରେ ମୋଟ ୫୩୩ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି। ପ୍ରମୁଖ ସ୍ୱାସ୍ଥ୍ୟଅନୁଷ୍ଠାନ ଗୁଡ଼ିକର ସହଭାଗିତାରେ ଆୟୋଜିତ ଏହି ଶିବିର ମାଧ୍ୟମରେ ସଂଗୃହିତ ରକ୍ତ ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଜରୁରୀକାଳୀନ ପରିସ୍ଥିତିରେ ରୋଗୀଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେବ। ଏହି ଅବସରରେ ୬୭ ଥର ରକ୍ତଦାନ କରିଥିବା ସୁକୁମାର ଜେନା ଏବଂ ୫୩ ଥର ରକ୍ତଦାନ କରିଥିବା ଅଜିତ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ଅନ୍ୟ ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଏବଂ ଗୋଟିଏ ଲେଖାଏଁ ଚାରା ପ୍ରଦାନ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଏପର୍ଯ୍ୟନ୍ତ ମୋଟ ୫ଟି ରକ୍ତଦାନ ଶିବିର ଆୟୋଜନ କରାଯାଇ ମୋଟ୍ ୧୬୪୪ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି।

କେନ୍ଦ୍ରାପଡ଼ାରେ ସୁପର୍ ସ୍ପେଶିଆଲିଟି ଦାତବ୍ୟ ଚିକିତ୍ସାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

କେନ୍ଦ୍ରାପଡ଼ା, ୨୩।୨/ଏନ୍ଏନ୍ଏସ୍: ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପ୍ରଚେଷ୍ଟା ଓ ନିୟମିତ ତତ୍ତ୍ୱାବଧାନରେ ଖୁବ୍ଶୀଘ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ଦାତବ୍ୟ ଚିକିତ୍ସାଳୟ ପ୍ରତିଷ୍ଠା ହେବାକୁ ଯାଉଛି। ଏନେଇ ଆଜି ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ୍ର ରଜାଙ୍ଗ ଠାରେ ଶ୍ରୀ ପଣ୍ଡା ଏବଂ ସତ୍ୟସାଇ ବାବାଙ୍କ ସହଯୋଗୀ ପୂଜ୍ୟ ସ୍ୱାମୀଜୀ ମଧୁସୂଦନ ସାଇଙ୍କ କରକମଳରେ ଭୂମି ପୂଜା ସହିତ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରକାଶ, କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ବହୁ ଦିନର ଦାବିକୁ ବିଚାର ବିମର୍ଷକରି ସାଂସଦ ଶ୍ରୀ ପଣ୍ଡା ଦେଶର ବିଭିନ୍ନ ଅଗ୍ରଣୀ ପ୍ରମୁଖ ଅନୁଷ୍ଠାନମାନଙ୍କ ସହିତ ଗତ ୨ବର୍ଷ ଧରି ଯୋଗାଯୋଗରେ ଥିଲେ। ଶେଷରେ ଶ୍ରୀ ପଣ୍ଡାଙ୍କ ଅନୁରୋଧକ୍ରମେ ପ୍ରଶାନ୍ତି ବାଲ୍ ମନ୍ଦିର ଟ୍ରଷ୍ଟ କେନ୍ଦ୍ରାପଡାରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ଦାତବ୍ୟ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିବା ପରେ କେନ୍ଦ୍ରାପଡ଼ା ଜନସାଧାରଣଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶ୍ରୀ ପଣ୍ଡା ଗତ ଏପ୍ରିଲ ୨୮ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀଙ୍କ ସହ ଏହି ପ୍ରକଳ୍ପ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ। ଏବଂ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇଦେବାକୁ ଅନୁରୋଧ କରିଥିଲେ। ପ୍ରଶାନ୍ତି ବାଲ୍ ମନ୍ଦିର ଟ୍ରଷ୍ଟର ଓଡ଼ିଶାରେ ଏହା ପ୍ରଥମ ଚିକିତ୍ସାଳୟ ହେବାକୁ ଥିଲାବେଳେ ଏଥିପାଇଁ ଆବଶ୍ୟକୀୟ ୧୦ ଏକର ଜମି ଇତିମଧ୍ୟରେ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ କେନ୍ଦ୍ରାପଡ଼ା ସ୍ଥିତ ଡେରାବିଶ ବ୍ଲକ ଅନ୍ତର୍ଗତ ରଜାଙ୍ଗ ଠାରେ ଚିହ୍ନଟ କରିଥିଲେ। ଏହି ଚିକିତ୍ସାଳୟରେ ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଓଡ଼ିଶାର ଜନସାଧାରଣ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସେବା ପାଇବେ। ପ୍ରାୟ ୧୧୦ ବ୍ୟୟ ଅଟକଳର ଏହି ପ୍ରକଳ୍ପଟି ୨୪ ମାସରେ କାର୍ଯ୍ୟକ୍ଷମ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପଣ୍ଡା କହିଛନ୍ତି।

ଅପହୃତା ନାବାଳିକା ଛାତ୍ରୀ ଉଦ୍ଧାର

ପଟ୍ଟାମୁଣ୍ଡାଇ, ୨୩।୨/ଏନ୍ଏନ୍ଏସ୍: ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ପୌରାଞ୍ଚଳର ଯୁକ୍ତଦୁଇ ନାବାଳିକା ଛାତ୍ରୀ ଗତ ମହାଶିବ ରାତ୍ରି ଜାଗର ଦିନ ସ୍ଥାନୀୟ ଏକ ମହାଦେବ ମନ୍ଦିରକୁ ଠାକୁର ଦର୍ଶନ ପାଇ ଯାଇ ଘରକୁ ଫେରି ନଥିଲା । ନାବାଳିକାର ପରିବାର ଲୋକେ ବହୁ ଖୋଜା ଖୋଜି ପରେ ଝିଅକୁ ନପାଇ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ। ଶେଷରେ କୌଣସି ଉପାୟ ନପାଇ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ତାଙ୍କର ପରିବାର ଲୋକମାନେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଏକ ମାମଲା ରୁଜୁ କରି ତ୍ୱରିତ ତଦନ୍ତ ଆରମ୍ଭ କରିଥିଲା। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଏକ ଟିମ୍ ଗଠନ କରି ନାବାଳିକା ଅପହରଣର ୬ଦିନ ମଧ୍ୟରେ ଅପହୃତା ନାବାଳିକାକୁ ଉଦ୍ଧାର କରି ତାଙ୍କ ପରିବାରରେ ଜିମା ଦେବା ସହ ପଟ୍ଟାମୁଣ୍ଡାଇ କୋର୍ଟ ଓ ସିଡବ୍ଲ୍ୟୁସିରେ ହାଜର କରିଛି।

ମଣ୍ଡିରୁ ଧାନ ଉଠୁନି, ଚାଷୀ ହତାଶ

କେନ୍ଦ୍ରାପଡ଼ା, ୨୩।୨/ଏନ୍ଏନ୍ଏସ୍: କେନ୍ଦ୍ରାପଡା ଜିଲ୍ଲାରେ ଥିବା ୧୨୧ଗୋଟି କୃଷି ସମବାୟ ସମିତି ମଧ୍ୟରୁ ମାତ୍ର ୮-୧୦ଟି ମଣ୍ଡିରେ ଧାନ କିଣା ଠିକ ଭାବରେ ଚାଲିଥିବା ବେଳେ ଅଧିକାଂଶ ମଣ୍ଡିରେ ମିଲର ଧାନ ନେଉ ନଥିବା ଫଳରେ ଚାଷୀମାନେ ହତାଶ ହୋଇ ବସିଛନ୍ତି। ଏବଂ ସେମାନଙ୍କ ଟୋକନ ଅବଧି ମଧ୍ୟ ସରିଲାଣି । ଏନେଇ ସୋମବାର ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ତେରଗାଁ ସୋସାଇଟର ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କ ମଣ୍ଡିରୁ ମିଲର ଧାନ ନେଉ ନଥିବାରୁ ଚାଷୀମାନେ ଧାନ ଦେଇପାରୁ ନାହାଁନ୍ତି । ଏବଂ ମିଲରମାନେ ଅଖା ମଧ୍ୟ ଦେଉ ନାହାଁନ୍ତି । ଚାଷୀ ଧାନ ଦେଇପାରୁ ନଥିବାରୁ ସେମାନଙ୍କ ଟୋକନ ଅବଧି ମଧ୍ୟ ସରିଲାଣି । ତୁରନ୍ତ ସେମାନଙ୍କ ମଣ୍ଡିରୁ ମିଲର ଧାନ ଉଠାଇବା ସହିତ ଟୋକନ ଅବଧି ସରି ଯାଇଥିବା ଚାଷୀମାନେ କିଭଳି ଧାନ ଦେଇପାରିବେ ସେନେଇ କୃଷି ସମବାୟ ସମିତିର ପଞ୍ଜିକରଣ ଚାଷୀ ପ୍ରହଲ୍ଲାଦ ପାଣି, ବିପିନ କୁମାର ଦାସ, ମେଘାନନ୍ଦ ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ, ବିଜୟ କୁମାର ଖଟୁଆ, ହୃଷିକେସ ଦାସ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

32001/127/2526

GOVERNMENT OF ODISHA
e-Procurement Notice Online Tender
BID Identification No. SEMIDBNJ-07/2025-26

Name of work	:	Civil Construction Works
No of work	:	01 No.
Estimated cost	:	Rs.38.40 Lakh
Period of completion	:	06 (Six) calendar months
Date & time of availability of bid documents in the portal	:	From 25.02.2026 to 07.03.2026 up to 17.30 hours
Date for opening of Bid	:	09.03.2026 at 11.00 A.M.
Lottery Date if required	:	13.03.2026 at 11.30 A.M.
Name & address of the OIT	:	Superintending Engineer, Minor Irrigation Division, Bhanjanagar

Further details & Corrigendum if any can be seen from the website : www.tendersodisha.gov.in

Sd/-
Superintending Engineer
M.I. Division, Bhanjanagar

OIPR-32001/32287/1/25-26/0002

ରାଜ୍ୟପାଳଙ୍କ ହସ୍ତକ୍ଷେପ ପରେ ଦୁହୁରିଆରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ସମ୍ଭବ

କେନ୍ଦ୍ରାପଡ଼ା, ୨୩।୨/ଏନ୍ଏନ୍ଏସ୍: ଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ ସମୟରେ ୨୦୧୩ ମସିହାରେ ନିର୍ମାଣ କରାଯାଇଥିବା ଦୁହୁରିଆ ପୋଲକୁ ୩ମାସ କାଳ ଲାଗି ଭଙ୍ଗାଯାଇ ଏଠାରେ ଜଗତପୁର ଗୋଲେଇଛକ ଡିଜାଇନ୍ରେ ଦୁଇଟି ପୋଲ ବିଶିଷ୍ଟ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମାତ୍ର ଦୁଃଖର ବିଷୟ ଯେତିକି ଓସାରର ପୋଲ ଭଙ୍ଗାଗଲା ତାକୁ ଚଉଡା କରାନଯାଇ ମାତ୍ର ଏକ ମିଟର ଅଧିକ ଚଉଡା କରାଯାଇ ନିର୍ମାଣ କରାଗଲା। ଏହାପୂର୍ବରୁ କଟକ-ଚାନ୍ଦବାଲି ରାସ୍ତା ୪ଲେନ୍ ବିଶିଷ୍ଟ ହେବାକୁ ସମସ୍ତ ପ୍ରକାର କାଗଜପତ୍ର ଚୂଡାନ୍ତ କରାଯାଇଥିବା ବେଳେ କଟକ-ଚାନ୍ଦବାଲି ରାସ୍ତାର ମାଲିକ ତଥା କେନ୍ଦ୍ରାପଡା ପୂର୍ତ୍ତ ଡିଭିଜନର ଅଧୀକ୍ଷଣଯନ୍ତ୍ରୀଙ୍କ କୌଣସି ମତାମତ ବା ସହଯୋଗ ନିଆଯାଇନଥିଲା। ଏହି ଛକ ଜିଲ୍ଲାର ଚଉମୁହାଣ ହୋଇଥିବା ବେଳେ ଜଗତସିଂହପୁର, ଯାଜପୁର, କଟକ, ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାର କୋଣଅନୁକୋଣକୁ ସଂଯୋଗ କରୁଛି। ଏହା ଏତେ ଛୋଟ କରି ନିର୍ମାଣ କରାଯାଇ ଥିବାରୁ ସେଠାରେ ପୂର୍ବପରି ଶହଶହ ଦୁର୍ଘଟଣା ହୋଇ ବହୁ ଧନଜୀବନ ନଷ୍ଟ ହେଉଛି। ଏହାକୁ ପ୍ରତିବାଦ କରି କେନ୍ଦ୍ରାପଡ଼ା ଜିଲ୍ଲା କୃଷକ ବିକାଶ ପରିଷଦ ଓ କେନ୍ଦ୍ରାପଡ଼ା ନାଗରିକ ସୁରକ୍ଷା ମଞ୍ଚର ସଭାପତି ଆଇନଜୀବୀ ବିଜୟ ପରିଡା, ନାଗରିକ ସୁରକ୍ଷା ମଞ୍ଚର ଆବାହକ ସନାତନ ମୁଦୁଲି, ନୟନବିହାର ଉନ୍ନୟନ ସମିତିର ସଭାପତି ସୁଶିଲ ସାମଲ ଓ ଶ୍ରୀ ଶ୍ରୀ ଶୁଭଲକ୍ଷ୍ମୀ କ୍ରସିଙ୍ଗ ବଜାର ବ୍ୟବସାୟୀ ସଙ୍ଘ ସଭାପତି କ୍ଷେତ୍ରବାସୀ ସାହୁ କେନ୍ଦ୍ରାପଡା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ଗିରିଧାରୀ ପଟ୍ଟନାୟକ ପ୍ରମୁଖ ରାଜ୍ୟ ଓ କେନ୍ଦ୍ରର ବିଭିନ୍ନ ପଦାଧିକାରୀମାନଙ୍କୁ ସାକ୍ଷାତକରି ଦୁହୁରିଆ ଛକରେ ଏକ ବୃହତ ଗୋଲେଇ ଛକ ଓ ଦୁଇଟି ବୃହତ ପୋଲ ନିର୍ମାଣ କରାଯିବାକୁ ଦାବି ଜଣାଇଥିଲେ। ଏଥିସହିତ ଓଡିଶାର ରାଜ୍ୟପାଳଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟପାଳ ସେହି ଦାବିପତ୍ର ଉପରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ସମ୍ପର୍କରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଏକ ରିପୋର୍ଟ ତଲବ କରିଛନ୍ତି। ଜିଲ୍ଲାପାଳ ରାଜ୍ୟପାଳଙ୍କ ନିର୍ଦ୍ଦେଶ ପାଇବା ପରେ ପୂର୍ତ୍ତ ଡିଭିଜନର ଅଧୀକ୍ଷଣଯନ୍ତ୍ରୀଙ୍କୁ ଦୁହୁରିଆ ଠାରେ ନିର୍ମାଣାଧିନ ଅଣଓସାରିଆ ପୋଲ(ଓଭରବ୍ରିଜ) ସମ୍ପର୍କରେ ଏକ ସବିଶେଷ ରିପୋର୍ଟ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଜଣାପଡିବା ପରେ ଦୁହୁରିଆରେ ନିର୍ମାଣାଧିନ ପୋଲ ନୂଆ ରୂପରେଖ ପାଇବାର ସମ୍ଭାବନା ଉଜ୍ଜ୍ୱଳ ହୋଇଉଠିଛି। ଏସମ୍ପର୍କରେ ଆଇନଜୀବୀ ଶ୍ରୀ ପରିଡା କହିଛନ୍ତି ଯେ ପର୍ଯ୍ୟନ୍ତ ଦୁହୁରିଆରେ ଦୁଇଟି ବଡ ଓଭରବ୍ରିଜ୍ ଓ ଗୋଲେଇଛକ ବାଇପାସ୍ ନିର୍ମାଣ ନହୋଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ।

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
LOWER INDRA CANAL DIVISION, KHARIAR
Dist : Nuapada, Odisha, Pin-766107
e-Procurement Notice No. SELICD-11/2025-26, Dt.18.02.2026 (online)
E-mail ID : eelicd.kha@gmail.com

32001/113/2526

No. 493 Date : 18.02.2026

1.	Type/Nature of works	:	Civil Works
2.	Total No. of works	:	01 (One) No
3.	Approx. value of works	:	21.94 lakh (Excluding GST)
4.	Period of completion	:	02 Months
5.	Classification of Bidders	:	'C & B' Class Contractors only.
	Other details as follows	:	

Procurement Officer.	Bid Identification No.	Name of the work	Bid Amount	Availability & Submission of bids in online.
Superintending Engineer, Lower Indra Canal, Division, Khariar, Dist:-Nuapada, Odisha.	SELICD-11/2025-26, Dt.18.02.2026	1. Remedial measures to leakage and damaged structures or treatment and durability enhancement of Drainage Gallery of Lower Indra Irrigation Project.	Rs.21.94 Lakh	From 24.02.2026 At 10.00 AM to 05.03.2026 Up to 5.00 PM

N.B: **Date & time of opening of tender on 06.03.2026 at 11.00AM**
Bidders to be participated in online bidding only. Further details can be seen from the e-procurement portal https://www.tendersodisha.gov.in Any addendum/ Corrigendum/ Cancellation to the tender can be seen in above website only.

Sd/- Superintending Engineer,
Lower Indra Canal Division, Khariar

OIPR-32001/32335/1/25-26/0007

'ଚେତନାଶ୍ରୀ'ର ୬ଷ୍ଠ ତମ ବାର୍ଷିକ ଉତ୍ସବ

ଅନୁଗୋଳ, ୨୩।୨/ଏନ୍ଏନ୍ଏସ୍: ଅନୁଗୋଳ ସହରର ବାସନ୍ତୀ ଦୁର୍ଗାପୂଜା ପଡିଆଠାରେ 'ଚେତନାଶ୍ରୀ' ସାହିତ୍ୟ ସଂସଦର ଷଷ୍ଠତମ ବାର୍ଷିକ ଉତ୍ସବ ତଥା ପତ୍ରିକା ଉନ୍ମୋଚନ ଓ କବିତା ପାଠୋତ୍ସବ ଏବଂ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଂସଦ ସଭାପତି ଗିରିଜା ଶଙ୍କର ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଉଦ୍ଘାଟକ ଭାବେ ଶ୍ରୀ ଶ୍ରୀ ସଚ୍ଚିଦାନନ୍ଦ ସରସ୍ୱତୀ ମହାରାଜ, କଣିହାଁ ଆଶ୍ରମ ମୁଖ୍ୟ ଅତିଥି ଭାବେ ଡକ୍ଟର ଜଗବନ୍ଧୁ ମିଶ୍ର, ମୁଖ୍ୟବକ୍ତା ଭାବେ ପ୍ରାଧାପିକା ଡକ୍ଟର ବିନୋଦିନୀ ବେହେରା, ସମ୍ମାନିତ ଅତିଥି ଭାବେ ପ୍ରଫେସର ଶାନ୍ତନୁ ସର, ଡକ୍ଟର ଧରଣୀଧର ନାଥ, ଡକ୍ଟର ସଦାନନ୍ଦ ପରିଡା, ବିଜୟ କୁମାର ମୋଦୀ, ନିର୍ମଳ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କହିଥିଲେ ଯେ ଆଧୁନିକ ଯୁଗରେ ଆଧ୍ୟାତ୍ମିକ ସାହିତ୍ୟର ଆବଶ୍ୟକ ରହିଛି। ଏବଂ ଭାଗବତ, ଗୀତା, କୃଷ୍ଣ ଜଗନ୍ନାଥ ସଂସ୍କୃତି ହେଉଛି ଦିବ୍ୟ ଚେତନା, ଏହି 'ଚେତନାଶ୍ରୀ' ପତ୍ରିକାର ଆଭିମୁଖ୍ୟ ହେଉଛି ମାନବ ସେବା ମାଧବ ସେବାକୁ ଅନ୍ତରରେ ସ୍ଥାନ ଦେବା। ଭଗବତ ଚିନ୍ତନ, ମନନ, ପଠନ କରିବା ଏହାଦ୍ୱାରା ଧର୍ମୀୟ ଭାବନା ଓ ଚିନ୍ତାର ବିକାଶ ହେବ ଆଉ ଆମ ମନୁଷ୍ୟ ଜନ୍ମ ସାର୍ଥକତା ଲାଭ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଫେସର ଶାନ୍ତନୁ ସରଙ୍କୁ ଚେତନାଶ୍ରୀ ଶ୍ରୀ ଜୟଦେବ ସମ୍ମାନ, ଘନଶ୍ୟାମ ସାହୁଙ୍କୁ ଚେତନାଶ୍ରୀ ଗୋପାଳ ବଲ୍ଲଭ ସମ୍ମାନ, ଇଞ୍ଜିନିୟର ଅରୁଣ କୁମାର ଗଡନାୟକଙ୍କୁ ଚେତନାଶ୍ରୀ ବନ୍ଧୁମହାନ୍ତି ସମ୍ମାନ, ଅଖିଳ କୁମାର ପୃଷ୍ଟିଙ୍କୁ ଚେତନାଶ୍ରୀ ଭାବ ସୌଦାଗର ସମ୍ମାନ, ଅର୍ଜୁନୀ ଚରଣ ବେହେରାଙ୍କୁ ଚେତନାଶ୍ରୀ ଗୌରବ ସମ୍ମାନ, ଶୈଳେଶ ଚନ୍ଦ୍ର ଦାଶଗୁପ୍ତଙ୍କୁ ଚେତନାଶ୍ରୀ ଗୁରୁଗୌରବ ସମ୍ମାନ, ସରୋଜିନୀ ଦେଈଙ୍କୁ ଚେତନାଶ୍ରୀ ଭାବମନ୍ଦାକିନୀ ସମ୍ମାନ ଓ ସୁଶ୍ରୀ ପ୍ରତ୍ୟୁଷା ପ୍ରିୟଦର୍ଶନୀଙ୍କୁ ଚେତନାଶ୍ରୀ ମଞ୍ଜରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଗାଳ୍ପିକା ବିସ୍ମିତା ସାହୁ, ସରୋଜିନୀ ଦେଇ, ନିର୍ମଳ କୁମାର ଆଚାର୍ଯ୍ୟ, ପ୍ରଶାନ୍ତଙ୍କ ସଂଯୋଜନାରେ ତ୍ରିଧାରା ସାହିତ୍ୟ ସଂସଦ, ଜିଲ୍ଲା ସାହିତ୍ୟ ସଂସଦ, ଛନ୍ଦେଶ ସାହିତ୍ୟ ସଂସଦ, ପ୍ରୀତିର ପ୍ରୟାସ, ତାଳଚେର ସମ୍ବାଦ ସାହିତ୍ୟଘର, ଅନୁଗୋଳ ସମ୍ବାଦ ସାହିତ୍ୟ ଘର ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କବି କବୟିତ୍ରୀ, ବାଦ୍ୟକାରମାନେ ଅଂଶ ଗ୍ରହଣ କରିଥିଲେ।

32001/116/2526

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
ADDITIONAL SPILLWAY DIVISION, BURLA
PHONE NO.: 0663-2430080
E-mails– ceasdhirakud@gmail.com or seadditionalspillway@gmail.com
'e' Procurement Notice No. ASD- 07 /2025-26 (Online)

Lr. No.204 Dt.21.02.2026

1.	Name of Work	:	Supply, installation and commissioning of 25 KVA transformer and overhead 11 KV lines near the Lunch Station site for the office building of the Additional Spillway Project of Hirakud Dam for the year 2024-25
2.	Nos of work	:	01(One) No.
3.	Amount Put to Tender	:	Rs. 16.75 Lakhs approximately.
4.	Period of Completion	:	As per D.T.C.N.60 Days
5	E.M.D.	:	Rs. 17,000/-
6.	Date and Time of Availability of Bid Document in the Portal	:	Date: 25.02.2026 at 11:00 AM to Date: 09.03.2026, up to 05:00 PM.
7.	Last Date / Time for receipt of Bids in the Portal	:	Date: 09.03.2026, up to 05:00 PM.
8.	Last date & time of seeking tender clarification	:	Dt: 09.03.2026 up to 05.00 PM.
9.	Date of opening of Bid	:	Dt: 10.03.2026 at 11.00 A.M.
10.	Name and Address of the Officer Inviting Bid	:	Superintending Engineer, Additional Spillway Division, Burla At/Po- Burla - 768017 Dist.-Sambalpur Email:ceasdhirakud@gmail.com/ seadditionalspillway@gmail.com

Further detail can be seen from the e-procurement portal www.tendersodisha.gov.in.

Sd/- Superintending Engineer
Additional Spillway Division, Burla

OIPR-32001/32414/1/25-26/0001

ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

କଣିହାଁ, ୨୩।୨/ଏନ୍ଏନ୍ଏସ୍: ବେଆଇନ ଭାବେ ବାଲି ବୋଝେଇ କରୁଥିବା ଗୋଟିଏ ଟ୍ରାକ୍ଟରକୁ କଣିହାଁ ପୁଲିସ ଜବତ କରି ଚାଳକଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଚାଳକ ମୁନା ପିଙ୍ଗୁଆ (୨୬) ବୋଲି ଜଣାପଡ଼ିଛି। ତାଙ୍କ ଘର ଖମାର ଥାନା ଅଞ୍ଚଳର ଷେଣ୍ଡମୁଣ୍ଡା ଗ୍ରାମରେ । ସୂଚନା ଅନୁଯାୟୀ, ଗତକାଲି ମଧ୍ୟାହ୍ନ ସମୟରେ ପୁଲିସ ପେଟ୍ରୋଲିଂ ଷ୍ଟାଫ୍ ଟାକୁଆ ଗ୍ରାମ ନିକଟରେ ଯାଞ୍ଚ କରୁଥିବା ବେଳେ ଉକ୍ତ ଟ୍ରାକ୍ଟରକୁ ଅଟକ କରିଥିଲେ। ପରେ ଯାଞ୍ଚ କରିବାକୁ ଗଲେ ବେଆଇନ ଭାବେ ବାଲି ପରିବହନ ହେଉଥିବା ଜଣାପଡ଼ିଥିଲା। ଏହାପରେ ପୁଲିସ ଟ୍ରାକ୍ଟରକୁ ଜବତ କରି କେସ ନଂ-୫୧/୨୬ ରୁଜୁ କରିଥିଲା। ଗିରଫ ଚାଳକ ମୁନାଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିବା ବେଳେ ଏନେଇ କଣିହାଁ ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, MALKANGIRI
NATIONAL COMPETITIVE BIDDING THROUGH e-Procurement
Identification No. Online Tender 12/RWD-I,MKG/2025-26 dt. 21.01.2026

25001/231/2526

01. Name of the work: - Repair & Maintenance works (Detailed in Annexure) **02.** Total Number of Works: - 04 nos (Four). **03.** Estimated Cost: - Rs. 5.33 lakhs to Rs.8.77 Lakhs **04.** Class of Contractor: "D",& C' Class, **05.** Period of Completion: - (As Per Detailed in Annexure), 6. Other Details

Procurement Officer	Bid Identification No.	No of Works	Availability of Tender on-line for bidding		Last Date & Time of seeking tender clarification	Date and time of opening of tender
			From	To		
1	2	3	4	5	6	7
Executive Engineer, Rural Works Division-I, Malkangiri	Online Tender - 12/ RWD-I, MKG /2025-26	Total 4 nos (single cover)	25.02.2026 from 11.00 AM	05.03.2026 up to 5.00 PM	02.03.2026 up to 5.00 P.M.	Tech Bid opening: - 06.03.2026 at 11.00 AM

Further details can be seen from the website www.tendersorissa.gov.in

Sd/- Sujata Dishari
Executive Engineer
R.W. Division-I, Malkangiri

OIPR-25001/25058/1/25-26/0017

32001/129/2526

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,
ରେଙ୍ଗାଳି ବନ୍ଧ ବିଭାଜନ, ରେଙ୍ଗାଳି ବନ୍ଧ ପାର୍ଶ୍ୱ
OFFICE OF THE SUPERINTENDING ENGINEER
RENGALI DAM DIVISION, RENGALI DAM SITE
ANGUL-759105, e-mail: rengalidam@gmail.com
'e'-Procurement Notice No. SE-RDD- 06/2025-26

The Superintending Engineer, Rengali Dam Division, Rengali Dam Site, on behalf of Hon'ble Governor of Odisha invites percentage rate contract on lined tender in the prescribed form to be eventually drawn in P.W.D. form No. F2 from 'D' class or 'C' class Registered with the State Government of Odisha or from contractors of equivalent grade / class registered with other State Government / Central Government / M.E.S. / Railways or other Government undertakings. All the contractors are to be registered in the State portal and must possess compatible digital signature certificate of Class-II and III for on line bidding.

1	Name of Work	:	Laying Hose Pipe inside Gallery
2	No of works	:	01(One) Nos of works
3	Estimated Cost	:	Rs. 7.37 Lakh (Excluding GST)
4	Cost of tender paper	:	Rs. 4000.00 (Non-refundable)
5	EMD/ Bid Security	:	1% of Amount put to Tender (Refundable)
6	Class of contractor	:	'D' or 'C' Class Contractor
7	Period of Completion of work	:	01 (One) Calendar month
8	Date and time of availability of bid Document in the website	:	From 11.00 A.M of Dt. 24.02.2026 to 5.00 P.M. of Dt 05.03.2026 in the website (www.tendersodisha.gov.in)
9	Date, time and place of opening of online tender	:	Dt.06.03.2026 at 11.00 A.M in O/o the Superintending Engineer, Rengali Dam Division, Rengali Dam Site
10	Date, time and place for finalization of tender through Transparent Lottery System (if required)	:	Dt.06.03.2026 at 16.00 Hours in O/o the Superintending Engineer, Rengali Dam Division, Rengali Dam Site (Tentative)
11	Digital Signature Certificate (DSC)	:	The bidders must possess compatible Digital Signature Certificate (DSC) of Class II or Class III
12	Name and Address of Officer inviting Tender	:	Superintending Engineer, Rengali Dam Division, AT. Rengali Dam Site P.O-Rengali Dam Site Dist. Angul, Odisha, PIN-759105 Email ID- rengalidam@gmail.com

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Superintending Engineer
Rengali Dam Division, Rengali Dam Site

OIPR-32001/32028/1/25-26/0001

ମାଳିହତାରେ ଅଖଣ୍ଡ ନାମଯଜ୍ଞ

ସାଲେପୁର,୨୩।୨/ଏନ୍‌ଏନ୍‌ଏସ୍: ସାଲେପୁର ବ୍ଲକ ସତ୍ୟଭାମାପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଳିହତା ଗ୍ରାମର ଶ୍ରୀ ଶ୍ରୀ ହନୁମାନଜିଉଙ୍କ ମନ୍ଦିର ପ୍ରାଙ୍ଗଣରେ ଷୋଡ଼ଶତମ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଦିବସ ଉପଲକ୍ଷେ ଅଷ୍ଟମ ପ୍ରହର ବ୍ୟାପୀ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର କମିଟି ତରଫରୁ ସୁବ୍ରତ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଓ ମାଳିହତା ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଉକ୍ତ ନାମଯଜ୍ଞରେ ରାଧାରମଣ ସଂକୀର୍ତ୍ତନ ମଣ୍ଡଳୀ ଅଧିବାସ କାର୍ଯ୍ୟ ସମାପନ କରିଥିବା ବେଳେ ଲକ୍ଷ୍ମୀନୃସିଂହ ସଂକୀର୍ତ୍ତନ ମଣ୍ଡଳୀ ରାମପୁର, ମା' କଞ୍ଚନେଇ ସଂକୀର୍ତ୍ତନ ମଣ୍ଡଳୀ ସୁନାଖଳା, ମା' ରୁକୁଣାଦେବୀ ସଂକୀର୍ତ୍ତନ ମଣ୍ଡଳୀ ଦାଣ୍ଡବନ୍ଧାଳ, ମା' ମଙ୍ଗଳା ସଂକୀର୍ତ୍ତନ ମଣ୍ଡଳୀ ସମସରପୁର, ଶ୍ରୀରାମ ସଂକୀର୍ତ୍ତନ ମଣ୍ଡଳୀ ହରିପୁର, ମା ସୁକୁଲେଇ ସଂକୀର୍ତ୍ତନ ମଣ୍ଡଳୀ ବୈରାଗିପଡା, ମା' ଜାଗୁଳାଇ ସଂକୀର୍ତ୍ତନ ମଣ୍ଡଳୀ ଗଜାପୁର, ମା' କୋଚିଳାଖାଇ ସଂକୀର୍ତ୍ତନ ମଣ୍ଡଳୀ ରାମେଶ୍ୱର, ମୁକ୍ତେଶ୍ୱର ସଂକୀର୍ତ୍ତନ ମଣ୍ଡଳୀ ଗଣେଶ୍ୱରପୁର, ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ଆତୋଡା ପ୍ରମୁଖ ଯୋଗଦେଇଥିଲେ ।

ପ୍ରଥମ ପୃଷ୍ଠାରୁ

ଭୁଜାଲି ଦେଖାଇ ୭୦ ଲକ୍ଷ ...

ହାତ ଗୋଡ଼ ବାନ୍ଧି ଘରେ ଛାଡ଼ି ଦେଇ ପଳେଇ ଯାଇଥିଲେ । ବହୁ କଷ୍ଟରେ ମୁକୁଳି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ । ପରେ ପୁଲିସକୁ ଖବର ଦେଇଥିଲେ । ସକାଳୁ ପୁଲିସ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ କରୁଛି ।

ନଦୀକୁ ଖସିଲା ବସ୍ ...

ଘଟିଛି । ବସରେ ୩୫ରୁ ଅଧିକ ଯାତ୍ରୀ ଥିଲେ । ଗୁରୁତର ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ନେପାଳ ସେନା, ସଶସ୍ତ୍ର ପୁଲିସ ବଳ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା । ଅନ୍ଧକାର ଯୋଗୁଁ ରାତିରେ ଉଦ୍ଧାର କାର୍ଯ୍ୟରେ ବହୁ ବାଧା ସୃଷ୍ଟି ହୋଇଥିଲା । ବର୍ତ୍ତମାନ ପୁଲିସ ଦୁର୍ଘଟଣାର ପ୍ରକୃତ କାରଣ ଖୋଜିବା ପାଇଁ ତଦନ୍ତ ଚଳାଇଛି ।

ରାଜ୍ୟରେ କମିଛି ଅପରାଧିକ ...

୮.୩% ହ୍ରାସ ପାଇଥିବାବେଳେ ମହିଳାଙ୍କ ବିରୁଦ୍ଧରେ ଏସିଡ୍ ଆକ୍ରମଣ ମାମଲା ୭୩.୩% ହ୍ରାସ ପାଇଛି । ଏହାଛଡ଼ା ନିର୍ଯାତନା ମାମଲା ୧.୬% ଏବଂ ହତ୍ୟା ମାମଲା ୭.୪% ହ୍ରାସ ପାଇଛି । ଅନ୍ୟପକ୍ଷରେ ରାଜ୍ୟରେ ୨୦୨୫ରେ ମୋଟ ୧୩୦୪ଟି ହତ୍ୟା ମାମଲା ରେକର୍ଡ଼ କରାଯାଇଥିଲା । ବର୍ଷକ ମଧ୍ୟରେ ନୂତନ ଫୌଜଦାରୀ ଆଇନ ଢାଞ୍ଚା, ଭାରତୀୟ ନ୍ୟାୟ ସଂହିତା ଅଧୀନରେ ୭୩,୧୪୮ଟି ମାମଲା ପଞ୍ଜିକୃତ ହୋଇଥିଲା । ଯେଉଁଥିରୁ ୨୭,୭୧୩ଟି ମାମଲାର ସମାଧାନ କରାଯାଇଥିଲା ।

ଜାରି ହେଲା ଆତଙ୍କବାଦ ...

ଆତଙ୍କୀ ଇଣ୍ଟରନେଟ୍‌ର ବ୍ୟବହାର ପରସ୍ପର ସହିତ ସମ୍ପର୍କ, ସଂଗଠନରେ ଭର୍ତ୍ତି ଏବଂ ଜିହାଦକୁ ମହିମାମଣ୍ଡନ ପାଇଁ କରୁଛନ୍ତି । ସରକାର ନୀତିରେ ଭାରତର ଶୂନ୍ୟ ସହିଷ୍ଣୁତା (ଜିରୋ ଟଲେରେନ୍ସ) ନୀତିକୁ ଦୋହରାଇଛନ୍ତି । ଏଥିରେ କୁହାଯାଇଛି ଆତଙ୍କବାଦକୁ କୌଣସି ଧାର୍ମିକ, ଜାତିଗତ କିମ୍ବା ବୈଚାରିକ ଆଧାରରେ ଠିକ୍ ସାବ୍ୟସ୍ତ କରାଯାଇପାରିବ ନାହିଁ । ସରକାର 'ପ୍ରହାର'ରେ କହିଛନ୍ତି, ଭାରତ ପ୍ରତ୍ୟେକ ପ୍ରକାର ଆତଙ୍କବାଦର ସର୍ବଦା ନିନ୍ଦା କରୁଛି । ନୀତିରେ ଆତଙ୍କବାଦକୁ ରୋକିବା ଏବଂ ତାର ମୁକାବିଲା କରିବା ପାଇଁ ଏକ ବ୍ୟବସ୍ଥିତ ଏବଂ ଗୁଇନ୍ଦା ସୂଚନା ଉପରେ ଆଧାରିତ ଷ୍ଟ୍ରକ୍‌ଚର୍ ନିର୍ମାଣ କରାଯାଇଛି । ସରକାରୀ ଏଜେନ୍ସିଗୁଡ଼ିକ ମଧ୍ୟରେ ଉନ୍ନତ ତାଳମେଳ ବୃଦ୍ଧି ଉପରେ ଏଥିରେ ଜୋର୍ ଦିଆଯାଇଛି ।

ତୁରନ୍ତ ଇରାନ ଛାଡ଼ ...

ନିଜ ଦେଶର ଲୋକଙ୍କୁ ଇରାନ ଛାଡ଼ିବାକୁ କୁହାଯାଇଛି । ଆଜି ଜାରି ହୋଇଥିବା ସତର୍କ ସୂଚନାରେ ଦୂତାବାସ ପକ୍ଷରୁ ପୁଣିଥରେ ଇରାନରେ ଥିବା ଲୋକଙ୍କୁ ଅତ୍ୟଧିକ ସତର୍କ ରହିବାକୁ କୁହାଯାଇଛି । ଭାରତୀୟମାନେ କୌଣସି ଆନ୍ଦୋଳନ କିମ୍ବା ବିକ୍ଷୋଭ ସ୍ଥଳକୁ ଯାଆନ୍ତୁ ନାହିଁ । ସେମାନେ ନିୟମିତ ଦୂତାବାସ ଯୋଗାଯୋଗରେ ରୁହନ୍ତୁ ଓ ସ୍ଥାନୀୟ ଗଣମାଧ୍ୟମରୁ ସ୍ଥିତି ସମ୍ପର୍କରେ ସୂଚନା ହାସଲ କରନ୍ତୁ । ଭାରତୀୟ ନାଗରିକମାନେ ସବୁ ସମୟରେ ନିଜ ପାଖରେ ନିଜ ଯାତ୍ରା ସଂକ୍ରାନ୍ତ କାଗଜପତ୍ର ପ୍ରସ୍ତୁତ କରି ରଖି ଥାଆନ୍ତୁ । ଆବଶ୍ୟକ ପଡ଼ିଲେ ସେ ଦୂତାବାସର ସହାୟତା ନିଅନ୍ତୁ ବୋଲି କୁହାଯାଇଛି । ଇରାନ ନିକଟରେ ଆମେରିକା ତା'ର ସମରସଜ ଜାରି ରଖିଛି । ଅତ୍ୟାଧୁନିକ ଯୁଦ୍ଧ ତୋପ ଠାରୁ ଆରମ୍ଭ କରି ଯୁଦ୍ଧ ବିମାନ ଓ ସୈନ୍ୟମାନଙ୍କୁ ଆମେରିକା ଇରାନ ସୀମାରେ ମୁତୟନ କରିଛି । ସମସ୍ତେ ଆକ୍ରମଣ ମୁଦ୍ରାରେ ରହିଥିବା ବେଳେ କେବଳ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି ।

ପରଲୋକରେ ମୁକୁଲ ...

ସେ ଉପା ସରକାର ଅମଳରେ ଜାହାଜ ଚଳାଚଳ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଓ ରେଳମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୨୦୨୧ରେ ମୁକୁଲ ରାୟ ବିଜେପି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । କିନ୍ତୁ ଶୁଭେନ୍ଦୁ ଅଧିକାରୀଙ୍କୁ ବିରୋଧୀ ଦଳ ନେତା କରାଯିବାର ମାସକ ପରେ ମୁକୁଲ ବିଜେପି ଛାଡ଼ି ତୃଣମୂଳ କଂଗ୍ରେସକୁ ଫେରିଥିଲେ । ବିଜେପି ତାଙ୍କୁ ଗୁରୁତ୍ୱ ନଦେବା ଅନୁଭବ କରି ସେ ଏମିତି ପଦକ୍ଷେପ ନେଇଥିବା କୁହାଯାଏ । ୨୦୨୫ରେ କୋର୍ଟ ମୁକୁଲ ରାୟଙ୍କ ବିଧାନସଭା ସଦସ୍ୟ ପଦକୁ ରଦ୍ଦ କରିଥିଲେ । ସେ ଦଳ ବଦଳାଇ ଥିବାରୁ କୋର୍ଟ ଏହି ରାୟ ଦେଇଥିଲେ । ୨୦୨୩ରୁ ଅସୁସ୍ଥ ରହୁଥିଲେ ମୁକୁଲ ରାୟ । ଗତ ଦୁଇ ବର୍ଷରେ ତାଙ୍କୁ ଏକାଧିକ ବାର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।

ଏବାର ବିଜେପି ସରକାର ...

ନିରନ୍ତର ପ୍ରୟାସର ସକାରାତ୍ମକ ପରିଣାମ ଆଜି ପରିଷ୍କାର ଦେଖିବାକୁ ମିଳୁଛି । ରାଜ୍ୟ ସରକାରଙ୍କ ଅସହଯୋଗ ଏବଂ ବିରୋଧ ସତ୍ତ୍ୱେ ଆଜି ପଶ୍ଚିମବଙ୍ଗର ପ୍ରାୟ ୫ କୋଟି ଲୋକ 'ଜନ-ଧନ ଯୋଜନା' ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହିତ ଯୋଡ଼ି ହୋଇଛନ୍ତି । 'ସ୍ୱଚ୍ଛ ଭାରତ ଅଭିଯାନ' ଅଧୀନରେ ରାଜ୍ୟରେ ୮୫ ଲକ୍ଷ ଶୌଚାଳୟର ନିର୍ମାଣ କରାଯାଇଛି । ଯେତେବେଳେ ରାଜ୍ୟର କ୍ଷମତାସୀନ ପାର୍ଟି ଗରିବଙ୍କ ମୁହଁରୁ ଖାଦ୍ୟ ଛଡ଼ାଇ ନେଉଛି, ସେତବେଳେ ଆମେ ଛୋଟ ବ୍ୟପାରୀ ଏବଂ ଉଦ୍ୟମୀଙ୍କୁ ୨.୮୨ ଲକ୍ଷ କୋଟି ଟଙ୍କାର ଲୋନ୍ ଦେଇ ସହାୟତାର ହାତ ବଢ଼ାଇଛୁ । 'ଅଟଳ ପେନ୍ସନ୍ ଯୋଜନା' ଅଧୀନରେ ୫୬ ଲକ୍ଷ ବରିଷ୍ଠ ନାଗରିକଙ୍କୁ ବୃଦ୍ଧାବସ୍ଥାରେ ଆତ୍ମନିର୍ଭର କରିବାର ସୌଭାଗ୍ୟ ମୋତେ ମିଳିଛି । 'ଉଜ୍ଜ୍ୱଳା ଯୋଜନା' ମାଧ୍ୟମରେ ୧ କୋଟିରୁ ଊର୍ଦ୍ଧ୍ୱ ପରିବାରକୁ ରୋଷେଇ ଗ୍ୟାସ୍ ଦେଇ ମାଆ-ଭଉଣୀଙ୍କୁ ଧୂଆଁରୁ ମୁକ୍ତି ପ୍ରଦାନ କରି ମୁଁ ନିଜକୁ ଧନ୍ୟ ମଣୁଛି । ଯେଉଁ କୃଷକ ସାରା ଦେଶର ପେଟ ଭରୁଛି ଆଜି ପଶ୍ଚିମବଙ୍ଗରେ ସେହି ଅନ୍ନଦାତା ନିଜ ପରିବାରର ପେଟ ପୋଷିବା ପାଇଁ ସଂଘର୍ଷ କରୁଛି । ଏପରି କଠିନ ପରିସ୍ଥିତିରେ ମୁଁ 'କିଶାନ୍ ସମ୍ମାନ ନିଧି' ଜରିଆରେ ୫୨ ଲକ୍ଷରୁ ଅଧିକ କୃଷକଙ୍କୁ ସିଧା ଆର୍ଥିକ ସହାୟତା ଦେଇ ସେମାନଙ୍କ ମୁହଁରେ ହସ ଆଣିପାରିଛି । ଏଥିପାଇଁ ମୁଁ ନିଜକୁ ଭାଗ୍ୟଶାଳୀ ମାନୁଛି । ସ୍ୱାଧୀନତା ପରେ ପଶ୍ଚିମବଙ୍ଗ ଦେଶର ଅର୍ଥବ୍ୟବସ୍ଥାର ଦିଗ ସ୍ଥିର କରୁଥିଲା ଏବଂ ଔଦ୍ୟୋଗିକ ବିକାଶରେ ଅଗ୍ରଣୀ ଥିଲା । କିନ୍ତୁ ଆଜି ଏହି ଗୌରବଶାଳୀ ରାଜ୍ୟର ଜର୍ଜର ଅବସ୍ଥା ଦେଖି ମୋ ମନ ବ୍ୟଥିତ ହୋଇଉଠୁଛି । ଗତ ଛଅ ଦଶକର କୁଶାସନ ଏବଂ ତୁଷ୍ଟିକରଣର ରାଜନୀତି କାରଣରୁ ପଶ୍ଚିମବଙ୍ଗର ଯେଉଁ ଅପୂରଣୀୟ କ୍ଷତି ହୋଇଛି, ତାହା ବୟାନ କରାଯାଇପାରିବ ନାହିଁ । ସ୍ୱାମୀ ବିବେକାନନ୍ଦ ଏବଂ ଋଷି ଅରବିନ୍ଦ ଯେଉଁ ବଙ୍ଗଳାର ସ୍ୱପ୍ନ ଦେଖୁଥିଲେ, ତାହା ଆଜି ଭୋଟ ବ୍ୟାଙ୍କର ସଂକୀର୍ଣ୍ଣ ରାଜନୀତି, ହିଂସା ଏବଂ ଅରାଜକତାରେ ଛନ୍ଦି ହୋଇପଡ଼ିଛି । ଏହା ଆମ ସମସ୍ତଙ୍କ ପାଇଁ ପୀଡ଼ାଦାୟକ । ପଶ୍ଚିମବଙ୍ଗ ମାଟିର ସପୁତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ 'ଆଜାଦୀର ଉଦ୍‌ଘୋଷ' ଏକଦା ପୂରା ଦେଶକୁ ପ୍ରେରିତ କରିଥିଲା । ଆଜି ତାଙ୍କର ପବିତ୍ର ଭୂମି ଅବୈଧ ଅନୁପ୍ରବେଶ ଏବଂ ମହିଳାଙ୍କ ପ୍ରତି ହିଂସାରେ କଳଙ୍କିତ । କବିଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ ସୋନାର ବଙ୍ଗଳାରେ ନକଲି ଭୋଟର୍ ଭାରୀ ପଡୁଛନ୍ତି । ଅରାଜକତାର ଅନ୍ଧକାରରେ ବୁଡ଼ି ରହିଥିବା ପଶ୍ଚିମବଙ୍ଗକୁ ଦେଖି ଆଜି ପୂରା ଦେଶ ଚିନ୍ତିତ । କେତେ ଯାଏ ଆମେ ଚୁପ୍‌ଚାପ୍ ଏ ସବୁ ସହିବା ? ଏବେ ପରିବର୍ତ୍ତନ ଅନିବାର୍ଯ୍ୟ । ଦେଶର କେତେକ ରାଜ୍ୟରେ ଆଜି ଜୀବନ ସ୍ତର ଉନ୍ନ ହୋଇଛି, ଗରିବର ମୁହଁରେ ହସ ଫୁଟିଛି । 'ଆୟୁଷ୍ମାନ ଭାରତ' ଦ୍ୱାରା ସ୍ୱାସ୍ଥ୍ୟ ସୁରକ୍ଷା ମିଳୁଛି, ଯୁବକଙ୍କୁ ରୋଜଗାର ମିଳୁଛି ଏବଂ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ ହୋଇଛି । ପଶ୍ଚିମବଙ୍ଗ ମଧ୍ୟ ଏହି ବିକାଶ ଏବଂ ପ୍ରଗତିର ପୂରା ହକ୍‌ଦାର । ମାଆ-ଭଉଣୀମାନଙ୍କ ସୁରକ୍ଷା ସୁନିଶ୍ଚିତ ହେଉ । ଆମ ପିଲାମାନଙ୍କୁ ରୋଜଗାର ପାଇଁ ଅନ୍ୟ ରାଜ୍ୟକୁ ଯିବାକୁ ନପଡୁ । ବଙ୍ଗଳାର ସଂସ୍କୃତି ହରାଇଥିବା ନିଜର ଗୌରବ ପୁଣି ଫେରିପାଉ । ଧାର୍ମିକ ହିଂସାର ଶିକାର ଆମ ଶରଣାର୍ଥୀ ଭାଇ ଭଉଣୀମାନଙ୍କୁ ସିଏଏ ମାଧ୍ୟମରେ ନାଗରିକତା ମିଳୁ ଏବଂ ମୋର ପଶ୍ଚିମବଙ୍ଗ ଅବୈଧ ଅନୁପ୍ରବେଶ ମୁକ୍ତ ହୋଇ ସୁଶାସନ ରାସ୍ତାରେ ଆଗକୁ ବଢୁ । ଭାରତ ମାତାର ବୀର ସପୁତ ଡା. ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଅଥକ ପ୍ରୟାସ କାରଣରୁ ହିଁ ଆଜି ପଶ୍ଚିମବଙ୍ଗ ଭାରତର ଏକ ଅଭିନ୍ନ ଅଙ୍ଗ ହୋଇରହିଛି । ଆସନ୍ତୁ, ତାଙ୍କ ସ୍ୱପ୍ନର ପଶ୍ଚିମବଙ୍ଗକୁ ପୁଣିଥରେ ଜୀବନ କରିବା ଏବଂ କାନ୍ଧରେ କାନ୍ଧ ମିଳାଇ ୨୦୨୬ରେ 'ବିକଶିତ ପଶ୍ଚିମବଙ୍ଗ' ନିର୍ମାଣର ଶପଥ ନେବା ।

ସର୍ବସାଧାରଣ ରାସ୍ତାରୁ ହଟିଲା ୨୬ ଅବ୍ୟବହୃତ ଯାନବାହନ

ପୁରୀ,୨୩।୨/ଏନ୍‌ଏନ୍‌ଏସ୍: ଆଜି ପୁରୀ ସହରରେ ଯାତାୟାତ ବ୍ୟବସ୍ଥାକୁ ସୁଚାରୁ ଓ ସୁଗମ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ଏକ ବିଶେଷ ଅଭିଯାନ ଚାଲାଯାଇଥିଲା । ସହରର ବିଭିନ୍ନ ସର୍ବସାଧାରଣ ରାସ୍ତା, ଛକ, ବଜାର ଅଞ୍ଚଳରେ ଦୀର୍ଘ ସମୟ ଧରି ପାର୍କ କରି ରଖାଯାଇଥିବା ପୁରୁଣା ଓ ଅବ୍ୟବହୃତ ଯାନବାହନ ଗୁଡ଼ିକ ଯାତାୟାତ ଜାମର ମୁଖ୍ୟ କାରଣ ହୋଇଯାଇଥିବା ପ୍ରତ୍ୟକ୍ଷ ହେଉଥିଲା । ଏହାକୁ ଦୃଷ୍ଟିରେ ରଖି ପୁରୀ ଟ୍ରାଫିକ ଥାନା ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆଜିର ଅଭିଯାନରେ ସାର୍ବଜନିକ ରାସ୍ତାରେ ଦୀର୍ଘ ସମୟ ଧରି ରହିଥିବା ମୋଟ ୨୬ଟି ଯାନବାହନ ସେହି ସ୍ଥାନରୁ ହଟାଯାଇଛି । ଏହି ଯାନଗୁଡ଼ିକ ମଧ୍ୟରୁ କିଛି ଯାନ ଅଚଳ ଅବସ୍ଥାରେ ଥିବା ସହିତ କିଛି ଯାନ ମାଲିକଙ୍କ ଅବହେଳାରେ ରାସ୍ତାରେ ରଖାଯାଇଥିଲା, ଯାହା ଫଳରେ ସାଧାରଣ ଲୋକମାନଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା । ପୁରୀ ସହର ଧାର୍ମିକ ଓ ପର୍ଯ୍ୟଟନ ଦୃଷ୍ଟିରୁ ଅତ୍ୟନ୍ତ ସଂବେଦନଶୀଳ ଅଞ୍ଚଳ । ବିଶେଷକରି ଶ୍ରୀମନ୍ଦିର ପରିସର ଓ ସମୁଦ୍ରତଟ ଅଞ୍ଚଳରେ ଦିନକୁ ଦିନ ଭିଡ଼ ବୃଦ୍ଧି ପାଉଛି । ଏପରି ପରିସ୍ଥିତିରେ ରାସ୍ତା ଆର୍ଶ୍ୱ ପାର୍ଶ୍ୱରେ ଅବ୍ୟବସ୍ଥିତ ଭାବରେ ଯାନ ରଖାଯାଇଥିବାରୁ ଜରୁରୀ ସେବା ଯଥା ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀର ଚଳାଚଳରେ ବି ଅସୁବିଧା ସୃଷ୍ଟି ହେଉଛି । ସେଥିପାଇଁ ଏହି ପ୍ରକାର ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ । ଏହି ଅଭିଯାନଟି ଏସ୍‌ପି ପୁରୀ ପ୍ରତୀକ ସିଂହଙ୍କ ନିର୍ଦ୍ଦେଶକ୍ରମେ ଚାଲାଯାଇଥିଲା । ତାଙ୍କ ନିର୍ଦ୍ଦେଶ ଅନୁସାରେ ସହରରେ ଯାତାୟାତ ବ୍ୟବସ୍ଥାକୁ ସୁଚାରୁ କରିବା, ରାସ୍ତା ଜାମ ହ୍ରାସ କରିବା ଓ ସାଧାରଣ ଲୋକଙ୍କ ସୁବିଧା ସୁନିଶ୍ଚିତ କରିବା ପାଇଁ ଟ୍ରାଫିକ ପୋଲିସ ଦ୍ୱାରା ନିୟମିତ ଯାଞ୍ଚ ଓ ଅଭିଯାନ ଚାଲିଥିବାରୁ ଆଗାମୀ ଦିନରେ ଏହାକୁ ଆହୁରି ଜୋରଦାର କରାଯିବ । ପୁରୀ ସହରର ଯେକୌଣସି ଅଞ୍ଚଳରେ ଯଦି କୌଣସି ନାଗରିକ ଦୀର୍ଘ ସମୟ ଧରି ତାଙ୍କର ଯାନବାହନ ସାର୍ବଜନିକ ରାସ୍ତାରେ ପାର୍କ କରି ରଖିଥାନ୍ତି, ତେବେ ଦୟାକରି ତତ୍‌କ୍ଷଣାତ୍ ସେହି ଯାନକୁ ସ୍ୱଇଚ୍ଛାରେ ହଟାଇ ନେବାକୁ ଅନୁରୋଧ କରାଯାଉଛି । ନହେଲେ ଆଇନୁଚିତ କାର୍ଯ୍ୟାନୁଷ୍ଠାନ କରାଯିବ । ଏହା ସମ୍ବନ୍ଧରେ ଯଦି କୌଣସି ଯାନମାଲିକଙ୍କୁ ସୂଚନା ଦେବେ ଟ୍ରାଫିକ ଥାନା ସହିତ ସମ୍ପର୍କ କରିପାରିବେ କିମ୍ବା ମୋବାଇଲ ନମ୍ବର ୯୪୩୮୯୧୬୩୮୮ ରେ ଯୋଗାଯୋଗ କରିପାରିବେ । ପୁରୀ ପୋଲିସ ସମସ୍ତ ନାଗରିକଙ୍କୁ ଅନୁରୋଧ କରୁଛି ଯେ, ସହରର ସୁଚାରୁ ଯାତାୟାତ ବ୍ୟବସ୍ଥା ପାଇଁ ସମସ୍ତେ ସହଯୋଗ କରନ୍ତୁ ଓ ସାର୍ବଜନିକ ସ୍ଥାନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡି ପାର୍କ କରି ରଖିବେ ନାହିଁ । ସମସ୍ତଙ୍କ ସହଯୋଗ ଦ୍ୱାରା ପୁରୀ ସହରକୁ ଆହୁରି ବ୍ୟବସ୍ଥିତ ଓ ଯାତାୟାତମୁକ୍ତ କରାଯାଇପାରିବ ।

ପଞ୍ଚୁମୁ, ମଝିଆଖଣ୍ଡ ଓ କେଶପାନିଆ ଗ୍ରାମରେ ପାନୀୟଜଳ ସଂକଟ

୩ ହଜାର ଲୋକ ପାଣି ପାଇବାରୁ ବଞ୍ଚିତ

ଓଡ଼ଗାଁ,୨୩।୨/ଏନ୍‌ଏନ୍‌ଏସ୍: ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ପଞ୍ଚୁମୁ, ମଝିଆଖଣ୍ଡ ଓ କେଶପାନିଆ ଗ୍ରାମରେ ପାନୀୟଜଳ ସଂକଟ ଦେଖାଦେଇଛି ।୩ ହଜାର ଲୋକ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି । ଲୋକେ ନଦୀ, ନାଳ ଓ ଖୋଲାକୂପ ଉପରେ ଭରସା କରିଛନ୍ତି । ଅଭିଯୋଗ ଅନୁଯାୟୀ ୨୦୦୭ ମସିହାରେ ପଞ୍ଚୁମୁ ଗ୍ରାମରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଲା । ଏହା ପଞ୍ଚୁମୁ ସମେତ ମଝିଆଖଣ୍ଡ, କେଶପାନିଆ ଗାଁର ପାଖାପାଖି ୩ହଜାର ଲୋକଙ୍କୁ ଜଳ ଯୋଗାଣ କରୁଥିଲା । ଏବେ ଏହି ପ୍ରକଳ୍ପ ନିଜର ଅସ୍ତିତ୍ୱ ହରାଇ ବସିଛି । ରକ୍ଷଣାବେକ୍ଷଣ ଅଭାବରୁ ପ୍ରକଳ୍ପଟି ଲତାବୁଦା ମାଡ଼ି ଜଙ୍ଗଲରେ ପରିଣତ ହୋଇଛି । ପ୍ରକଳ୍ପଟି ପୋତି ହେବାକୁ ଯାଉଥିବା ବେଳେ ସେଥିରୁ ଅନେକ ଯନ୍ତାଂଶ ଚୋରି ହେଲାଣି । ସେତିକି ନୁହଁ ପ୍ରତି ଘରକୁ ପାଇପ୍ ପଡ଼ି ପାଣିଟ୍ୟାପର ସୁବିଧା ମଧ୍ୟ କରାଯାଇଛି କିନ୍ତୁ ସେସବୁ ଭାଙ୍ଗି ରୁଜି ନଷ୍ଟ ହେଲାଣି । କୂଅ, ପୋଖରୀ, ଗାଡ଼ିଆ ଶୁଖିଗଲେ ପାଣି ସଂଗ୍ରହ କରିବା କାଠିକର ହେବ ଓ ପାଣି ସଂକଟ ବଢ଼ିବବୋଲି ଅନୁମାନ କରାଯାଉଛି । ଏପଟେ ପାନୀୟଜଳ ଓ ପରିମଳ ବିଭାଗକୁ ଲୋକେ ବାରମ୍ବାର ଅଭିଯୋଗ କରି ନିରାଶ ହୋଇପଡ଼ିଛନ୍ତି । ବିଭାଗୀୟ କର୍ମଚାରୀ ଲୋକଙ୍କୁ ଆଜିକାଲି କହି ଦିନପରେ ଦିନଗଡେଇ ଚାଲିଥିବାରୁ ଲୋକମାନଙ୍କ ଚିନ୍ତା ବଢ଼ି ଯାଇଛି । ଗାଁରେ ନଳକୂପ ଥିଲେ ମଧ୍ୟ କିଛି ନଳକୂପରୁ ପାଣି ସଠିକ୍ ଭାବେ ବାହାରୁ ନଥିବାବେଳେ ଆଉକିଛି ପାଣି ଲେ ?ହଯୁକ୍ତ ପାଣି ବାହାରୁଥିବାରୁ ତାହା ବ୍ୟବହାର ଉପଯୋଗୀ ନୁହଁବୋଲି ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି । ଏବେ ଗୋଟିଏ ଖୋଲାକୂପ ଉପରେ ଶହଶହ ପରିବାର ନିର୍ଭର କରୁଥିବା ଗ୍ରାମବାସୀ କହିଛନ୍ତି । ଏହି ଘଟଣାରେ ପାନୀୟଜଳ ଯୋଗାଣ ଯନ୍ତ୍ରୀ ସୁବାସ ସ୍ୱାଇଁ କେଶପାନିଆ ଗ୍ରାମକୁ ପାଇପ୍ ପଡ଼ିନଥିବା ବେଳେ ପଞ୍ଚୁମୁ ଓ ମଝିଆଖଣ୍ଡ ଗ୍ରାମକୁ ପାଣି ଯୋଗାଣ ହେଉଥିବା କହିଛନ୍ତି ।

'ଆମ ପୁଲିସ' ବୈଠକ

ପୁରୀ,୨୩।୨/ଏନ୍‌ଏନ୍‌ଏସ୍: ଆଜି କୁମ୍ଭାରପଡା ଥାନା, ପୁରୀ ସୀମାଭୁକ୍ତ ଅଞ୍ଚଳ ବାଲିଉପର ବସ୍ତିରେ 'ଆମ ପୋଲିସ" ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକ ରଶ୍ମି ରଞ୍ଜନ ମହାପାତ୍ର, ଡିଏସପି ସିଟି, ପୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ସ୍ଥାନୀୟ ଅଞ୍ଚଳବାସୀ, ସମ୍ମାନୀୟ ବ୍ୟକ୍ତିବର୍ଗ, ଯୁବସଂଘ ସଦସ୍ୟମାନେ ଓ କୁମ୍ଭାରପଡା ଥାନା ଅଧିକାରୀ ଶ୍ରୀଯୁକ୍ତ ବିଜୟ କେତନ ବେହେରା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଲୋଚନାରେ ଅଞ୍ଚଳର ଆଇନ-ଶୃଙ୍ଖଳା ପରିସ୍ଥିତି, ନିଶା ଉପରେ ନିୟନ୍ତ୍ରଣ, ଟ୍ରାଫିକ ସୁବିଧା, ସାଇବର ଠକେଇ ସଚେତନତା ଓ ସମାଜିକ ସୁରକ୍ଷା ବିଷୟରେ ବିସ୍ତୃତ ମତବିନିମୟ ହୋଇଥିଲା । ଡିଏସପି ସିଟି, ପୁରୀ ମହୋଦୟ ଜନସାଧାରଣଙ୍କୁ ପୋଲିସ ସହିତ ସମନ୍ୱୟ ରଖି ଅଞ୍ଚଳରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବାକୁ ଆହ୍ୱାନ କରିଥିଲେ । ସେ କହିଥିଲେ ଯେ, କୌଣସି ଅବୈଧ କାର୍ଯ୍ୟକଳାପ ସମ୍ପର୍କରେ ଜାଣିଲେ ପୋଲିସକୁ ଅବଗତ କରାଇବା ଆବଶ୍ୟକ ରହିଛି । ବସ୍ତିରେ ବସ୍ତିମିତ୍ର ଗଠନ କରିବା, ଗଳି କନ୍ଦିରେ ମୋଟର ସାଇକେଲ ପାଟ୍ରୋଲିଙ୍ଗ କରିବା ପାଇଁ ଆଲୋଚନା ହୋଇଥିଲା । ସ୍ଥାନୀୟ ଲୋକମାନେ ମଧ୍ୟ ନିଜ ଅଞ୍ଚଳର ସମସ୍ୟା ଓ ପ୍ରସ୍ତାବ ଗୁଡିକ ପୋଲିସ ପ୍ରଶାସନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ପୋଲିସ ପକ୍ଷରୁ ସମସ୍ୟା ଗୁଡିକର ଶୀଘ୍ର ସମାଧାନ ପାଇଁ ଆଶ୍ୱାସନା ଦିଆଯାଇଥିଲା । ଏହି ବୈଠକ ମାଧ୍ୟମରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଆପସିକ ବିଶ୍ୱାସ ଓ ସମ୍ପର୍କ ଆହୁରି ସୁଦୃଢ଼ ହୋଇଥିବା ପ୍ରକାଶ ପାଇଛି । ଆମ ପୋଲିସର ଉଦେଶ୍ୟ ଓ ସଫଳତା ବିଷୟରେ ଲୋକମାନଙ୍କୁ ଜଣାଇବା । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରାଯାଇଥିଲା

ଏସ୍‌ଭି ନିର୍‌ତାର୍‌ର ୫୧ତମ ପ୍ରତିଷ୍ଠା ଦିବସ

କଣ୍ଟାପଡା,୨୩।୨/ଏନ୍‌ଏନ୍‌ଏସ୍: କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ସଂସ୍ଥାନ ଏସ୍‌ଭି ନିର୍‌ତାର୍‌ର ୫୧ତମ ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠାନ ପରିସରରେ ଅତ୍ୟନ୍ତ ଉତ୍ସାହ ଓ ଗାରିମାର ସହ ପାଳିତ ହୋଇଯାଇଛି । ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ବୈଷୟିକ ଉପନିର୍ଦ୍ଦେଶକ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଅନୁଷ୍ଠାନ ସଫଳତାର ଶ୍ରେୟ ଛାତ୍ରଛାତ୍ରୀ, କର୍ମଚାରୀ ତଥା ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରିବା ସହ ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସଂସ୍ଥାନର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ନିଜ ଅଭିଭାଷଣରେ ପୁନର୍ବାସ ଶିକ୍ଷା, ଅନୁସନ୍ଧାନ ଏବଂ ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣ କ୍ଷେତ୍ରରେ ୫୧ ବର୍ଷର ନିରନ୍ତର ସେବା ଓ ସଫଳତା ପାଇଁ ଗର୍ବ ପ୍ରକାଶ କରିବା ସହ ଅନୁଷ୍ଠାନର ଉତ୍କର୍ଷତା ଏବଂ ଅନ୍ତର୍ଭୁକ୍ତିକରଣ ପ୍ରତି ଥିବା ପ୍ରତିବଦ୍ଧତାକୁ ଦୋହରାଇଥିଲେ । ମୁଖ୍ୟ ଅତିଥି ସୁରେଶ ପୂଜାରୀ ରାଜ୍ୟରେ ପୁନର୍ବାସ ସେବାକୁ ସୁଦୃଢ଼ କରିବାରେ ଅନୁଷ୍ଠାନର ଅବଦାନକୁ ପ୍ରଶଂସା କରିବା ସହ ଦିବ୍ୟାଙ୍ଗମାନଙ୍କ ପାଇଁ ସମାନ ସୁଯୋଗ ତଥା ସୁଗମ୍ୟତା ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଉତ୍ସବରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏହି ଅବସରରେ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ସହାୟକ ଉପକରଣ ବଣ୍ଟନ କରାଯିବା ସହ ଅନୁଷ୍ଠାନର ମୁଖପତ୍ର 'ନିରନ୍ତର' ଉନ୍ମୋଚନ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯିବା ସହ ଦିବ୍ୟାଙ୍ଗ ଶିଶୁମାନଙ୍କ ମାଆମାନଙ୍କୁ କିଟ୍ ବଣ୍ଟନ କରାଯାଇଥିଲା । ଶେଷରେ ବିଭାଗୀୟ ମୁଖ୍ୟ ଡାକ୍ତର ଅନୁରୂପା ସେନାପତି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ପରୀକ୍ଷା କେନ୍ଦ୍ରରୁ ଫେରୁଥିବା ଅଧୀକ୍ଷକଙ୍କ ରାଜପଥରେ ଦୁର୍ଘଟଣା

ବୋଲଗଡ଼,୨୩।୨/ଏନ୍‌ଏନ୍‌ଏସ୍: ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଅଦ୍ୟପି ମାଟ୍ରିକ ପରୀକ୍ଷା ଚାଲୁ ରହିଅଛି । ତେବେ ସୋମବାର ବୋଲଗଡ଼ ମଣ୍ଡଳ ଅନ୍ତର୍ଗତ ସାଗରଗୁଆଁ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସମ୍ପୃକ୍ତ ସ୍କୁଲ ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ରବୀନ୍ଦ୍ର କୁମାର ବେହେରା ତୃତୀୟ ଭାଷା ପରୀକ୍ଷାର ଉତ୍ତର ଖାତା ନୋଡାଲ କେନ୍ଦ୍ରକୁ ପଠାଇବା ପରେ ଅରଖପଲ୍ଲୀସ୍ଥିତ ନିଜ ବାସଗୃହକୁ ବାଇକ୍ ଯୋଗେ ଫେରୁଥିଲେ । ତେବେ ଖୋର୍ଦ୍ଧା ଓ ନୟାଗଡକୁ ସଂଯୋଗ କରୁଥିବା ୫୭ନଂ ଜାତୀୟ ରାଜପଥ ଦେଇ ଶିକ୍ଷକ ଘରକୁ ଫେରୁଥିବା ଅପରାହ୍ନ ସମୟରେ ରାଜପଥରୁ ଉତ୍ତରପାର୍ଶ୍ୱ ନିଜ ଗାଁ ଅଭିମୁଖେ ଯାଉଥିବା ସମୟେ ହଠାତ୍ ତାଙ୍କ ପଛପଟୁ ଏକ ବାଇକ୍ ଧକ୍କା ଦେଇଥିଲା । ଧକ୍କା ପାଇ ଶିକ୍ଷକ ଶ୍ରୀ ବେହେରା ଚୁଡା ଗ୍ରାମ ଛକରେ ରାସ୍ତା ଉପରେ କଚାଡି ହୋଇ ତଳେ ପଡ଼ିଯାଇଥିଲେ । ଫଳରେ ତାଙ୍କର ବାମ ଗୋଡର ଜଙ୍ଘ ଓ ଦୁଇ ହାତର କହୁଣିରେ ଗଭୀର ଆଘାତ ଲାଗିଛି । ପରେ ଚୁଡ଼ା ଗାଁର ସମାଜସେବୀ ବଂଶୀଧର ଜେନା ତଳୁ ଉଠାଇ ଅନ୍ୟ ଏକ ଗାଡ଼ି ସାହାଯ୍ୟରେ ନିକଟସ୍ଥ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ଦୁର୍ଘଟଣା ଖବର ପାଇ ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ, କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ସଞ୍ଜୟ ମନ୍ତ୍ରୀ, ପ୍ରାକ୍ତନ ଏବିଇଓ ପଦ୍ମ ଚରଣ ବେହେରା ସମେତ ଶାନ୍ତନୁ କୁମାର ତ୍ରିପାଠୀ, ସରୋଜିନୀ ନନ୍ଦ, ବିଜୟ କୁମାର ସାହୁ, ଅପର୍ତ୍ତି ଅଟ୍ଟ, ତପସ୍ୱିନୀ ବେହେରା, ନିରଞ୍ଜନ ଚୌଧୁରୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ପହଞ୍ଚି ଆଶୁଆରୋଗ୍ୟ କାମନା କରିଥିଲେ ।

ବିଶ୍ୱ ମାତୃଭାଷା ଦିବସ

ବାଲୁଗାଁ,୨୩।୨/ଏନ୍‌ଏନ୍‌ଏସ୍: ଚିଲିକା ଭାଷା ସୁରକ୍ଷା ମଞ୍ଚ ପକ୍ଷରୁ ବାଲୁଗାଁ ଗୋପୀନାଥପୁର ସ୍ଥିତ କାର୍ଯ୍ୟାଳୟ ପରିସରରେ ୨୭ତମ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ମଞ୍ଚର ସଭାପତି କବି ରଙ୍ଗନାଥ ସେଠିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ଭାଷା ସୁରକ୍ଷା ମଞ୍ଚର ସଭାପତି ଐତିହାସିକ ସତ୍ୟବାଦୀ ବଳିୟାର ସିଂହ, ମୁଖ୍ୟବକ୍ତା ଭାବେ ଗବେଷକ ମଦନ ମୋହନ ମହାପାତ୍ର, ସମ୍ମାନିତ ବକ୍ତା ଭାବେ ସାହିତ୍ୟ ସିନ୍ଧୁରା ଓ ପରିଡ଼ା ପାଠାଗାରର ପ୍ରତିଷ୍ଠାତା ଗୋଲକ ବିହାରୀ ପରିଡ଼ା, ବାଣପୁର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡ଼ଃ ଚିନ୍ତା ମଣି ମିଶ୍ର ଯୋଗଦେଇ ମାତୃଭାଷା ଓ ଓଡ଼ିଆ ଅସ୍ମିତା ଶୀର୍ଷକ ଆଲୋଚନାଚକ୍ରରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିବା ସହ ଓଡ଼ିଆ ଭାଷା କୁ ବଞ୍ଚାଇବା ସକାଶେ ସମ୍ପ୍ରତି ଡିଜିଟାଲ ପ୍ରଭାବରୁ ଦୂରେଇ ରହି ଓଡ଼ିଆ ଭାଷାର ଶୁଦ୍ଧ ଲିଖନ, ପଠନ ଓ କଥନ ଉପରେ ନିରନ୍ତର ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ବରିଷ୍ଠ କବି ତଥା ସପ୍ତଫେଣୀ ପତ୍ରିକାର ସମ୍ପାଦକ ଗୋପୀନାଥ ଦାଶ ଓ ଗୀତିକାର ଦିଗମ୍ବର ବିଶ୍ୱାଳଙ୍କ ମିଳିତ ସନ୍ ଯୋଜନାରେ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଚିଲିକା ଭାଷା ସୁରକ୍ଷା ମଞ୍ଚର ସମ୍ପାଦକ ଆଇନଜୀବୀ ଶେଷଦେବ ମହାରଣା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ଗଞ୍ଜେଇ ଜବତ, ଦୁଇ ବ୍ୟବସାୟୀ ଗିରଫ

ଖୋର୍ଦ୍ଧା,୨୩।୨/ଏନ୍‌ଏନ୍‌ଏସ୍: ଖୋର୍ଦ୍ଧା ଅବକାରୀ ବିଭାଗ ବିଶେଷ ସୂଚନା ଅନୁଯାୟୀ ମଙ୍ଗଳବାର ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ଓ ୧୬ନମ୍ବର ଜାତୀୟ ରାଜପଥରେ ଚଢ଼ାଉକରି ଦୁଇ ବ୍ୟବସାୟୀଙ୍କୁ ଗିରଫ କରିବା ସହିତ ୨୪କେଜି ଗଞ୍ଜେଇ ଜବତ କରିଛି । ଅବକାରୀ ବିଭାଗର ସୂଚନା ଅନୁଯାୟୀ କନ୍ଧମାଳ ଜିଲ୍ଲାର ଗୁଟିଙ୍ଗିଆ ଅଞ୍ଚଳର ଅଶ୍ୱଥାମା ନାୟକଙ୍କୁ ୫୭ ନମ୍ବର ଜାତୀୟରାଜପଥ ସାରୁଅ ଅଂଚଳରୁ ଗିରଫ କରିବା ସହିତ ତାଙ୍କ ନିକଟରୁ ୧୦ କିଲୋ ଗଞ୍ଜେଇ ଜବତ କରିଥିବା ବେଳେ ଜଙ୍କିଆ ଥାନା ଅଧୀନ ୧୬ ନମ୍ବର ଜାତୀୟରାଜପଥ ଲାହଙ୍ଗା ଫ୍ଲାଏଓଭର ରାସ୍ତା ପାର୍ଶ୍ୱରେ କର୍ଣ୍ଣାଟକ ରାଜ୍ୟର ମଣ୍ଡାୟା ଗ୍ରାମର ଅପୁ ଆର ନାମକ ଯୁବକଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୨ କିଲୋ ଗଂଜେଇ ଜବତ କରିଛି । ତେବେ ଉଭୟଙ୍କ ନାମରେ ଅବକାରୀ ବିଭାଗ ଦୁଇ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

ଜନପ୍ରତିନିଧିଙ୍କ ଆନ୍ଦୋଳନ ୬ଷ୍ଠ ଦିନରେ

ଜିଲ୍ଲା ଅଧିକାରୀଙ୍କ ଆଲୋଚନା ବିଫଳ

କଣ୍ଟାପଡ଼ା,୨୩।୨/ଏନ୍‌ଏନ୍‌ଏସ୍: କଣ୍ଟାପଡ଼ା ବ୍ଲକ ସମ୍ମୁଖରେ ଜନପ୍ରତିନିଧିଙ୍କ ଅହୋରାତ୍ର ଧାରଣା ୬ଷ୍ଠ ଦିନରେ ପହଞ୍ଚିଛି । ପ୍ରତୀକ ଦିନ ସ୍ୱତଃପ୍ରୁତଃ ଭାବରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବର୍ଗର କର୍ମକର୍ତ୍ତାମାନେ ସାମିଲ ହେଉଥିବା ବେଳେ ଆଜି ପୂର୍ବତନ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଞ୍ଚାନନ କାନୁନଗୋ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ସହ ବିସ୍ତୃତ ଆଲୋଚନା କରିବା ପରେ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ପଞ୍ଚାନନଙ୍କ ସମର୍ଥନପରେ ଜନପ୍ରତିନିଧିଙ୍କ ମଧ୍ୟରେ ଉତ୍ସାହିତ ଥିବା ଦେଖାଯାଇଥିଲା । ପରେ ଆନ୍ଦୋଳନରତ ଜନପ୍ରତିନିଧିଙ୍କ ସହିତ ଖୋଲାଖଲି ଆଲୋଚନା ପାଇଁ କଟକ ଜିଲ୍ଲା ଅତିରିକ୍ତ ପ୍ରୋଜେକ୍ଟ ଡାଇରେକ୍ଟର ବନ୍ଦିତା ଖଟୁଆ ପହଞ୍ଚିଥିଲେ, ଶ୍ରୀମତୀ ଖଟୁଆ ଜନପ୍ରତିନିଧିଙ୍କ ସହିତ ଆଲୋଚନା ପରେ ଜନପ୍ରତିନିଧିଙ୍କ ସାମଗ୍ରିକ ଦାବି ସଂପର୍କରେ ବ୍ଲକ ପ୍ରଶାସନର ସହଯୋଗ ଲୋଡିଥିଲେ । କିନ୍ତୁ ବ୍ଲକ ପ୍ରଶାସନ ଦାବି ସଂପର୍କୀତ ଦସ୍ତାବିଜ କୁ ତତ୍କାଳ ଦେବା ପାଇଁ ଅସମର୍ଥ ପ୍ରକାଶ କରିଥିଲେ । ସମସ୍ତ ଦସ୍ତାବିଜକୁ ୫ ଦିନ ମଧ୍ୟରେ ପ୍ରସ୍ତୁତ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପ୍ରସ୍ତାବକୁ ଆନ୍ଦୋଳନରତ ଜନପ୍ରତିନିଧିମାନେ ପ୍ରତ୍ୟାଖ୍ୟାନ କରିଥିଲେ । ଯେ ପର୍ଯ୍ୟନ୍ତ ସମସ୍ତ ଦାବୀର ସମାଧାନ ନ ହୋଇଛି ଏବଂ ଆମ୍ଭେମାନେ ଆମର ସାମ୍ବିଧାନିକ ଓ ଗଣତାନ୍ତ୍ରିକ ଅଧିକାର ନ ମିଳିଛି । ସେ ପର୍ଯ୍ୟନ୍ତ ଏହି ଅହୋରାତ୍ର ଧାରଣା ଜାରି ରହିବ ବୋଲି ବ୍ଲକ୍ ଅଧକ୍ଷା ସୁଶ୍ରୀ ଜୀନା ଭୋଇ ଓ ନଂ ୮ଜୋନ ଜିଲ୍ଲା ପରିଷଦ ସଭ୍ୟ ପିୟୁଷରଞ୍ଜନ ମିଶ୍ର ମିଳିତଭାବେ ଉପସ୍ଥିତ ଗଣମାଧ୍ୟମଙ୍କ ପ୍ରତିନିଧିମାନଙ୍କୁ ପ୍ରକାଶ କରିଛନ୍ତି ।

ଆଜିର ଇତିହାସ

- ୧୪୮୩- ମୋଗଲ ଶାସକ ବାବରଙ୍କ ଜନ୍ମଦିନ।
- ୧୮୨୨-ଦୁନିଆର ପ୍ରଥମ ସ୍ୱାମୀ ନାରାୟଣ ମନ୍ଦିର ଅହମଦାବାଦ ଠାରେ ଉଦ୍‌ଘାଟନ ହୋଇଥିଲା।
- ୧୯୨୪-ମହାତ୍ମା ଗାନ୍ଧୀ ଜେଲ୍‌ରୁ ମୁକ୍ତ ହୋଇଥିଲେ।
- ୧୯୯୮-ଅଭିନେତ୍ରୀ ଲଳିତା ପାୱାରଙ୍କ ନିଧନ।
- ୨୦୧୮-ବଲିଉଡ୍ ଅଭିନେତ୍ରୀ ଶ୍ରୀଦେବୀଙ୍କର ନିଧନ ହୋଇଥିଲା।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

ମେଷ - ଦିନଟି ଶୁଭ। ଲାଭର ସଂକେତ ରହିଛି। ପରମ୍ପରାରୁ ହଟିଯାଇ କିଛି ନୂଆ କାମ କରିବେ। ଯୋଜନାର ପୂରା ପ୍ରତିଫଳ ମିଳିବ। କାମ ଓ ଯୋଜନା ଦ୍ୱାରା ଲାଭର ପକ୍ଷରେ ରହିବେ।

ବୃଷ - ଦିନଟି ଉତ୍ତମ। ଚନ୍ଦ୍ର ସ୍ଥିର ଥିବାରୁ ମନୋବଳ ଓ ଆର୍ଥିକ ଲାଭର ସଂଯୋଗ ରହିଛି। ରଚନାତ୍ମକ ଓ ସୃଜନାତ୍ମକ କ୍ଷମତାର ବିସ୍ତାର ହେବ। ନୂଆ କାମ ଆରମ୍ଭ କରିପାରନ୍ତି। ବ୍ୟବସାୟରେ ଲାଭ ପାଇବେ।

ମିଥୁନ - ମିଶ୍ରିତ ପରିଣାମ ପାଇବେ। କିଛି ଅବସର ଆସିବ। କିଛି ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। ଅଟକିଥିବା କାମଗୁଡ଼ିକ ଗତିଶୀଳ ହେବେ। ଆପଣଙ୍କ ସକ୍ରିୟତା ଓ ବୁଝାମଣା ସଫଳତା ଦେବ।

କର୍କଟ - ଦିନଟି ଶୁଭ। ଆୟ ସ୍ଥାନରେ ଚନ୍ଦ୍ର ମଜଭୁତିରେ ବସିବେ। ଆର୍ଥିକ ଲାଭର ସଂକେତ ରହିଛି। କାରବାରରେ ଆୟ ବୃଦ୍ଧି ଯୋଗ ରହିଛି। ବଡ଼ ନିଷ୍ପତ୍ତି ଦୂରଗାମୀ ଲାଭ ଦେବେ। ସାମାଜିକ ପରିସର ବୃଦ୍ଧି ହେବ।

ସିଂହ - ଦିନଟି ଖୁବ୍ ଶୁଭ ସଂକେତ ଦେଉଛି। କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ସାକ୍ଷାତ ସମ୍ଭବ। ମନୋବଳ ଉଚ୍ଚ ରହିବ। ଅଟକିଥିବା ଧନ ମିଳିପାରେ। ବ୍ୟାପାରରେ ନୂଆ ଯୋଜନା ସମ୍ଭବ।

କନ୍ୟା - ଶୁଭ ସ୍ଥିତି ରହିଛି। ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବେ। ଗ୍ରହ ସ୍ଥିତି ଲାଭଦାୟକ ହେବ। ଆର୍ଥିକ ମାମଲାରେ ପ୍ରୟାସ ଜରୁରୀ। ସଫଳତା ପାଇବେ। ଉପେକ୍ଷିତ ସହଯୋଗ ପ୍ରାପ୍ତ ହେବ।

ତୁଳା - ପରିବାର ସହିତ ସମୟ ଅତିବାହିତ କରିବେ। ଘରେ ଖୁସିର ବାତାବରଣ ରହିବ। ସାମାଜିକ ପ୍ରତିଷ୍ଠାରେ ବୃଦ୍ଧିର ସଂକେତ ରହିଛି। ଜୀବନ ରୋଚକପୂର୍ଣ୍ଣ ହେବ। ସକାରାତ୍ମକ ପ୍ରୟାସ ଜରୁରୀ।

ବିଛା - ଆଜି କ୍ରୋଧ ଓ ଇର୍ଷା ଉପରେ ନିୟନ୍ତ୍ରଣ ରଖିବା ଜରୁରୀ। ଶୀଘ୍ର ନେଇଥିବା ନିଷ୍ପତ୍ତି କ୍ଷତି କରିବ। ସନ୍ତାନ ସହିତ ଜଡ଼ିତ ମାମଲାଗୁଡ଼ିକରେ ଚିନ୍ତା ରହିବ। ସଂଯମର ଆବଶ୍ୟକତା ରହିଛି।

ଧନୁ - ମାନସିକ ସ୍ତରରେ ବୋଝ ପରି କାମଗୁଡ଼ିକ ଠାରୁ ଦୂରରେ ରୁହନ୍ତୁ। କାହା ସହିତ ଅନାବଶ୍ୟକ ବିବାଦ ହୋଇପାରେ। ନିକଟତମ ସହଯୋଗୀଙ୍କ ସହିତ ମତଭେଦ ସମ୍ଭବ। ସଂଯମ ଜରୁରୀ।

ମକର - ଯାତ୍ରା ଯୋଗ ରହିଛି। କ୍ଳାନ୍ତି ଓ ସ୍ୱାସ୍ଥ୍ୟ ହାନି ସମ୍ଭବ। ଧାର୍ମିକ ଓ ଆଧ୍ୟାତ୍ମିକ କାମରେ ରୁଚି ରହିଛି। ସମୟ ପ୍ରବନ୍ଧନ ଉପରେ ଧ୍ୟାନ ଦେବା ଜରୁରୀ। ନୂଆ ଲୋକଙ୍କ ସହିତ ମିଶିବାର ଅବସର ପାଇବେ।

କୁମ୍ଭ - ନେଣ-ଦେଣ ମାମଲାରେ ସାବଧାନ ରହିବା ଜରୁରୀ। ପରିଚିତଙ୍କ ସହିତ ଆର୍ଥିକ ବ୍ୟବହାର ଭବିଷ୍ୟତରେ ସମ୍ବନ୍ଧଗୁଡ଼ିକୁ ପ୍ରଭାବିତ କରିପାରେ। ଘର ଓ ବାହନ ଉପରେ ଖର୍ଚ୍ଚର ସଂକେତ ରହିଛି।

ମୀନ - ବ୍ୟାପାର ଓ ନିବେଶ ମାମଲାରେ ସତର୍କତା ଜରୁରୀ। ନେଣ-ଦେଣରେ ପାରଦର୍ଶିତା ରଖିବେ। ସହଯୋଗୀମାନେ ଅଟକିଥିବା କାମଗୁଡ଼ିକୁ ପୂରା କରିବେ। ଧୈର୍ଯ୍ୟ ଓ ବୁଝାମଣା ସହିତ ଆଗକୁ ବଢ଼ିବେ।

ଶ୍ରୀମଦ୍ ଭଗବଦ୍‌ଗୀତା

ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ।
ମନଃଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି। (୧୫/୭)

ଜୀବମାନେ ମୋର ସନାତନ ଅଂଶ। ପ୍ରକୃତିରେ ଅବସ୍ଥିତ ମନ ଓ ପଞ୍ଚଇନ୍ଦ୍ରିୟ ସଂସାରରୂପ କର୍ମଭୂମିକୁ ଆକର୍ଷଣ କରିଥାଏ। ଅର୍ଥାତ ଭଗବାନ ବା ବ୍ରହ୍ମ ଯଦି ପ୍ରକାଣ୍ଡ ଅଗ୍ନିକୁଣ୍ଡ ତେବେ ଜୀବ ତାଙ୍କର ସ୍ଫୁଲିଙ୍ଗ। ବ୍ରହ୍ମଙ୍କର ପ୍ରକାଶନ ହିଁ ଜୀବ ଓ ଜଗତ।

ଶ୍ରୀ ରାମକୃଷ୍ଣ କହନ୍ତି - ଜୀବାତ୍ମାର ପ୍ରକୃତ ସ୍ୱରୂପ ହେଉଛି ସତ୍- ଚିତ୍ -ଆନନ୍ଦ। କିନ୍ତୁ ଅହଂକାରବଶତଃ ବିଭିନ୍ନ ଉପାଧି ଦ୍ୱାରା ବିମଣ୍ଡିତ ହୋଇଥିବାରୁ ସେ ନିଜକୁ ସୀମିତ କରିଦିଏ ଏବଂ ନିଜର ପ୍ରକୃତ ସ୍ୱରୂପକୁ ଭୁଲିଯାଏ।

ହାସ୍ୟରସର ସ୍ରଷ୍ଟା-କାନ୍ତକବି

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଜଣେ ବହୁ ପ୍ରତିଭାଧାରୀ ବ୍ୟକ୍ତିତ୍ୱ। ଜଣେ କବି, ନାଟ୍ୟକାର, ଔପନ୍ୟାସିକ ଓ ପ୍ରତିଷ୍ଠିତ ପତ୍ରିକା 'ଡଗର'ର ସେ ଥିଲେ ପ୍ରତିଷ୍ଠାତା ଓ ସମ୍ପାଦକ। ସବୁ ଲେଖାରେ ସେ ଜାତୀୟତା ଭାବ ଉପରେ ଗୁରୁତ୍ୱ ଦେଉଥିଲେ। ଫକୀର ମୋହନଙ୍କ ପରେ କାନ୍ତକବି ହିଁ ଯଥାର୍ଥରେ ଥିଲେ ହାସ୍ୟରସର ଜଣେ ସ୍ରଷ୍ଟା। ତାଙ୍କର ଏକମାତ୍ର ଉପନ୍ୟାସ 'କଣାମାମୁ' ଏକ ଅସାଧାରଣ ସୃଷ୍ଟି। ହାସ୍ୟରସର ଅସରନ୍ତି ପସରା ଚିନ୍ତା ଓ ଚେତନାଗତ ନିର୍ଭୀକତାରେ ପରିପୁଷ୍ଟ ତାଙ୍କ ଦ୍ୱାରା ପ୍ରକାଶିତ 'ଡଗର' ସାହିତ୍ୟ ପତ୍ରିକା କେବଳ ତାଙ୍କର ସାରସ୍ୱତ ସାଧନାର ଅଙ୍ଗ ବିଶେଷ ନଥିଲା, ଏହା ଥିଲା ତାଙ୍କ ଦେଶ ଓ ସମାଜ ସେବାର ପ୍ରଥମ ଅବଲମ୍ବନ। ବହୁ ଭାବପ୍ରଧାନ ଓ ବିଷୟପ୍ରଧାନ ଉପାଦେୟ ଓଡ଼ିଆ ପ୍ରବନ୍ଧ ରଚନା କରି ଓଡ଼ିଶାର ପ୍ରବନ୍ଧ ସାହିତ୍ୟକୁ ସେ ସମୃଦ୍ଧ କରି ଯାଇଛନ୍ତି। ଓଡ଼ିଶାର ଜାତୀୟ ସଙ୍ଗୀତର ମାନ୍ୟତା ପାଇଥିବା 'ବନ୍ଦେ ଉତ୍କଳ ଜନନୀ' ତାଙ୍କ ଲେଖନୀରୁ ନିସୃତ। କାନ୍ତକବିଙ୍କ କବିତାରେ ଭରସା ଓ ପ୍ରତ୍ୟୟର ବାଣୀ ସ୍ପଷ୍ଟ ପରିଲକ୍ଷିତ ହୁଏ। ଏହା ବ୍ୟତୀତ ଅନେକ ରଚନାରେ ତାଙ୍କର ଶିଶୁ ସୁଲଭ ସରଳତା ଓ ଈଶ୍ୱରଙ୍କ ଉପରେ ଥିବା ବିଶ୍ୱାସ ମଧ୍ୟ ଅନୁଭୂତ ହୁଏ। କାନ୍ତକବି ଓଡ଼ିଆ ସାହିତ୍ୟର ଜଣେ ଅବିସ୍ମରଣୀୟ ଅଧ୍ୟାୟ। ତାଙ୍କ ଲେଖାଗୁଡ଼ିକରେ ଜୀବନର ଆନନ୍ଦମୟ ଭାବନା ଜଡ଼ିତ ଥାଏ। ବ୍ୟକ୍ତିଗତ ଜୀବନରେ ସେ ଅନେକ ଯନ୍ତ୍ରଣା ଓ ଗ୍ଲାନିରେ ରହୁଥିଲେ ମଧ୍ୟ ଏହି ଲେଖାଗୁଡ଼ିକ ଥିଲା ଖୁବ୍ ଆନନ୍ଦମୟ। ଦେଶପ୍ରେମରେ ମଗ୍ନଥିବା କାନ୍ତକବି ସେ ସମୟରେ ଅସହଯୋଗ ଆନ୍ଦୋଳନରେ ସାମିଲ ହେବାକୁ ଲୋକମାନଙ୍କୁ ପ୍ରବର୍ତ୍ତାଇବା ପାଇଁ ଦେଶପ୍ରେମୀ କବିତାସବୁ ରଚନା କରିଥିଲେ। ବହୁମୁଖୀ ପ୍ରତିଭାଧାରୀ ଏହି ସ୍ୱାଧୀନତା ସଂଗ୍ରାମୀ ୧୯୫୩ ମସିହା ଆଜିର ଦିନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ଜରୁରୀ ମଜଭୁତ ଇଚ୍ଛାଶକ୍ତି

ସଫଳତା ପ୍ରାପ୍ତ କରିବା ପାଇଁ କେବଳ ପ୍ରତିଭାର ଆବଶ୍ୟକ ନଥାଏ, ଆବଶ୍ୟକ ଥାଏ ମଜଭୁତ ଇଚ୍ଛାଶକ୍ତିର। ଆଜିର ସମୟରେ ପିଲା ଓ ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ଦୃଢ଼ତାର ଅଭାବ ଦେଖାଦେଉଛି ଯେଉଁ କାରଣରୁ ସେମାନେ ଲକ୍ଷ୍ୟ ସ୍ଥଳରୁ ଅଲଗା ହୋଇଯାଉଛନ୍ତି। ଏପରି ସ୍ଥଳେ ଇଚ୍ଛାଶକ୍ତିକୁ ମଜଭୁତ କରିବା ବହୁତ ଜରୁରୀ ହୋଇଥାଏ। ପରିବର୍ତ୍ତନୀୟ ସମୟ ସହିତ ସମସ୍ତଙ୍କ ମଧ୍ୟରେ ଇଚ୍ଛାଶକ୍ତିର ଅଭାବ ଦେଖାଦେଉଛି ଯାହା ସେମାନଙ୍କ ସଫଳତାର ମାର୍ଗରେ ବଡ଼ ବାଧା ହୋଇ ଉଭା ହେଉଛି। ଏହି ସ୍ଥିତି କାମକୁ ଟାଳିଦେବା, ଆଳସ୍ୟ ଓ ପ୍ରଲୋଭନଗୁଡ଼ିକରେ ଫସାଇ ଲକ୍ଷ୍ୟ ଠାରୁ ଦୂର କରିଦିଏ। ଇଚ୍ଛାଶକ୍ତି ଅଭାବର ଅର୍ଥ ମାନସିକ ଦୃଢ଼ତା ବା ପ୍ରତିବଦ୍ଧତାର ଅଭାବ। ଅନେକ ଥର ଅସଫଳତାର ଅଭାବ ଓ ସ୍ପଷ୍ଟ ଲକ୍ଷ୍ୟ ନଥିବା କାରଣରୁ ଏହି ସ୍ଥିତି ସୃଷ୍ଟି ହେଉଛି। ଯେତେବେଳେ କୌଣସି କାର୍ଯ୍ୟ ପାଇଁ ଇଚ୍ଛାଶକ୍ତି ମଜଭୁତ ଥାଏ ଓ ବିପରୀତ ପରିସ୍ଥିତିରେ ମଧ୍ୟ ନିଜର ଲକ୍ଷ୍ୟ ଅଟକି ରହିଥାଏ ସେହି ସମୟ ହେଉଛି ସଫଳତାର ଚାବିକାଠି। କେବେ କେବେ ବ୍ୟକ୍ତି ଏପରି ଲକ୍ଷ୍ୟକୁ ନିର୍ଦ୍ଧାରିତ କରିଦିଏ ଯାହାକୁ ସେ ସମୟର ପରିସ୍ଥିତିରେ ହାସଲ କରିବା କଠିନ ହୋଇଯାଏ। ଏପରି ସ୍ଥିତିରେ ହତାଶ ଓ ହତୋତ୍ସାହିତ ହୋଇ ସେ ନିଜ ପ୍ରୟାସକୁ ମଝିରେ ଛାଡ଼ି ଦିଏ। ଏପରି ବ୍ୟକ୍ତିଙ୍କ ମଧ୍ୟରେ ଆଜିର କାମକୁ କାଲି ପର୍ଯ୍ୟନ୍ତ ଛାଡ଼ିବାର ପ୍ରବୃତ୍ତି ଉତ୍ପନ୍ନ ହୁଏ ଓ ଇଚ୍ଛାଶକ୍ତି ବି ଧୀରେ ଧୀରେ ଦୁର୍ବଳ ହୋଇଯାଏ। ତେଣୁ ଲକ୍ଷ୍ୟ ଧାର୍ଯ୍ୟ କରିବା ସମୟରେ ବ୍ୟବହାରିକତା ପକ୍ଷକୁ ଧ୍ୟାନ ରଖିବା ଜରୁରୀ ହୋଇଯାଏ। ଅସଫଳତାର ଭୟ ଆସିଯାଏ। ତେଣୁ ଆତ୍ମବିଶ୍ୱାସ ଇଚ୍ଛା ଶକ୍ତିକୁ ଆହୁରି ମଜଭୁତ କରିଦିଏ ଯେଉଁ କାରଣରୁ ମନରେ ଉତ୍ପନ୍ନ ହେଉଥିବା ଖରାପ ବିଚାର, ଭାବନା ଓ ଆବେଗକୁ ନିୟନ୍ତ୍ରିତ କରିବା ପାଇଁ କ୍ଷମତାର ସୃଜନ ହୁଏ।

କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ

ପ୍ରତି ବର୍ଷ ଆଜିର ଦିନରେ ପୂରା ଦେଶ ପାଳନ କରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଦିବସ ବା ସେଣ୍ଟ୍ରାଲ୍ ଏକ୍ସାଇଜ୍ ଡେ'। କେନ୍ଦ୍ରୀୟ ଉତ୍ପାଦ ଓ କଷ୍ଟମ୍ ବୋର୍ଡ ଅଫ୍ ଇଣ୍ଡିଆର, ଦେଶର ଆର୍ଥିକ ବିକାଶରେ ଦିଆଯାଉଥିବା ଯୋଗଦାନର ସମ୍ମାନ କରିବା ଏହି ଦିବସର ଉଦ୍ଦେଶ୍ୟ। ଏହା ଜରିଆରେ କର ପ୍ରଣାଳୀ ସମ୍ପର୍କରେ ଲୋକମାନଙ୍କୁ ଜାଗ୍ରତ କରାଯାଏ। ୨୪ ଫେବୃଆରୀ, ୧୯୪୪ରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଓ ଲବଣ କାନୁନ ତିଆରି କରାଯାଇଥିଲା। ଏହି ଅଧିନିୟମ ଲବଣ ଓ ସେଣ୍ଟ୍ରାଲ୍ ଡ୍ୟୁଟି ସହିତ ସମ୍ବନ୍ଧିତ କାନୁନରେ ପରିବର୍ତ୍ତନ କରିବା ପାଇଁ ପାରିତ



କରାଯାଇଥିଲା। ଏହାପରେ ୧୯୯୬ରେ ଅଧିନିୟମର ନାମରେ ପରିବର୍ତ୍ତନ କରି କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ ୧୯୪୪ କରି ଦିଆଯାଇଥିଲା। ଅଧିନିୟମର ଅନୁସୂଚୀ ୧ ଓ ୨, କର୍ତ୍ତବ୍ୟଗୁଡ଼ିକର ମୂଲ୍ୟ ଓ ଦର ସହିତ ସମ୍ବନ୍ଧିତ ଥିଲା। 'କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ' ୧୯୮୫ରେ ପୁଣି ଥରେ ପେଶ୍ କରାଯାଇଥିଲା ଯାହାକୁ ପୁରୁଣା କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ ୧୯୪୪ରେ ସାମିଲ କରାଯାଇଥିଲା। ଏହାର ପରିଣାମସ୍ୱରୂପ ସଂଶୋଧିତ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ ୧୯୪୪ର ଗଠନ ହୋଇଥିଲା। ଲଗାଯାଉଥିବା କରଗୁଡ଼ିକୁ ଏକତ୍ର କରିବା କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିକାରୀର ଦାୟିତ୍ୱ ଥିଲା ଓ ଅଧିନିୟମ ସମ୍ବନ୍ଧିତ କାନୁନ କେନ୍ଦ୍ରୀୟ ଉତ୍ପାଦ ଓ ସୀମା ଶୁଳ୍କ ବୋର୍ଡ ଦ୍ୱାରା ପ୍ରଶାସିତ କରାଯାଇଥିଲା।

ପକ୍ଷୀଙ୍କ ସହିତ ଜଡ଼ିତ ଏକ ତଥ୍ୟ

ପଶୁ-ପକ୍ଷୀଙ୍କ ଦୁନିଆ ସହିତ ଜଡ଼ିତ ଏପରି ଅନେକ କଥା ରହିଛି ଯେଉଁଗୁଡ଼ିକ ବିଷୟରେ ଜାଣିଲେ ଆଶ୍ଚର୍ଯ୍ୟ ନହୋଇ ରହିପାରିବେ ନାହିଁ। ଏଥିମଧ୍ୟରୁ ଗୋଟିଏ ତଥ୍ୟ ହେଉଛି ପକ୍ଷୀମାନେ ପରିସ୍ରା କରନ୍ତି ନାହିଁ। ତେବେ ସେମାନେ ପିଉଥିବା ପାଣି କେଉଁଆଡ଼େ ଯାଏ ? ପଶୁ-ପକ୍ଷୀଙ୍କ ଦୁନିଆରେ ଏହିପରି ଅନେକ ସଙ୍କି ଫ୍ୟାକ୍ଟ ରହିଛି। ଏଥିମଧ୍ୟରୁ ଅନ୍ୟତମ ଅଧିକାଂଶ ପକ୍ଷୀ ପରିସ୍ରା କରନ୍ତି ନାହିଁ। ମଣିଷ କିମ୍ବା ଅନ୍ୟ ସ୍ତନଧାରୀ ଜୀବମାନଙ୍କ ଭଳି ସ୍ୱତନ୍ତ୍ର ଭାବରେ ସେମାନେ ହଳଦିଆ ଲିକ୍ୱିଡ୍ ବା ପରିସ୍ରା କରନ୍ତି ନାହିଁ। ତେବେ ଏହାର ଉତ୍ତର ରହିଛି ବିଜ୍ଞାନ ପାଖରେ। ପକ୍ଷୀମାନଙ୍କ ଶରୀରରେ କିଡ୍‌ନୀ ନଥାଏ ଯାହା ରକ୍ତରୁ ବିଷାକ୍ତ ପଦାର୍ଥକୁ ବାହାର କରାଏ। ମଣିଷଙ୍କ ମଧ୍ୟରେ ପ୍ରୋଟିନ୍‌ର ବ୍ରେକ୍‌ଡାଉନ୍ ଯୋଗୁ ବାହାରୁଥିବା ନାଇଟ୍ରୋଜେନ୍‌ରୁ ୱେଷ୍ଟ ୟୁରିୟା ତିଆରି ହୁଏ ଯାହା ପାଣିରେ ମିଳେଇ ଯାଇ ପରିସ୍ରା ଭାବରେ ଶରୀରରୁ ବାହାରେ। କିନ୍ତୁ ପକ୍ଷୀମାନଙ୍କ ମଧ୍ୟରେ ଏହି ନାଇଟ୍ରୋଜେନ ୟୁରିକ୍ ଏସିଡ୍‌ରେ ପରିବର୍ତ୍ତିତ ହୋଇଯାଏ। ୟୁରିକ୍ ଏସିଡ୍ ପାଣିରେ ବହୁତ କମ୍ ମିଶିପାରେ ଯେଉଁଥି ପାଇଁ ଏହାକୁ ବାହାର କରିବା ପାଇଁ ଅଧିକ ପାଣି ପିଇବାର ଆବଶ୍ୟକ ହୁଏ ନାହିଁ। ଏହା ଏକ ପ୍ରକାରର ପାଣି ସଞ୍ଚୟର ପ୍ରାକୃତିକ ଉପାୟ। ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ହେଉଛି ପକ୍ଷୀମାନଙ୍କର ବ୍ଲାଡର୍ ବା ମୂତ୍ରାଶୟ ନଥାଏ। ମଣିଷମାନଙ୍କର ୟୁରିଆ ବ୍ଲାଡର୍‌ରେ ଜମାହୋଇ ରହେ ଓ ଆବଶ୍ୟକ ପଡ଼ିଲେ ବାହାରକୁ ବାହାରିଯାଏ। କିନ୍ତୁ ପକ୍ଷୀମାନେ ଉଡୁଥିବାରୁ ସେମାନଙ୍କ ଶରୀର ଯେତେ ସମ୍ଭବ ହାଲୁକା ରହିବା ଉଚିତ। ଯଦି ବ୍ଲାଡର୍ ଥାଆନ୍ତା ତେବେ ପରିସ୍ରା ଜମାହୋଇ ରହିଥାନ୍ତା ଓ ସେମାନଙ୍କର ଓଜନ ବୃଦ୍ଧି ହୋଇଥାନ୍ତା। ଏହି କାରଣରୁ ଉଡ଼ିବା ମୁସ୍କିଲ ହୋଇଥାନ୍ତା। ଏଥିପାଇଁ ୟୁରିକ୍ ଏସିଡ୍ କ୍ରିଷ୍ଟାଲ୍ ବା ଧଳା ପେଷ୍ଟ ପରି ଜିନିଷରେ ପରିବର୍ତ୍ତିତ ହୋଇଯାଏ ଯାହା କ୍ଲୋଆକା ନାମକ ଏକ ଛିଦ୍ର ଦେଇ ମଳ ସହିତ ବାହାରକୁ ବାହାରିଯାଏ। କ୍ଲୋଆକା ହେଉଛି ପକ୍ଷୀମାନଙ୍କର ସେହି ବହୁଉଦ୍ଦେଶୀୟ ଅଙ୍ଗ ଯାହା ପାଚନ, ଉତ୍ସର୍ଜନ ଓ ପ୍ରଜନନ ଭଳି ତିନୋଟି ବିଭାଗ ପାଇଁ କାମ କରେ।

ନୀଳ ଡ୍ରମ୍‌ରୁ ଗିଟାର୍

ଏକ କୋଣରେ ପଡ଼ି ରହିଥିଲା ଏକ ନୀଳ ଡ୍ରମ୍ ଯେଉଁଥିରୁ ନା ଶୁଭୁଥିଲା କୌଣସି ସ୍ୱର ନା କୌଣସି ଶବ୍ଦ। ପୁଣି ସେଥିରୁ ଅଚାନକ ସୃଷ୍ଟି ହୋଇଥିଲା ଏକ ଗୁଞ୍ଜନ। ପ୍ରଥମେ ଏହା ଏକ ମାମୁଲି ଘଟଣା ପରି ମନେ ହେଉଥିଲା କିନ୍ତୁ ଏହି ଡ୍ରମ୍ ଗିଟାର ହୋଇ ଯେଉଁ ଧୂନ୍ ଛାଡ଼ିଥିଲା ତାହା ସଜେଇଥିଲା କେତେ ମେହେଫିଲ୍। ସୋସିଆଲ୍ ମିଡିଆରେ ଏ ସମୟରେ ଏପରି ଏକ ଭିଡିଓ ଭାଇରାଲ୍ ହେଉଛି ଯାହା ଲୋକମାନଙ୍କର ହୃଦୟକୁ ଜିତୁଛି। ଦେଶୀ ଯୋଗାଡ଼ ସହିତ ଜଡ଼ିତ ଏହି ଭିଡିଓଟି ଇନ୍‌ଷ୍ଟାଗ୍ରାମରେ ରହିଛି ଖୁବ୍ ଚର୍ଚ୍ଚାରେ। ଜଣେ ଇଣ୍ଡୋନେସିଆର ପିଲା ପ୍ଲାଷ୍ଟିକ୍‌ର ଏକ ନୀଳ ଡ୍ରମ୍‌କୁ ଗିଟାରରେ ପରିଣତ କରିଦେଇଛି। ସାଧାରଣତଃ ଲୋକମାନେ ଏପରି ଡ୍ରମ୍‌ରେ ପାଣି ଭରି ରଖନ୍ତି ବା କବାଡ଼ରେ ଫୋପାଡ଼ି ଦିଅନ୍ତି। କିନ୍ତୁ ଏହି ପିଲାଟି ନୀଳ ଡ୍ରମ୍‌କୁ ମ୍ୟୁଜିକ୍‌ର ଏକ ଜରିଆ କରିଦେଇଛି। ସେ ଡ୍ରମ୍ ଭିତରେ ଗିଟାର ପରି ଗୋଲ୍ ଛିଦ୍ର କରି ସେଥିରେ କାଠର ହ୍ୟାଣ୍ଡେଲ୍ ଫିଟ୍ କରିଛି। ଏହାପରେ ତାରଗୁଡ଼ିକୁ ଖୁବ୍ ସୁନ୍ଦର ଭାବରେ ବାନ୍ଧିଛି ଯେଉଁ କାରଣରୁ ପୂରା ଡ୍ରମ୍ ଏକ ଶାନ୍‌ଦାର ଗିଟାର୍‌ରେ ପରିବର୍ତ୍ତିତ ହୋଇଯାଇଛି। ଏହି ନୀଳ ରଙ୍ଗର ଡ୍ରମ୍ ସୋସିଆଲ୍ ମିଡିଆରେ ଖୁବ୍ ଚର୍ଚ୍ଚାର ବିଷୟ ହୋଇଛି। କେବଳ ଏତିକି ନୁହେଁ ପିଲାଟି ଏହି ଗିଟାର୍‌ରେ ଏପରି ଧୂନ୍ ସୃଷ୍ଟି କରିଥିଲା ଯେ ଶୁଣୁଥିବା ଲୋକମାନେ ମନ୍ତ୍ରମୁଗ୍ଧ ହୋଇଗଲେ। ଏବେ ଏହାକୁ ୨.୨ କୋଟି ଥର ଲୋକ ଦେଖିସାରିଲେଣି ଓ ଭିଡିଓଟିକୁ ୧୮ ଲକ୍ଷରୁ ଅଧିକ ଲାଇକ୍ ମିଳିସାରିଲାଣି। ନେଟିଜେନ୍ସ ମନଖୋଲି ଏହି ପିଲାଟିର ପ୍ରତିଭାକୁ ପ୍ରଶଂସା କରୁଛନ୍ତି। କେହି କେହି ଏହାକୁ କହୁଛନ୍ତି 'ଶୂନ୍ୟ ସୁବିଧା କିନ୍ତୁ ପ୍ରତିଭା ଶହେ ପ୍ରତିଶତ' ତ ଆଉ କେହି କେହି ସୃଜନଶୀଳ ପ୍ରତିଭା ଓ ଦେଶୀ ଯୋଗାଡ଼ ବୋଲି କହୁଛନ୍ତି।

ସମ୍ମାନିତ ହେଲେ ଆର୍ଯ୍ୟନ୍

ଗତ ବର୍ଷ ନେଟ୍‌ଫ୍ଲିକ୍ସରେ ରିଲିଜ ହୋଇଥିଲା ୱେବ ସିରିଜ 'ଦ ବ୍ୟାଡ୍ସ ଅଫ୍ ବଲିଉଡ୍'। ଏହି ସିରିଜଟି କମେଡି ଓ ରୋଚକପୂର୍ଣ୍ଣ କାହାଣୀ କାରଣରୁ ଦର୍ଶକମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲା। ନେଟ୍‌ଫ୍ଲିକ୍ସ ଇଣ୍ଡିଆରେ ଶୋ'ଟି ପହଞ୍ଚିଥିଲା ନମ୍ବର ୱାନ୍ ସ୍ଥାନରେ ଓ ବିଶ୍ୱସ୍ତରରେ ନନ୍-ଇଂଲିଶ ଶୋ'ଗୁଡ଼ିକ ମଧ୍ୟରେ ଏହା ନିଜ ପାଇଁ ସ୍ଥାନ ତିଆରି କରିଛି। କେବଳ ଏତିକି ନୁହେଁ ନ୍ୟୁୟର୍କ ଟାଇମ୍ସ ସ୍କୋୟାର ବିଲବୋର୍ଡରେ ଏହାର ପୋଷ୍ଟର୍ ପ୍ରମାଣିତ କରିଛି ଯେ ଏହି ସିରିଜଟି କେବଳ ଦେଶରେ ନୁହେଁ ପୂରା ଦୁନିଆରେ ଲୋକପ୍ରିୟ ହେଉଛି। ଏହାର ଜବରଦସ୍ତ ସଫଳତା ପରେ ଆର୍ଯ୍ୟନ ଖାନ ଏହି ସିରିଜ ପାଇଁ ବେଷ୍ଟ ଡେବ୍ୟୁ ଡାଇରେକ୍ଟର ଅଫ୍ ଦ ଇୟରର ପୁରସ୍କାର ପାଇଛନ୍ତି। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଏହି ପୁରସ୍କାରଟି ପ୍ରଦାନ କରିଛନ୍ତି ଯେଉଁଟି ଆର୍ଯ୍ୟନଙ୍କ କ୍ୟାରିୟର୍‌ର ବହୁତ ବଡ଼ ଉପଲବ୍ଧି। ଆର୍ଯ୍ୟନ ଏହି ସିରିଜର କାହାଣୀକୁ ନିଜେ ଲେଖିଛନ୍ତି ଓ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଗୌରୀ ଖାନଙ୍କ ରେଡ୍ ଚିଲିଜ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନର ଅନ୍ତର୍ଗତ ସିରିଜଟିକୁ ପ୍ରଡ୍ୟୁସ୍ କରାଯାଇଥିଲା ଯେଉଁଥିରେ ଅଭିନୟ କରିଥିଲେ ଲକ୍ଷ୍ୟ ଲାଲ୍‌ୱାନୀ, ବବି ଦେଓଲ୍, ମୋନା ସିଂହ, ରାଘବ ଜୁୟାଲ୍, ଆନ୍ୟା ସିଂହ, ମନୋଜ ପାହ୍‌ୱା, ମନୀଷ ଚୌଧରୀ, ସହେର, ଗୌତମୀ କପୁର ଓ ରଜତ ବେଦୀଙ୍କ ପରି କଳାକାରମାନେ। ନିଜର ପ୍ରଥମ ଡେବ୍ୟୁରେ ହିଁ ଫିଲ୍ମ ନିର୍ମାଣ କ୍ଷେତ୍ରରେ ନିଜ ପାଇଁ ଏକ ଅଲଗା ପରିଚୟ ସେ ସୃଷ୍ଟି କରେଇଥିଲେ। ଆର୍ଯ୍ୟନଙ୍କୁ ମିଳିଥିବା ଏହି ସମ୍ମାନ ଏହା ଦର୍ଶାଉଛି ଯେ ନୂଆ ପ୍ରତିଭାମାନେ ଇଣ୍ଡଷ୍ଟ୍ରିରେ ଦ୍ରୁତଗତିରେ ନିଜ ଲକ୍ଷ୍ୟସ୍ଥଳ ପ୍ରାପ୍ତ କରୁଛନ୍ତି। ଏନ୍‌ଡିଟିଭି ଇଣ୍ଡିଆନ୍ ଅଫ୍ ଦି ଇୟର୍ ୨୦୨୫ରେ ମଧ୍ୟ ଏହି ସିରିଜ ପାଇଁ ଆର୍ଯ୍ୟନଙ୍କୁ ଡେବ୍ୟୁ ଡାଇରେକ୍ଟର ଭାବେ ସମ୍ମାନିତ କରାଯାଇଥିଲା। ଆର୍ଯ୍ୟନ୍ ଏବେ ବଡ଼ ପରଦାର ଏକ ପ୍ରୋଜେକ୍ଟ ଉପରେ କାମ କରୁଛନ୍ତି ଯେଉଁଟି ଦର୍ଶକମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ମନୋରଞ୍ଜନର ପୂରା ଅନୁଭବ ଦେବ। ଫିଲ୍ମଟି ଏ ବର୍ଷ ଫ୍ଲୋରକୁ ଆସିପାରେ। ଦର୍ଶକମାନେ ଫିଲ୍ମଟିକୁ ନେଇ ବେଶ୍ ଉତ୍ସାହିତ ଥିବା ବେଳେ ଏହାର ଘୋଷଣା ଓ ରିଲିଜ ଅପେକ୍ଷାରେ ଅଛନ୍ତି।

ସ୍ଥଗିତ ହେଲା ଚନ୍ଦ୍ର ମିଶନ

ଆମେରିକାର ରାଷ୍ଟ୍ରୀୟ ବୈମାନିକୀ ଓ ଅନ୍ତରୀକ୍ଷ ପ୍ରଶାସନ ନାସା ରକେଟ୍ ପ୍ରଣାଳୀରେ ଏକ ନୂଆ ଟେକ୍ନିକାଲି ସମସ୍ୟା କାରଣରୁ ମାନବଯୁକ୍ତ ଚନ୍ଦ୍ର ମିଶନକୁ ବର୍ତ୍ତମାନ ପାଇଁ ବନ୍ଦ କରିଛନ୍ତି। ଏହା ଆର୍ଟିମିସ୍-୨ ମିଶନ ପାଇଁ ଏକ ନୂଆ ଝଟ୍‌କା ଯେଉଁ ମିଶନରେ ଚନ୍ଦ୍ରକୁ ଚାରି ଜଣ ଅନ୍ତରୀକ୍ଷ ଯାତ୍ରୀଙ୍କୁ ପଠାଇବାର ଥିଲା। ଏମାନଙ୍କୁ ପ୍ରକ୍ଷେପଣ କରିବାର ତିଥି ୬ ମାର୍ଚ୍ଚ ନିର୍ଦ୍ଧାରିତ କରିବାର ଦିନେ ପରେ ଏହି ଘଟଣା ସମ୍ମୁଖକୁ ଆସିଛି। ୨୦ ତାରିଖ ଦିନ ରକେଟ୍‌ର ଉପର ଚରଣରେ ହିଲିୟମ୍‌ର ଆପୂର୍ତ୍ତି ବାଧିତ ହେବା କାରଣରୁ ଏହି ବିଳମ୍ବ ହେଉଥିବା କାରଣ ସମ୍ପର୍କରେ କୁହାଯାଇଛି। ହିଲିୟମ୍, ଇଞ୍ଜିନ୍‌କୁ ପରିଷ୍କାର ଓ ଇନ୍ଧନ ଟ୍ୟାଙ୍କଗୁଡ଼ିକୁ ଚାପଯୁକ୍ତ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅନ୍ତରୀକ୍ଷ ଯାତ୍ରୀ ଆର୍ଟିମିସ୍-୨ ମିଶନ ପାଇଁ ପ୍ରଶିକ୍ଷଣ ନେଉଛନ୍ତି। ବିଶେଷଜ୍ଞଙ୍କ ଅନୁସାରେ ଖରାପ ଫିଲ୍ଟର, ଭାଲ୍‌ବ ବା କନେକ୍ଟିଂ ପ୍ଲେଟ୍ ଏହାର କାରଣ ହୋଇପାରେ। ତେବେ ସଠିକ୍ କାରଣ ଯାହା ବି ହୋଇଥାଉ ନା କାହିଁକି ଏହାର ଖରାପ ପାର୍ଟ ପର୍ଯ୍ୟନ୍ତ ପହଞ୍ଚିବା ଓ ମରାମତି କରିବାର ଏକମାତ୍ର ଉପାୟ ହେଉଛି ଏହି ବିଶାଳ ୯୮ ମିଟର ଲମ୍ବା ରକେଟ୍‌କୁ ଏହାର ହ୍ୟାଙ୍ଗର ପାଖକୁ ନେବା। ଏହି ପରିବହନ ପାଇଁ ମାର୍ଚ୍ଚରେ ହେବାକୁଥିବା ପ୍ରକ୍ଷେପଣର ସମୟ ସୀମା ନିଶ୍ଚିତ ଭାବରେ ପ୍ରଭାବିତ ହେବ। ପ୍ରଥମେ ଅନ୍ତରୀକ୍ଷ ଯାତ୍ରୀ ଉଡ଼ାଣ ଭରିବା ପୂର୍ବରୁ ନିଜର ସ୍ୱାସ୍ଥ୍ୟର ସୁନିଶ୍ଚିତତା ପାଇଁ ୨୦ ଫେବୃଆରୀ ସନ୍ଧ୍ୟାରୁ ଦୁଇ ସପ୍ତାହର ସଙ୍ଗରୋଧ ଅବଧି ଆରମ୍ଭ କରିଥିଲେ କିନ୍ତୁ ଏବେ ଏହି ଯୋଜନାରେ ପରିବର୍ତ୍ତନ କରିବାକୁ ପଡ଼ିବ। ହିଲିୟମ୍‌ର ଏହି ଘଟଣା ହାଇଡ୍ରୋଜେନ ଇନ୍ଧନ ଲିକ୍ ସହିତ ସମ୍ପୂର୍ଣ୍ଣ ଭାବରେ ଅସମ୍ବନ୍ଧିତ ଅଟେ ଯେଉଁ କାରଣରୁ ଏହି ମେସିନ୍‌ର ପରୀକ୍ଷଣ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ ପରେ ପରୀକ୍ଷଣ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା କିନ୍ତୁ ଏହି ନୂଆ ଘଟଣା ପୁଣି ଥରେ ଇଞ୍ଜିନିୟରିଂ ଟିମ୍‌ର ଧୈର୍ଯ୍ୟର ପରୀକ୍ଷା ନେଉଛି।

କଇଥଗଡ଼ିଆ-ଡୁଙ୍ଗୁରା ରାସ୍ତା ନିର୍ମାଣରେ ଅନିୟମିତତା

ଖଇରା,୨୩।୨/ଏନ୍‌ଏନ୍‌ଏସ୍: ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍‌ର ପ୍ରମୁଖ ସଡ଼କ କଇଥଗଡ଼ିଆ-ଡୁଙ୍ଗୁରା ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହେବାସହ ଏବେ କିଛି ମାସ ତଳେ କଂକ୍ରିଟ୍ ଅଂଶର ନିର୍ମାଣ ଆରମ୍ଭ ହୋଇଛି। ହେଲେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ସୋମବାର ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅମିର କୁମାର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ରାସ୍ତା କାର୍ଯ୍ୟର ଯାଞ୍ଚ କରିଛନ୍ତି। ରାସ୍ତାର ବିଭିନ୍ନ ସ୍ଥାନକୁ ଖୋଳି ଦେଖିବା ପରେ ଉକ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ଅବଗତ ହେବା ପରେ ଏହି ରାସ୍ତାର ପୁନର୍ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏ ସମ୍ପର୍କରେ ଶ୍ରୀ ସେଠୀଙ୍କୁ ପଚାରିବାରୁ ରାସ୍ତା ପାଇଁ ନିମ୍ନମାନର ମେଟାଲ୍ ବ୍ୟବହୃତ ହେବା ଓ କଂକ୍ରିଟ୍‌ରେ ପାଣି ଦିଆଯାଇନଥିବା କଥା ସ୍ୱୀକାର କରିଛନ୍ତି। ଏହାସହ ଆଉଥରେ କାର୍ଯ୍ୟର ସଂଶୋଧନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁ ଓ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତ ସାମିଲ୍ ଥିଲେ। ପ୍ରକାଶଥାଉକି ୨କୋଟି ୮୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୫.୧୫୬ କିମି ରାସ୍ତା ୨୦୨୫ ନଭେମ୍ବରରେ ଆରମ୍ଭ ହୋଇ ୨୦୨୬ ମସିହା ଏପ୍ରିଲ୍ ୧୧ ତାରିଖରେ ସରିବା କଥା। ହେଲେ ୪ ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ୨୦ ପ୍ରତିଶତ

କାର୍ଯ୍ୟ ଆରମ୍ଭରୁ ଦୁର୍ନୀତି ଅଭିଯୋଗ

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ତଦନ୍ତ

ଅଞ୍ଚଳବାସୀଙ୍କ ଭିଜିଲାନ୍ସ ତଦନ୍ତ ଦାବି

କାର୍ଯ୍ୟ ସରିନାହିଁ। ହେଲେ କାର୍ଯ୍ୟ ଆରମ୍ଭରୁ ଏଥିରେ ଦୁର୍ନୀତି ହେଉଥିବା ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ତେବେ ରାସ୍ତାର ଭିଜିଲାନ୍ସ ତଦନ୍ତ ଦାବି ହୋଇଛି।

ବିଜେଡି ବ୍ଲକ୍ ଓ ଏନ୍‌ଏସି ସଭାପତିଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୨୩।୨/ଏନ୍‌ଏନ୍‌ଏସ୍: ବିଜେଡିର ନବନିଯୁକ୍ତ ରେମୁଣା ବ୍ଲକ୍ ସଭାପତି ୩୬ନଂ ଜିଲ୍ଲାପରିଷଦ ସଭ୍ୟ ଅଭିମନ୍ୟୁ ଧିନ୍ଦା ଏବଂ ଏନ୍‌ଏସିର ନବନିଯୁକ୍ତ ସଭାପତି ତଥା ଉପାଧକ୍ଷ ଆଏସାନ୍ ଖାନ୍‌ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧକ୍ଷା ତନୁଜା ଗିରି, ବ୍ଲକ୍ ଉପାଧକ୍ଷା ସୁମତି ବେହେରା, ବ୍ଲକ୍ ମହିଳା ମୋର୍ଚ୍ଚା ସଭାପତି ସଂଯୁକ୍ତା ରାଉତ, ପ୍ରଧାପକ ପ୍ରଶାନ୍ତ ବରାଳ, ଅଭିମନ୍ୟୁ ଧିନ୍ଦା, ଧୀରେନ୍ଦ୍ର ମହାପାତ୍ର ଓ ଆଏସାନ୍ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ରେମୁଣା ବ୍ଲକ୍ ଏବଂ ଏନ୍‌ଏସିରେ ବିଜେଡିର ସଂଗଠନକୁ ମଜବୁତ କରିବା ସହ ୨୦୨୭ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ସଫଳତା ପାଇଁ ଉଭୟ ସଭାପତି ଅଧିକ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବାକୁ ପୂର୍ବତନ ବିଧାୟକ ଶ୍ରୀ ପରିଡ଼ା ପରାମର୍ଶ ଦେଇଥିଲେ। ସମସ୍ତ ବିବାଦକୁ ଭୁଲି ଏକତ୍ରିତ ଭାବେ ବିଜେଡିର କର୍ମୀମାନେ କାମ କରିବାକୁ ମଞ୍ଚାସୀନ ଅତିଥି ଅପିଲ୍ କରିଥିଲେ। ଅନ୍ୟପଟେ ଉଭୟ ନୂଆ ସଭାପତି ଦଳୀୟ କର୍ମୀଙ୍କୁ ନେଇ କାମ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରଫୁଲ୍ଲ ମଣ୍ଡଳ ଧନ୍ୟବାଦ ଦେଇଥିଲେ।

୨ ଛାତ୍ରୀ ପରୀକ୍ଷା ଦେବାରୁ ବଞ୍ଚିତ

ସୋର,୨୩।୨/ଏନ୍‌ଏନ୍‌ଏସ୍: ବାହାନଗା ବ୍ଲକ୍ ଅଭଣା ନୋଡାଲ୍ ହାଇସ୍କୁଲ୍‌ର ୨ ଜଣ ଦଶମଶ୍ରେଣୀ ଛାତ୍ରୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ସୋମବାର ପରୀକ୍ଷା ଥିବାରୁ ମମତା ମାଝୀ ଓ ଜ୍ୟୋତିପ୍ରଭା ମାଝୀ ସେଣ୍ଟର୍ ପଡ଼ିଥିବା ବିଷ୍ଣୁପୁର ନୋଡାଲ୍ ହାଇସ୍କୁଲ୍‌କୁ ସାଇକେଲ୍ ଯୋଗେ ଯାଉଥିଲେ। ଏହି ସମୟରେ ବିଷ୍ଣୁପୁର ଛକ ନିକଟରେ ଏକ ବାଇକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ୨ ଜଣ ଛାତ୍ରୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଜ୍ୟୋତିପ୍ରଭାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣା ଘଟାଇଥିବା ବ୍ୟକ୍ତିଙ୍କୁ ପୁଲିସ୍ ଅଟକ ରଖିଛି।

ବ୍ରହ୍ମାକୁମାରୀ ପକ୍ଷରୁ ନିଶାମୁକ୍ତ ଭାରତ ଗଠନ ପାଇଁ ରଥ ପରିକ୍ରମା

ବୈଶିଙ୍ଗା,୨୩।୨/ଏନ୍‌ଏନ୍‌ଏସ୍: ନିଶା ସେବନର ଭୟାବହତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କର କ୍ରୀଡ଼ା ଏବଂ ଯୁବ ବ୍ୟାପାର ବିଭାଗ ସହାୟତରେ ପ୍ରଜାପିତା ବ୍ରହ୍ମାକୁମାରୀ ଅଣ୍ଟା ଭିଡ଼ିଛି। ଏହିକ୍ରମେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତ ଭାରତ ଗଠନ ସମ୍ପର୍କିତ ଏକ ପରିକ୍ରମା ରଥ ବୈଶିଙ୍ଗା ବସ୍‌ଷ୍ଟାଣ୍ଡ ନିକଟରେ ଉଦ୍‌ଘାଟିତ ହୋଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀଙ୍କ ନେତୃତ୍ୱରେ ଉକ୍ତ ରଥ ସାରା ଜିଲ୍ଲାର ବିଭିନ୍ନ ସେବାକେନ୍ଦ୍ରରେ ପରିକ୍ରମା କରିଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବେତନଟୀ ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ବନିତା ଭଉଣୀ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବେତନଟୀ ତହସିଲଦାର୍ ଚିରଞ୍ଜିତ ବେହେରା, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ରାଇକମା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ଜେନା, ସ୍ୱତନ୍ତ୍ର ସମ୍ମାନିତ ଅତିଥିଭାବେ ବେତନଟୀ ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାୟକ, ବେତନଟୀ ଅବକାରୀ ବିଭାଗ ଥାନାଧିକାରୀ ପ୍ରଦୀପ କୁମାର ବେହେରା , ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ, ଜିଲ୍ଲାପରିଷଦ ସଦସ୍ୟା ସାବିତ୍ରୀ ଦାସ, ସମିତିସଭ୍ୟା ସରସ୍ୱତୀ ଦାସ ଓ ସରପଞ୍ଚ ସାବିତ୍ରୀ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରକାରର ନିଶାସେବନର ଭୟାବହତା ଓ ଏହାର କୁପ୍ରଭାବ ଉପରେ ସମସ୍ତ ଅତିଥି ବକ୍ତବ୍ୟ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିଥିଲେ। ପରେ ଉକ୍ତ ନିଶା ନିବାରଣ ରଥ ଶ୍ରୀବସ୍ତପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗଡ଼ଦେଉଳିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଳମା ସଙ୍କଳ୍ପ ଶିଶୁବିଦ୍ୟାମନ୍ଦିର, କାନ୍ଥୀ ଆଶ୍ରମ ବିଦ୍ୟାଳୟ, ଉଞ୍ଜଭୂମି ବାଳିକା ଉଚ୍ଚବିଦ୍ୟାଳୟ, ଖଇରୀବଣୀ ଆଶ୍ରମ ବିଦ୍ୟାଳୟ, ବଙ୍ଗଳୀଡ଼ାହି ଓ ବୈଶିଙ୍ଗା ଆଇଟିଆଇ ଭଳି ଅନ୍ୟ ଶିକ୍ଷାନୁଷ୍ଠାନକୁ ଯାଇ ନିଶା ନିବାରଣ ଉପରେ ରଥରେ ଥିବା ଏଲ୍‌ଇଡି ମାଧ୍ୟମରେ ଚିତ୍ର ପ୍ରଦର୍ଶନ କରିଥିଲେ।

ବ୍ରାହ୍ମଣଗାଁ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

‘ଛାତ୍ରଛାତ୍ରୀଙ୍କ ବିକାଶ ପାଇଁ ଶିକ୍ଷକଙ୍କ ସହ ପିତାମାତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି’

ବାରିପଦା,୨୩।୨/ଏନ୍‌ଏନ୍‌ଏସ୍: ବାଙ୍ଗିରିପୋଷି ବ୍ଲକ୍ ଅନ୍ତର୍ଗତ ଶିମିଳିପାଳ ପାଦଦେଶରେ ଥିବା ବ୍ରାହ୍ମଣଗାଁ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀବତ୍ସ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ ସୁଗୁଦା ମୁର୍ମୁ, ମୁଖ୍ୟବକ୍ତା ଭାବେ ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମାଜସେବୀ ଶରତ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ବ୍ରାହ୍ମଣ ଗାଁ ସରପଞ୍ଚ ପ୍ରଦୀପ କୁମାର ସୋରେନ, ପଞ୍ଚାୟତ ସମିତିସଭ୍ୟା ସୁମି ଗାଗରାଇ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ୟାମ ଚରଣ ଟୁଡୁ, ସିଆର୍‌ସିସି ଆଲୋକ ରଞ୍ଜନ ବେହେରା, ବାଗୁଲି ଆଶ୍ରମ ସ୍କୁଲ୍‌ର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ, ଯୋଗୀ ନୂଆଗାଁ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ନାଏକ, ସମାଜସେବୀ ବ୍ରଜ ମୋହନ ହାଁସଦା, ସାମ୍ବାଦିକ ଦୀପକ କୁମାର ନାୟକ, ଶରଦା ପ୍ରସାଦ ବାରିକ ଓ ସୟେଦ ସିରାଜୁଦ୍ଦିନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଶିକ୍ଷକଙ୍କ ସମେତ ପିତାମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରଧାନଶିକ୍ଷକ ଶ୍ରୀବତ୍ସ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ପଦ୍ମିନୀ ଗିରି ସ୍ୱାଗତ ଭାଷଣ ଏବଂ ଶିକ୍ଷୟିତ୍ରୀ ଅନିତା ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷକ ମଧୁସୂଦନ କିସ୍କୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚଳନାରେ କର୍ମଚାରୀ ଗୁଲିଆ ଟୁଡୁ, ବାଲୁରାମ ଟୁଡୁ, ସୁନାରାମ ହେମ୍ବ୍ରମ୍ ଓ ଦୁଖିଆ ହେମ୍ବ୍ରମ୍ ପ୍ରମୁଖ ସହଯୋଗ କରିଥିଲେ।

ଲକ୍ଷ୍ମୀନାରାୟଣ କ୍ରିକେଟ୍ କ୍ଲବ୍ ପକ୍ଷରୁ ଟୁର୍ଣ୍ଣାମେଣ୍ଟ

ସୋର,୨୩।୨/ଏନ୍‌ଏନ୍‌ଏସ୍: ସୋର ପୌରପାଳିକା ଅନ୍ତର୍ଗତ ବାରାହାପୁର ଖେଳ ପଡ଼ିଆରେ ଲକ୍ଷ୍ମୀନାରାୟଣ କ୍ରିକେଟ୍ କ୍ଲବ୍ ପକ୍ଷରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଚକ ବାରାହାପୁର ଓ କ୍ଷୀରକୋଣୀ ମହାରାଜା ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ କ୍ଷୀରକୋଣୀ ମହାରାଜା ଫାଇନାଲ୍‌ରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ସାଇ ଇଲେଭେନ୍ ଓ ସରଶଙ୍ଖ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ସାଇ ଇଲେଭେନ୍ ଜିତିଥିଲା। ଫାଇନାଲ୍‌ରେ କ୍ଷୀରକୋଣୀ ମହାରାଜା ଇଲେଭେନ୍‌କୁ ହରାଇ ସାଇ ଇଲେଭେନ୍ ବିଜୟୀ ହୋଇଥିଲା। ଏହି ଅବସରରେ ଲକ୍ଷ୍ମୀନାରାୟଣ କ୍ଲବ୍‌ର ସଦସ୍ୟ ସଞ୍ଜୟ କୁମାର ପଟ୍ଟନାୟକ, ମାନସ ମହାନ୍ତି, ଆଲୋକ ମହାନ୍ତି, ପ୍ରଭୁପାଦ ମହାନ୍ତି, ପରେଶ ନାୟକ ଓ ଚିନ୍ମୟ ଜ୍ୟୋତି ମହାନ୍ତି ପ୍ରମୁଖଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଲକ୍ଷ୍ମୀ ନାରାୟଣ କ୍ଲବ୍‌ର ପୂର୍ବତନ ଖେଳାଳି ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

ଜିଲ୍ଲାସ୍ତରୀୟ ଶ୍ରୀମାଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ

ବାରିପଦା,୨୩।୨/ଏନ୍‌ଏନ୍‌ଏସ୍: ବାରିପଦା ଛଉ ପଡ଼ିଆ ନିକଟସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଶ୍ରୀମାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କଳ୍ପନା ଷଡ଼ଙ୍ଗୀ ଆଧାତ୍ମିକ ପତାକା ଉତ୍ତୋଳନ କରି ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବନ୍ଦେ ମାତରମ୍ ଗାନ ଓ ମାର୍ଚ୍ଚପାଷ୍ଟ ପରେ ସମାଧୀ ପୀଠରେ ସମବେତ ଧ୍ୟାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମୂହର ବିଜ୍ଞାନ ପ୍ରଦର୍ଶନୀ, ହସ୍ତକଳା, ସାହିତ୍ୟ ଓ କଳା ପରିଷଦର କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ପ୍ରଦର୍ଶନୀରେ ବାରିପଦା ଶିକ୍ଷାକେନ୍ଦ୍ରର ୮ମ ଶ୍ରେଣୀ ଛାତ୍ରୀ ରଶ୍ମିରେଖା ଗିରି ପ୍ରଥମ, ଛାତ୍ର ପ୍ରତୀକ କୁମାର ସାହୁ ଦ୍ୱିତୀୟ ଓ କୁଳିଅଣା କେନ୍ଦ୍ରର ୭ମ ଶ୍ରେଣୀ ଛାତ୍ର ଚିରଞ୍ଜିବି ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷାକେନ୍ଦ୍ରର ଅଧକ୍ଷ କବିତା ରାଣୀ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମ୍ପାଦକ ତଥା ବଡ଼ସାହି ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରବୋଧ କୁମାର ମହାପାତ୍ର, ସଦସ୍ୟ କଲ୍ୟାଣ କୁମାର ସିହ୍ନା ଓ ଜିଲ୍ଲା ପାଠଚକ୍ର ସଂଯୋଜକ ଗଣେଶ ପ୍ରସାଦ ମହାପାତ୍ର ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

ରାସ୍ତା ଉପରେ ଡ୍ରେନ୍ ପାଣି

ଧାରଣା ଦେବାକୁ ୱାର୍ଡବାସୀଙ୍କ ଚେତାବନୀ

ସୋର,୨୩।୨/ଏନ୍‌ଏନ୍‌ଏସ୍: ସୋର ପୌରାଞ୍ଚଳ ୬ ନମ୍ବର ୱାର୍ଡ ପାରମହଲାରେ ଥିବା ମୁଖ୍ୟରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକେ ଯାତାୟତ କରନ୍ତି। ମାତ୍ର କିଛି ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜାଗା ଥିବାରୁ ପାଣି ନିଷ୍କାସନ ନହୋଇ ରାସ୍ତାରେ ଆବର୍ଜନା ପାଣି ଜମିରହେ। ଏନେଇ ୬ ନମ୍ବର ୱାର୍ଡର ପାରିଷଦ ରହିମାତୁନ ବିବିଙ୍କ ସମେତ ୱାର୍ଡବାସୀମାନେ ଅଭିଯୋଗ କରିବା ପରେ ସାଢ଼େ ୧୨ ଲକ୍ଷ ଟଙ୍କାରେ ଏକ ଡ୍ରେନ୍ ନିର୍ମାଣ କରାଯାଇଛି। ଡ୍ରେନ୍ କାମ ଶେଷ ହୋଇଥିବାବେଳେ ଜଳ ନିଷ୍କାସନର ବ୍ୟବସ୍ଥା ଚାଲୁଥିବାରୁ ଅପରିଷ୍କାର ପାଣି ରାସ୍ତା ଉପରେ ଜମି ରହୁଛି। ସେଠାରେ ଏକ ମସଜିଦ୍ ଥିବାରୁ ରମଜାନ୍ ମାସରେ ଶ୍ରଦ୍ଧାଳୁମାନେ ସେହି ଅପରିଷ୍କାର ପାଣିରେ ଚାଲି ଚାଲି ମାସଜିଦ୍‌କୁ ଯାଉଛନ୍ତି। ନିକଟରେ ଶ୍ମଶାନ ଥିବାରୁ ଲୋକେ ଏହି ଅପରିଷ୍କାର ପାଣିରେ ଯାତାୟତ କରୁଥିବାରୁ ଅସନ୍ତୋଷ ଦେଖାଦେଇଛି। ଏ ବାବଦରେ ୱାର୍ଡବାସୀଙ୍କ ପକ୍ଷରୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କିଛି ସୁଫଳ ମିଳି ପାରିନାହିଁ। ତେବେ ତୁରନ୍ତ ଏହାର ସମାଧାନ ନହେଲେ ଆଜିଠୁ ୱାର୍ଡର ପାରିଷଦଙ୍କ ସମେତ ୱାର୍ଡବାସୀମାନେ ସୋର ପୌରପାଳିକା କାର୍ଯ୍ୟାଳୟରେ ଧାରଣାରେ ବସିବେ ବୋଲି ଲିଖିତ ଚେତାବନୀ ଦେଇଛନ୍ତି।

୨୫ରୁ ଶ୍ରୀଚୈତନ୍ୟ ଦେବଙ୍କ ବିଗ୍ରହ ନବକଳେବର ଉତ୍ସବ

ଧାମନଗର,୨୩।୨/ଏନ୍‌ଏନ୍‌ଏସ୍: ଧାମନଗର ବ୍ଲକ୍‌ର ପ୍ରାଚୀନ ଆଧାତ୍ମିକ ପୀଠ ଗୌରାଙ୍ଗପୁର ଜୟନ୍ତୀରାରେ ଶ୍ରୀଚୈତନ୍ୟ ଦେବଙ୍କ ନବକଳେବର ଉତ୍ସବ ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହେବ। ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଆଧାତ୍ମିକ ଉତ୍ସବରେ ୨୪ ପ୍ରହର ନାମଯଜ୍ଞ, ନଗର ପରିକ୍ରମା, କଳସ ଯାତ୍ରା, ବିଶ୍ୱ କଲ୍ୟାଣ ମହାଯଜ୍ଞ, ବୈଷ୍ଣବ ସମ୍ମିଳନୀ, ସାଧୁସନ୍ଥ ସମ୍ମିଳନୀ, ପ୍ରତିଭା ସମ୍ମାନ ପ୍ରଦାନ, ଧର୍ମ ସଭା, ଭଜନ ସମାରୋହ ଓ ପ୍ରବଚନ ଆଦି ହେବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବରେ ଭଦ୍ରକ ଏବଂ ଯାଜପୁର ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଉତ୍ସବ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ମୁଖ୍ୟ ପୁରୋଧା ବରିଷ୍ଠ ସେବାୟତ ବରଦା ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାସହ ପ୍ରସ୍ତୁତିର ଚୂଡ଼ାନ୍ତ ସମୀକ୍ଷା କରାଯାଇଛି। ଏହି ବୈଠକରେ ଶ୍ରୀଚୈତନ୍ୟ ମହାପ୍ରଭୁ ମନ୍ଦିର ସେବାୟତ ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀ ଯୋଗ ଦେଇଥିଲେ।

ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟିତ

ବାଲେଶ୍ୱର,୨୩।୨/ଏନ୍‌ଏନ୍‌ଏସ୍: ଜିଲ୍ଲା ପ୍ରଶାସନ, ମିଶନଶକ୍ତି ବିଭାଗ ଓ ଓରମାସ୍‌ର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇଥିବାବେଳେ ବରେଣ୍ୟ ଅତିଥିଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତ ଓ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମୀଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗୀଙ୍କ ଉତ୍ପାଦକୁ ବିକ୍ରି ନିମନ୍ତେ ମେଳା ବା ବଜାର ଆୟୋଜନ କରାଯାଇଛି। ଏହି ଉତ୍ପାଦ ଗୁଡ଼ିକୁ ସହରୀ ରୁଚି ଓ ପସନ୍ଦକୁ ଦୃଷ୍ଟିରେ ରଖି ବିକ୍ରିର ସୁଯୋଗ ସୃଷ୍ଟି କରାଯାଇଛି। ଭାରତ ସରକାରଙ୍କ ବିଭିନ୍ନ ଦାରିଦ୍ର୍ୟ ଦୂର ପାଇଁ ଯୋଜନା ମାଧ୍ୟମରେ ଆର୍ଥିକ ଅନୁଦାନ ପ୍ରଦାନ ମାଧ୍ୟମରେ ଗ୍ରାମୀଣ ସ୍ୱୟଂ ସହାୟକ ଗୋଷ୍ଠୀ, କୁଟୀର ଶିଳ୍ପ, ହସ୍ତତନ୍ତ କାରିଗରଙ୍କ ଉତ୍ପାଦ ଗୁଡ଼ିକୁ ପ୍ରଦର୍ଶନ ଓ ବିକ୍ରି ବ୍ୟବସ୍ଥା ବଜାର ସଂଯୋଗ କରିବା, ବିଭିନ୍ନ ଅଞ୍ଚଳରୁ ଆସିଥିବା ସ୍ୱଦେଶୀ ଗ୍ରାମୀଣ ଉତ୍ପାଦକ ପ୍ରଚାର ପ୍ରସାର ପ୍ରଦର୍ଶନ ଓ ବିକ୍ରି ସହ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବା, ବିକଶିତ ଓଡ଼ିଶା ବିକଶିତ ଭାରତର ଆହ୍ୱାନକୁ ସଫଳ କରିବା ବୋଲି ମଞ୍ଚାସୀନ ଅତିଥିବୃନ୍ଦ ମତପ୍ରକାଶ କରିଥିଲେ। ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଡ.ମଧୁସ୍ମିତା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

କେନ୍ଦୁଝର,୨୩।୨/ଏନ୍‌ଏନ୍‌ଏସ୍: ଜିନ୍ଦଲ୍ ଷ୍ଟିଲ୍‌ର ସାମାଜିକ ସଂସ୍ଥା ଜିନ୍ଦଲ୍ ଫାଉଣ୍ଡେସନ୍‌ର ପ୍ରମୁଖ କାର୍ଯ୍ୟକ୍ରମ ‘ଦୃଷ୍ଟି’ ଅଧୀନରେ କେନ୍ଦୁଝର ଏଲ୍‌ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନ ସହଯୋଗରେ ବଡ଼ବିଲ୍ ପେଲେଟ୍ ପ୍ଲାଣ୍ଟ, ଟେନ୍ସା ମାଇନ୍ସ ଓ କାଶିଆ ମାଇନ୍ସ ଅଞ୍ଚଳରେ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ପେଲେଟ୍ ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଦେଓଝର ପଞ୍ଚାୟତରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରକୁ ପେଲେଟ୍ ପ୍ଲାଣ୍ଟ ୟୁନିଟ୍ ହେଡ୍ ସତୀଶ ସିନ୍ଦୁରିଆ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ଓ ସିଏସ୍‌ଆର୍ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ୨୧୪ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ଟେନ୍‌ସାରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ୧୦୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ସରକାରୀ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ଟେନ୍‌ସା ମାଇନ୍ସର ଅଧିକାରୀ ଉପସ୍ଥିତ ଥିଲେ। କାଶିଆ ମାଇନ୍ସରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରକୁ ଜିନ୍ଦଲ୍ ଷ୍ଟିଲ୍‌ର ବିକେଟିଆର୍ କ୍ଲଷ୍ଟର୍ ମୁଖ୍ୟ ପ୍ରମୋଦ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ବଡ଼ବିଲ୍ ଓ ବାସୁଦେବପୁର ଗୋଷ୍ଠୀ ଚିକିତ୍ସା କେନ୍ଦ୍ରର ବରିଷ୍ଠ ଅଧିକାରୀଙ୍କ ସମେତ ଗ୍ରାମବାସୀ, କାଶିଆ ମାଇନ୍ସର ଅଧିକାରୀ, ସିଏସ୍‌ଆର୍ ଅଧିକାରୀ ଓ ସ୍ୱାସ୍ଥ୍ୟ ସଙ୍ଗିନୀ ଉପସ୍ଥିତ ଥିଲେ। ଏଥିରେ ମୋଟ୍ ୩୪୦ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସେଥିମଧ୍ୟରୁ ୨୪୦ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା। ପାରିପାର୍ଶ୍ୱିକ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ଏବଂ ସୁରକ୍ଷା ପାଇଁ ଜିନ୍ଦଲ୍ ଫାଉଣ୍ଡେସନ୍ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି।

ପରାଜୟ ପରେ ଟିମ୍ ଇଣ୍ଡିଆରେ ଦୁଇଟି ପରିବର୍ତ୍ତନ ନିଶ୍ଚୟ

ଚୂଡ଼ାନ୍ତ ଏକାଦଶରୁ ଅଭିଷେକ ଶର୍ମାଙ୍କ ହୋଇପାରେ ଛୁଟି

ନୂଆଦିଲ୍ଲୀ,୨୩।୨/ଏଜେନ୍ସି: ଆଇସିସି ଟି-୨୦ ବିଶ୍ୱକପ୍‌ର ସୁପର୍-୮ରେ ସାଉଥ୍ ଆଫ୍ରିକା ନିକଟରୁ ୭୬ ରନ୍‌ରେ ଶୋଚନୀୟ ଭାବେ ପରାଜିତ ହେବା ପରେ ଟିମ୍ ଇଣ୍ଡିଆ ଜୋରଦାର ସମାଲୋଚନା ହେଉଛି। ପରାଜୟରୁ ଅଧିକ ଟିମ୍‌ର ଇଣ୍ଟେଣ୍ଟ୍‌କୁ ନେଇ ଅଧିକ ସମାଲୋଚନା କରାଯାଉଛି। କାରଣ ୮ ନମ୍ବର ପର୍ଯ୍ୟନ୍ତ ବ୍ୟାଟର୍ ଥିବା ଟିମ୍ ୧୧୧ ସ୍କୋରରେ ଅଲ୍‌ଆଉଟ୍ ହୋଇଯାଇଛି। କୌଣସି ବି ବ୍ୟାଟର୍ ସଂଘର୍ଷ କରୁଥିବା ଦେଖିବାକୁ ମିଳିନଥିଲା। ବିଶେଷକରି ବାମହାତୀ ବ୍ୟାଟର୍‌ମାନେ ଅଫ୍ ସ୍ପିନ୍ ଆଗରେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ପରାଜୟ ପରେ ଏବେ ଟିମ୍‌ରେ ବଡ଼ ପରିବର୍ତ୍ତନ ପାଇଁ ଦାବି ହେଉଛି। ଭାରତ ନିଜର ପରବର୍ତ୍ତୀ ମ୍ୟାଚ୍‌ରେ ଗୁରୁବାର ଜିମ୍ବାୱେକୁ ଭେଟିବ। କୁହାଯାଉଛି ଏହି ମ୍ୟାଚ୍‌ରେ ଦୁଇଟି ପରିବର୍ତ୍ତନ ହୋଇପାରେ।

ପୂର୍ବତନ ୱିକେଟ୍‌କିପର୍ ବ୍ୟାଟର୍ ପାର୍ଥିବ ପଟେଲ୍‌ଙ୍କ ସମେତ କେତେକ ପୂର୍ବତନ କ୍ରିକେଟର୍ ଟିମ୍‌ରେ ପରିବର୍ତ୍ତନର ଦାବି କରିଛନ୍ତି। ସବୁଠୁ ଅଧିକ ଚର୍ଚ୍ଚା ଅକ୍ଷର ପଟେଲ୍‌ଙ୍କୁ ନେଇ ହେଉଛି। ଅକ୍ଷରଙ୍କୁ ରବିବାରର ମ୍ୟାଚ୍‌ରେ ସୁଯୋଗ ମିଳିନଥିଲା। ପାର୍ଥିବ ପଟେଲ୍‌ଙ୍କ ଅନୁସାରେ, ଅକ୍ଷରଙ୍କୁ ଟିମ୍‌କୁ ଫେରାଇ ଆଣିବା ଉଚିତ। ସେ କହିଛନ୍ତି, ଚାପରେ ଗୁରୁତ୍ୱପୂର୍ଣ୍ଣ ଇନିଂସ୍ ଖେଳିବା କ୍ଷମତା ଅକ୍ଷରଙ୍କର ରହିଛି। ସେହିପରି ବୋଲିଂରେ ମଧ୍ୟ ସେ ବହୁ ଇକୋନୋମିକାଲ୍ ସାବ୍ୟସ୍ତ ହୋଇଥାନ୍ତି। ସେ କହିଛନ୍ତି, ମ୍ୟାଚ୍-ଅପ୍ ରଣନୀତି ନିଜ ସ୍ଥାନରେ ହୋଇଥାଏ, କିନ୍ତୁ ଅକ୍ଷରଙ୍କ ପରି ଅଲ୍‌ରାଉଣ୍ଡର୍ ଟିମ୍ ସନ୍ତୁଳନ ପାଇଁ ବହୁ ଜରୁରୀ। ପାର୍ଥିବ ଓପ୍ନିଂ ବ୍ୟାଟିଂ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଅଭିଷେକ ଶର୍ମା ଲଗାତାର ଚତୁର୍ଥ ମ୍ୟାଚ୍‌ରେ ବିଫଳ ହୋଇଛନ୍ତି। ଏପରି ସ୍ଥିତିରେ ତାଙ୍କୁ ବାହାର କରାଯାଇପାରେ। ଚେନ୍ନାଇରେ ହେବାକୁ ଥିବା ମ୍ୟାଚ୍‌ରେ ସଞ୍ଜୁ ସାମ୍‌ସନ୍‌ଙ୍କୁ ସୁଯୋଗ ମିଳିପାରେ ବୋଲି ସେ ସଙ୍କେତ ଦେଇଛନ୍ତି। ତାଙ୍କ ଅନୁସାରେ ବାମହାତୀ ବ୍ୟାଟର୍‌ଙ୍କୁ ଅଫ୍ ସ୍ପିନ୍ ବିପକ୍ଷରେ ଅସୁବିଧା ହେଉଛି, ତେଣୁ ଟିମ୍ ମ୍ୟାନେଜମେଣ୍ଟ ପରିବର୍ତ୍ତନ ଉପରେ ବିଚାର କରିପାରେ। ଭାରତ ପକ୍ଷରୁ ଇଶାନ୍ କିଶନ୍ ସବୁଠୁ ସଫଳ ବ୍ୟାଟର୍। ସେ ବର୍ତ୍ତମାନ ସୁଦ୍ଧା ୧୭୭ ରନ୍ ସଂଗ୍ରହ କରିସାରିଛନ୍ତି। ଅବଶ୍ୟ ସାଉଥ୍ ଆଫ୍ରିକା ବିପକ୍ଷରେ ସେ ଖାତା ଖୋଲିପାରି ନଥିଲେ।

ଏବେ ଭାରତ ନିଜର ଦ୍ୱିତୀୟ ସୁପର୍-୮ ମ୍ୟାଚ୍ ଜିମ୍ବାୱେ ବିପକ୍ଷରେ ଖେଳିବ। ଗୁରୁବାର ଚେନ୍ନାଇରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଟିମ୍ ଇଣ୍ଡିଆ ପାଇଁ କର ବା ମର ଭଳି ହୋଇପାରେ। କାରଣ ସେମିଫାଇନାଲ୍ ଦୌଡ଼ରେ ରହିବାକୁ ହେଲେ ବିଜୟ ବହୁ ଜରୁରୀ।

ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ୍‌ର ମହାବିଜୟ

ସୁପର-୮ରେ ଜିମ୍ବାୱେକୁ ୧୦୭ ରନ୍‌ରେ ହରାଇଲା

ମୁମ୍ବାଇ,୨୩।୨/ଏଜେନ୍ସି: ଆଇସିସି ଟି-୨୦ ବିଶ୍ୱକପ୍‌ର ସୁପର୍-୮ରେ ୱେଷ୍ଟଇଣ୍ଡିଜ୍ ସୋମବାର ଜିମ୍ବାୱେକୁ ୧୦୭ ରନ୍‌ରେ ଶୋଚନୀୟ ଭାବେ ହରାଇ ଦେଇଛି। ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ହରାଇ ୨୫୪ ରନ୍‌ର ବିଶାଳ ସ୍କୋର୍ ଛିଡ଼ା କରିଥିଲା। ଜବାବରେ ଜିମ୍ବାୱେ ୧୮ ଓଭର୍ ମଧ୍ୟରେ ମାତ୍ର ୧୪୭ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ୱେଷ୍ଟଇଣ୍ଡିଜ୍‌ର ୨୫୪ ରନ୍ ଚଳିତ ବିଶ୍ୱକପ୍‌ରେ ସବୁଠୁ ବଡ଼ ସ୍କୋର୍।

୨୫୫ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଜିମ୍ବାୱେର ଆରମ୍ଭ ବହୁ ଖରାପ ଥିଲା। ଦ୍ୱିତୀୟ ଓଭର୍‌ରେ ଟିମ୍‌କୁ ପ୍ରଥମ ଝଟ୍‌କା ଲାଗିଥିଲା। ଏହାପରେ ତୃତୀୟ ଓଭର୍‌ରେ ଅକିଲ୍ ହୁସେନ୍ ଟିମ୍‌କୁ ଡବଲ୍ ଝଟ୍‌କା ଦେଇଥିଲେ। ସେ ବ୍ରିଆନ୍ ବେନେଟ୍ (୫) ଏବଂ ର୍ୟାନ୍ ବର୍ଲ (୦)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। କ୍ୟାପ୍‌ଟେନ୍ ସିକନ୍ଦର ରଜା (୨୭) ପଞ୍ଚମ ୱିକେଟ୍ ପାଇଁ ଡିଓନ୍ ମାୟର୍ସ (୨୮)ଙ୍କ ସହ ୩୨ ରନ୍ ଏବଂ ପରେ ଟୋନି ମୁନ୍ୟୋଙ୍ଗା (୧୪)ଙ୍କ ସହ ୬ଷ୍ଠ ୱିକେଟ୍ ପାଇଁ ୪୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ମାତ୍ର ତାଙ୍କ ଆଉଟ୍ ପରେ ୱିକେଟ୍ ପତନ ଜାରି ରହିଥିଲା। ବ୍ରାଡ୍ ଇଭାନ୍ସ ୨୧ ବଲ୍‌ରେ ୨ ଚୌକା ଓ ୫ ଛକା ସହାୟତାରେ ଦ୍ରୁତ ୪୨ ରନ୍ କରିଥିଲେ ମଧ୍ୟ ଟିମ୍ ୧୭.୪ ଓଭର୍‌ରେ ୧୪୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଛଅଜଣ ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଗୁଡ଼ାକେଶ ମୋତୀ ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ଅକିଲ୍ ହୁସେନ୍‌ଙ୍କୁ ୩ଟି, ମାଥ୍ୟୁ ଫୋର୍ଡେଙ୍କୁ ଦୁଇଟି ଏବଂ ଜେସନ୍ ହୋଲ୍ଡର୍‌ଙ୍କୁ ଗୋଟିଏ ସଫଳତା ମିଳିଥିଲା।

ହେଟ୍‌ମାୟର୍-ପାୱେଲ୍‌ଙ୍କ ଅର୍ଦ୍ଧଶତକ

ପ୍ରଥମେ ବ୍ୟାଟିଂ ପାଇଥିବା ୱେଷ୍ଟଇଣ୍ଡିଜ୍ ତୃତୀୟ ଓଭର୍‌ରେ ହିଁ ଓପ୍ନର୍ ବ୍ରେଣ୍ଡନ୍ କିଙ୍ଗ୍ (୯)ଙ୍କ ୱିକେଟ୍ ହରାଇଥିଲା। ଏହାପରେ ଶିମରୋନ୍ ହେଟ୍‌ମାୟର୍ ଏବଂ ଶାଇ ହୋପ୍ ଇନିଂସ୍ ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ମାତ୍ର ଶାଇ ହୋପ୍ ୧୪ ରନ୍‌ରେ ଆଉଟ୍ ହୋଇଯାଇଥିଲେ। ଏହାପରେ ହେଟ୍‌ମାୟର୍ ଧୂଆଁଧାର ବ୍ୟାଟିଂ କରି ୧୯ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ରୋଭ୍‌ମାନ୍ ପାୱେଲ୍‌ଙ୍କ ସହ ମାତ୍ର ୫୨ ବଲ୍‌ରେ ୧୨୨ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ଏକ ବଡ଼ ସ୍କୋର୍ ଆଡ଼କୁ ନେଇଯାଇଥିଲେ। ଇତିମଧ୍ୟରେ ପାୱେଲ୍ ୨୯ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ୧୫ତମ ଓଭର୍‌ରେ ହେଟ୍‌ମାୟର୍‌ଙ୍କୁ ଆଉଟ୍ କରି ଗ୍ରୀମ୍ କ୍ରିମର୍ ଏହି ଯୋଡ଼ି ଭାଙ୍ଗିଥିଲେ। ହେଟ୍‌ମାୟର୍ ୩୪ ବଲ୍‌ରେ ୭ ଚୌକା ଓ ୭ ଛକା ବଳରେ ୮୫ ରନ୍ କରି ଫେରିଥିଲେ। ପାୱେଲ୍ ୩୫ ବଲ୍‌ରେ ୪ଟି ଲେଖାଏଁ ଛକା ଓ ଚୌକା ସହାୟତାରେ ୫୯ ରନ୍‌ର ଇନିଂସ୍ ଖେଳିଥିଲେ। ଏହା ବ୍ୟତୀତ ଶେରଫେନ୍ ରଦରଫୋର୍ଡ ୩୧, ରୋମାରିଓ ଶେଫାର୍ଡ ୨୧ ଏବଂ ଜେସନ୍ ହୋଲ୍ଡର ୧୩ ରନ୍‌ର ଯୋଗଦାନ ଦେଇଥିଲେ। ଜିମ୍ବାୱେ ପକ୍ଷରୁ ରିଚାର୍ଡ ନଗରଭା ଓ ବ୍ଲେସିଙ୍ଗ୍ ମୁଜରବାନୀ ୨-୨ ୱିକେଟ୍ ନେଇଥିବା ବେଳେ ବ୍ରାଡ୍ ଇଭାନ୍ସ ଓ ଗ୍ରୀମ୍ କ୍ରିମର୍‌ଙ୍କୁ ୧-୧ ସଫଳତା ମିଳିଥିଲା।

ଭାରତକୁ ସିକନ୍ଦର ରଜାଙ୍କ ଚେତାବନୀ

ମୁମ୍ବାଇ,୨୩।୨/ଏଜେନ୍ସି: ଚଳିତ ଟି-୨୦ ବିଶ୍ୱକପ୍‌ରେ ନିଜର ପ୍ରଥମ ସୁପର୍-୮ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକାଠାରୁ ଶୋଚନୀୟ ଭାବେ ଭାରତ ପରାଜିତ ହେବା ପରେ ସେମିଫାଇନାଲ୍ ସମୀକରଣ ସମ୍ପୂର୍ଣ୍ଣ ବଦଳି ଯାଇଛି। ଏବେ ଭାରତ ପାଇଁ ଆଗାମୀ ଦୁଇଟି ମ୍ୟାଚ୍ 'କର ବା ମର' ସ୍ଥିତି ପରି ହୋଇଛି। କିନ୍ତୁ ଏହା ପୂର୍ବରୁ ଟିମ୍ ଇଣ୍ଡିଆକୁ ଜିମ୍ବାୱେ ଆଖି ଦେଖାଇବା ଆରମ୍ଭ କରିଦେଇଛି। ଜିମ୍ବାୱେ

କ୍ୟାପ୍‌ଟେନ୍ ସିକନ୍ଦର ରଜା କହିଛନ୍ତି, ଭାରତରେ ଗତ ବହୁ ବର୍ଷ ଧରି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିନଥିବାର ବାହାନା ତାଙ୍କ ଟିମ୍ କରିବ ନାହିଁ। ସେ ସ୍ପଷ୍ଟ କହିଛନ୍ତି, ଭାରତୀୟ ଆହ୍ୱାନର ମୁକାବିଲା ପାଇଁ ତାଙ୍କ ଟିମ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଜିମ୍ବାୱେ ଗତ ଏକ ଦଶକରୁ ଅଧିକ ସମୟ ଧରି ଭାରତରେ କୌଣସି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହିଁ। ଏହା ସତ୍ତ୍ୱେ ଟିମ୍‌ର ଆତ୍ମବିଶ୍ୱାସ ବହୁ ଉଚ୍ଚରେ ରହିଛି। ଗ୍ରୁପ୍ ଚରଣରେ ଶ୍ରୀଲଙ୍କା ଏବଂ ଅଷ୍ଟ୍ରେଲିଆ ପରି ଶକ୍ତିଶାଳୀ ଟିମ୍‌ଙ୍କୁ ହରାଇ ଜିମ୍ବାୱେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଏବେ ସୁପର୍-୮ରେ ଜିମ୍ବାୱେର ଆହ୍ୱାନ ଆହୁରି କଡ଼ା ହେବ। ଏହି ଚରଣରେ ଟିମ୍‌ର ମୁକାବିଲା ଭାରତ, ସାଉଥ୍ ଆଫ୍ରିକା ଏବଂ ୱେଷ୍ଟଇଣ୍ଡିଜ୍ ପରି ଟିମ୍ ସହିତ ହେବ। ତେବେ ସିକନ୍ଦର ରଜା କହିଛନ୍ତି, ଯାହା ବି ହେଉ ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇବା ବିଫଳତାର କାରଣ ହେବନାହିଁ। ତାଙ୍କ ଅନୁସାରେ ଟିମ୍ ସକାରାତ୍ମକ ବିଚାର ସହିତ ପଡ଼ିଆକୁ ଓହ୍ଲାଇବ। ସେ ଭରସା ଦେଇଛନ୍ତି, ଟିମ୍ ପ୍ରତ୍ୟେକ ମ୍ୟାଚ୍‌ରେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉଦ୍ୟମ କରିବ। ରଜାଙ୍କ ଅନୁସାରେ ପ୍ରତ୍ୟେକ ବିଜୟ ସହିତ ଟିମ୍‌ର ଆତ୍ମବିଶ୍ୱାସ ବୃଦ୍ଧି ପାଉଛି ଏବଂ ଏହି ବିଶ୍ୱାସ ଟିମ୍‌କୁ ସୁପର୍-୮ରେ ଶକ୍ତିଶାଳୀ ଭାବେ ଖେଳିବାକୁ ଶକ୍ତି ଦେବ।

ଆଇଟିଏଓ ଦ୍ୱି-ଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଷ୍ଟାର୍ ଲାଇଟ୍‌କୁ ହରାଇ ଏନ୍ କମ୍ପ୍ୟୁଟିଙ୍ଗ୍ ଚାମ୍ପିଅନ୍

ଭୁବନେଶ୍ୱର,୨୩।୨/ଏନ୍‌ଏନ୍‌ଏସ୍: ଆଇଟି ଆସୋସିଏସନ୍ ଅଫ୍ ଓଡ଼ିଶା (ଆଇଟିଏଓ) ପକ୍ଷରୁ ସ୍ଥାନୀୟ କେଶୁରାସ୍ଥିତ ପିଜେ ଗ୍ରାଉଣ୍ଡରେ ଏକ ଦୁଇଦିନିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଶନିବାରଠାରୁ ଆରମ୍ଭ ହୋଇଥିବା ଟୁର୍ଣ୍ଣାମେଣ୍ଟରେ ମୋଟ ୯ ଟିମ୍ ଭାଗ ନେଇଥିବା ବେଳେ ୧୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରବିବାର ଏନ୍. କମ୍ପ୍ୟୁଟିଙ୍ଗ୍ ଏବଂ ଷ୍ଟାର୍ ଲାଇଟ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଏନ୍. କମ୍ପ୍ୟୁଟିଙ୍ଗ୍ ଟିମ୍ ଚାମ୍ପିଅନ୍ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଏନ୍. କମ୍ପ୍ୟୁଟିଙ୍ଗ୍ ଟିମ୍ ନିର୍ଦ୍ଧାରିତ ୧୦ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୩୯ ରନ୍ କରିଥିଲା। ଜବାବରେ ଷ୍ଟାର୍ ଲାଇଟ୍ ଟିମ୍ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୦୭ ରନ୍ ମଧ୍ୟରେ ସୀମିତ ହୋଇଯାଇଥିଲା। ଚାମ୍ପିଅନ୍ ଟିମ୍‌କୁ ଅନୁଷ୍ଠାନ ପକ୍ଷରୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ରନର୍ସଅପ୍ ଟିମ୍‌କୁ ଉତ୍ସାହିତ କରାଯାଇଥିଲା।

ଆଇଟିଏଓ ସଭାପତି ଅବିନାଶ ପଟ୍ଟନାୟକଙ୍କ ଉଦ୍ୟମ ଏବଂ ଆଇଟିଏଓର ପ୍ରୟାସ ସହ ଶୁଭେଚ୍ଛୁଙ୍କ ଯୋଗଦାନରେ ଏହି ଦୁଇ ଦିନିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସଫଳତାର ସହିତ ଆୟୋଜନ କରାଯାଇଛି। କ୍ରୀଡ଼ା ମାଧ୍ୟମରେ ଭ୍ରାତୃପ୍ରେମ ବଢ଼ାଇବା, ଜଞ୍ଜାଳମୟ ଜୀବନରୁ ଟିକେ ହାଲୁକା ହେବା ଏବଂ କର୍ମକ୍ଷେତ୍ରରେ ପାରଦର୍ଶିତା ଆଣିବା ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କମ୍ୟୁନିଟି ପାଇଁ ଉତ୍ସର୍ଗୀକୃତ ଏବଂ ଆଗକୁ ଏହା ଅଧିକ ଲୋକାଭିମୁଖୀ କରିବାକୁ ପ୍ରୟାସ କରାଯିବ ବୋଲି ଆଇଟିଏଓ ସମ୍ପାଦକ ଦେବାଶୀଷ ତ୍ରିପାଠୀ କହିଛନ୍ତି। ଏପରିକି ୧୬ ବର୍ଷରେ ପଦାର୍ପଣ କରିଥିବା ଆଇଟି ପ୍ରିମିୟର ଲିଗ୍‌ରେ ଅଧିକରୁ ଅଧିକ ଟିମ୍ ଯୋଡ଼ିବା, ଗ୍ରାମାଞ୍ଚଳ ଏବଂ କଲେଜ୍ ସ୍ତରର କ୍ରିକେଟ୍ ପ୍ରତିଭାକୁ ଚିହ୍ନଟ କରି ଖେଳିବାର ସୁଯୋଗ ଦେବାକୁ ପ୍ରାଥମିକତା ଦିଆଯିବ ବୋଲି ସେ ଉଲ୍ଲେଖ କରିଛନ୍ତି।

ସୂଚନା ଥାଉ କି, ଏହି ଟୁର୍ଣ୍ଣାମେଣ୍ଟରେ ସମଗ୍ର ଓଡ଼ିଶାର କମ୍ପ୍ୟୁଟର ବ୍ୟବସାୟ ସହ ଜଡ଼ିତ କମ୍ପ୍ୟୁଟର କମ୍ପାନୀ, ବିତରଣ ସଂସ୍ଥା ଓ ଡିଲରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହା ସହ ରାଜ୍ୟର ପ୍ରମୁଖ ଆଇଟି କମ୍ପାନୀରେ କାର୍ଯ୍ୟରତ କ୍ରିକେଟ୍‌ପ୍ରେମୀ ଲିଗ୍‌ରେ ଅଂଶଗ୍ରହଣ କରି ଟୁର୍ଣ୍ଣାମେଣ୍ଟରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଦୁଇ ଦିନିଆ ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟକୁ ସଫଳ କରାଇବାରେ ଉପଦେଷ୍ଟା ପ୍ରଶାନ୍ତ ସ୍ୱାଇଁ, ପ୍ରଶାନ୍ତ ମହାନ୍ତି, ଅଙ୍ଗଦ ସାସମଲ, ଶିବ ପ୍ରସାଦ ସାହୁ, ରାଜେଶ ନନ୍ଦ, ଅରୁଣ ଦେ, ଉପସଭାପତି ରଣଜୀତ୍ ପଣ୍ଡା, ସହ-ସମ୍ପାଦକ ଭବାନୀ ଶଙ୍କର ଦେବତା, କୋଷାଧ୍ୟକ୍ଷ ରାଧାକାନ୍ତ ଭଟ୍ଟରାୟ ଏବଂ ସହ-କୋଷାଧ୍ୟକ୍ଷ ଶଶିକାନ୍ତ ମୁଦୁଲି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଆଠବର୍ଷ ପରେ ସାଉଥ୍ ଆଫ୍ରିକା ଗସ୍ତ କରିବ ଅଷ୍ଟ୍ରେଲିଆ

ଜୋହାନ୍ସବର୍ଗ,୨୩।୨/ଏଜେନ୍ସି: ସାଉଥ୍ ଆଫ୍ରିକା କ୍ରିକେଟ୍ (ସିଏସ୍‌ଏ) ୨୦୨୬-୨୭ ଘରୋଇ ସିଜନ୍ ପାଇଁ ନିଜର ବ୍ୟସ୍ତବହୁଳ ଏବଂ ଐତିହାସିକ କାର୍ଯ୍ୟକ୍ରମ ଘୋଷଣା କରିଛି। ଏହି ସିଜନ୍‌ରେ ସାଉଥ୍ ଆଫ୍ରିକା ଟିମ୍ ଅଷ୍ଟ୍ରେଲିଆ, ବାଂଲାଦେଶ ଏବଂ ଇଂଲଣ୍ଡ ପରି ବଡ଼ ଟିମ୍ ସହ ଖେଳିବ। ଏହି ଅବସରରେ ମୋଟ ୮ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ସିଜନ୍ କେବଳ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି) ପାଇଁ ନୁହେଁ, ବରଂ ୨୦୨୭ ଦିନିକିଆ ବିଶ୍ୱକପ୍

ଖେଳାଯିବ ଦିନିକିଆ ଓ ଟେଷ୍ଟ ସିରିଜ୍

ପାଇଁ ପ୍ରସ୍ତୁତି ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ସିଜନ୍‌ର ସବୁଠୁ ବଡ଼ ଆକର୍ଷଣ ଅଷ୍ଟ୍ରେଲିଆ ଟିମ୍‌ର ସାଉଥ୍ ଆଫ୍ରିକା ଗସ୍ତ। ଦୁଇ ଟିମ୍ ୨୦୧୮ର ସ୍ୟାଣ୍ଡପେପର୍ ଗେଟ୍ ବିବାଦ ପରେ ପ୍ରଥମ ଥର ସାଉଥ୍ ଆଫ୍ରିକା ମାଟିରେ ଟେଷ୍ଟ ସିରିଜ୍ ଖେଳିବେ। ସିରିଜ୍‌ର ଅନ୍ତିମ ଟେଷ୍ଟ କେପ୍ ଟାଉନ୍ (ଅକ୍ଟୋବର ୨୭-୩୧)ରେ ଖେଳାଯିବ। ଏହା ନ୍ୟୁଲାଣ୍ଡ୍‌ସର ଇତିହାସରେ ସବୁଠୁ ଶୀଘ୍ର ଆୟୋଜିତ ହେବାକୁ ଥିବା ଟେଷ୍ଟ ମ୍ୟାଚ୍ ହେବ। ଏହା ପୂର୍ବରୁ ଅଷ୍ଟ୍ରେଲିଆ ଓ ସାଉଥ୍ ଆଫ୍ରିକା ମଧ୍ୟରେ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍ ମଧ୍ୟ ଖେଳାଯିବ। ଏହି ସିରିଜ୍ ସେପ୍ଟେମ୍ବର ଶେଷ ଆଡ଼କୁ ଆରମ୍ଭ ହେବ। ନଭେମ୍ବର-ଡିସେମ୍ବରରେ ବାଂଲାଦେଶ ଟିମ୍ ତିନିଟି ଯାକ ଫର୍ମାଟ୍ ପାଇଁ ସାଉଥ୍ ଆଫ୍ରିକା ଗସ୍ତ କରିବ। ଏହାର ତୁରନ୍ତ ପରେ ଡିସେମ୍ବ ମଧ୍ୟରେ ଇଂଲଣ୍ଡ ଏବଂ ସାଉଥ୍ ଆଫ୍ରିକା ମଧ୍ୟରେ ତିନି ଟେଷ୍ଟ ମ୍ୟାଚ୍‌ର ହାଇପ୍ରୋଫାଇଲ୍ ସିରିଜ୍ ଆରମ୍ଭ ହେବ। ଏଥିରେ ପାରମ୍ପରିକ ବକ୍ସିଂ ଡେ ଟେଷ୍ଟ ସେଞ୍ଚୁରିଆନ୍‌ରେ ଏବଂ ନ୍ୟୁ ଇୟର୍ ଟେଷ୍ଟ କେପ୍ ଟାଉନ୍‌ର ପ୍ରତିଷ୍ଠିତ ଗ୍ରାଉଣ୍ଡରେ ଖେଳାଯିବ। ସିଜନ୍‌ର ଅନ୍ତ ଇଂଲଣ୍ଡ

ବିପକ୍ଷ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍ ସହିତ ହେବ। ଏହି ସିରିଜ୍ ସମୟରେ ଏସ୍‌ଏ୨୦ ଲିଗ୍ ମଧ୍ୟ ଆୟୋଜିତ ହେବ। ସିଏସ୍‌ଏ ସିଇଓ ଫୋଲେସୀ ମୋସେକୀ କହିଛନ୍ତି, ଏହି ସିଜନ୍ ୨୦୨୭ ଦିନିକିଆ ବିଶ୍ୱକପ୍ ଆୟୋଜନର ପ୍ରସ୍ତୁତି ଆଧାର ହେବ। ଏହା ସହିତ ଘରୋଇ ପଡ଼ିଆରେ ଆଠ ଟେଷ୍ଟ ମ୍ୟାଚ୍ ଖେଳିବା ଫଳରେ ସାଉଥ୍ ଆଫ୍ରିକା ପାଇଁ ଡବ୍ଲ୍ୟୁଟିସି ଫାଇନାଲ୍‌ରେ ସ୍ଥାନ ପକ୍କା କରିବାର ସୁବର୍ଣ୍ଣ ସୁଯୋଗ ହେବ। ଏହି ସିଜନ୍‌ରେ କେତେକ ମ୍ୟାଚ୍ ପାଇଁ ଡ୍ରାପ୍-ଇନ୍ ପିଚ୍‌ର ମଧ୍ୟ ବ୍ୟବହାର କରାଯାଇପାରେ।

ଦେଶ ବିଦେଶ

ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ସିଙ୍ଗାପୁର ଗସ୍ତର ପ୍ରଥମ ଦିନ

୨୦,୦୦୦ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷରିତ

- ନିବେଶ ସହିତ, ଦକ୍ଷତା ବିକାଶ କ୍ଷେତ୍ରରେ ବିଶ୍ୱସ୍ତରୀୟ ସହଯୋଗ
- ଡାଟା ସେଣ୍ଟର ଏବଂ ସବୁଜ ଶକ୍ତି ଉପରେ ବିଶେଷ ଧ୍ୟାନ

ସିଙ୍ଗାପୁର,ଲକ୍ଷ୍ନୌ,୨୩।୨/ଏଜେନ୍ସି: ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ସିଙ୍ଗାପୁର ଗସ୍ତର ପ୍ରଥମ ଦିନ ଅନେକ ପ୍ରମୁଖ ଅନ୍ତର୍ଜାତୀୟ ସଂଗଠନ ଏବଂ କମ୍ପାନୀ ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ପ୍ରଥମ ଦିନ ମୋଟ ୧୯,୮୭୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଉପରେ ସହମତି ହୋଇଛି। ଏହା ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ନିବେଶକଙ୍କୁ ସ୍ପଷ୍ଟ କରିଥିଲେ ଯେ ଉତ୍ତର ପ୍ରଦେଶ ସରକାର ଏକ ସ୍ୱଚ୍ଛ ନୀତି ଢାଞ୍ଚା, ତୁରନ୍ତ ଅନୁମୋଦନ ଏବଂ ଉନ୍ନତ ଭିତ୍ତିଭୂମି ସୁବିଧା ପ୍ରଦାନ କରିବାକୁ ପ୍ରତିବଦ୍ଧ। ସ୍ୱାକ୍ଷରିତ ବୁଝାମଣାପତ୍ର ମଧ୍ୟରେ ୟୁନିଭର୍ସାଲ୍ ସକ୍ସେସ୍ ଗ୍ରୁପ୍ ସହିତ ୬,୬୫୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପଗୁଡ଼ିକ ସହରାଞ୍ଚଳ ବିକାଶ, ଶିଳ୍ପ କାର୍ଯ୍ୟକଳାପ ଏବଂ ଡିଜିଟାଲ୍ ଭିତ୍ତିଭୂମିକୁ ନୂତନ ଗତି ପ୍ରଦାନ କରିବ ବୋଲି ଆଶା କରାଯାଉଛି। ସେହିପରି ଗୋଲ୍ଡେନ୍ ଷ୍ଟେଟ୍ କ୍ୟାପିଟାଲ୍ (ଜିଏସ୍‌ସି) ଉତ୍ତର ପ୍ରଦେଶରେ ୧୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଡାଟା ସେଣ୍ଟର୍ ପ୍ରତିଷ୍ଠା ପାଇଁ ୮,୦୦୦ କୋଟିର ନିବେଶ ଘୋଷଣା କରିଛି। ଏହି ପ୍ରକଳ୍ପକୁ ଦେଶର ଏକ ଅଗ୍ରଣୀ ଡାଟା ସେଣ୍ଟର ହବ୍ ଭାବରେ ରାଜ୍ୟକୁ ସ୍ଥାନିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ବିବେଚନା କରାଯାଉଛି। ଏହା ବ୍ୟତୀତ ଘରୋଇ ଭିତ୍ତିଭୂମି ବିକାଶ ଗୋଷ୍ଠୀ (ପିଆଇଡିଜି) ନବୀକରଣୀୟ ଶକ୍ତି, ସବୁଜ ହାଇଡ୍ରୋଜେନ୍ ଏବଂ କୃଷି-ସୌର (ଏଗ୍ରୀ-ପିଭି) ପ୍ରକଳ୍ପରେ ୨,୫୦୦ କୋଟିର ନିବେଶ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହା ସହିତ ଏଭିପିଏନ୍ ଲିମିଟେଡ୍ ନବୀକରଣୀୟ ଶକ୍ତି ଏବଂ ସୌର-କୃଷି (ଏଗ୍ରୀ-ପିଭି) କ୍ଷେତ୍ରରେ ୨,୭୨୭ କୋଟି ନିବେଶ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଛି। ଏହି ପଦକ୍ଷେପଗୁଡ଼ିକ ଉତ୍ତର ପ୍ରଦେଶର ସବୁଜ ଶକ୍ତି ଲକ୍ଷ୍ୟକୁ ମଜବୁତ କରିବ।

ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତର ପ୍ରଥମ ଦିନରେ ନିବେଶ ସହିତ ଦକ୍ଷତା ବିକାଶ ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଥିଲା। ବୈଷୟିକ ଏବଂ ବୃତ୍ତିଗତ ଶିକ୍ଷା ଏବଂ ତାଲିମ (ଟିଭିଇଟି)କୁ ସୁଦୃଢ଼ କରିବା ପାଇଁ ଆଇଟିଓ ଶିକ୍ଷା ସେବା (ଆଇଟିଇଏସ୍) ସହିତ ଏକ ସହଯୋଗ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ସହଭାଗୀତା ଅଧୀନରେ ଆଇଟିଇଏସ୍ ଶିକ୍ଷାଗତ ବିକାଶ, ଭିତ୍ତିଭୂମି ଉନ୍ନତି, ନେତୃତ୍ୱ ଏବଂ କ୍ଷମତା ନିର୍ମାଣ, ଆଇଏସ୍‌କ୍ୟୁ ପ୍ରମାଣପତ୍ର ଏବଂ ଗୁଣବତ୍ତା ନିଶ୍ଚିତତା ଭଳି କ୍ଷେତ୍ରରେ ପରାମର୍ଶ ଏବଂ ବୈଷୟିକ ସହଯୋଗ ପ୍ରଦାନ କରିବ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ବିଶ୍ୱ ମାନଦଣ୍ଡ ସହିତ ସମନ୍ୱୟ ରଖି ଉତ୍ତର ପ୍ରଦେଶର ଦକ୍ଷତା ଇକୋସିଷ୍ଟମକୁ ବିକଶିତ କରିବା।

ଏନ୍‌ସିଏଲ୍‌ଏଟି ନିର୍ଦ୍ଦେଶ ପାଳନ କରିବ ହ୍ୱାଟ୍ସଆପ୍

ବିଜ୍ଞାପନ କମ୍ପାନୀ ସହିତ ଡାଟା ଶେୟାର୍ କରିବନି

ନୂଆଦିଲ୍ଲୀ,୨୩।୨/ଏଜେନ୍ସି: ଗ୍ଲୋବାଲ୍ ଟେକ୍ କମ୍ପାନୀ ମେଟା ଓ ହ୍ୱାଟ୍ସଆପ୍ କମ୍ପିଟିସନ୍ କମିସନ୍ ଅଫ୍ ଇଣ୍ଡିଆ (ସିସିଆଇ)ର ପ୍ରାଇଭେସୀ ଓ ଗାଇଡ୍‌ଲାଇନ୍‌କୁ ବିଜ୍ଞାପନ ସହ ଜଡ଼ିତ ଡାଟା ଶେୟାର୍ କରିବା ମାମଲାରେ ଏନ୍‌ସିଏଲ୍‌ଏଟିର ନିର୍ଦ୍ଦେଶକୁ ପାଳନ କରିବ। ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ କଠୋର ମନୋଭାବ ପରେ ହ୍ୱାଟ୍ସଆପ୍ ଏବଂ ମେଟା ସିସିଆଇ ଆଦେଶକୁ ସ୍ୱୀକାର କରି



ନେଇଛନ୍ତି। ବରିଷ୍ଠ ଓକିଲ କପିଲ ସିବଲ୍ କୋର୍ଟଙ୍କୁ ଭରସା ଦେଇଛନ୍ତି ଯେ ୨୦୨୬ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ପ୍ରାଇଭେସି ପଲିସିର ସମସ୍ତ ନିୟମ ଲାଗୁ କରାଯିବ। କମ୍ପାନୀ ଏ ସମ୍ବନ୍ଧରେ ଏନ୍‌ସିଏଲ୍‌ଏଟି ଆଦେଶ ବିରୋଧରେ ଦାୟର ନିଜର ଅନ୍ତରୀଣ ଆବେଦନକୁ ମଧ୍ୟ ପ୍ରତ୍ୟାହାର କରିନେଇଛି। ଏବେ ବିଜ୍ଞାପନ କମ୍ପାନୀଙ୍କୁ ଡାଟା ଶେୟାର୍ କରିବା ପାଇଁ ବ୍ୟବହାରକାରୀଙ୍କୁ ବିକଳ୍ପ ଦେବାକୁ ପଡ଼ିବ।

ସୂଚନାଯୋଗ୍ୟ, ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲ୍ୟା ବାଗ୍‌ଚୀ ଏବଂ ଜଷ୍ଟିସ୍ ବିପୁଳ ଏମ୍ ପଞ୍ଚୋଲୀଙ୍କ ଖଣ୍ଡପୀଠ ଗତବର୍ଷ ଡିସେମ୍ବରରେ ନାସ୍‌ନାଲ୍ କମ୍ପାନୀ ଲ' ଆପିଲେଟ୍ ଟ୍ରିବ୍ୟୁନାଲ୍ (ଏନ୍‌ସିଏଲ୍‌ଏଟି)ର ନିର୍ଦ୍ଦେଶ ବିରୋଧରେ ଏହି ଟେକ୍ କମ୍ପାନୀଗୁଡ଼ିକ କରିଥିବା ଅପିଲ୍‌ର ଶୁଣାଣି କରୁଥିଲେ।

ଦିଲ୍ଲୀ ବିଧାନସଭା-ସଚିବାଳୟକୁ ବୋମା ଧମକ

ନୂଆଦିଲ୍ଲୀ,୨୩।୨/ଏଜେନ୍ସି: ଦିଲ୍ଲୀ ବିଧାନସଭା ଭବନ, ଦିଲ୍ଲୀ ସଚିବାଳୟ ଏବଂ ଲାଲ୍ କିଲ୍ଲାକୁ ବୋମାରେ ଉଡ଼ାଇ ଦେବାକୁ ସୋମବାର ଖଲିସ୍ତାନୀ ଗ୍ରୁପ୍ ପକ୍ଷରୁ ଇମେଲ୍ ମିଳିଛି। ସୂଚନା ମିଳିବା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ସକ୍ରିୟ ହୋଇପଡ଼ିବା ସହିତ ବିଧାନସଭା ଭବନର ତଲାସୀ କରାଯାଇଛି। ବୋମା ସ୍କ୍ୱାଡ୍ ଏବଂ ଡଗ୍ ସ୍କ୍ୱାଡ୍ ତଲାସୀରେ ଅଭିଯାନରେ ଲାଗିଥିଲେ ମଧ୍ୟ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନାହିଁ। ସେହିପରି ଲାଲ୍ କିଲ୍ଲାର ସୁରକ୍ଷା ବୃଦ୍ଧି କରାଯାଇଛି। ଏହା ପୂର୍ବରୁ ଦିଲ୍ଲୀସ୍ଥିତ ଧୌଲା କୁଆଁର ଆର୍ମି ପବ୍ଲିକ୍ ସ୍କୁଲ୍ ଏବଂ ଲୋଧୀ ରୋଡ୍‌ର ଏୟାର୍‌ଫୋର୍ସ ବାଲ୍ ଭାରତୀ ସ୍କୁଲ୍‌କୁ ଇମେଲ୍ ଜରିଆରେ ଧମକ ମଧ୍ୟ ଦିଆଯାଇଥିଲା। ସୂଚନା ମିଳିବା ପରେ ଦିଲ୍ଲୀ ପୁଲିସ୍, ବୋମା ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ ଏବଂ ଦିଲ୍ଲୀ ଫାୟାର୍ ସର୍ଭିସ୍‌ର ଟିମ୍ ସ୍କୁଲ୍‌ରେ ପହଞ୍ଚିବା ସହିତ ପୂରା ସ୍କୁଲ୍‌କୁ ଖାଲି କରାଯାଇଥିଲା। ତେବେ ଯାଞ୍ଚରେ କିଛି ବି ମିଳିନଥିଲା। ଇମେଲ୍‌ରେ ଦିଲ୍ଲୀ ଖଲିସ୍ତାନ ହେବ ବୋଲି ଧମକ ଦିଆଯାଇଥିବା ଜଣେ ପୁଲିସ୍ ଅଧିକାରୀ କହିଛନ୍ତି। ଏଥିରେ ଲେଖାଥିଲା ଆଗାମୀ ୩ ଦିନ ମଧ୍ୟରେ ଆର୍ମି ସ୍କୁଲ, ଲାଲ୍ କିଲ୍ଲା ଏବଂ ମେଟ୍ରୋ ଷ୍ଟେସନ୍‌ରେ ବିସ୍ଫୋରଣ କରାଯାଇପାରେ। ଇମେଲ୍‌ରେ ବିଧାନସଭା, ଆର୍ମି ସ୍କୁଲ୍ ଏବଂ ଲାଲ୍ କିଲ୍ଲା ପାଇଁ ଭିନ୍ନ ଭିନ୍ନ ସମୟ ମଧ୍ୟ ଲେଖା ଥିଲା। ଧମକ ମିଳିବା ପରେ ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ୍ (ଡିଏମ୍‌ଆର୍‌ସି)ର ସମସ୍ତ ଷ୍ଟେସନ୍‌ରେ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ମେଟ୍ରୋ ଷ୍ଟେସନ୍‌ଗୁଡ଼ିକ ଏବଂ ଅନ୍ୟ ସମ୍ବେଦନ ଶୀଳ ସ୍ଥାନରେ ଆଣ୍ଟି-ସାବୋଟେଜ୍ ଯାଞ୍ଚ, ର୍‌ୟାଣ୍ଡମ୍ ଚେକିଂ ଏବଂ ଯାତ୍ରୀମାନଙ୍କ ତଲାସୀ କରାଯାଉଛି। ସେହିପରି ଲାଲ୍‌କିଲ୍ଲା, ଦିଲ୍ଲୀ ସଚିବାଳୟ ଏବଂ ବିଧାନସଭା ପରିସର ସହିତ କେତେକ ସମ୍ବେଦନଶୀଳ ସ୍ଥାନରେ ବୋମା ନିରୋଧକ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ଟିମ୍ ମୁତୟନ କରାଯାଇଛି। ଏହା ବ୍ୟତୀତ ସିସିଟିଭି ପର୍ଯ୍ୟବେକ୍ଷଣକୁ ବୃଦ୍ଧି କରାଯାଇଛି ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ବୈଠକ ମଧ୍ୟ କରୁଛନ୍ତି।

ସାଇବର୍ ଟିମ୍ ଇମେଲ୍ ପଠାଇଥିବା ବ୍ୟକ୍ତିର ସନ୍ଧାନ ଲଗାଇବା ପାଇଁ ଆଇପି ଆଡ୍ରେସ୍ ଟ୍ରେସ୍ କରିବାର ଉଦ୍ୟମ ଚଳାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତ ଯାଞ୍ଚକୁ ପଥଭ୍ରଷ୍ଟ କରିବା ନିମନ୍ତେ ଭିପିଏନ୍‌ର ବ୍ୟବହାର କରିଥିବା ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି।

ଦିଲ୍ଲୀ ହେବ ଖଲିସ୍ତାନ: ଖଲିସ୍ତାନୀ ଗ୍ରୁପ୍‌ର ଇମେଲ୍

ଆର୍ମି-ଏୟାର୍‌ଫୋର୍ସ ସ୍କୁଲ୍‌କୁ ବି ଧମକ

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra